

ନବକୃଷ୍ଣ ଚୌଧୁରୀ

ପଦ୍ମଚରଣ ନାୟକ

ବିଦ୍ୟାପୁରୀ

Digitized by PPRACHIN, SOA

ନବକୃଷ୍ଣ ଚୌଧୁରୀ

ପଦ୍ମଚରଣ ନାୟକ

ବିଦ୍ୟାପୁରୀ

Digitized by PPRACHIN, SOA

Nabakrushna Choudhury
by Padmacharana Nayak
Published by Vidyapuri, Cuttack 753 002

ISBN-7411-599-4

ପ୍ରଥମ ପ୍ରକାଶ
ଜାନୁୟାରୀ ୨୦୦୭

ପ୍ରକାଶକ
ପୀତାମ୍ବର ମିଶ୍ର
ବିଦ୍ୟାପୁରୀ
ବାଲୁବଜାର, କଟକ ୭୫୩୦୦୨

ଲିପିସଂଯୋଜନ
ବିଦ୍ୟାଶ୍ରୀ ଡିଟିପି ସେଣ୍ଟର
ଆଲାମଚାନ୍ଦବଜାର, କଟକ ୭୫୩୦୦୨

ମୁଦ୍ରଣ
ରୟାଲ୍‌ହାଫ୍‌ଟୋନ୍ କୋ, କଟକ

ମୂଲ୍ୟ ଟ ୫୦.୦୦

Digitized by PPRACHIN, SOA

ଅଭିପ୍ରାୟ

ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ଅସାଧାରଣ ବ୍ୟକ୍ତି । କିନ୍ତୁ ଓଡ଼ିଶାର ଖୁବ୍ କମ୍ ଲୋକ ତାଙ୍କୁ ଜାଣନ୍ତି । କିଛି ଲୋକ ହୁଏତ କହିବେ ସେ ଥିଲେ ଓଡ଼ିଶାର ଜଣେ ମୁଖ୍ୟମନ୍ତ୍ରୀ । ତାଙ୍କ ଶତବାର୍ଷିକୀ ପାଳନ ଅବସରରେ ଅବଶ୍ୟ ଲୋକେ ତାଙ୍କ ସମ୍ପର୍କରେ ଅଧିକ କିଛି ଜାଣିଲେ । ଏବର ଯୁବପିଢ଼ି ଭାରତବର୍ଷର ତଥା ଓଡ଼ିଶାର ବହୁ ବରପୁତ୍ରମାନଙ୍କୁ ଜାଣନ୍ତି ନାହିଁ । ଅଥଚ ବହୁ କ୍ରିକେଟ୍ ଖେଳାଳି ତଥା ଚଳଚ୍ଚିତ୍ର ତାରକାଙ୍କ ସମ୍ପର୍କରେ ଟିକିନିଖି ତଥ୍ୟ ସେମାନେ ଦେଇପାରିବେ । ଜାତୀୟ ଚରିତ୍ରର ଅବକ୍ଷୟର ଏହା ଅନ୍ୟ ଏକ ନିଦର୍ଶନ ।

ଆମ ରାଜ୍ୟର ବର୍ତ୍ତମାନ ପିଢ଼ିର ଲୋକଙ୍କ ପାଇଁ ଉଲ୍ଲେଖଯୋଗ୍ୟ ଓଡ଼ିଆ ବହି ପଢ଼ିବା ଲାଗି ସମୟ ନାହିଁ । ପତ୍ରପତ୍ରିକା ଓ ଖବରକାଗଜ ମଧ୍ୟ ଭଲଭାବରେ ପଢ଼ିପାରନ୍ତି ନାହିଁ । ଏଥିପାଇଁ ଥିବା ସମୟ ଟି.ଭି. ଦେଖିବାରେ ଯାଉଛି । ତଥାପି ଶହେ ପୃଷ୍ଠାରୁ ଊଣା ପୁସ୍ତକର କିଛି ପରିମାଣ ଚାହିଦା ଅଛି ବୋଲି ପ୍ରକାଶକମାନେ କହନ୍ତି ।

ନବକୃଷ୍ଣ ଚୌଧୁରୀଙ୍କ ଉପରେ ଛୋଟବଡ଼ ଛଅଟି ଜୀବନୀ ଲେଖାଯାଇଛି । ଏହି ପୁସ୍ତିକାର ଲେଖକଦ୍ୱାରା ରଚିତ ତାଙ୍କ ଜୀବନୀ 'ଅନିର୍ବାଣ' ସାହିତ୍ୟ ଏକାଡେମୀଦ୍ୱାରା ପୁରସ୍କୃତ । କିନ୍ତୁ ଓଡ଼ିଶାର କେତେଜଣ ପାଠକ ବା ସେ ବହିଟି ପଢ଼ି ପାରିଛନ୍ତି ? ସେହି ବହିର ବିଷୟବସ୍ତୁକୁ ଆଧାର କରି ଏହି ପୁସ୍ତିକାଟି ଲେଖିଛି । ଏହି ଛୋଟ ବହିଟି ପଢ଼ିବା ପରେ ଯେଉଁ ଗୁଣଗ୍ରାହୀ ପାଠକ ଆଗ୍ରହ ପ୍ରକାଶ କରିବେ ତ 'ଅନିର୍ବାଣ' ବହିଟି ପଢ଼ିପାରିବେ ।

ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଥିଲାବେଳେ ତାଙ୍କୁ ଆଜିକାଲି ଭଳି ସି.ଏମ୍. ନ କହି ନବବାବୁ କହୁଥିଲେ । ତାଙ୍କର ପ୍ରିୟ ଲୋକେ ତାଙ୍କୁ 'ବାପି' ବୋଲି ଡାକୁଥିଲେ । ସେହି ବର୍ଣ୍ଣାଢ଼୍ୟ ବ୍ୟକ୍ତିତ୍ୱର କେତେକ ବିଭାବର ଆଭାସ ଏହି ପୁସ୍ତିକାରୁ ପାଇବେ । ତାଙ୍କଭଳି ଏକାଧାରରେ ଆକର୍ଷଣୀୟ ସ୍ୱାମୀ, ପିତା, ଭ୍ରାତା ଓ ସହକର୍ମୀ ତଥା ଦେଶସେବକ ପାଇବା ବିରଳ । ସେ ଥିଲେ ଜଣେ ମାନବବାଦୀ ତଥା ଜ୍ଞାନୀ ଏବଂ ଥିଲେ ତାଙ୍କ ସମୟଠାରୁ ବହୁତ ଆଗରେ । ତାଙ୍କର ବିଚାର ତଥା ଆଦର୍ଶ ଆଜିବି ପ୍ରାସଙ୍ଗିକ । ଏ ପୁସ୍ତିକାଟି ପଢ଼ି ତାଙ୍କ ସମ୍ପର୍କରେ ଏବର ତଥା ଭବିଷ୍ୟତ୍‌ର ଚିନ୍ତାଶୀଳ ବ୍ୟକ୍ତିମାନେ ଅଧିକ ଜାଣିବାକୁ ଓ ଗବେଷଣା କରିବାକୁ ଆଗ୍ରହ ପ୍ରକାଶ କରିବେ ବୋଲି ଆଶା ରଖିଲି ।

ପଦ୍ମଚରଣ ନାୟକ

Digitized by PPRACHIN, SOA

ସୂଚୀପତ୍ର

ବାଲ୍ୟକାଳ ଓ ଶିକ୍ଷା ୧-୬

୧. ବିଶ୍ୱାସ କରି ହୁଏନା
୨. ପୁଣ୍ୟ ସ୍ଥଳରେ ଜନ୍ମ
୩. ପିଲାଦିନ ଓ ପାଠପଢ଼ା
୪. କିଶୋର ମନରେ ଛାପ
୫. ମହାବିଦ୍ୟାଳୟରେ ନବକୃଷ୍ଣ

ଜାତୀୟ ଆନ୍ଦୋଳନର ଆହ୍ୱାନ ୭-୧୨

୬. ଭାରତୀ ମନ୍ଦିର
୭. ଗାନ୍ଧିଙ୍କ ଡାକରା
୮. ସମାଜ ସେବାରେ ହାତ
୯. ଅଲକାଶ୍ରମର ଗୁରୁ

ନୀଡ଼ ରଚନା ୧୩-୧୭

୧୦. ଶାନ୍ତିନିକେତନ ସମ୍ପର୍କ
୧୧. ମାଲତୀ ସେନ୍‌ଙ୍କ ସାନ୍ନିଧ
୧୨. ବିବାହ
୧୩. ତରିକୁନ୍ଦରେ ନୀଡ଼ ରଚନା

ସ୍ୱାଧୀନତା ଆନ୍ଦୋଳନରେ ଝାସ ୧୮-୪୫

୧୪. ଲବଣ ସତ୍ୟାଗ୍ରହ
୧୫. ସମାଜବାଦୀ ନବକୃଷ୍ଣ
୧୬. କଂଗ୍ରେସ ସୋସାଲିଷ୍ଟ ପାର୍ଟି
୧୭. ବିଧାୟକ ନବକୃଷ୍ଣ
୧୮. ଗଡ଼ଜାତ ଆନ୍ଦୋଳନ
୧୯. କଂଗ୍ରେସ ସଭାପତି ରୂପେ ସୁଭାଷ ବୋଷ
୨୦. କଂଗ୍ରେସ ସୋସାଲିଷ୍ଟ ପାର୍ଟିର ବିଭାଜନ
୨୧. ବ୍ୟକ୍ତିଗତ ସତ୍ୟାଗ୍ରହ
୨୨. ଭାରତରକ୍ଷା ଆଇନ୍‌ରେ ବନ୍ଦୀ
୨୩. ଅଗଷ୍ଟ ବିପ୍ଳବ
୨୪. ୨୬ ଜାନୁୟାରୀର ମାଡ଼

Digitized by PPRACHIN, SOA

ରାଜନୀତିରେ ନବକୃଷ୍ଣ ୪୬-୬୮

୨୫. ମନ୍ତ୍ରୀ ନବକୃଷ୍ଣ

୨୬. ଗଡ଼ଜାତ ମିଶ୍ରଣ

୨୭. ପୁତ୍ର ଶୋକ ଓ ମନ୍ତ୍ରିତ୍ୱରୁ ଇସ୍ତଫା

୨୮. ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ

୨୯. ଯୋଜନା ଯୁଗର ଅଧିବାସ

୩୦. ମୁଖ୍ୟମନ୍ତ୍ରିତ୍ୱ ଛାଡ଼ିବି

୩୧. ଭିନ୍ନ ଧରଣର ପ୍ରଶାସକ

ଚିର ସଂଗ୍ରାମୀ ୬୯-୯୨

୩୨. ରାଜନୀତିରୁ ଲୋକନୀତି

୩୩. ବାଜିରାଉତ ଛାତ୍ରାବାସ

୩୪. ନବଜୀବନ ମଣ୍ଡଳ

୩୫. ଉତ୍ତର ମୌଳିକ ବିଦ୍ୟାଳୟ

୩୬. ମାଳତୀଦେବୀ

୩୭. ସର୍ବସେବା ସଂଘର ସଭାପତି

୩୮. ତିନୁ ବା କୃଷ୍ଣାଙ୍କ ବିବାହ

୩୯. ଓଡ଼ିଶା ରାଜନୀତିରେ ଓଲଟପାଲଟ

୪୦. କଂଗ୍ରେସ ହଟାଓ

୪୧. ଶାନ୍ତି ଅଭିଯାତ୍ରା

୪୨. ନାଗରିକ ଅଧିକାର ସଂଗ୍ରାମ

୪୩. ଶିକ୍ଷା ଓ ନବକୃଷ୍ଣ ଚୌଧୁରୀ

୪୪. ଧର୍ମ ଓ ନବକୃଷ୍ଣ

୪୫. ନବକୃଷ୍ଣ ଚୌଧୁରୀଙ୍କ ଗାନ୍ଧିବୋଧ

୪୬. ଜରୁରିକାଳୀନ ପରିସ୍ଥିତି

ଅନ୍ତିମ ଯାତ୍ରା ୯୩-୯୮

୪୭. ମହାପ୍ରୟାଣ

୪୮. ପୁରୁଷୋତ୍ତମ

Digitized by PPRACHIN, SOA

ବାଲ୍ୟକାଳ ଓ ଶିକ୍ଷା

ବିଶ୍ୱାସ କରି ହୁଏନା

ଏହି କେତେ ବର୍ଷ ମଧ୍ୟରେ ଦେଶର ଓ ଆମ ରାଜ୍ୟର ସାମାଜିକ ଓ ରାଜନୀତିକ ଜୀବନରେ ଏଭଳି ଅବକ୍ଷୟ ଦେଖାଦେଇଛି ଯେ ଏବକାର ଯୁବକମାନେ ବିଶ୍ୱାସ କରିବେ ନାହିଁ ଯେ ମାତ୍ର ପଚାଶ ବର୍ଷ ତଳେ ଓଡ଼ିଶାର ଜଣେ ମୁଖ୍ୟମନ୍ତ୍ରୀ ଥିଲେ ଯିଏ ଛଅବର୍ଷ କାଳ ସେହି ଦାୟିତ୍ୱରେ ରହିଥିଲେ ବି ଦୁର୍ନୀତି ତାଙ୍କ ପାଖ ପଶି ନ ଥିଲା ଓ ତାଙ୍କ ରାଜନୀତିକ ବିରୋଧୀମାନେ ମଧ୍ୟ ସେଭଳି ଅଭିଯୋଗ କରିବାକୁ ସାହସ କରି ନ ଥିଲେ । ତାଙ୍କର ଜନ୍ମ ଶତବାର୍ଷିକୀ ନିକଟରେ ପାଳିତ ହେବା କାଳରେ ତାଙ୍କ ବିଷୟରେ ଅନେକ କଥା ରାଜ୍ୟବାସୀ ଜାଣିବାକୁ ପାଇଲେ । ସେ ନିଜର ପ୍ରଚାର ତ କରୁ ନ ଥିଲେ ବରଂ ସେଭଳି ପ୍ରଚାରର ବିରୋଧୀ ଥିଲେ । ସ୍ୱାଧୀନତା ମିଳିବା ପରେ ସେ ଦୁଇବର୍ଷ କାଳ ଓଡ଼ିଶାର ସବୁଠାରୁ ଟାଣୁଆ ମନ୍ତ୍ରୀ ଥିଲେ ଏବଂ ସେ ସମୟରେ ଚାହିଁଥିଲେ ଓଡ଼ିଶାର ପ୍ରଧାନମନ୍ତ୍ରୀ ହୋଇପାରିଥାନ୍ତେ । କିନ୍ତୁ ରାଜ୍ୟର ରାଜନୀତିକ ପରିସ୍ଥିତିକୁ ବିଚାରକୁ ନେଇ ସେ ଚାହିଁଥିଲେ ହରେକୃଷ୍ଣ ମହତାବ ମୁଖ୍ୟମନ୍ତ୍ରୀ ହୁଅନ୍ତୁ । ପରବର୍ତ୍ତୀ କାଳରେ ଦେଖିବାକୁ ମିଳିଲା ଯେ ଏକା ଦଳର ନେତାମାନେ ପରସ୍ପରକୁ ହରାଇବାକୁ ସବୁପ୍ରକାର ଚେଷ୍ଟା କଲେ । କାରଣ ଅନ୍ୟ ନେତାଟି ହାରିଗଲେ ମନ୍ତ୍ରୀ ପଦଟି ତାଙ୍କ ପାଇଁ ମିଳିବା ସହଜ ହେବ । କିନ୍ତୁ ଏବେ କେତେ ଲୋକ ବିଶ୍ୱାସ କରିବେ ଯେ ନବକୃଷ୍ଣ ଚୌଧୁରୀ ନିଜ ଇଚ୍ଛାରେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିଦେଇ ଗଲେ !

ପୁଣ୍ୟ ସ୍ଥଳରେ ଜନ୍ମ

ନବକୃଷ୍ଣ ଚୌଧୁରୀଙ୍କ ବାପା ଗୋକୁଳାନନ୍ଦ ଚୌଧୁରୀ ଖାଲି ସେତେବେଳର ଜଣେ ଜଣାଶୁଣା ଓକିଲ ନ ଥିଲେ, ସେବେଳର ଓଡ଼ିଆଙ୍କ ମଧ୍ୟରେ ଜଣେ ନେତା ବି ଥିଲେ । ଜଗତ୍‌ସିଂହପୁର ଅଞ୍ଚଳର ଖେରସ ଗାଁରେ ଏକ ଛୋଟ ଜମିଦାର

Digitized by PPRACHIN, SOA

ପରିବାରରେ ଜନ୍ମିଥିବା ଗୋକୁଳାନନ୍ଦବାବୁ ଓକିଲାତି ପାସ୍ କରି କଟକରେ ରହିଲେ । ସେତେବେଳେ ଉତ୍କଳ ଗୌରବ ମଧୁସୂଦନଙ୍କର ଭାରି ନାଁ ଥାଏ । ଗାଁ ଗହଳରେ ପିଲାମାନେ କହୁଥାନ୍ତି, ପାଠ ପଢ଼ିବି, ଓକିଲ ହେବି, କାଳିଆ ଘୋଡ଼ାରେ ଚଢ଼ିବି, ମଧୁବାବୁ ସଙ୍ଗେ ଲଢ଼ିବି । ସେ ସମୟରେ ଘୋଡ଼ାଚଢ଼ାକୁ ଏକ ବଡ଼ଲୋକିର ଚିହ୍ନ ଭାବରେ ବିଚାର କରାଯାଉଥାଏ । ଗୋକୁଳାନନ୍ଦବାବୁ ଓକିଲାତି କରିବା ସଙ୍ଗେ ସଙ୍ଗେ ସେ ସମୟର ଦେଶ ମିଶ୍ରଣ ଆନ୍ଦୋଳନରେ ଯୋଗ ଦେଇଥିଲେ । ତାଙ୍କ ବେଳକୁ ଓଡ଼ିଶା ବୋଲି ଗୋଟିଏ ରାଜ୍ୟ ନ ଥାଏ । ପୂର୍ବକାଳରେ ଖୁବ୍ ନାଁ କରୁଥିବା ଓଡ଼ିଶା ବା ଉତ୍କଳର ଅଧିକାଂଶ ଭାଗ ବଙ୍ଗଳା, ମଧ୍ୟପ୍ରଦେଶ ଓ ମାନ୍ଦ୍ରାଜରେ ମିଶି ଯାଇଥାଏ । ସେହିସବୁ ବିଚ୍ଛିନ୍ନ ହୋଇ ଯାଇଥିବା ଅଞ୍ଚଳକୁ ଗୋଟିଏ ଶାସନ ଅଧୀନକୁ ଆଣିବାକୁ ଯେଉଁ ଆନ୍ଦୋଳନ ଆରମ୍ଭ ହୋଇଥିଲା ମଧୁବାବୁ ଥିଲେ ତା'ର କର୍ଣ୍ଣଧାର । ସେହି ଆନ୍ଦୋଳନରେ ଗୋପବନ୍ଧୁ ଦାସ, ଫକୀରମୋହନ ଆଦି ନେତା ଏବଂ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଓ କୃଷ୍ଣଚନ୍ଦ୍ର ଗଜପତି ଦେଓ ଆଦି ରାଜା ଜମିଦାର ସମସ୍ତେ ମିଶିଥାଆନ୍ତି । ମଧୁବାବୁଙ୍କ କୋଠି ଛଡ଼ା ଗୋକୁଳାନନ୍ଦ ଚୌଧୁରୀଙ୍କ ଘରେ ବି ଦେଶବିଦେଶର କଥା ପଡ଼େ । ଗୋକୁଳାନନ୍ଦବାବୁ ପ୍ରଥମେ ଏକ ଭଡ଼ାଘରେ ରହୁଥିଲେ । ସେହି ଘରେ ନବକୃଷ୍ଣ ଚୌଧୁରୀ ଜନ୍ମ ହୋଇଥିଲେ ୧୯୦୧ ମସିହା ନଭେମ୍ବର ୨୩ ତାରିଖରେ । ଘଟଣା ପ୍ରବାହରେ ସେହି ଘର ପରବର୍ତ୍ତୀ କାଳରେ ସ୍ୱାଧୀନତା ଆନ୍ଦୋଳନର ସବୁଠାରୁ କେନ୍ଦ୍ରସ୍ଥଳ ହୋଇ ଉଠିଥିଲା - ଯାହାକୁ ଏବେ ସ୍ୱରାଜ୍ୟାଶ୍ରମ ବୋଲି କୁହାଯାଉଛି ।

ଏହି ସ୍ୱରାଜ୍ୟାଶ୍ରମ ସ୍ୱାଧୀନତା ଆନ୍ଦୋଳନର ଓ ପରବର୍ତ୍ତୀ କାଳର ବହୁ ରାଜନୀତିକ ସିଦ୍ଧାନ୍ତ ତଥା ଚକ୍ରାନ୍ତର ସାକ୍ଷୀ । ଗୋକୁଳାନନ୍ଦ ଚୌଧୁରୀ ଏଠାରୁ ନିଜ ଘରକୁ ଗଲା ପରେ ଅଧ୍ୟାପକ ଯୋଗେଶଚନ୍ଦ୍ର ରାୟ ବିଦ୍ୟାନିଧି ଏଠାରେ କିଛି କାଳ ବାସ କରୁଥିଲେ । ସତ୍ୟବାଦୀର ବକୁଳ ବନବିଦ୍ୟାଳୟ ଭାଙ୍ଗିଯିବା ପରେ ସେଠାକାର କିଛି ଛାତ୍ର କଟକ ଆସି ଏହି କୋଠାକୁ ମେସ୍ କରି ରହିଲେ । ସେମାନଙ୍କ ମଧ୍ୟରୁ କେତେକ ପରବର୍ତ୍ତୀ କାଳରେ ମାଟ୍ରିକ୍ ପାସ୍ କରି କଲେଜରେ ପଢ଼ିଲେ ଓ କେତେକ ମାଟ୍ରିକ୍ ପାଠ ଶେଷ କରିବାକୁ କଲେଜିଏଟ୍ ସ୍କୁଲରେ ପଢୁଥିଲେ । ଗୋପବନ୍ଧୁ ଦାସ କଟକ ଆସିଲେ ସେହି ମେସରେ ରହୁଥିଲେ ଓ ପିଲାମାନଙ୍କୁ ପଢ଼ାରେ ସାହାଯ୍ୟ କରୁଥିଲେ । ସେ ରହୁଥିବାରୁ ପୂର୍ବତନ ବାଟସ୍ପତି

Digitized by PPRACHIN, SOA

ନନ୍ଦକିଶୋର ଦାସଙ୍କ ଭଳି କଂଗ୍ରେସ ନେତା ସେଠାରେ ପହଞ୍ଚୁଥିଲେ । ନନ୍ଦକିଶୋର ଦାସ ସେବେଳର ଏମ୍.ଏ. ପାସ୍ କଲା ଲୋକ । ସେ ବି ପିଲାମାନଙ୍କୁ ପଢ଼ାପଢ଼ିରେ ସହାୟତା ଦେଉଥିଲେ । ବର୍ତ୍ତମାନ ଯେଉଁ କୋଠାରେ କଟକର ଜିଲ୍ଲା ଜଜ୍‌କୋର୍ଟ ଚାଲିଛି ସେତେବେଳେ ସେହି କୋଠାରେ ରେଭେନ୍ସା କଲେଜ ଚାଲିଥିଲା । ସେହି ସତ୍ୟବାଦୀ ମେସ୍‌ରେ ଛାତ୍ରମାନଙ୍କ ଅପେକ୍ଷା ସ୍ୱାଧୀନତା ସଂଗ୍ରାମୀମାନଙ୍କ ଗହଳି କ୍ରମେ ବଢ଼ିବାକୁ ଲାଗିଲା ଓ ଏହାର ନାଁ ହେଲା ସ୍ୱରାଜ୍ୟାଶ୍ରମ ।

୧୯୨୧ ମସିହା ମାର୍ଚ୍ଚ ୨୩ ତାରିଖରେ ମହାତ୍ମା ଗାନ୍ଧି ପ୍ରଥମଥର ପାଇଁ କଟକ ଆସିଥିଲେ । ସେଦିନ ଥିଲା ଦୋଳ ପୂର୍ଣ୍ଣିମା । ଏହାର ପୂର୍ବ ଦିନରୁ ଗାନ୍ଧିଙ୍କୁ ଦେଖିବାକୁ ହଜାର ହଜାର ଲୋକ ଗାଁ ଗହଳିରୁ ଆସିଥିଲେ । କଟକର ମାତ୍ର କେଇଟି ଧର୍ମଶାଳାରେ କେତେ ଅବା ଲୋକ ରହିଥାନ୍ତେ ? ଅଧିକାଂଶ ଲୋକ ଆସି ରାତି କଟାଇଲେ ଏହି ସ୍ୱରାଜ୍ୟାଶ୍ରମରେ । ଏତେ ଲୋକ ହୋଇଯାଇଥାନ୍ତି ଯେ ଶୋଇବା ପ୍ରଶ୍ନ ତ ନାହିଁ, ବସି ବସି ରାତି ପାହିଯାଇଥିଲା । ସ୍ୱାଧୀନତାସଂଗ୍ରାମୀ ଓ ବିଶିଷ୍ଟ ସାମ୍ବାଦିକ ଉଦୟନାଥ ଷଡ଼ଙ୍ଗୀଙ୍କୁ ସେତେବେଳେ ମାତ୍ର ଷୋହଳ ବର୍ଷ । ସେ ବେଳର ମାତ୍ର ବାରଟି ପଇସା ଧରି ସେ ଅଠଚାଳିଶ କିଲୋମିଟର ଚାଲି ଚାଲି ଗାନ୍ଧି ଦର୍ଶନ ପାଇଁ ଏହି ସ୍ୱରାଜ୍ୟାଶ୍ରମରେ ପହଞ୍ଚିଥିଲେ । ପରଦିନ କାଠଯୋଡ଼ି ବାଲିରେ ଏକ ବିରାଟ ସଭା ହେଲା । ଏହା ପରଠାରୁ ସ୍ୱରାଜ୍ୟାଶ୍ରମ ହୋଇଗଲା ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର କେନ୍ଦ୍ରସ୍ଥଳୀ ।

ମହାତ୍ମା ଗାନ୍ଧିଙ୍କ ବ୍ୟତୀତ ଏହି ସ୍ୱରାଜ୍ୟ ଆଶ୍ରମ ଧନ୍ୟ ହୋଇଛି ସି.ଏଫ୍. ଆଣ୍ଡ୍ରୁଜ, ମୋତିଲାଲ ନେହେରୁ, ବିଠଲ୍‌ଭାଇ ଝାଭେରୀ ପଟେଲ (ସର୍ଦ୍ଦାର ପଟେଲଙ୍କ ବଡ଼ଭାଇ), ରାଜଗୋପାଳାଚାରୀ ଓ ଏମ୍.ଏ. ଆନ୍‌ସାରୀଙ୍କ ପାଦ ଧୂଳିରେ । ଏଠାରେ ଅବସ୍ଥାନ କରିଛନ୍ତି ନେହେରୁ, ପଟେଲ୍, ରାଜେନ୍ଦ୍ର ପ୍ରସାଦ, ସୁଭାଷ ବୋଷ, କୃପାଳିନୀ ଓ ଜୟପ୍ରକାଶ ନାରାୟଣଙ୍କ ଭଳି ମହାନ୍ ବ୍ୟକ୍ତି ।

ପିଲାଦିନ ଓ ପାଠପଢ଼ା

ନବକୃଷ୍ଣ ଚୌଧୁରୀଙ୍କୁ ପିଲାଦିନେ ଟୁଆଁ ବୋଲି ଡାକୁଥିଲେ । ତାଙ୍କ ଜନ୍ମ ହେବାର କିଛି ଦିନ ପରେ, ମାଁ ପଦ୍ମାବତୀଙ୍କର ସ୍ତନହରା ହେବାରୁ ତାଙ୍କ କ୍ଷୀର ଖାଇବାରେ ଅସୁବିଧା ହେଲା । ଏବର ସ୍ୱରାଜ୍ୟାଶ୍ରମ ପଛପଟେ

Digitized by PPRACHIN, SOA

ସେତେବେଳେ ବଛା ମିଆଁ ବୋଲି ଜଣଙ୍କର ସାନ ଚାଳ ଘରଟିଏ ଥିଲା । ନବବାବୁ ବଛା ମିଆଁର ବିବିଠାରୁ ପିଲାଦିନେ କ୍ଷୀର ଖାଉଥିଲେ । ତାଙ୍କ ଜନ୍ମର ଅଳ୍ପ ଦିନ ପରେ ଗୋକୁଳାନନ୍ଦ ଚୌଧୁରୀ ସାଂଘାତିକ ବେମାର ପଡ଼ିଲେ । ଏଣୁ ଟୁଆଁଙ୍କୁ ପାଳିବାର ଦାୟିତ୍ୱ ପଡ଼ିଥିଲା ସାଧବୀ ଧାଈ ଉପରେ । ତାଙ୍କର ଏକମାତ୍ର ପୁଅ ବିଦୁର ବାଇଶ ବର୍ଷ ବୟସରେ ମରିଯାଇଥିଲା । ସାଧବୀ ଟୁଆଁଙ୍କୁ ଅତି ଶ୍ରଦ୍ଧାର ସହ ପାଳିଥିଲେ । ମରିବା ପୂର୍ବରୁ ତାଙ୍କର ସଞ୍ଚିତ ଟଙ୍କାରେ ତାରକସି କାମ ହୋଇଥିବା ରୂପାର ଏକ ଥଳିରେ ଟୁଆଁଙ୍କ ଭାବୀବଧୂ ଉଦ୍ଦେଶ୍ୟରେ ସେ ଗୋଟିଏ ସୁନାର ମୁଦ୍ରା ଭାଉଜ ରମାଦେବୀଙ୍କ ଜିମା ଦେଇଯାଇଥିଲେ । ରମାଦେବୀଙ୍କଠାରୁ ନବକୃଷ୍ଣ ମାତ୍ର ଦୁଇ ବର୍ଷ ସାନ । ଏଣୁ ତାଙ୍କୁ ଟୁଆଁ ଡାକଟା ଭଲ ଲାଗିଲା ନାହିଁ, ସେ ଡାକିଲେ ଟୁକ ବୋଲି । ପିଲାଦିନେ ବହୁ ବର୍ଷ ପର୍ଯ୍ୟନ୍ତ ବଡ଼ଭାଇ ଗୋପବନ୍ଧୁ ଚୌଧୁରୀଙ୍କ ସହ ସେ ଗୋଟିଏ ଥାଳିରେ ଏକାଠି ଖାଉଥିଲେ । ବଡ଼ଭାଇଙ୍କ ଆସିବା ଡେରି ଥିଲେ ଟୁକ ତାଙ୍କ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରି ରହୁଥିଲେ ।

ଟୁଆଁଙ୍କର ପାଠ ପଢ଼ା ଆରମ୍ଭ ହୁଏ କଟକ ପାଖ ବେଣ୍ଟକାରର ଯଦୁମଣି ମହାନ୍ତିଙ୍କ ପାଖରେ, ନିଜ ଘରେ । ପିଲାଦିନ ପାଠପଢ଼ାବେଳେ ସେ ମାଡ଼ ଖାଇବାର ପ୍ରଶ୍ନ ନ ଥିଲା । ଶିକ୍ଷକଙ୍କ ପ୍ରତି ସେ ଏଭଳି ଭୟଶୂନ୍ୟ ହୋଇଯାଇଥିଲେ ଯେ ସେ ସମୟ ସମୟରେ ଗୁରୁଙ୍କ କାନ୍ଧରେ ବି ବସିଯାଉଥିଲେ । ଟିକିଏ ବଡ଼ ହେବାରୁ ତାଙ୍କ ନାଁ ପ୍ୟାରୀମୋହନ ଏକାଡେମୀରେ ଲେଖାଗଲା । ସେତେବେଳକୁ ଇଂରେଜସରକାର-ବିରୋଧୀ କଥା ଶୁଣାଗଲାଣି । ସେହି ସମୟରେ ପ୍ୟାରୀମୋହନ ଏକାଡେମୀରେ ନିମାଇଁଚରଣ ଚ୍ୟାଡ଼ ପଟ୍ଟନାୟକ ନାମକ ଜଣେ ଖ୍ୟାତନାମା ପ୍ରଧାନ ଶିକ୍ଷକ ଥିଲେ । ଏଣୁ ସରକାରୀ କଲେଜିଏଟ୍ ସ୍କୁଲରେ ନ ପଢ଼ି ସେ ଏକାଡେମୀ ସ୍କୁଲରେ ପଢ଼ିବା କଥା ହେଲା । ପନ୍ଦର ବର୍ଷରେ ତାଙ୍କର ମାଟ୍ରିକ୍ ପଢ଼ା ଶେଷ ହୋଇଯାଇଥିଲେ ହେଁ ସେହି ସମୟରେ ହଠାତ୍ ଏକ ନିୟମ ହେଲା ଯେ ଷୋହଳ ବର୍ଷ ନ ହେଲେ ମାଟ୍ରିକ୍ ପରୀକ୍ଷା ଦେଇହେବ ନାହିଁ, ଏଣୁ ବର୍ଷକ ପରେ ସେ ମାଟ୍ରିକ୍ ପରୀକ୍ଷା ଦେଲେ । ଗୋକୁଳାନନ୍ଦ ଚୌଧୁରୀ ବଞ୍ଚିଥିଲା ପର୍ଯ୍ୟନ୍ତ ସନ୍ଧ୍ୟାବେଳେ ଇଂରାଜୀ ଖବରକାଗଜ ପଢ଼ି ଦୁଇ ପୁଅଙ୍କୁ ଦେଶବିଦେଶର କଥା ଶୁଣାନ୍ତି ଓ ତା'ପରେ ନିଜେ ସେମାନଙ୍କୁ ପଢ଼ାନ୍ତି । ଅବଶ୍ୟ ତାଙ୍କଛଡ଼ା ପିଲାଙ୍କୁ ପଢ଼ାଇବା ଲାଗି ଟ୍ୟୁସନ୍ ବ୍ୟବସ୍ଥା ଥିଲା ।

Digitized by PPRACHIN, SOA

କିଶୋର ମନରେ ଛାପ

ଗୋକୁଳାନନ୍ଦ ଚୌଧୁରୀ ଉତ୍କଳ ସମ୍ମିଳନୀର ଅନ୍ୟତମ ନେତା ଥିବାରୁ ନବକୃଷ୍ଣ ପିଲାଦିନୁ ସମ୍ମିଳନୀର କାର୍ଯ୍ୟକଳାପ କଥା ଜାଣୁଥିଲେ ଏବଂ ସମ୍ମିଳନୀର ଅଧିବେଶନ କଟକରେ ବସିଲେ ତହିଁରେ ଯୋଗ ଦେଉଥିଲେ । ତାଙ୍କ କିଶୋର ବୟସରେ ବଙ୍ଗଭଙ୍ଗ ଆନ୍ଦୋଳନର ପ୍ରଭାବ ସାରା ଭାରତବର୍ଷରେ ପଡ଼ିଥାଏ । ଆନନ୍ଦମଠ ଭଳି ଉପନ୍ୟାସ ତାଙ୍କ ମନରେ ଜାତୀୟତାର ବୀଜ ବପନ କରିଥିଲା । ସମୟ ସମୟରେ ସ୍ୱରାଜ ଆନ୍ଦୋଳନ କଥା ବି ତାଙ୍କ ଘରେ ଆଲୋଚିତ ହେଉଥିଲା । ଲକ୍ଷ୍ମୀନାରାୟଣ ସାହୁଙ୍କ ଛଡ଼ା ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ ଓ ଆଚାର୍ଯ୍ୟ ହରିହର ଆଦି ବରାବର ତାଙ୍କ ଘରକୁ ଆସୁଥିଲେ । ତାଙ୍କ ଘର ଠିକ୍ ପଛପଟେ ଏକ ମେସ୍ ଥିଲା, ଯେଉଁଥିରେ ଲିଙ୍ଗରାଜ ମିଶ୍ର ଓ ମଙ୍ଗୁ ମିଶ୍ର ଆଦି ରହି କଲେଜରେ ପଢୁଥିଲେ । ବଙ୍ଗଳାର ଆତଙ୍କବାଦୀଙ୍କ ସହିତ ସେମାନଙ୍କର ସମ୍ପର୍କ ଥାଏ ଓ ସେଠାକୁ ଆନି ବେସାନ୍ତଙ୍କଦ୍ୱାରା ସମ୍ପାଦିତ 'ନିଉ ଇଣ୍ଡିଆ' ଓ 'କମନ୍ ଉଇଲ' ପ୍ରଭୃତି ପତ୍ରିକା ଆସୁଥାଏ । ନବକୃଷ୍ଣ ଚୌଧୁରୀ ସେ ମେସକୁ ବରାବର ଯାଉଥିଲେ ଓ ସେଠାର ଆଲୋଚନା ଶୁଣୁଥିଲେ । ବାଳ ଗଙ୍ଗାଧର ତିଳକଙ୍କୁ ସେହି ସମୟରେ ବନ୍ଦୀ କରାଯାଇ ବ୍ରହ୍ମଦେଶର ମଣ୍ଡାଲେ କାରାଗାରକୁ ପଠାଯାଇଥିଲା । 'ସ୍ୱରାଜ ମୋର ଜନ୍ମଗତ ଅଧିକାର', ତାଙ୍କର ଏହି ଘୋଷଣା ନବକୃଷ୍ଣଙ୍କ ସମେତ ହଜାର ହଜାର ଯୁବକଙ୍କୁ ଉଦ୍‌ବୁଦ୍ଧ କରିଥିଲା । ସେ ମାଟ୍ରିକ୍ ପଢୁଥିଲାବେଳେ ରବୀନ୍ଦ୍ରନାଥ ଠାକୁର ନୋବେଲ୍ ପୁରସ୍କାର ପାଇବା ଏକ ଉଲ୍ଲେଖଯୋଗ୍ୟ ଘଟଣା । ସେହି ସମୟର ଅନ୍ୟତମ ଉଲ୍ଲେଖଯୋଗ୍ୟ ଘଟଣା ହେଉଛି ଆୟରଲ୍ୟାଣ୍ଡର ସ୍ୱାଧୀନତା ସଂଗ୍ରାମ । ଏସବୁ ତାଙ୍କ ମନରେ ଗଭୀର ପ୍ରଭାବ ସୃଷ୍ଟି କରିଥିଲା । ବଡ଼ଭାଇ ଗୋପବନ୍ଧୁ ଚୌଧୁରୀଙ୍କ ବିବାହର ମାତ୍ର ତିନି ମାସ ପରେ ୧୯୧୫ ଫେବୃଆରୀ ମାସରେ ଗୋକୁଳାନନ୍ଦ ଚୌଧୁରୀଙ୍କ ମୃତ୍ୟୁ ଘଟେ । ଏହା ନବକୃଷ୍ଣଙ୍କୁ ଏଭଳି ବିଚଳିତ କରିଦେଇଥିଲା ଯେ ସେ ତାଙ୍କ ଅଗଣାର ଏକ କୂଅକୁ ଡେଇଁ ପଡ଼ିଥିଲେ । କିନ୍ତୁ ସେଥିରେ ବେଶି ପାଣି ନ ଥିବାରୁ ବିଶେଷ କ୍ଷତି ହୋଇ ନ ଥିଲା ଓ ଲୋକେ ତାଙ୍କୁ କୂଅରୁ କାଢ଼ି ଆଣିଥିଲେ । ଏହି ସମୟକୁ ଗୋପବନ୍ଧୁ ଚୌଧୁରୀ କଲିକତାରେ ଆଇନ୍ ପଢୁଥିଲେ । ବାପାଙ୍କ ତିରୋଧାନ ପରେ ଘରର ଦାୟିତ୍ୱ ତାଙ୍କ ଉପରେ ପଡ଼ିଲା । ଏଣୁ ସେ ଆଇନ୍ ପଢ଼ା ଶେଷ ନ କରି ଫେରିଆସି ୧୯୧୭ ମସିହାରେ ଡେପୁଟୀ ମାଜିଷ୍ଟ୍ରେଟ୍

Digitized by PPRACHIN, SOA

ଚାକିରି କଲେ । ସେତେବେଳେ ଆଇ.ସି.ଏସ୍. ତଳକୁ ଏଭଳି ଚାକିରିର ଖୁବ୍ ମହତ୍ତ୍ୱ ଥିଲା । ନବକୃଷ୍ଣ ଚୌଧୁରୀ ସେହି ବର୍ଷ ରେଭେନ୍ସା କଲେଜରେ ଆଇ.ଏ. ପଢ଼ିବାକୁ ନାମ ଲେଖାଇଥିଲେ ।

ମହାବିଦ୍ୟାଳୟରେ ନବକୃଷ୍ଣ

୧୯୧୭ ମସିହାରେ ଏକ ଚମକପ୍ରଦ ଘଟଣା ଘଟିଥିଲା, ଯାହା ବିଶ୍ୱ ଇତିହାସରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଥିଲା । ସେହି ରୁଷ୍ ବିପ୍ଳବର ପ୍ରଭାବ ଅବଶ୍ୟ ସେତେବେଳେ କଟକ ଏପରିକି କଲିକତା ପର୍ଯ୍ୟନ୍ତ ପଡ଼ି ନ ଥିଲା । ସେ ବର୍ଷ ହରେକୃଷ୍ଣ ମହତାବ ବି ରେଭେନ୍ସା କଲେଜରେ ଆଇ.ଏସ୍‌ସି.ରେ ନାମ ଲେଖାଇଥିଲେ । ସେ ଯେଉଁ ମେସ୍‌ରେ ରହୁଥିଲେ ତହିଁରେ ରହୁଥିଲେ ନବକୃଷ୍ଣଙ୍କ ବନ୍ଧୁ ପ୍ରହ୍ଲାଦ ସାହୁ । କଲେଜରେ ସହପାଠୀ ଥାଆନ୍ତି ନିତ୍ୟାନନ୍ଦ କାନୁନ୍‌ଗୋ, କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଓ ଲୋକନାଥ ପଟ୍ଟନାୟକ ଆଦି । ପ୍ରହ୍ଲାଦ ସାହୁଙ୍କ ନିକଟକୁ ଯା' ଆସ କରିବା ଭିତରେ ନବକୃଷ୍ଣଙ୍କର ପର ବର୍ଷଠାରୁ ହରେକୃଷ୍ଣ ମହତାବଙ୍କ ସହିତ ଘନିଷ୍ଠତା ହୁଏ । ସେହି ମେସ୍‌ରେ ନବକୃଷ୍ଣ ବହୁ ସମୟ କଟାନ୍ତି । ଆଲୋଚନା କାଳରେ ସେମାନେ ଚାକିରି ନ କରି ଦେଶ ସେବା ଓ ଅନ୍ୟର ସେବା କରିବେ ବୋଲି ଭାବୁଥିଲେ । ଏଣୁ କଲେଜର ପରୀକ୍ଷା ଓ ତା'ର ଫଳାଫଳ ଉପରେ ଏମାନଙ୍କର ବିଶେଷ ଧ୍ୟାନ ନ ଥାଏ । ବିଭିନ୍ନ ପ୍ରକାର ବହି ପଢ଼ିବା ସଙ୍ଗେ ସଙ୍ଗେ ଏମାନେ ଆନି ବେସାନ୍ତଙ୍କ 'ନିଉ ଇଣ୍ଡିଆ' ନିୟମିତ ପଢୁଥିଲେ ଓ ନିଜକୁ ଏକ ସ୍ୱତନ୍ତ୍ର ଗୋଷ୍ଠୀ ଭାବରେ ପ୍ରତିପାଦନ କରିବାକୁ ଚେଷ୍ଟା କରୁଥିଲେ । କଥାବାର୍ତ୍ତା ଓ ବେଶପୋଷାକରେ ଏମାନେ ଥିଲେ ଅନେକ ଦିଗରୁ ଭିନ୍ନ । ନବକୃଷ୍ଣ ଚୌଧୁରୀ ଦିନା କେତେ ତାଳପତ୍ର ଛତା ଧରି କଲେଜକୁ ଯାଉଥିଲେ । ଏହି ସମୟକୁ ଗାନ୍ଧି ଭାରତୀୟ ରାଜନୀତିକୁ ଆସିଲେଣି । ରାଓଲଟ୍ ଆକ୍ଟ ଓ ତା'ର ପ୍ରତିବାଦସ୍ୱରୂପ ସତ୍ୟାଗ୍ରହ ପାଇଁ ସହିଦମାନଙ୍କ ପ୍ରାଣଦାନ, ତିଳକ ଏବଂ ଗାନ୍ଧି ଆଦିଙ୍କର ପ୍ରେରଣାମୟ ଉଦ୍‌ବୋଧନ ଏମାନଙ୍କୁ ଦେଶମିଶ୍ରଣ ଆନ୍ଦୋଳନଠାରୁ ଭାରତର ମୁକ୍ତି ଆନ୍ଦୋଳନ ଆଡ଼କୁ ମୁହାଁଇଥାଏ । ଏହି ସମୟରେ ଏକ ଉଲ୍ଲେଖଯୋଗ୍ୟ ଘଟଣା ଘଟିଲା ଜାଲିଆନାୱାଲାବାଗ୍‌ଠାରେ । ବଙ୍ଗଭଙ୍ଗ ଆନ୍ଦୋଳନ ତ କେବଳ ବଙ୍ଗଳା ମଧ୍ୟରେ ସୀମିତ ଥିଲା; କିନ୍ତୁ ଜାଲିଆନାୱାଲାବାଗ୍ ଗୁଳିକାଣ୍ଡ ଓ ପଞ୍ଜାବରେ ଚାଲିଥିବା ଅତ୍ୟାଚାର ଇଂରେଜ ସରକାର ବିରୋଧରେ ସାରା ଭାରତବର୍ଷରେ ଅପୂର୍ବ ଜାଗରଣ ସୃଷ୍ଟି କରିଥିଲା ।

Digitized by PPRACHIN, SOA

ଜାତୀୟ ଆନ୍ଦୋଳନର ଆହ୍ୱାନ

ଭାରତୀ ମନ୍ଦିର

ଗୋପବନ୍ଧୁ ଚୌଧୁରୀ ସରକାରୀ ଚାକିରି କରିଥିଲେ ବି କଟକର ଯୁବ ମହଲରେ ଜାତୀୟ ଚେତନା ସୃଷ୍ଟି କରିବା ଉଦ୍ଦେଶ୍ୟରେ, ୧୯୧୯ ମସିହାରେ ଏକ ପାଠାଗାର ଗଠନ କରାଇଥିଲେ । ତାଙ୍କ ଘର ପାଖ ସନ୍‌ସାଇନ୍ ପଡ଼ିଆ ସେ ପାଖର ଏକ କୋଠାଘରେ ସେହି ପାଠାଗାର ପ୍ରତିଷ୍ଠିତ ହୋଇଥିଲା । ସେତେବେଳକୁ କଟକରେ ସାଧାରଣ ପାଠାଗାର ନ ଥାଏ । ପ୍ରଥମେ ଗୋକୁଳାନନ୍ଦ ଚୌଧୁରୀଙ୍କ ଅମଳର ମୂଲ୍ୟବାନ୍ ପୁସ୍ତକଗୁଡ଼ିକୁ ସେଠାକୁ ଅଣାଯାଇଥିଲା । ଗୋପବନ୍ଧୁ ଚୌଧୁରୀ କଲିକତାରେ ପଢ଼ିବା ସମୟରେ ଏକହଜାର ଟଙ୍କା ପୁରସ୍କାର ପାଇଥିଲେ । ସେହି ଟଙ୍କାରେ ସେ ଯେଉଁ ଇଂରାଜୀ ବହିମାନ କିଣିଥିଲେ ଓ ପୁରସ୍କାର ଭାବରେ ଆଉ ଯେଉଁ ପୁସ୍ତକଗୁଡ଼ିକ ପାଇଥିଲେ ସେସବୁ ଉକ୍ତ ପାଠାଗାରକୁ ଦେଇଥିଲେ । ଏହି ପାଠାଗାରର ନାମ ରହିଲା ଭାରତୀ ମନ୍ଦିର । ଭାରତୀ ମନ୍ଦିରର ଅନ୍ୟ ଉଦ୍ୟୋକ୍ତାଗଣ ହେଲେ ଭାଗୀରଥି ମହାପାତ୍ର, ନିତ୍ୟାନନ୍ଦ କାନୁନ୍‌ଗୋ, ଯଦୁମଣି ମଙ୍ଗରାଜ, ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ପ୍ରହ୍ଲାଦ ସାହୁ, ବସିର ଅହମଦ୍ ଓ ନିକୁଞ୍ଜକିଶୋର ଦାସ ଆଦି । ବିଭିନ୍ନ ପ୍ରକାର ପୁସ୍ତକ ଛଡ଼ା ଭାରତବର୍ଷର ବିଭିନ୍ନ ସହରରୁ ବାହାରୁଥିବା ସମ୍ବାଦପତ୍ର ଓ ପତ୍ରପତ୍ରିକା ଏଠାକୁ ଆସୁଥିଲା । ଛାତ୍ର, ଯୁବକଙ୍କ ଛଡ଼ା ବହୁ ଓକିଲ ଏବଂ ସାଧାରଣ କ୍ଷେତ୍ରରେ କାମ କରୁଥିବା ଲୋକ ଏଠାକୁ ଆକୃଷ୍ଟ ହେବାରୁ ଏହାର କାର୍ଯ୍ୟକଳାପ କ୍ରମେ ସରକାରଙ୍କ ସନ୍ଦେହ ଚକ୍ଷୁରେ ପଡ଼ିଲା । ପଢ଼ାପଢ଼ି କରିବା ବାହାନାରେ ଏଠାକୁ ଗୁପ୍ତ ପୋଲିସମାନେ ବି ଆସିଲେ । ଜ୍ଞାନ ଆହରଣ ଛଡ଼ା ଏଠାରେ ରାଜନୀତିକ ଚର୍ଚ୍ଚା ବି ହେଉଥିଲା ଏବଂ ରାଜନୀତିକ କାର୍ଯ୍ୟକ୍ରମର ଯୋଜନା କରାଯାଉଥିଲା । ସ୍ୱରାଜ୍ୟାଶ୍ରମ, ଅସହଯୋଗ ଆନ୍ଦୋଳନର କେନ୍ଦ୍ର ହେବା ପୂର୍ବରୁ ଭାରତୀ ମନ୍ଦିର ହିଁ ନାନା ଆନ୍ଦୋଳନର ଅଧିବାସ ସ୍ଥଳ ହୋଇଯାଇଥିଲା । ୧୯୨୧ର ଅସହଯୋଗ

Digitized by PPRACHIN, SOA

ଆନ୍ଦୋଳନ ମାନ୍ଦା ପଡ଼ିଯିବା ପରେ ଏହି ପାଠାଗାରର ଗୁରୁତ୍ୱ କମିଯାଇଥିଲା । ଅନେକ ନେତା କଟକରୁ ଅନ୍ୟଆଡ଼େ ଚାଲିଯାଇଥିଲେ ଓ ବହୁ ମୂଲ୍ୟବାନ୍ ବହି ପାଠକମାନଙ୍କଠାରୁ ଫେରିଲା ନାହିଁ । ଏଣୁ ଯେତିକି ବହି ଥିଲା ସେସବୁ ୧୯୨୪ ମସିହା ବେଳକୁ ଗୋପବନ୍ଧୁ ଚୌଧୁରୀଙ୍କ ଘରକୁ ଫେରିଗଲା ।

ଏହି ଭାରତୀ ମନ୍ଦିର ଛଡ଼ା ସେ ସମୟରେ କଟକରେ ସ୍ୱରାଜ ସେବକ ସଂଘ ନାମକ ଏକ ଅନୁଷ୍ଠାନ ଗଢ଼ାଯାଇଥିଲା । ନବକୃଷ୍ଣ ଚୌଧୁରୀଙ୍କ ବ୍ୟତୀତ ରାମପ୍ରସାଦ ସିଂହ, ରଘୁ ରାଉତ ଓ ରାଜକିଶୋର ଦାସ ଆଦି ସେଥିର ସଭ୍ୟ ଥିଲେ ଏବଂ ବ୍ରଜବନ୍ଧୁ ଦାସ ଥିଲେ ତାହାର ସମ୍ପାଦକ । ସେମାନେ ବିଭିନ୍ନ ସାମାଜିକ କାମ କରିବା ସଙ୍ଗେ ସଙ୍ଗେ କଂଗ୍ରେସର ସଭ୍ୟ ସଂଗ୍ରହ କରୁଥିଲେ ଓ ଅସହଯୋଗ ଆନ୍ଦୋଳନର ବାର୍ତ୍ତା ପ୍ରଚାର କରୁଥିଲେ ।

ଅସହଯୋଗ ଆନ୍ଦୋଳନ ଆରମ୍ଭ ହେବା ପୂର୍ବରୁ ବି ରେଭେନ୍ସା କଲେଜର କେତେକ ଛାତ୍ର ଦେଶମିଶ୍ରଣ ଆନ୍ଦୋଳନକୁ ସଂକୀର୍ଣ୍ଣ ପ୍ରାଦେଶିକତା ବୋଲି ବିଚାରୁଥାନ୍ତି । ସେମାନେ ମଧୁସୂଦନ ଦାସଙ୍କ ଦୃଷ୍ଟିଭଙ୍ଗୀକୁ ବିରୋଧ କରୁଥାଆନ୍ତି । ସେହି ଗୋଷ୍ଠୀର ମୁଖ୍ୟ ଥିଲେ ଯଦୁମଣି ମଙ୍ଗରାଜ ଏବଂ ତାଙ୍କର ଏ ଦିଗରେ ମୁଖ୍ୟ ସହଯୋଗୀ ଥିଲେ ହରେକୃଷ୍ଣ ମହତାବ ଓ ନବକୃଷ୍ଣ ଚୌଧୁରୀ । ନବକୃଷ୍ଣ ଚୌଧୁରୀଙ୍କ ବଡ଼ଭାଇ ଗୋପବନ୍ଧୁ ଚୌଧୁରୀ ମଧୁବାବୁଙ୍କ ସାନଭାଇ ଗୋପାଳବଲ୍ଲଭ ଦାସଙ୍କ ଝିଅ ରମାଦେବୀଙ୍କୁ ସେତେବେଳକୁ ବିବାହ କରିସାରିଥାନ୍ତି । ରମାଦେବୀ ଏଭଳି ପରିସ୍ଥିତିରେ ବଡ଼ ଅଡୁଆରେ ପଡ଼ିଥାନ୍ତି । ୧୯୧୯ ମସିହାରେ ଏହି ଗୋଷ୍ଠୀ ତରଫରୁ ହରେକୃଷ୍ଣ ମହତାବ ଜଣେ ଦର୍ଶକ ଭାବରେ କଲିକତାର କଂଗ୍ରେସ ଅଧିବେଶନକୁ ଯାଇଥିଲେ । ୧୯୨୦ ମସିହାରେ ନାଗପୁର କଂଗ୍ରେସ ଅଧିବେଶନରେ ମହତାବଙ୍କ ଛଡ଼ା ଯଦୁମଣି ମଙ୍ଗରାଜ ଆଦି ମଧ ଯୋଗ ଦେଇଥିଲେ । ସେଠାରୁ ଫେରିଲା ବାଟରେ ଚକ୍ରଧରପୁରଠାରେ ଅନୁଷ୍ଠିତ ହେଉଥିବା ଉତ୍କଳ ସମ୍ମିଳନୀରେ ଗୋପବନ୍ଧୁ ଦାସ ଓ ଜଗବନ୍ଧୁ ସିଂହ ଆଦିଙ୍କ ସହିତ ଏମାନେ ସେଥିରେ ଯୋଗ ଦେଇ ଉତ୍କଳ ସମ୍ମିଳନୀର ସ୍ୱତନ୍ତତା ବିରୋଧରେ ଏକ ପ୍ରସ୍ତାବ ପାସ୍ କରାଇଥିଲେ । କାରଣ ନାଗପୁର ଅଧିବେଶନରେ ଭାଷାଭିତ୍ତିକ ପ୍ରଦେଶ ଗଠନକୁ କଂଗ୍ରେସ ଦଳ ଗ୍ରହଣ କରିନେଇଥିଲା । ଏହି ସମୟକୁ ମଧୁବାବୁ ବିହାର ଓଡ଼ିଶାର ମନ୍ତ୍ରୀ ଭାବରେ ନିଯୁକ୍ତି ପାଇଥାଆନ୍ତି । ଯଦୁମଣି ଓ ହରେକୃଷ୍ଣ ମହତାବ

Digitized by PPRACHIN, SOA

କଟକ ଫେରି ନବକୃଷ୍ଣ ଚୌଧୁରୀ ଆଦିଙ୍କ ସହଯୋଗରେ ଏକ ପ୍ରଚାରପତ୍ର ବାଣ୍ଟିଥିଲେ ଯେ ମଧୁସୂଦନ ଦାସ ଓଡ଼ିଆଙ୍କ ରାଜସ୍ୱରୁ ମାସିକ ୫୦୦୦ ଟଙ୍କାରେ ମନ୍ତ୍ରୀ ଚାକିରିରେ ରହିଲେ । ମଧୁବାବୁଙ୍କ ସମ୍ବର୍ଦ୍ଧନା ଉଦ୍ଦେଶ୍ୟରେ ଆହୂତ ଏକ ସଭାରେ ସେମାନେ ଗୋଳମାଳ କଲେ । ଅବଶ୍ୟ ମଧୁବାବୁ ଦୁଇବର୍ଷ ମନ୍ତ୍ରୀ ରହିବା ପରେ ବିନା ଦରମାରେ କାର୍ଯ୍ୟ କରିବାପାଇଁ ଚାହିଁଥିଲେ । ତାହାକୁ ସେ ସମୟର ସରକାର ଗ୍ରହଣ କରି ନ ଥିଲେ । ଏଣୁ ମଧୁବାବୁ ୧୯୨୩ ମସିହାରେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ କଂଗ୍ରେସ ଦଳ ଓଡ଼ିଶାର ଦେଶ ମିଶ୍ରଣ ଦାବିକୁ ପରବର୍ତ୍ତୀ କାଳରେ ଆଉ ସହାୟତା ଦେଲା ନାହିଁ ଏବଂ ଉତ୍କଳ ସମ୍ମିଳନୀର ପୁଣି ଆବିର୍ଭାବ ଘଟିଲା । ତାହାରି ପତାକାତଳେ ଆନ୍ଦୋଳନ ଚଳାଇ ଓଡ଼ିଶାର ବରେଣ୍ୟ ନେତାମାନେ ୧୯୩୬ ମସିହାରେ ଓଡ଼ିଶା ବୋଲି ଏକ ରାଜ୍ୟ ପାଇବାରେ ସଫଳ ହେଲେ, ପୂର୍ବୋକ୍ତ ମଧୁ ବିରୋଧୀ ଗୋଷ୍ଠୀର ମୁଖ୍ୟ ଯଦୁମଣି ମଙ୍ଗରାଜ ଆଦି । ପରେ ନିଜର ଭୁଲ୍ ବୁଝି ପାରିଥିଲେ ଏବଂ ମଧୁବାବୁଙ୍କ ପ୍ରତି ଅନ୍ୟାୟ କରିଥିବାରୁ ଯଦୁମଣି ମଙ୍ଗରାଜ ମୃତ୍ୟୁପର୍ଯ୍ୟନ୍ତ ଅନୁଶୋଚନା କରିଥିଲେ ।

ଗାନ୍ଧିଙ୍କ ଡାକରା

୧୯୨୧ ମସିହା ଆରମ୍ଭ ବେଳକୁ ହରେକୃଷ୍ଣ ମହତାବ ଓ ନବକୃଷ୍ଣ ଚୌଧୁରୀ ଆଦି ବି.ଏ. ପରୀକ୍ଷାକୁ ଉପେକ୍ଷା କରି ଅସହଯୋଗ ଆନ୍ଦୋଳନରେ ଯୋଗ ଦେବେ ବୋଲି ସ୍ଥିର କରିଥାଆନ୍ତି । ମଧୁସୂଦନ ଦାସଙ୍କ ସମ୍ବର୍ଦ୍ଧନା ସଭା ଭାଙ୍ଗିବା ଅଭିଯୋଗରେ ରେଭେନ୍ସା କଲେଜର ପ୍ରିନ୍ସିପାଲ୍ ଲେମ୍ବାଟ୍ ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ଯଦୁମଣି ମଙ୍ଗରାଜ ଓ ଗୋକୁଳାନନ୍ଦ ମହାନ୍ତି ଆଦି ଗଣ୍ଡଗୋଳକାରୀଙ୍କ ଅଭିଭାବକମାନଙ୍କୁ ତାଗିଦ୍ କରି ଲେଖିଲେ ଯେ ସେମାନଙ୍କ ପିଲାମାନେ ସେମାନଙ୍କ ଆଚରଣ ସଂଶୋଧନ ନ କଲେ କଲେଜରୁ ସେମାନଙ୍କର ନାମ କାଟି ଦିଆଯିବ । ସେତେବେଳକୁ ଗୋପବନ୍ଧୁ ଚୌଧୁରୀ ଥାଆନ୍ତି ନବକୃଷ୍ଣ ଚୌଧୁରୀଙ୍କ ଅଭିଭାବକ । ସେ ନବବାବୁଙ୍କ ମନୋଭାବ ଜାଣି ପ୍ରିନ୍ସିପାଲ୍‌ଙ୍କୁ କିଛି ଜଣାଇଲେ ନାହିଁ । ଗାନ୍ଧିଙ୍କ ଆହ୍ୱାନରେ ଅନ୍ୟମାନେ ସ୍କୁଲ କଲେଜ ଛାଡ଼ିବା ପୂର୍ବରୁ ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ଯଦୁମଣି ମଙ୍ଗରାଜ ଓ ନିତ୍ୟାନନ୍ଦ

Digitized by PPRACHIN, SOA

କାନୁନ୍‌ଗୋ ଆଦି କଲେଜ ଛାଡ଼ିଥାଆନ୍ତି । ଗୋପବନ୍ଧୁ ଚୌଧୁରୀ ଡେପୁଟୀ ମାଜିଷ୍ଟ୍ରେଟ୍ ଚାକିରିରେ ଖୁସି ନ ଥିଲେ । ଗାନ୍ଧିଙ୍କ ଆହ୍ୱାନରେ ସେ ବି କିଛି ଦିନ ପରେ ଚାକିରିରୁ ଇସ୍ତଫା ଦେଇଥିଲେ । ଏହାର କିଛି ଦିନ ପରେ, ୧୯୨୧ ମସିହା ଦୋଳପୂର୍ଣ୍ଣିମା ଦିନ ଗାନ୍ଧିଙ୍କ କଟକ ଆଗମନ ହୋଇଥିଲା । ସେ ସାରା ଭାରତବର୍ଷ ବୁଲି ଇଂରେଜ ସରକାର ବିରୋଧରେ ଭାଷଣ ଦେଉଥାଆନ୍ତି ଓ ସରକାର ସହିତ ଅସହଯୋଗ କାର୍ଯ୍ୟକ୍ରମ ବୁଝାଉଥାଆନ୍ତି । ତାଙ୍କ ଆହ୍ୱାନରେ ଓଡ଼ିଶାରୁ ପ୍ରାୟ ୬୦ଜଣ ଛାତ୍ର ସ୍କୁଲ କଲେଜ ଛାଡ଼ିଥିଲେ ଓ କେତେକ ଓକିଲ କଚେରି ବର୍ଜନ କରିଥିଲେ । ୧୯୨୧ ମାର୍ଚ୍ଚ ମାସରେ ରାଜକୃଷ୍ଣ ବୋଷ ଆଇନ୍ ଅମାନ୍ୟ କରି ଓଡ଼ିଶାର ପ୍ରଥମ ରାଜବନ୍ଦୀ ହେବାର ଗୌରବ ଲାଭ କରିଥିଲେ । ତାଙ୍କ ପରେ ଅବଶ୍ୟ ଗୋପବନ୍ଧୁ ଦାସ, ଭାଗୀରଥି ମହାପାତ୍ର, ଯଦୁମଣି ମଙ୍ଗରାଜ ଓ ପରେ ପରେ ହରେକୃଷ୍ଣ ମହତାବ ଗିରଫ ହୋଇଥିଲେ । କେତେକ ସର୍ତ୍ତ ପୂରଣ ହୋଇପାରିଲେ 'ବର୍ଷକ ମଧ୍ୟରେ ସ୍ୱରାଜ' ହୋଇପାରିବ ବୋଲି ଗାନ୍ଧି କହିଥାନ୍ତି । ସେଗୁଡ଼ିକ ହେଲା - ଲୋକେ ଅରଟରେ ସୂତା କାଟି ସେ ସୂତାର ଲୁଗା ପିନ୍ଧିବେ, ସମ୍ପୂର୍ଣ୍ଣ ନିଶା ନିବାରଣ ହୋଇଥିବ, ହିନ୍ଦୁ ମୁସଲମାନ ଏକତା ଥିବ ଓ ଲୋକେ ଅହିଂସା ପରାୟଣ ହୋଇଥିବେ । ଏଥିପାଇଁ ୧୯୨୧ ମସିହା ଡିସେମ୍ବର ୩୧ ଥିଲା ଶେଷ ତାରିଖ । ଏହି କାର୍ଯ୍ୟ କିଛି ପରିମାଣରେ ସଫଳ ହେଲା ସତ କିନ୍ତୁ ସମ୍ପୂର୍ଣ୍ଣ ଭାବରେ ସାଧିତ ହୋଇପାରିଲା ନାହିଁ । ଏଣୁ ଯେଉଁମାନେ ଭାବୁଥିଲେ ବର୍ଷକ ମଧ୍ୟରେ ସ୍ୱରାଜ ମିଳିଯିବ ସେମାନେ ନିରାଶ ହେଲେ । ନବକୃଷ୍ଣ ଚୌଧୁରୀ ଏହି ଆହ୍ୱାନକୁ କିଭଳି ଗ୍ରହଣ କରିଥିଲେ ତାହା ଜଣା ନାହିଁ । ଏଥର ସେ କାରାବରଣ କରି ନ ଥିଲେ । ତେବେ ୧୯୨୨ ମସିହାରେ ମଦନମୋହନ ପଟ୍ଟନାୟକ ଓ ସେ ଖଦି କାମ ଶିଖିବା ଲାଗି ଗାନ୍ଧିଙ୍କ ସାବରମତୀ ଆଶ୍ରମକୁ ଯାଇଥିଲେ । ସେଠାରେ ସେ ଦିନକୁ ୮ ଘଣ୍ଟା କରି ୧୦ ମାସ ତାଲିମ ପାଇଲେ । ସେହିଠାରେ ସେ ଅନେକ ଗାନ୍ଧିବାଦୀଙ୍କ ସମ୍ପର୍କରେ ଆସିଥିଲେ ଏବଂ ନାନା ପ୍ରକାର ବହି ପଢ଼ିବାକୁ ପାଇଥିଲେ ଓ ଫେରିଲା ବେଳକୁ ଗୟାଠାରେ ଅନୁଷ୍ଠିତ ହୋଇଥିବା କଂଗ୍ରେସ ଅଧିବେଶନରେ ଯୋଗ ଦେଇ ଓଡ଼ିଶା ଫେରିଲେ । ତାଙ୍କର ସେ ବେଳର ଆଣ୍ଠୁ ଲୁଚୁ ନ ଥିବା ଖଦଡ଼ ଲୁଗା ପିନ୍ଧା ସାଙ୍ଗକୁ ଦାଢ଼ି ଦେଖି ଗୟା ଅଧିବେଶନକୁ ଯାଇଥିବା ଓଡ଼ିଶାର ପ୍ରତିନିଧିମାନେ, ଏପରିକି ତାଙ୍କ ଝିଆରୀ ଅନ୍ନପୂର୍ଣ୍ଣା ବି ତାଙ୍କୁ ଚିହ୍ନି ପାରି ନ ଥିଲେ ।

Digitized by PPRACHIN, SOA

ସମାଜ ସେବାରେ ହାତ

୧୯୨୨ ମସିହାରେ କଟକ ଫେରିଲା ବେଳକୁ ସହରରେ ରାତିରେ ବାରମ୍ବାର ଘରପୋଡ଼ି ହେଉଥାଏ । ଖାଲି କଟକରେ ନୁହେଁ, ଓଡ଼ିଶାର ବିଭିନ୍ନ ସହରରେ ଏହା ଘଟୁଥିଲା । ନବକୃଷ୍ଣ ଚୌଧୁରୀ ଘରପୋଡ଼ି ଲିଭାଇବା କାମ ସାରି ସକାଳକୁ ଘରକୁ ଫେରିଲା ବେଳକୁ ଅଦ୍ଭୁତ ବେଶରେ ଫେରନ୍ତି ଓ ବେଳେବେଳେ ଦେହର କିଛି ଅଂଶ ନିଆଁ ଧାସରେ ସିଝି ଯାଇଥାଏ । ଏହାଛଡ଼ା ହଇଜାରୋଗୀଙ୍କ ସେବା ବି ତାଙ୍କର ଅନ୍ୟ ଏକ କାମ ଥିଲା । ସେ ସମୟରେ ହଇଜା ରୋଗୀଙ୍କ ପାଖକୁ ଯିବାକୁ ଅନ୍ୟମାନେ ଖୁବ୍ ଡରୁଥିଲେ । ଗାନ୍ଧି ହରିଜନ ଆନ୍ଦୋଳନ ଆରମ୍ଭ କରିବାର ବହୁ ପୂର୍ବରୁ ନବକୃଷ୍ଣ ଚୌଧୁରୀ ତାଙ୍କର ହରିଜନ ସାଙ୍ଗ ଶ୍ରୀଧର ସାମଲଙ୍କୁ ନେଇ ନିଜ ଘରେ ଖୁଆଇ ତାଙ୍କ ବାସନ ନିଜେ ଧୋଇଥିଲେ । ଏହା ସେତେବେଳକୁ ଥିଲା ଏକ ଅସମ୍ଭବ ସାମାଜିକ ବିଦ୍ରୋହର କାମ । କଟକରେ ଯେଉଁ ଅନାଥାଶ୍ରମ ଅଛି ତାହାର ପ୍ରତିଷ୍ଠାର ଏକ କାହାଣୀ ଅଛି । ଦିନେ ଜଣେ ନିରାଶ୍ରୟ ସ୍ତ୍ରୀଲୋକ ତାଙ୍କ ଦୃଷ୍ଟିରେ ପଡ଼ିଥିଲା । ସେମାନଙ୍କୁ ସାଧାରଣତଃ ଖ୍ରୀଷ୍ଟିଆନ୍‌ମାନେ ନେଇ ଆଶ୍ରୟ ଦେଇଥାନ୍ତି । ନବକୃଷ୍ଣ ଚୌଧୁରୀ ସେହି ସ୍ତ୍ରୀଲୋକଟିକୁ ନେଇ ସ୍ୱାମୀ ବିଚିତ୍ରାନନ୍ଦ ଦାସଙ୍କ ନିକଟରେ ପହଞ୍ଚି ତା'ର ରକ୍ଷଣାବେକ୍ଷଣ ସମସ୍ୟା କଥା ଉଠାଇଥିଲେ । ହିନ୍ଦୁମାନଙ୍କ ମଧ୍ୟରୁ କେହି ଏଭଳି କାମ କରୁ ନ ଥିବାରୁ ସେଭଳି ଲୋକେ ଖ୍ରୀଷ୍ଟିଆନ୍ ହୋଇଯାଉଥିଲେ । ନବବାବୁଙ୍କ ଅନୁରୋଧରେ ସେହି ସମୟରୁ କଟକର ଅନାଥାଶ୍ରମ ସ୍ଥାପିତ ହୋଇଥିଲା । ତାଙ୍କ ବନ୍ଧୁ ପ୍ରହ୍ଲାଦ ସାହୁଙ୍କର ମଧୁମେହ ହୋଇଥିଲା । ସେ କାହାଠାରୁ ଶୁଣିଥିଲେ ଯେ ମଧୁମେହ ପାଇଁ ଜାମୁକୋଳି ଭଲ କାମ କରେ ବୋଲି । ସେ ବନ୍ଧୁଙ୍କ ପାଇଁ ସହର ସାରା ବୁଲି ଅଦିନିଆ ଜାମୁକୋଳି ସଂଗ୍ରହ କରୁଥିଲେ । ଏହିଭଳି ନାନା ପରୋପକାର କାମରେ ସେ ସମୟତକ କଟୁଥିଲା ।

ଅଳକାଶ୍ରମର ଗୁରୁ

୧୯୨୨ ମସିହାରେ ଜଗତ୍‌ସିଂହପୁରରେ (ପୂର୍ବ ନାମ ହରିହରପୁର) ସତ୍ୟବାଦୀର ବନବିଦ୍ୟାଳୟ ଢାଞ୍ଚାରେ ଏକ ଜାତୀୟ ବିଦ୍ୟାଳୟ ସ୍ଥାପିତ ହୋଇଥିଲା । ଗାନ୍ଧିଙ୍କ ଆହ୍ୱାନରେ ମାଇନର ସ୍କୁଲର ଅଧ୍ୟକ୍ଷ କାମ ଛାଡ଼ି ଆସିଥିବା କିଶୋରୀ ଚରଣ କାନୁନ୍‌ଗୋ, ଟ୍ରେନିଂ ସ୍କୁଲର ଶିକ୍ଷକତା ଛାଡ଼ି ଆସିଥିବା ପ୍ରାଣକୃଷ୍ଣ

Digitized by PPRACHIN, SOA

ପଢ଼ିଆରୀ, ଦ୍ୱାରିକାନାଥ ମହାପାତ୍ର, ଦେବେନ୍ଦ୍ର ନାଥ କାନୁନ୍‌ଗୋ, ରାଜକିଶୋର ଦାସ, ଗୋକୁଳାନନ୍ଦ ମହାନ୍ତିଙ୍କ ଛଡ଼ା ଗୋପବନ୍ଧୁ ଚୌଧୁରୀ ସେହି ବିଦ୍ୟାଳୟରେ ପିଲାଙ୍କୁ ପଢ଼ାଉଥିଲେ । ନବକୃଷ୍ଣ ଚୌଧୁରୀ ସାବରମତୀ ଆଶ୍ରମରୁ ଖଦୀ ବୁଣାରେ ତାଲିମ ପାଇ ଆସି ସେଠାରେ ଯୋଗ ଦେଲେ । ଅଳକା ନଈ କୂଳରେ ସ୍ଥାପିତ ହୋଇଥିବାରୁ ତାହାର ନାଁ ରହିଲା ଅଳକାଶ୍ରମ । ଅସହଯୋଗ ଆନ୍ଦୋଳନ କାଳରେ ୬ଷ୍ଠ ଓ ୭ମ ଶ୍ରେଣୀରୁ ଯେଉଁମାନେ ସ୍କୁଲ ଛାଡ଼ି ଆସିଥିଲେ ସେମାନେ ଏହି ବିଦ୍ୟାଳୟରେ ପଢ଼ିଲେ, ଏମାନଙ୍କ ମଧ୍ୟରେ ରାମକୃଷ୍ଣ ନନ୍ଦ, ଉଦୟନାଥ ଷଡ଼ଙ୍ଗୀ, ସୁଦର୍ଶନ ପ୍ରହରାଜ, କୃଷ୍ଣଚନ୍ଦ୍ର ପ୍ରଧାନ୍, ବିଶ୍ୱନାଥ ନନ୍ଦ ଓ ଲକ୍ଷ୍ମୀଧର ପଣ୍ଡା ଆଦିଙ୍କ ନାମ ଉଲ୍ଲେଖଯୋଗ୍ୟ । ଏଠାରେ ବହିପଢ଼ାଠାରୁ ସୂତା କାଟିବା ଓ ବିଶେଷ ଭାବରେ ଲୁଗା ବୁଣିବା ପ୍ରଧାନ ଶିକ୍ଷା ବୋଲି ବିବେଚିତ ହୋଇଥାଏ । ଅବଶ୍ୟ ଅବସର ସମୟରେ ବିଭିନ୍ନ ବହି ପଢ଼ାଯାଏ ଏବଂ କିଛି କିଛି ଇଂରାଜୀ ଶିକ୍ଷା ଦିଆଯାଏ । ନବବାବୁ ଖବରକାଗଜ ପଢ଼ି ପିଲାମାନଙ୍କୁ ଦେଶବିଦେଶର କଥା ଶୁଣାଉଥିଲେ ଓ କବିତା ଲେଖିବାକୁ ଉତ୍ସାହ ଦେଉଥିଲେ । ପରବର୍ତ୍ତୀ କାଳରେ ଏହି ଛାତ୍ରମାନେ ଅନ୍ୟ ବିଦ୍ୟାଳୟରେ ନାମ ଲେଖାଇ ପଢ଼ି ସମାଜରେ ପ୍ରତିଷ୍ଠିତ ହୋଇଥିଲେ ।

ଅଳକାଶ୍ରମରେ କିଛି କାଳ କଟାଇବା ପରେ ନବକୃଷ୍ଣ ଚୌଧୁରୀ ତରିକୁନ୍ଦଠାରେ ଥିବା ତାଙ୍କ ପୈତୃକ ଜମିରେ ଏକ ଫାର୍ମ ପ୍ରତିଷ୍ଠା କରିଥିଲେ ଓ ଆଖପାଖର ଲୋକଙ୍କୁ ଉନ୍ନତ ଧରଣର ଚାଷ ଶିଖାଇବା ସଙ୍ଗେ ସଙ୍ଗେ ସାଧାରଣ ଲୋକଙ୍କ କୁସଂସ୍କାର ଓ ଅନ୍ଧବିଶ୍ୱାସ ଦୂର କରିବା କାମରେ ଲାଗିଥିଲେ ।

Digitized by PPRACHIN, SOA

ନୀଡ଼ ରଚନା

ଶାନ୍ତିନିକେତନ ସମ୍ପର୍କ

୧୯୨୫ ମସିହା ବେଳକୁ ଜାତୀୟ ଆନ୍ଦୋଳନ ପୂରା ମାତ୍ରା ଧରିଥାଏ । ସେହି ସମୟରେ ବିଖ୍ୟାତ ଅର୍ଥନୀତିବିତ୍ ଡଃ. ତାରକନାଥ ଦାସ ଶାନ୍ତିନିକେତନରେ ଗ୍ରାମ୍ୟ ଅର୍ଥନୀତି ସମ୍ପର୍କରେ ଭାଷଣ ଦେବେ ବୋଲି ଶୁଣାଯାଇଥିଲା । ସେହି ବକ୍ତୃତା ଶୁଣିବା ଉଦ୍ଦେଶ୍ୟରେ ଯାଇ ନବକୃଷ୍ଣ ଚୌଧୁରୀ ଶାନ୍ତିନିକେତନରେ ଦଶମାସ ଅଧ୍ୟୟନ କରିଥିଲେ । ସେତେବେଳେ ସେଠାରେ ତାଙ୍କର ସହପାଠୀ ଥିଲେ ଜି. ରାମଚନ୍ଦ୍ରନ୍, ବି. ଗୋପାଳ ରେଡ୍ଡି, ଆର୍ଯ୍ୟନାୟକମ୍, ସୟଦ୍ ମୁସ୍ତାଫ୍ ଅଲ୍ଲୀ ଓ ବିଶ୍ୱେଶ୍ୱର ଆଦି ବ୍ୟକ୍ତି ଯେଉଁମାନେ ପରବର୍ତ୍ତୀ କାଳରେ ଜାତୀୟ ଜୀବନରେ ଉଚ୍ଚ ସ୍ଥାନ ଅଧିକାର କରିଥିଲେ । ବିଶ୍ୱଭାରତୀର ଲାଇବ୍ରେରୀ ତାଙ୍କର ଜ୍ଞାନପିପାସାକୁ ବହୁ ପରିମାଣରେ ତୃପ୍ତି ଦେଇଥିଲା । ଶାନ୍ତିନିକେତନକୁ ସେ ଏହାପରେ ବହୁବାର ଆସିଛନ୍ତି । ଜରୁରିକାଳୀନ ପରିସ୍ଥିତି ପରେ ଶେଷଥର ପାଇଁ ସେ ମାଳତୀ ଦେବୀଙ୍କ ସହିତ ଶାନ୍ତିନିକେତନ ଯାଇଥିଲେ । ସେଠାରେ ମିଶିଥିଲେ ବହୁ ବର୍ଷର ବନ୍ଧୁ ଅନ୍ନଦାଶଙ୍କର ରାୟ ଓ ତାଙ୍କ ପତ୍ନୀ ଲୀଳା ରାୟ । ବିପ୍ଳବୀ ଓ ଏଣେ ଦେଖିବାକୁ ଗାଉଁଲି ବେଶଭୂଷାର ନବକୃଷ୍ଣ ଚୌଧୁରୀଙ୍କ ଗଭୀର କଳାବୋଧର ଉତ୍ସ ଏହି ଶାନ୍ତିନିକେତନ ।

ମାଳତୀ ସେନ୍‌ଙ୍କ ସାନ୍ନିଧ

ଏଇଠି ଦେଖାହୁଏ ତାଙ୍କର ମାଳତୀ ସେନ୍‌ଙ୍କ (ମିନୁ) ସହିତ । ତାଙ୍କର ତେଜୀୟାନ୍ ଚେହେରା ନବବାବୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ସେ ବି ନବବାବୁଙ୍କ ପ୍ରତି ଆକୃଷ୍ଟ ହୁଅନ୍ତି । ଶାନ୍ତିନିକେତନରୁ ଫେରି ନବବାବୁ କିଛି ଦିନ କଲିକତାରେ ରହୁଥିଲେ । ସେହି ସମୟରେ ନିକଟସ୍ଥ ଏକ ବହି ଦୋକାନକୁ ଯାଇ ନବକୃଷ୍ଣ ଚୌଧୁରୀ ନାନା ବହି ପଢ଼ନ୍ତି ଓ ନାନା ଚାଞ୍ଚଲ୍ୟକର କଥା ଶୁଣନ୍ତି । ବହି ଦୋକାନୀଜଣକ ଥିଲେ ଜଣେ ସନ୍ତ୍ରାସବାଦୀ । ଏହିଠାରେ ତାଙ୍କର ବୈପ୍ଳବିକ

Digitized by PPRACHIN, SOA

ଆନ୍ଦୋଳନ ପ୍ରତି ଆଗ୍ରହ ସୃଷ୍ଟି ହୁଏ । କଲିକତାର ନିଉ ପାର୍କ ଷ୍ଟ୍ରିଟ୍‌ରେ ମାଳତୀ ସେନ୍ ସେତେବେଳକୁ ତାଙ୍କ ପରିବାର ସହିତ ରହୁଥିଲେ । ମଝିମଝିରେ ତାଙ୍କ ସହିତ ନବକୃଷ୍ଣଙ୍କର ଭେଟ ହୁଏ ଓ ଉଭୟେ ଏକାଠି ଶାନ୍ତିନିକେତନ ଯା' ଆସ କରନ୍ତି । ଥରେ ଶାନ୍ତିନିକେତନରୁ ଫେରିଲା ବାଟରେ ନବକୃଷ୍ଣ ଚୌଧୁରୀଙ୍କ ତରଫରୁ ବିବାହ ପ୍ରସ୍ତାବ ଉଠିଥିଲା । ସେ କଥା ଯେତେବେଳେ ଉଭୟ ପରିବାରଙ୍କ ନିକଟରେ ପହଞ୍ଚିଥିଲା, ତାହାକୁ ଉଭୟ ପରିବାର ଗ୍ରହଣ କରି ପାରି ନ ଥିଲେ । ମିନୁ ଥିଲେ ଏକ ପ୍ରତିଷ୍ଠିତ ବଙ୍ଗୀୟ ବୈଦ୍ୟ ପରିବାରର ପିଲାମାନଙ୍କ ମଧ୍ୟରେ ସବୁଠାରୁ ସାନ ଓ ଗେହ୍ଲା ଝିଅ । ଭାଇମାନେ ମିନୁଠାରୁ ବୟସରେ ବେଶ୍ ବଡ଼ ଓ ପ୍ରତିଷ୍ଠିତ । ଭାଇମାନଙ୍କ ଲାଗି ଓ ମାମୁମାନଙ୍କ ବି.ଏ. ପାସ୍ ନ କରି ବେକାର ଥିବା ଯୁବକକୁ କିଭଳି ବିବାହ ଦେବେ ଏହାହିଁ ଥାଏ ବଡ଼ ସମସ୍ୟା । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ମାଳତୀ ସେନ୍‌ଙ୍କ ଅଜା ଥିଲେ ଏକ କାଳରେ କଟକର ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା ଜିଲ୍ଲା ଜଜ୍ - ସେବେଳର ଆଇ.ସି.ଏସ୍. । ବାପା ବି ଥିଲେ ବାର୍-ଆଟ୍-ଲ । ସେ ଅବଶ୍ୟ ମିନୁଙ୍କ ପିଲାଦିନୁ ଦେହତ୍ୟାଗ କରିଥିଲେ । ଏଭଳି ଉଚ୍ଚଶିକ୍ଷିତ ପରିବାର ପାଇଁ ନବକୃଷ୍ଣ ଚୌଧୁରୀ ଭଳି ପାତ୍ର ମୋଟେ ଆକର୍ଷଣୀୟ ନ ଥିଲା । କିନ୍ତୁ ମିନୁର ଆଗ୍ରହ ଯୋଗୁଁ ସେମାନେ ଖବର ନେଇ ଜାଣିଲେ ଯେ ପାତ୍ରଙ୍କର କଟକରେ କୋଠା ଅଛି ଓ ଚଳିବା ପାଇଁ କିଛି ସମ୍ବଳ ମଧ୍ୟ ରହିଛି ।

ବିବାହ

ଏହି ପ୍ରସ୍ତାବକୁ ବିଶେଷ ଭାବରେ ବିରୋଧ କରି ଅଡ଼ିବସିଲେ ମା' ପଦ୍ମାବତୀ । ସେ ଘର ଛାଡ଼ି ପୁରୀ ପଳାଇଲେ । ନବକୃଷ୍ଣ ଏଣେ ନଛୋଡ଼ବନ୍ଧା । ଏହି ବିବାହକୁ ଭଙ୍ଗାଇବା ଲାଗି ପଦ୍ମାବତୀ ଦେବୀ ମାଳତୀ ଦେବୀଙ୍କ ମା'ଙ୍କ ନିକଟକୁ ବେନାମୀ ଚିଠି ପଠାଇଲେ । ସେଥିରେ ସେ ଅନ୍ୟ ଜଣେ ଲୋକଦ୍ୱାରା ଲେଖାଇଲେ ଯେ ନବ ଦୁଶ୍ଚରିତ୍ର, ସେ ମଦ ଖାଏ ଇତ୍ୟାଦି । ବହୁ ଲୋକ ମା'ଙ୍କୁ ବୁଝାଇଲେ । ତଥାପି ସେ ଅଟଳ । ସେତେବେଳେ ବ୍ରାହ୍ମମାନଙ୍କୁ ଖ୍ରୀଷ୍ଟିଆନ୍‌ଙ୍କଠାରୁ ହୀନ ବୋଲି ବିଚାର କରାଯାଉଥିଲା । ଏକ ଦିଗରେ ମା'ଙ୍କର ଅନବରତ ଅଶ୍ରୁବର୍ଷଣ ଅନ୍ୟ ପକ୍ଷରେ ନିଜର ଅଙ୍ଗୀକାର ମଧ୍ୟରେ ନବକୃଷ୍ଣ ଚୌଧୁରୀ କ'ଣ କରିବେ ସ୍ଥିର କରିପାରୁ ନ ଥାନ୍ତି । ଠିକ୍ ନିଷ୍ପତ୍ତି ନେବା ଲାଗି ସେ ଦୁଇ ଦିନ ଉପବାସ

Digitized by PPRACHIN, SOA

କରିଥିଲେ । ଗୋପବନ୍ଧୁ ଚୌଧୁରୀ ମଧ ତାଙ୍କୁ ସମର୍ଥନ କଲେ ନାହିଁ । ଏହିଭଳି ଅନେକ ଦିନ ଚାଲିଗଲା । ଶେଷରେ ତାଙ୍କ ମାମୁ ହରି ମହାନ୍ତି ଓ ବିଜୁ ପଟ୍ଟନାୟକଙ୍କ ବାପା ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଆସି ବୁଝାଇବାରୁ ପଦ୍ମାବତୀ ନଇଁଲେ । ୧୯୨୭ ମସିହା ଜୁଲାଇ ମାସରେ ହିନ୍ଦୁ ପଦ୍ଧତିରେ ବିବାହ ହେଲା । ଏହି ବିବାହକୁ ପୁତୁରା ମନମୋହନ ଚୌଧୁରୀ ମାର୍କୁଣ୍ଡି ଭାବରେ ଯାଇଥିଲେ ଓ କେତେକ ବିଶିଷ୍ଟ ବ୍ୟକ୍ତି ବରଯାତ୍ରୀ ଭାବରେ ଯାଇଥିଲେ । ବଙ୍ଗଳାରେ ରହୁଥିବା ବନ୍ଧୁ ଅନ୍ନଦାଶଙ୍କର ରାୟ ଓ ଶାନ୍ତିନିକେତନର ବନ୍ଧୁ ବି. ଗୋପାଳ ରେଡ୍ଡି ଆଦି ସେହି ବିବାହରେ ଯୋଗ ଦେଇଥିଲେ । ମାଳତୀ ଦେବୀ ବୋହୂ ଭାବରେ ଫେରିଲା ବେଳକୁ ତାଙ୍କୁ ସଙ୍ଖୋଳିବା ଲାଗି ଗହଳି ନ ଥିଲାନ୍ତ କାରଣ ବନ୍ଧୁବାନ୍ଧବମାନେ ଏହି ବିବାହରେ ବିଶେଷ ସହଯୋଗ କରି ନ ଥିଲେ । ବିବାହ ପାଇଁ ସିନା ପଦ୍ମାବତୀ ଦେବୀ ଅଗତ୍ୟା ରାଜି ହେଲେ, ହେଲେ ବିବାହ ପରେ ରମାଦେବୀଙ୍କୁ ତାଙ୍କ ମୁଣ୍ଡ ଛୁଆଁଇ ହଲପ କରାଇଥିଲେ ଯେ ସେ ବି ବୋହୂ ହାତରୁ ଖାଇବେ ନାହିଁ । ଏହି ବିବାହର ପାଞ୍ଚ ବର୍ଷ ପର୍ଯ୍ୟନ୍ତ ରମାଦେବୀ ମାଳତୀଦେବୀଙ୍କ ହାତ ରନ୍ଧା ଖାଇ ନ ଥିଲେ । ୧୯୩୨ ମସିହା ହରିଜନ ଆନ୍ଦୋଳନରେ ଦି ଯାଆ ଯୋଗଦେବା କାଳରେ ରମାଦେବୀ ମାଳତୀଦେବୀଙ୍କ ସଙ୍ଗରେ ଖାଇଲେ ।

ମାଳତୀଦେବୀ ଆସିବା ପରେ ଚୌଧୁରୀ ଘରର ସଂସ୍କୃତିରେ ବହୁ ଉନ୍ନତି ଘଟିଲା । ସେ ଅତି ଉନ୍ନତ ବୀଣା ବଜାଉଥିଲେ ଓ ଗୀତ ବି ଗାଉଥିଲେ ଚମତ୍କାର । ମାଳତୀଦେବୀ ଆସିବା ପରେ ଝିଆରୀ ଅନ୍ନପୂର୍ଣ୍ଣା ବୀଣା ବଜାଇବା ଓ ଗୀତ ଗାଇବା ଶିଖିଲେ । ମନମୋହନ ଚୌଧୁରୀଙ୍କର ପିଲାଦିନୁ ଚିତ୍ରକଳା ଦିଗରେ ଖୁବ୍ ଆଗ୍ରହ ଓ ଦକ୍ଷତା ଥିଲା । କିନ୍ତୁ ଖୁଡ଼ୀ ଆସିବା ପରେ ତାଙ୍କ ପ୍ରଭାବରେ ଅବନୀନ୍ଦ୍ର ନାଥ, ନନ୍ଦଲାଲ ବସୁ ଓ ଗଗନେନ୍ଦ୍ର ନାଥ ଠାକୁର ପ୍ରଭୃତିଙ୍କ ଚିତ୍ରର କୌଶଳ ପୁତୁରା ଏବଂ ଝିଆରୀ ଶିଖିଗଲେ । ଏ ଦୁହିଁଙ୍କର ଚାଲିଚଳନ ଓ ବେଶଭୂଷାରେ ବି ପରିବର୍ତ୍ତନ ଦେଖାଦେଲା ।

ତରିକୁନ୍ଦରେ ନୀଡ଼ ରଚନା

ଏସବୁ ସତ୍ତ୍ୱେ ଶାଶୂ ବୋହୂଙ୍କ ଆଡ଼ଛାଡ଼ ନବବାବୁ ଓ ମାଳତୀଦେବୀଙ୍କୁ ଭାରି ବାଧିଲା । ମାଳତୀଦେବୀଙ୍କୁ ଅଛୁଆଁ ଭଳି ବ୍ୟବହାର କରାଯାଉଥିଲା ।

Digitized by PPRACHIN, SOA

ଗୋକୁଳାନନ୍ଦ ଚୌଧୁରୀଙ୍କ ଜଗତ୍‌ସିଂହପୁର ପାଖ ତରିକୁନ୍ଦରେ ଯେଉଁ ଜମି ଥିଲା ନବକୃଷ୍ଣ ଚୌଧୁରୀ ପ୍ରଥମେ ଯାଇ ସେଠାରେ ରହିଲେ ଓ ଉନ୍ନତ ଧରଣର ଚାଷର ଯୋଜନା କଲେ । ଅଲଗା ଘର ନ ଥିବାରୁ ସେ ଚାକରଙ୍କ ସହିତ ଗୋଟିଏ ଘରେ ରହୁଥିଲେ । ମାଳତୀଦେବୀଙ୍କ ଭାଇ ସେ ଘରକୁ ଦେଖି ଆଉ ଗୋଟିଏ ଘର ତିଆରି ପାଇଁ ଏକହଜାର ଟଙ୍କା ପଠାଇଥିଲେ । ଘର ତିଆରି ସରିବା ପରେ ମାଳତୀଦେବୀ ଯାଇ ସେଠାରେ ରହିଲେ । ସାବରମତୀ ଆଶ୍ରମ ଓ ଶାନ୍ତିନିକେତନରୁ ଯାହା ଶିଖିଥିଲେ ଉଭୟ ଏଠାରେ ସେସବୁ ପ୍ରୟୋଗ କଲେ, ସେଠାର ଚାଷୀଙ୍କୁ ଉନ୍ନତ ଧରଣର ଆଖୁ, ଆଳୁ ଓ ଚୀନାବାଦାମ ଚାଷ ଶିଖାଇଲେ ଏବଂ ଉନ୍ନତ ଧରଣର ଗୁଡ଼ ତିଆରି କୌଶଳ ବତାଇଲେ । ନବକୃଷ୍ଣ ଚୌଧୁରୀଙ୍କ ଚାଲିଚଳନ ଓ ମାଳତୀ ସେନ୍‌ଙ୍କ ରୁଚିସମ୍ପନ୍ନ ଜୀବନ ପୂରାପୂରି ନୂଆ ମୋଡ଼ ନେଲା । ଏଠାକାର ଜୀବନ ମାଳତୀ ଦେବୀଙ୍କ ଲାଗି ପ୍ରଥମେ ଭାରି କଷ୍ଟକର ହୋଇଥିଲା । ଗାଧୁଆଘର ଓ ପାଇଖାନା ତ ନ ଥିଲା, ଖାଇବା ଥିଲା ପୂରାପୂରି ସାଧାସିଧା । ପିନ୍ଧିବାକୁ ହେଲା ମୋଟା ଖଦଡ଼ ଶାଢ଼ି । ଜିଲ୍ଲାବୋର୍ଡ଼ ସଭ୍ୟ ଭାବରେ ନବବାବୁ ଯେଉଁ ସାମାନ୍ୟ ଗସ୍ତ ଖର୍ଚ୍ଚ ପାଉଥିଲେ ତାହା ଥିଲା ଅତି ସ୍ୱଳ୍ପ । ଏହି ସମୟରେ ସେ ରେଭେନ୍ସା କଲେଜର ଅଧ୍ୟାପକ ବୀରେଶ୍ୱର ଚାଟାର୍ଜୀଙ୍କଠାରୁ ମାସିକ କିଛି ସାହାଯ୍ୟ ପାଉଥିଲେ । ନବବାବୁ ଓ ମାଳତୀଦେବୀ ଉଭୟ ହରିଜନ ଓ ମୁସଲମାନମାନଙ୍କ ଘରକୁ ଯା'ଆସ କରୁଥିଲେ । ସେମାନଙ୍କ ଲାଗି ନୈଶ ବିଦ୍ୟାଳୟ ଚଳାଇବା ସଙ୍ଗେ ସଙ୍ଗେ ସେମାନଙ୍କ ଅନ୍ଧବିଶ୍ୱାସ ଦୂର କରିବା ଲାଗି ଏମାନେ ନାନା ଉଦ୍ୟମ କରିଥିଲେ । ଏସବୁ ଲାଗି ସେ ଦୁହିଁଙ୍କୁ ଅନ୍ୟମାନେ ନାନା ସମାଲୋଚନା କରୁଥିଲେ । ଏହି ସମୟରେ ମନମୋହନ ଚୌଧୁରୀ ଓ ଅନ୍ନପୂର୍ଣ୍ଣାଦେବୀ ସେଠାକୁ ଆସି ସମୟ ସମୟରେ ରହୁଥିଲେ ।

୧୯୨୮ ଜୁନ୍ ମାସରେ ମାଳତୀଦେବୀଙ୍କ ପ୍ରଥମ ଝିଅ ବୁବୁର ଜନ୍ମ । ସେଥିପାଇଁ ପିଲା ଜନ୍ମ ହେବାର କିଛି ମାସ ପୂର୍ବରୁ ମାଳତୀଦେବୀ ବାପଘରକୁ ଚାଲି ଯାଇଥିଲେ । କଲିକତାର ଚିତ୍ତରଞ୍ଜନ ସେବା ସଦନରେ ପ୍ରଥମ ଝିଅର ଜନ୍ମ । କଲିକତାରେ କିଛି ଦିନ ରହିବା ପରେ ସେ କଟକ ଆସିଲେ । ଇଂରାଜୀ ବହି ପଢ଼ି, ଝିଅର ଲାଳନ ପାଳନ ନୂଆ ଢଙ୍ଗରେ ଚାଲିଲା । ନବକୃଷ୍ଣ ଚୌଧୁରୀ ନିଜେ ଝିଅର ଲାଳନ ପାଳନରେ ଅଂଶ ଗ୍ରହଣ କଲେ । ଏହା ଥିଲା ସେ ସମୟକୁ ଅତିଶୟ ନୂଆ କଥା । କାରଣ ସେତେବେଳେ ପିଲାଙ୍କ ଲାଳନ ପାଳନ କାମ

Digitized by PPRACHIN, SOA

ମର୍ଦ୍ଦମାନଙ୍କ ପକ୍ଷରେ ଅମର୍ଯ୍ୟାଦାଜନକ ଥିଲା । ନବକୃଷ୍ଣ ଚୌଧୁରୀ ଏଭଳି କାମ କରିବା ଦେଖି ପୁତୁରା ଝିଆରୀ ଓ ଅନ୍ୟାନ୍ୟ କଂଗ୍ରେସ କର୍ମୀ ସେଥିରେ ହାତ ଦେଇଥିଲେ । ବୁବୁ ଟିକିଏ ବଡ଼ ହେବାରୁ ତା'ର ନାଁ ଦିଆଗଲା ଉତ୍ତରା । କିନ୍ତୁ ଉତ୍ତରା ନାଁର ଝିଅ ବିଧବା ହୁଅନ୍ତି ବୋଲି ବାପା ମା' ଝିଅ ନାଁ ଉତ୍ତରା ଦେଉ ନ ଥିଲେ । ନବକୃଷ୍ଣ ଚୌଧୁରୀ ଏକଥା ଶୁଣି କହିଥିଲେ ଯେ ବୁବୁ ଯଦି ଅଭିମନ୍ୟୁ ଭଳି ବର ପାଇ ବିଧବା ହୁଏ ତ ସେଥିଲାଗି ଶୋଚନା ନାହିଁ । ବୁବୁ ଟିକିଏ ବଡ଼ ହେବା ପରେ ସମସ୍ତେ ଯାଇ ରହିଲେ ସେହି ତରିକୁନ୍ଦ ଘରେ । ସେତେବେଳେ ବାଗଲପୁରର ଗୌରାଙ୍ଗଚରଣ ଦାସଙ୍କ ଛଡ଼ା ବହୁ ଲୋକ ନବବାବୁଙ୍କ ଘରକୁ ଆସୁଥିଲେ । କଟକ ପାଖ କଣ୍ଟାପଡ଼ାର ଗୁରୁଚରଣ ମହାନ୍ତି ସେହି ସମୟରେ ଇଂଲଣ୍ଡରୁ ଫେରିଥାଆନ୍ତି । ସେ ବିଲାତରେ ଥିଲାବେଳେ ପ୍ରଗତିବାଦୀ ରାଜନୀତି ଓ ଶ୍ରମିକ ଦଳରେ ମିଶିଥିଲେ । ସେ ହିଁ ନବବାବୁଙ୍କୁ ସମାଜବାଦୀ ଚିନ୍ତାଧାରା ଦିଗରେ ଆକୃଷ୍ଟ କରାଇଥିଲେ । ଗୁରୁଚରଣବାବୁ ବହୁବାର ତରିକୁନ୍ଦ ଫାର୍ମ ଘରକୁ ଆସୁଥିଲେ ଓ ନବବାବୁଙ୍କର ତାଙ୍କ ସହିତ ବେଶ୍ ମେଳ ଥିଲା । ଦୁର୍ଭାଗ୍ୟକୁ ସେ ଅଳ୍ପକାଳ ପରେ ଯକ୍ଷ୍ମା ରୋଗରେ ଦେହ ତ୍ୟାଗ କରିଥିଲେ ।

Digitized by PPRACHIN, SOA

ସ୍ୱାଧୀନତା ଆନ୍ଦୋଳନରେ ଝାସ

ଲବଣ ସତ୍ୟାଗ୍ରହ

କଂଗ୍ରେସ ଆନ୍ଦୋଳନର ଏକ ଗୌରବମୟ ଅଧ୍ୟାୟ ହେଉଛି ଲବଣ ସତ୍ୟାଗ୍ରହ । ଗୁଜୁରାଟ ପରେ ଓଡ଼ିଶାରେ ହିଁ ଏହା ବ୍ୟାପକ ଆକାର ଧାରଣ କରିଥିଲା । ସେହି ଲବଣ ସତ୍ୟାଗ୍ରହ ବେଳକୁ ଇଂରେଜ ସରକାରର ଲୁଣମରା ଆଇନ୍‌କୁ ଭାଙ୍ଗିବା ଛଡ଼ା ଚୌକିଦାରୀ ଟିକସ ନ ଦେବା ପାଇଁ ଆନ୍ଦୋଳନ ହୋଇଥିଲା । ଉତ୍ତର ବାଲେଶ୍ୱରର ବାଲିଆପାଳ ଭୋଗରାଇ ଅଞ୍ଚଳରେ ଏହା ବିଶେଷ ଭାବରେ ସଙ୍ଗଠିତ ହୋଇଥିଲା । ନବକୃଷ୍ଣ ଚୌଧୁରୀ ଲବଣ ସତ୍ୟାଗ୍ରହରେ ଅଂଶ ଗ୍ରହଣ ନ କରି ବାଲେଶ୍ୱରର ଶ୍ରୀଜଙ୍ଗଠାରେ ଟିକସବନ୍ଦ ଆନ୍ଦୋଳନରେ ନେତୃତ୍ୱ ନେଇ ୧୯୩୦ ମସିହା ଜୁଲାଇ ମାସରେ ପ୍ରଥମଥର ପାଇଁ ଜେଲ ଯାଇଥିଲେ ଓ ପ୍ରାୟ ୪ ମାସ ପରେ ନଭେମ୍ବର ୮ ତାରିଖରେ ଖଲାସ ହୋଇଥିଲେ । ଏହି ସମୟରେ ସେ କଟକ ଜେଲରେ ୧୪ ନମ୍ବର ୱାର୍ଡ଼ରେ ବହୁ ତରୁଣ ସତ୍ୟାଗ୍ରହୀ ବନ୍ଦୀଙ୍କ ସହ ରହିବାର ସୁଯୋଗ ଲାଭ କରିଥିଲେ । ନୂଆ ହୋଇ ଜେଲ ଭିତରକୁ ଆସିଥିବା ତରୁଣ ବନ୍ଦୀମାନଙ୍କ ମନକୁ ହାଲୁକା କରିବା ଲାଗି ସେ ସେମାନଙ୍କ ସହିତ ତାସ୍, ଚେସ୍ ଓ ଡୁଡୁ ଖେଳୁଥିଲେ ।

ତରୁଣ ବନ୍ଦୀମାନଙ୍କ ମନକୁ ହାଲୁକା କରିବା ପାଇଁ ନବକୃଷ୍ଣ ଚୌଧୁରୀ ସବୁ କିଛି କରୁଥିଲେ ବି ବନ୍ଦିଶାଳାରେ ତାଙ୍କ ମନରେ ନିଆଁ ଜଳୁଥିଲା । ସେ ବନ୍ଦିଶାଳାରୁ ଫେରିଲା ବେଳକୁ ଭାଇ ଗୋପବନ୍ଧୁ ଚୌଧୁରୀ ହଜାରିବାଗ୍ ଜେଲ୍‌ରେ ଥିଲେ । ନବବାବୁ ତାଙ୍କୁ ଯେଉଁ ଚିଠି ଲେଖିଥିଲେ ତହିଁରୁ ତାଙ୍କର ସେ ବେଳର ମନୋଭାବ ଜଣାପଡ଼େ । ତାହାର କିଛି ଅଂଶ ଏହିପରି :

ମୋର ଦେହ ମନ ଭଲ ଅଛି । ଚାରିମାସ ବସିଯାଇଁ କାମ କରିବାକୁ ଅସ୍ଥିର ହୋଇପଡ଼ିଛି, ବୁଢ଼ା (ଗାନ୍ଧି) ନିର୍ଭୟତା ସମ୍ପର୍କରେ ଯାହା ଲେଖୁଛି ତାକୁ ଅକ୍ଷରେ ଅକ୍ଷରେ ପାଳିବାକୁ ହେବ ବୋଲି ମୁଁ ଉପଲବ୍ଧି କରୁଛି । ଆମ

Digitized by PPRACHIN, SOA

ଏଠି ସମ୍ପତ୍ତି ନାଶର ଭୟ ସବୁଠାରୁ ବଦ୍ଧମୂଳ । ମୁଁ ଆମ ନେତା ଓ କର୍ମୀମାନଙ୍କ କଥା କହୁଛି, ଲୋକଙ୍କର ତ ଏ ଭୟ ରହିବା କଥା । ବରଂ ଆମର ଲୋକେ ଅତ୍ୟନ୍ତ ଗରିବ ବୋଲି ଅନ୍ୟ ପ୍ରଦେଶ ଲୋକଙ୍କଠାରୁ ଏଠିକା ଲୋକଙ୍କ ପକ୍ଷରେ ଭୟ ଛାଡ଼ିବା ସହଜସାଧ । ଦରକାର ଖାଲି ଆଦର୍ଶ । କହିବା ବାହୁଲ୍ୟ ଯେ, ଏ ସମ୍ପର୍କରେ ଭୟହୀନତାର ଆଦର୍ଶ ଆମେ କେହି ଦେଖାଇ ନାହୁଁ, ମୁଁ ପୁଣି ବାଧ ହୋଇ ବିଶ୍ରାମ ନେବା ପୂର୍ବରୁ ଏହି ଭାବଟି ଆମ ସହକର୍ମୀମାନଙ୍କ ମଧରେ ପୂରାଇବାକୁ ଚାହେଁ ଏବଂ ଏହିପରି ଗୋଟିଏ ଭୟହୀନ ସର୍ବତ୍ୟାଗୀ ଦଳ ସୃଷ୍ଟି କରିବାକୁ ଚାହେଁ ।

ମୁଁ ଉପଲବ୍ଧି କରୁଛି ଯେ ଯେଉଁ ତ୍ୟାଗର ସୀମା ଅଛି; ଅର୍ଥାତ୍ ଏତିକି ତ୍ୟାଗ କରିବି ଆଉ କରିପାରିବି ନାହିଁ, ସେ ତ୍ୟାଗ, ତ୍ୟାଗ ନୁହେଁ । ମୋ ମତରେ ଆମେ ଶକ୍ତି ଲଗାଇ କାମ କଲା ପରେ, ସର୍ବସ୍ୱ ତ୍ୟାଗ କଲା ପରେ, ଯଦି ଆମ ପରେ କେହି ବାହାରି କାମ ନ ଚଳାନ୍ତି, ତାହାହେଲେ ବି ଦୁଃଖ କରିବା ଉଚିତ ନୁହେଁ । ଏହି ଭାବରେ କାମ ନ କଲେ ଆମ ଉତ୍କଳରେ ଅନ୍ତତଃ କିଛି କାମ ହେବ ନାହିଁ, କେବଳ ସମୟ ଗଣିବା ହିଁ ସାର ହେବ । କାରଣ ଏଠି ଏତେ ଅଳ୍ପସଂଖ୍ୟକ ଲୋକ ବାହାରିଛନ୍ତି ଯେ ସେମାନେ ସବୁବେଳେ ଶେଷ ପର୍ଯ୍ୟନ୍ତ କୌଣସିମତେ କାମଟା ଚଳାଇବା କଥା ଭାବନ୍ତି । ତାହାହେଲେ ଯେଉଁ କାମରେ ରିସ୍କ ଅଛି ସେ କାମରେ ହାତ ଦେବେ ନାହିଁ - ଅର୍ଥାତ୍ ଯେଉଁ ଭାବ ନେଇ ଆନ୍ଦୋଳନ ଚଳାଇବା କଥା ଠିକ୍ ସେହି ଅନୁସାରେ କାମ କରିପାରିବେ ନାହିଁ । ତା'ଠାରୁ ଶତଗୁଣ ଶ୍ରେୟଃ ଅଳ୍ପସଂଖ୍ୟକ ଲୋକ ଗୋଟିଏ ଜ୍ୱଳନ୍ତ ଆଦର୍ଶ ଦେଖାଇ ଅସୀମ ସାହସ ଓ ନିର୍ଭୀକତାର ପରିଚୟ ଦେଇ ଯିବେ । ତାହାହେଲେ ଆଉ କିଛି ନ ହେଉ: ଭବିଷ୍ୟତ୍ ବଂଶଧରମାନେ ସେଥିରୁ ପ୍ରେରଣା ପାଇବେ ।

ଏହି ପତ୍ରଟିରୁ ନବକୃଷ୍ଣ ଚୌଧୁରୀଙ୍କ ଜୀବନାଦର୍ଶ ପରିସ୍ଫୁଟ ହୋଇଯାଏ ଏବଂ ଜୀବନର ଶେଷ ପର୍ଯ୍ୟନ୍ତ ସେ ଏହି ପଥରେ ଅବିଚଳିତ ରହିଥିଲେ । ୧୯୩୧ ମସିହାରେ ଗାନ୍ଧି ଇର୍‌ୱଇନ୍ ଚୁକ୍ତି ହେବା ପରେ ପୁରୀଠାରେ କଂଗ୍ରେସ ଅଧିବେଶନ ବସିବ ବୋଲି ସ୍ଥିର ହେଲା । ତାହାର ପରିଚାଳନା ଲାଗି ହିନ୍ଦୁସ୍ତାନୀ ସେବାଦଳର ଏକ ସ୍ୱେଚ୍ଛାସେବକ ତାଲିମ ଶିବିର ଆୟୋଜନ କରାଯାଇଥିଲା । ନବକୃଷ୍ଣ ଚୌଧୁରୀ ସେଥିରେ ଯୋଗ ଦେଇଥିଲେ । କିନ୍ତୁ ୧୯୩୨ ମସିହାରେ ପୁଣି ଆନ୍ଦୋଳନ ଆରମ୍ଭ ହେବାରୁ ନବବାବୁ ଗିରଫ ହୋଇ ପ୍ରଥମେ କଟକ

Digitized by PPRACHIN, SOA

ଜେଲରେ ଓ ପରେ ହଜାରିବାଗ୍ ଜେଲ୍‌ରେ ବନ୍ଦୀ ହୋଇ ରହିଲେ । ସେତିକିବେଳକୁ ମାଲତୀଦେବୀଙ୍କ ପୁଅ କାଲୁର (ବିନାୟକ) ଜନ୍ମ । ମାଲତୀଦେବୀ ତିନିବର୍ଷର ଝିଅ ଉତ୍ତରାକୁ ଶାଶୂଙ୍କ ପାଖରେ ଛାଡ଼ି କଅଁଳା ପୁଅ କାଲୁକୁ ନେଇ ଜେଲ୍‌ରେ ରହିଲେ । ଗୋପବନ୍ଧୁ ଚୌଧୁରୀ, ମନମୋହନ ଚୌଧୁରୀ, ରମାଦେବୀ ବି ବନ୍ଦୀ ହୋଇ ହଜାରିବାଗ୍ ଜେଲ୍‌ରେ ରହିବାରୁ ଜେଲ୍ ସେଥରକ ସେମାନଙ୍କ ଲାଗି ଘର ଭଳି ହୋଇଗଲା ।

ସମାଜବାଦୀ ନବକୃଷ୍ଣ

ଏହିଥର ଜେଲ୍‌ରେ ରହିଲା ବେଳେ ନବକୃଷ୍ଣ ଚୌଧୁରୀ ଗାନ୍ଧିଙ୍କ ଅହିଂସ ଅସହଯୋଗ ଆନ୍ଦୋଳନ ବଦଳରେ କିଛି ଟାଣୁଆ କାର୍ଯ୍ୟକ୍ରମ ନେବା କଥା ଚିନ୍ତା କରୁଥାନ୍ତି, ଠିକ୍ ଏହି ସମୟରେ ମିନୁ ମାସାନୀ, ୟୁସୁଫ୍ ମେହେରଲି; ଅଶୋକ ମେହେତା ଓ ଜୟପ୍ରକାଶ ନାରାୟଣ ଆଦି ନେତା ଜେଲ ଭିତରେ ସେହିଭଳି ଭାବୁଥିଲେ । ତେବେ ଦେଶର ମୁକ୍ତି ଦିଗରେ ଗାନ୍ଧିଜୀଙ୍କ ନେତୃତ୍ୱକୁ କେହି ଅସ୍ୱୀକାର କରିପାରୁ ନ ଥିଲେ ।

ହଜାରିବାଗ୍ ଜେଲ୍‌ରୁ ଖଲାସ ହେଲା ପରେ ନବକୃଷ୍ଣ ଚୌଧୁରୀଙ୍କ ଜୀବନର ନୂତନ ଅଧ୍ୟାୟ ଆରମ୍ଭ ହେଲା । ସେପର୍ଯ୍ୟନ୍ତ କଂଗ୍ରେସ ଦଳ ଥିଲା ଓକିଲ, ଛୋଟ ଜମିଦାର, ବଡ଼ ଜମିମାଲିକ ଓ ଡାକ୍ତରମାନଙ୍କ ଦଳ; ଯଦିଓ କିଛି ସାଧାରଣ ଲୋକ ଗାନ୍ଧିଙ୍କ ଆହ୍ୱାନରେ ସେଥିରେ ଯୋଗ ଦେଇଥିଲେ । ଜନସାଧାରଣଙ୍କ ମୌଳିକ ସମସ୍ୟାର ସମାଧାନ ସେମାନଙ୍କ କାର୍ଯ୍ୟକ୍ରମ ଭିତରେ ନ ଥିଲା ।

ଓଡ଼ିଶାର ସାଧାରଣ ଲୋକଙ୍କ ମୌଳିକ ସମସ୍ୟାକୁ ହାତକୁ ନେବା ଏବଂ ସେମାନଙ୍କୁ କଂଗ୍ରେସ ଦଳ ସହିତ ସଂଶ୍ଳିଷ୍ଟ କରିବା ଲାଗି ପ୍ରଥମ ଉଦ୍ୟମ ହୁଏ ତରିକୁନ୍ଦସ୍ଥ ଚାଷ ଘରେ । ସେଠାରେ ପ୍ରଥମେ ଏକ 'ଅନୁଶୀଳନ କ୍ୟାମ୍ପ୍' ଆରମ୍ଭ ହୁଏ ଏବଂ କଂଗ୍ରେସ ସଙ୍ଗଠନ ମଧ୍ୟରେ ଏକ ସାମ୍ୟବାଦୀ ଶାଖା ଗଠନ ପାଇଁ ନିଷ୍ପତ୍ତି ନିଆଯାଏ । ୧୯୩୩ ଫେବୃଆରୀ ମାସରେ ଏହି ଉଦ୍ଦେଶ୍ୟରେ ଯେଉଁ ଐତିହାସିକ ବୈଠକ ଡକାଯାଇଥିଲା ତହିଁରେ ଯୋଗ ଦେଇଥିଲେ ଗୌରଚନ୍ଦ୍ର ଦାସ, ଗୌରାଙ୍ଗଚରଣ ଦାସ, ସୁଧୀରଚନ୍ଦ୍ର ଘୋଷ, ଡାକ୍ତର ନୃପେନ୍ ସେନ୍, ମନମୋହନ ଚୌଧୁରୀ ଓ ସୁରେନ୍ଦ୍ରନାଥ ଦ୍ୱିବେଦୀ । ହରେକୃଷ୍ଣ ମହତାବଙ୍କୁ ସେହି ବୈଠକକୁ ନିମନ୍ତ୍ରଣ କରାଯାଇଥିଲା । ସେ କରୁଣାକର ପାଣିଗ୍ରାହୀ ଆଦି କେତେକ

Digitized by PPRACHIN, SOA

ଦର୍ଶକଙ୍କୁ ସେଠାକୁ ପଠାଇଥିଲେ । ସେହି ରାତିର ଗୋପନ ଆଲୋଚନା ପରେ 'ଉତ୍କଳ କଂଗ୍ରେସ ସାମ୍ୟବାଦୀ କର୍ମୀ ସଂଘ' ନାମକ ଏକ ସଙ୍ଗଠନ ଗଢ଼ାଗଲା । ସେତେବେଳେ ସୋସାଲିଷ୍ଟ ବା ସମାଜବାଦୀ ଅର୍ଥରେ ସାମ୍ୟବାଦୀ ଶବ୍ଦ ବ୍ୟବହାର ହେଉଥିଲା । ଏହି ଘଟଣା ପରେ ପରେ ରବି ଘୋଷ, ପ୍ରାଣନାଥ ପଟ୍ଟନାୟକ, ମୋହନ ଦାସ, ଭଗବତୀ ପାଣିଗ୍ରାହୀ, ଦିବାକର ପଟ୍ଟନାୟକ, ଗତିକୃଷ୍ଣ ସ୍ୱାଇଁ ଏବଂ ଲୋକନାଥ ରାୟ ଆଦି ଏହି ସଙ୍ଗଠନରେ ଯୋଗ ଦେଇଥିଲେ । ଅବଶ୍ୟ ନୃପେନ୍ ସେନ୍ ଓ ସୁଧୀର ଘୋଷ ଏହା ସହିତ ବେଶି ଦିନ ରହିପାରିଲେ ନାହିଁ ଓ ମନମୋହନ ଚୌଧୁରୀ ବାପାଙ୍କ ନିର୍ଦ୍ଦେଶରେ ଗାନ୍ଧିବାଦୀ ନେତା ସତୀଶଚନ୍ଦ୍ର ଦାସଗୁପ୍ତଙ୍କ ସୋନପୁର ଆଶ୍ରମରେ ତାଲିମ ପାଇବାକୁ ଚାଲିଗଲେ । ସେହିଠାରେ ବିଚାର ହେଲା ଯେ ସାମ୍ୟବାଦୀ ହେବାକୁ ହେଲେ ସର୍ବହରା ହେବାକୁ ପଡ଼ିବ ଓ ସାଧାରଣ ଲୋକଙ୍କ ସହିତ ନିଜକୁ ମିଶାଇବାକୁ ପଡ଼ିବ । ନିଜର କାର୍ଯ୍ୟ ଓ ଆଚରଣରେ ଏହା ପ୍ରତିଫଳିତ ନ ହେଲେ ଲୋକେ ଏହି ଆଦର୍ଶକୁ ବିଶ୍ୱାସ କରିବେ ନାହିଁ । ଏହି ବିଚାରକୁ ପ୍ରଥମେ କାର୍ଯ୍ୟକାରୀ କରାଗଲା ନବକୃଷ୍ଣ ଚୌଧୁରୀଙ୍କ କୃଷି ଫାର୍ମରେ । ସେ ଏହାକୁ 'ଉତ୍କଳ କଂଗ୍ରେସ ସାମ୍ୟବାଦୀ କର୍ମୀ ସଂଘ' ମାର୍ଫତରେ ଦେଇଥିଲେ । ସାମ୍ୟବାଦର ବାର୍ତ୍ତାବହ ଭାବରେ ସେହି ବର୍ଷ ମଇ ପହିଲା ବେଳକୁ 'ସାରଥି' ନାମକ ଏକ ସାପ୍ତାହିକ ପତ୍ରିକା ବାହାରିଲା । ମାଳତୀଦେବୀଙ୍କ ଅଳଙ୍କାର ବିକାଯାଇ ସେହି ପତ୍ରିକା କିଛିକାଳ ଚାଲିଥିଲା । ମାର୍କ୍ସଙ୍କ ବିଖ୍ୟାତ ଆହ୍ୱାନ, 'ଦୁନିଆର ଶ୍ରମିକ ଏକ ହୁଅ', ଏହାର ମଲାଟରେ ଛପା ଯାଇଥିଲା ।

ସାମ୍ୟବାଦୀ ଆନ୍ଦୋଳନର ଅୟମାରମ୍ଭ ସ୍ୱରୂପ ୧୯୩୩ ମଇ ପହିଲା ଦିନକୁ ପାଳନ କରାଯିବାର ସିଦ୍ଧାନ୍ତ ହେଲା । ସେହି ସମୟରେ କଟକର ଯଦିଓ ଅଳ୍ପସଂଖ୍ୟକ ଶ୍ରମିକ ଥିଲେ ସେମାନଙ୍କୁ ମନେଇ ସଙ୍ଗଠନ ମଧ୍ୟକୁ ଆଣିବା ହଠାତ୍ ସମ୍ଭବପର ହେଉ ନ ଥାଏ । ଏଣୁ ସାରଥି ଛାପା ହେଉଥିବା କବିରାଜ ରାଧାନାଥ ଶତପଥୀଙ୍କ ହାତଚଳା ପ୍ରେସ୍‌ର ଦୁଇଜଣ ଶ୍ରମିକ ଆଉ ବାରଜଣ ସୋସାଲିଷ୍ଟ ସେଦିନ ଓଡ଼ିଶାରେ ପ୍ରଥମ କରି ମଇ ଦିବସ ପାଳନ କଲେ । ଏଇ ଚଉଦଜଣ ଉକ୍ତ ପ୍ରେସ୍‌ରୁ ପ୍ଲାକାର୍ଡ଼ ଧରି 'ଦୁନିଆର ଶ୍ରମିକ ଏକ ହୁଅ' ଧ୍ୱନି ଦେଇ ସହରର ମୁଖ୍ୟ ରାସ୍ତାରେ ଶୋଭାଯାତ୍ରା କରି ଗୌରୀଶଙ୍କର ପାର୍କରେ ଏକ ସଭା କଲେ । ନବବାବୁ ସେ ଶୋଭାଯାତ୍ରାର ଆଗରେ ଚାଲୁଥିଲେ । ସଭାରେ ସେ ମଇ

Digitized by PPRACHIN, SOA

ଦିବସର ତାତ୍ପର୍ଯ୍ୟ ବୁଝାଇଲେ । ସେ ପର୍ଯ୍ୟନ୍ତ କଂଗ୍ରେସ ଶୋଭାଯାତ୍ରାରେ 'ମହାତ୍ମା ଗାନ୍ଧି କି ଜୟ', 'ଭାରତ ମାତାକୀ ଜୟ' ଭଳି ଧ୍ୱନି ଶୁଣିବାକୁ ମିଳୁଥିଲା । ଏଣୁ 'ଦୁନିଆର ଶ୍ରମିକ ଏକ ହୁଅ' ଧ୍ୱନି ଥିଲା କଟକ ପାଇଁ ସମ୍ପୂର୍ଣ୍ଣ ଅଭିନବ । ସେହି ସମୟରେ ହିଁ ସର୍ବଭାରତୀୟ ସ୍ତରରେ କଂଗ୍ରେସ ସୋସାଲିଷ୍ଟ ପାର୍ଟି ଗଠିତ ହୋଇଥିଲା । ଏହି ଦୃଷ୍ଟିରେ ଦେଖିଲେ କଂଗ୍ରେସ ସୋସାଲିଷ୍ଟ ପାର୍ଟିର ଅଧିବାସ ଯେ ଓଡ଼ିଶାରେ ଏବଂ ନବକୃଷ୍ଣ ଚୌଧୁରୀଙ୍କ ନେତୃତ୍ୱରେ ହୋଇଥିଲା ବୋଲି କହିବା ଅସମୀଚୀନ ହେବ ନାହିଁ । ଅବଶ୍ୟ ଅଳ୍ପ ସମୟ ପରେ ସେ 'ଉତ୍କଳ କଂଗ୍ରେସ ସାମ୍ୟବାଦୀ କର୍ମୀ ସଂଘ'କୁ ସର୍ବଭାରତୀୟ କଂଗ୍ରେସ ସୋସାଲିଷ୍ଟ ପାର୍ଟି ଅନ୍ତର୍ଭୁକ୍ତ କରାଇଥିଲେ ।

ଏହି ସମୟରେ ନବକୃଷ୍ଣ ଚୌଧୁରୀ କିଭଳି ଅସ୍ଥିର ହୋଇପଡ଼ିଥିଲେ ଓ କଂଗ୍ରେସର ସେ ପର୍ଯ୍ୟନ୍ତ ହୋଇଆସିଥିବା କାର୍ଯ୍ୟଧାରାରୁ ଅଧିକ ସକ୍ରିୟ କିଛି କରିବା ଲାଗି ବ୍ୟଗ୍ର ହୋଇପଡ଼ିଥିଲେ ତାହା ତାଙ୍କର ୧୯୩୩ ମସିହା ସେପ୍ଟେମ୍ବର ୮ ଓ ୯ ତାରିଖରେ ଜବାହରଲାଲ ନେହେରୁଙ୍କୁ ଲେଖିଥିବା ଚିଠିରୁ ଜଣାପଡ଼େ । ସେହି ଚିଠିରେ ସେ ଗାନ୍ଧିଜୀଙ୍କର 'ୟଙ୍ଗ୍ ଇଣ୍ଡିଆ'ର ୧୯୩୧ ଜୁନ୍ ୧୮ ତାରିଖର ଏକ ଲେଖାର ନକଲ ମଧ୍ୟ ପଠାଇଥିଲେ । ଗାନ୍ଧିଜୀଙ୍କର ସେହି ଲେଖାର ବୈପ୍ଳବିକ ନିର୍ଦ୍ଦେଶ ନବକୃଷ୍ଣ ଚୌଧୁରୀଙ୍କୁ ଖୁବ୍ ପ୍ରଭାବିତ କରିଥିଲା । ୧୯୩୩ ଅକ୍ଟୋବର ୧୫ ତାରିଖରେ ନେହେରୁ ସେହି ଚିଠିର ଉତ୍ତର ଦେଇଥିଲେ । ଏହି ସମୟଠାରୁ ନେହେରୁଙ୍କ ସହିତ ତାଙ୍କର ପ୍ରାୟ ତିରିଶ ବର୍ଷ ଧରି ଗଭୀର ସମ୍ପର୍କ ରହି ଆସିଥିଲା ।

କଂଗ୍ରେସ ସୋସାଲିଷ୍ଟ ପାର୍ଟି

୧୯୩୩ ମସିହାରେ ଜୟପ୍ରକାଶ ନାରାୟଣ, ମିନୁ ମାସାନୀ, ଅଚ୍ୟୁତ ପଟ୍ଟବର୍ଦ୍ଧନ ଓ ଅଶୋକ ମେହେତା ଆଦି ବର୍ଷେ କାଳ ମହାରାଷ୍ଟ୍ରର ନାସିକ ଜେଲ୍‌ରେ ବନ୍ଦୀ ହୋଇଥିଲେ । ସେହି ସମୟରେ ସେମାନେ ସୋସାଲିଷ୍ଟ ପାର୍ଟି ଗଢ଼ିବାର ନିଷ୍ପତ୍ତି ନେଇଥିଲେ । ସେମାନେ ରୁଷୀୟ ସାମ୍ୟବାଦକୁ ବହୁ ପରିମାଣରେ ମଡେଲ୍ ଭାବରେ ନେଇଥିଲେ ବି ଭାରତୀୟ କ୍ଷେତ୍ରରେ ଗାନ୍ଧି ଓ କଂଗ୍ରେସକୁ ବାଦ୍ ଦେଇ ତିଷ୍ଠିବା ଅସମ୍ଭବ ମନେକରି କଂଗ୍ରେସକୁ ସମାଜବାଦୀ ଢାଞ୍ଚାରେ ପକାଇବାକୁ ଅଧିକ ସମୀଚୀନ ମନେକଲେ । ଏଣୁ ପ୍ରସ୍ତାବିତ ଗୋଷ୍ଠୀର ନାମ

Digitized by PPRACHIN, SOA

'କଂଗ୍ରେସ ସୋସାଲିଷ୍ଟ ପାର୍ଟି' ରଖିଲେ । କଂଗ୍ରେସ ତରଫରୁ କେତେକଙ୍କଠାରୁ ବିରୋଧ ଦେଖା ଦେଇଥିଲେ ମଧ୍ୟ ଜବାହରଲାଲ ନେହେରୁଙ୍କ ସମର୍ଥନ ଯୋଗୁଁ ଏଥିଲାଗି ବିଶେଷ ଅସୁବିଧା ଦେଖା ଦେଇ ନ ଥିଲା । ବିହାର ଓ ଉତ୍ତରପ୍ରଦେଶରୁ ଏବଂ ବମ୍ବେରୁ ବହୁ ବିଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଏଥିରେ ଯୋଗ ଦେଲେ । ସେମାନଙ୍କ ମଧ୍ୟରେ ଆଚାର୍ଯ୍ୟ ନରେନ୍ଦ୍ର ଦେବ ଏବଂ ଗଙ୍ଗାଶରଣ ସିଂହଙ୍କ ନାମ ଉଲ୍ଲେଖଯୋଗ୍ୟ ।

୧୯୩୪ ଅକ୍ଟୋବର ୨୧ ଓ ୨୨ ତାରିଖରେ ବମ୍ବେର ୱାର୍ଲିଠାରେ ସର୍ବଭାରତୀୟ କଂଗ୍ରେସ ସୋସାଲିଷ୍ଟ ପାର୍ଟି ସମ୍ମିଳନୀ ବସିଥିଲା । ସେଥିଲାଗି ସବୁ ପ୍ରଦେଶରେ ଊଣାଅଧିକେ ଉତ୍ସାହ ଦେଖାଯାଇଥିଲା ଓ ସବୁଆଡୁ ପ୍ରତିନିଧି ଆସିଥିଲେ । ଏହି ଉଦ୍ଦେଶ୍ୟରେ ନବକୃଷ୍ଣ ଚୌଧୁରୀଙ୍କ ବାଖରାବାଦ ଘରେ ଏକ ସମ୍ମିଳନୀ ବସି 'ଉତ୍କଳ କଂଗ୍ରେସ ସାମ୍ୟବାଦୀ କର୍ମୀସଂଘ'କୁ ସର୍ବଭାରତୀୟ 'କଂଗ୍ରେସ ସୋସାଲିଷ୍ଟ ପାର୍ଟି'ରେ ମିଶାଇ ଦେବା ଲାଗି ନିଷ୍ପତ୍ତି କରାଗଲା । ସେହି ପ୍ରଥମ ଅଧିବେଶନରେ ପ୍ରାଣନାଥ ପଟ୍ଟନାୟକ କଂଗ୍ରେସ ସୋସାଲିଷ୍ଟ ପାର୍ଟିର ଓଡ଼ିଶା ଶାଖାର ପ୍ରଥମ ସଭାପତି ଭାବରେ ନିର୍ବାଚିତ ହେଲେ । ନବକୃଷ୍ଣ ଚୌଧୁରୀ ରହିଲେ ସାଧାରଣ ସମ୍ପାଦକ ଓ ମାଳତୀଦେବୀ ହେଲେ କୋଷାଧ୍ୟକ୍ଷ । ପରବର୍ଷ ଭଗବତୀ ପାଣିଗ୍ରାହୀ ହୋଇଥିଲେ ଓଡ଼ିଶା କଂଗ୍ରେସ ସୋସାଲିଷ୍ଟ ପାର୍ଟିର ସାଧାରଣ ସମ୍ପାଦକ । ୱାର୍ଲି ସମ୍ମିଳନୀରୁ ଫେରି କଂଗ୍ରେସ ସୋସାଲିଷ୍ଟମାନେ ଓଡ଼ିଶାରେ ନିଜର କାର୍ଯ୍ୟକ୍ରମ ଭାବରେ ଚାଷୀ ଆନ୍ଦୋଳନ ଆରମ୍ଭ କଲେ । କାରଣ ସେତେବେଳକୁ ଓଡ଼ିଶାରେ ଶ୍ରମିକ ଶ୍ରେଣୀ ନ ଥାଏ ଓ ମୂଲିଆମାନଙ୍କୁ ସଙ୍ଗଠିତ କରିବାର ପରିସ୍ଥିତି ନ ଥିଲା । ଏଣୁ ସେମାନେ ଜମିଦାରଙ୍କ ଶୋଷଣ ଓ ଅତ୍ୟାଚାରରେ ତଳିତଳାନ୍ତ ହୋଇପଡୁଥିବା ଚାଷୀଙ୍କୁ ସଙ୍ଗଠିତ କରିବାରେ ଲାଗିଲେ । ତଥାପି କୃଷକ ଆନ୍ଦୋଳନ ପାଇଁ ଧ୍ୱନି ଥିଲା 'ଚାଷୀ ମୂଲିଆ ଏକ ହୁଅ', 'ଜମିଦାରି ଶୋଷଣ ଲୋପ ପାଉ' । କୃଷକମାନଙ୍କ ସଙ୍ଗଠନ ଗଢ଼ିବା ପୂର୍ବରୁ ସେମାନଙ୍କର ବିଭିନ୍ନ ସମସ୍ୟା ହାତକୁ ନିଆଯାଇଥିଲା । ସେତେବେଳକୁ ଓଡ଼ିଶାରେ ବାରମ୍ବାର ପ୍ରବଳ ବନ୍ୟା ହୋଇ ଚାଷୀ ସର୍ବସ୍ୱାନ୍ତ ହେଉଥିଲା । ଫସଲ ସମୂଳେ ନଷ୍ଟ ହେଲେ ବି ଚାଷୀକୁ ଖଜଣାରୁ ତ୍ରାହି ମିଳୁ ନ ଥିଲା । ଏଣୁ ବନ୍ୟା ସମୟରେ ରିଲିଫ୍ କାମ କରିବା ଓ ଫସଲହାନି ବର୍ଷ ଖଜଣା ଛାଡ଼ ହେବା ଦାବି ନେଇ କୃଷକ ସଂଘର କର୍ମୀ ଓ ନେତାମାନେ ଲାଗିପଡ଼ିଥିଲେ । ଏହାରି ମାଧ୍ୟମରେ ଚାଷୀମାନଙ୍କର ଅନ୍ୟାନ୍ୟ ସମସ୍ୟାକୁ ବି ନିଆହେଲା ।

Digitized by PPRACHIN, SOA

୧୯୩୪ରୁ ୧୯୩୬ ମସିହା, ଏହି ତିନି ବର୍ଷ ମଧ୍ୟରେ ଓଡ଼ିଶାର କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାରେ କୃଷକ ଆନ୍ଦୋଳନ ବେଶ୍ ଆଗେଇଥିଲା । ଏହାଛଡ଼ା ଗଞ୍ଜାମ ଜିଲ୍ଲାରେ ବିଶ୍ୱନାଥ ଦାସ, ଉମାଚରଣ ପଟ୍ଟନାୟକ, ଦିବାକର ପଟ୍ଟନାୟକ ଓ ବନମାଳୀ ମହାରଣା ତଥା ଗୋବିନ୍ଦ ପ୍ରଧାନଙ୍କ ନେତୃତ୍ୱରେ ଯେଉଁ ରୟତ ଆନ୍ଦୋଳନ ହୋଇଥିଲା ନବକୃଷ୍ଣ ଚୌଧୁରୀ ସେସବୁ ସହିତ ସହଯୋଗ କରୁଥିଲେ ଓ ସଭାସମିତିରେ ଯୋଗ ଦେଉଥିଲେ । ଅନେକ ସମୟରେ ନବବାବୁ ନିଜେ ନ ଯାଇ ମାଳତୀଦେବୀ ଓ ଗୌରାଙ୍ଗ ଚରଣ ଦାସ ବା ସୁରେନ୍ଦ୍ର ଦ୍ୱିବେଦୀଙ୍କୁ ସେସବୁ ଅଞ୍ଚଳକୁ ପଠାଉଥିଲେ ।

ଓଡ଼ିଶାରେ ପ୍ରଥମ କୃଷକ ସମ୍ମିଳନୀ ୧୯୩୫ ଜୁନ୍ ୧୦ ତାରିଖରେ କଟକ ଟାଉନ୍‌ହଲ୍‌ରେ ହୋଇଥିଲା ଓ ସେଥିର ସଭାପତିତ୍ୱ କରିଥିଲେ ଗୋଦାବରୀଶ ମିଶ୍ର । ସେହି ବର୍ଷ ଅଗଷ୍ଟ ୧୦ ତାରିଖରେ ଓଡ଼ିଶା କୃଷକମାନଙ୍କର ଆନୁଷ୍ଠାନିକ ସଙ୍ଗଠନ 'କୃଷକ ସଂଘ' ଗଠନ କରାଯାଇଥିଲା । ତାହାର ପ୍ରଥମ ସଭାପତି ହୋଇଥିଲେ ହରେକୃଷ୍ଣ ମହତାବ ଓ ଯୁଗ୍ମ ସମ୍ପାଦକ ଥିଲେ ମାଳତୀଦେବୀ ଓ ସୁରେନ୍ଦ୍ର ଦ୍ୱିବେଦୀ ।

ସେହି ସମୟରେ ସାଧାରଣ ଲୋକେ ରାଜା, ଜମିଦାର ତ ଦୂରର କଥା ଗାଁ ଚୌକିଦାର ଓ ଜମିଦାରର ପିଅନକୁ ବି ଭୟ କରୁଥିଲେ । ଏଭଳି ପରିସ୍ଥିତିରେ ଚାଷୀ ସଙ୍ଗଠନ ଗଢ଼ିବା କିଭଳି କଷ୍ଟସାଧ୍ୟ ତାହା ଅନୁମାନ କରିହୁଏ । ଏପରି ପ୍ରତିକୂଳ ପରିସ୍ଥିତିରେ କୃଷକ ସଂଘର ନେତା ଓ କର୍ମୀମାନେ ଜମିଦାରୀ ଶୋଷଣ ବିରୋଧରେ ଭାଷଣମାନ ଦେଇ ଲୋକଙ୍କ ଡର ଛଡ଼ାଇଥିଲେ । କଂଗ୍ରେସ ଦଳ ଭିତରକୁ ଶହ ଶହ ସଂଖ୍ୟାରେ ଚାଷୀ ଓ ସାଧାରଣ ଲୋକ ଆସିବାକୁ ଲାଗିଲେ । ହରେକୃଷ୍ଣ ମହତାବ ବହୁ ଦିନ ପର୍ଯ୍ୟନ୍ତ ଓଡ଼ିଶା କୃଷକ ସଂଘର ସଭାପତି ଥିଲେ ଓ ବିଭିନ୍ନ ସଭା ସମ୍ମିଳନୀରେ ଯୋଗ ଦେଉଥିଲେ । ୧୯୩୫ ମସିହା ସେପ୍ଟେମ୍ବର ମାସ ପହିଲାକୁ ନିଖିଳ ଭାରତ କୃଷକ ଦିବସ ରୂପେ ପାଳନ କରାଯାଇଥିଲା । ସେହି ଉପଲକ୍ଷ୍ୟରେ ଓଡ଼ିଶାର କଟକ, ପୁରୀ, ବାଲେଶ୍ୱର ଓ ଗଞ୍ଜାମ ଜିଲ୍ଲାରେ ୧୫୦ଟି ସ୍ଥାନରେ ସଭା କରାଯାଇଥିଲା ।

ଆଜିକାଲିକାର ଯୁବକମାନେ ବିଶ୍ୱାସ କରିପାରିବେ ନାହିଁ ଯେ ମାତ୍ର ସତୁରୀ ବର୍ଷ ତଳେ ଛୋଟ ଛୋଟ ଜମିଦାରଙ୍କ ଘର ଆଗରେ କେହି ସଫା ଲୁଗା ପିନ୍ଧି

Digitized by PPRACHIN, SOA

ବା ଛତା ଧରି ଯାଇପାରୁ ନ ଥିଲେ । ଜୋତା ପିନ୍ଧି ଗଲେ ମାଡ଼ ଖାଉଥିଲେ । ଜମିଦାରଙ୍କୁ ଦେଖିଲେ କାକୁସ୍ଥ ହୋଇ ଚାଲୁଥିଲେ ଓ ବାକିଆ ଖଜଣା ଲାଗି ମାଡ଼ ଓ ନିର୍ଯାତନା ସହୁଥିଲେ ଏବଂ ଘର କୋରଖ ହେଉଥିଲା । ଚାଷୀମାନଙ୍କ ମଧ୍ୟରୁ କେହି ସମୃଦ୍ଧ ହୋଇଗଲେ ବା ହେଣ୍ଟିଲେ ସେମାନଙ୍କୁ ମାଡ଼ ମାରିବା ଲାଗି ଏକ ମୃଦଙ୍ଗ ଘର ଥିଲା । ସେ ଘରେ ମାଡ଼ ବେଳେ ମୃଦଙ୍ଗ ଶବ୍ଦର ମାଡ଼ ଖାଇବା ଲୋକର ଚିତ୍କାର ବାହାରେ ଶୁଭୁ ନ ଥିଲା । ଏଣୁ ବାଗଲପୁରରେ ଯେଉଁ ପ୍ରଥମ କୃଷକ ସମ୍ମିଳନୀ ହୋଇଥିଲା ସେଥିରେ ନବବାବୁ ପ୍ରଥମ ପ୍ରସ୍ତାବ ଦେଇଥିଲେ ଯେ ଜମିଦାର ବା ମହାଜନ (ସାହୁକାର)ଙ୍କୁ କେହି ମାଟିରେ ମୁଣ୍ଡ ଲଗାଇ ମୁଣ୍ଡିଆ ମାରିବେ ନାହିଁ, ସିଧା ଠିଆ ହୋଇ ନମସ୍କାର କରିବେ । ସେ ସମୟକୁ ଏହା ବି ଥିଲା ଅତି ବଡ଼ କଥା । ଜମିଦାର ଓ ମହାଜନମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରି ଚାଷୀମାନେ ତ ମାଡ଼ ଖାଉଥିଲେ, ଚାଷୀମାନଙ୍କ ନେତାମାନେ ବି ମାଡ଼ ଖାଉଥିଲେ । ଏହି ଚାଷୀ ନେତାମାନଙ୍କ ମଧ୍ୟରେ ମାଳତୀଦେବୀ, ମୋହନ ଦାସ, ଗତିକୃଷ୍ଣ ସ୍ୱାଇଁ, ପ୍ରାଣନାଥ ପଟ୍ଟନାୟକ, ଲୋକନାଥ ରାୟ, ଫନି ପାଲ, ପରମାନନ୍ଦ ମହାନ୍ତି ଆଦିଙ୍କ ନାମ ଉଲ୍ଲେଖଯୋଗ୍ୟ ।

ଖାଲି ଖଜଣା ବାକି ନୁହେଁ, ରାଜା ଓ ଜମିଦାରଙ୍କ ପୁଅ ଝିଅ ବିବାହ ବେଳେ ଓ ସୁନିଆଁ ବେଳକୁ ପ୍ରଜାମାନଙ୍କୁ ନାନା ପ୍ରକାର ଭେଟି ଦେବାକୁ ହେଉଥିଲା ଏବଂ ବିନା ମଜୁରିରେ ବେଠି ଖଟିବାକୁ ପଡୁଥିଲା । ଚାଷୀର ନିଜ ଜମିରେ ଥିବା ଗଛର ଫଳ ଓ ଏପରିକି ପତ୍ର ଉପରେ ଏବଂ ପୋଖରୀର ମାଛ ଉପରେ ଅଧିକାର ନ ଥିଲା । ଜମି କିଣିଲେ ଖରିଦଦାରକୁ ରେଜିଷ୍ଟ୍ରି ଖର୍ଚ୍ଚ ଛଡ଼ା ଏକ ଫିସ୍ ଦେବାକୁ ହେଉଥିଲା । ଏହି ଚାଷୀ ଆନ୍ଦୋଳନ ହିଁ ସେ ସମୟରେ କଂଗ୍ରେସ ଦଳର ମୁଖ୍ୟ କାମ ହୋଇଗଲା । ଗଣକବିମାନେ ଚାଷୀର ସମସ୍ୟା ସମ୍ପର୍କରେ ନାନା ଗୀତ ଲେଖି ଗାଇଲେ । ୧୯୩୭ ମସିହା ବେଳକୁ ଯେଉଁ ନିର୍ବାଚନ ହୋଇଥିଲା ତହିଁରେ ଚାଷୀମାନଙ୍କ ଗଛ ମାଛ ଉପରେ ଅଧିକାର, କଂଗ୍ରେସ ଦଳର ନିର୍ବାଚନ ଇସ୍ତାହାରର ଉଲ୍ଲେଖଯୋଗ୍ୟ ଘୋଷଣା ହୋଇଥିଲା ।

ବିଧାୟକ ନବକୃଷ୍ଣ

୧୯୩୭ ମସିହାର ପ୍ରଥମ ଭାଗରେ ଓଡ଼ିଶାରେ ସାଧାରଣ ନିର୍ବାଚନ ହେଲା । ସେତେବେଳକୁ କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, ଅନୁଗୋଳ ସହିତ

Digitized by PPRACHIN, SOA

ଗଞ୍ଜାମ ଓ କୋରାପୁଟ ଜିଲ୍ଲା ମିଶି ନୂଆ ଓଡ଼ିଶା ପ୍ରଦେଶ ହୋଇଥାଏ । ଓଡ଼ିଶା କଂଗ୍ରେସର ସଭାପତି ଥାଆନ୍ତି ନୀଳକଣ୍ଠ ଦାସ ଓ ସାଧାରଣ ସମ୍ପାଦକ ଥିଲେ ନବକୃଷ୍ଣ ଚୌଧୁରୀ । ୧୯୩୪ରୁ ୧୯୩୬ ମସିହା ପର୍ଯ୍ୟନ୍ତ କଂଗ୍ରେସ ସୋସାଲିଷ୍ଟମାନେ ହିଁ କଂଗ୍ରେସକୁ ସକ୍ରିୟ କରି ରଖିଥାନ୍ତି । ଏଣୁ ନବବାବୁ ସେତେବେଳକୁ ଖୁବ୍ ପ୍ରଭାବଶାଳୀ ନେତା ଭାବରେ ପ୍ରତିଷ୍ଠିତ ହୋଇ ସାରିଥିଲେ । ତାଙ୍କ ବନ୍ଧୁ ହରେକୃଷ୍ଣ ମହତାବ ୧୯୩୩ରୁ ୧୯୩୭ ମସିହା ପର୍ଯ୍ୟନ୍ତ ମୁଖ୍ୟତଃ ନିଜ ଗାଁ ଅଗରପଡ଼ାରେ ରହି ଯାହା କିଛି କରୁଥିଲେ । ସେ କେବଳ ବାଲେଶ୍ୱର ଜିଲ୍ଲା ଦାୟିତ୍ୱ ନେଇଥିଲେ ଓ ନୀଳକଣ୍ଠ ଦାସ ସମ୍ବଲପୁର, ଗଞ୍ଜାମ ଓ କୋରାପୁଟ ଜିଲ୍ଲା ଦାୟିତ୍ୱରେ ରହିଲେ । ନବକୃଷ୍ଣ ଚୌଧୁରୀଙ୍କ ଉପରେ ରହିଲା କଟକ ଓ ପୁରୀ ଜିଲ୍ଲାର ଦାୟିତ୍ୱ । ସେ ନିଜେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ଓ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ଥିଲେ ବିଖ୍ୟାତ ଓକିଲ ଚିନ୍ତାମଣି ଆଚାର୍ଯ୍ୟ । ସେଥର ଜବାହରଲାଲ ନେହେରୁ ଓଡ଼ିଶା ସମେତ ସାରା ଭାରତବର୍ଷ ବୁଲି ନିର୍ବାଚନ ପ୍ରଚାର କରିଥିଲେ । ଲୁଣମରା ଆନ୍ଦୋଳନ ଓ ଚାଷୀ ଆନ୍ଦୋଳନରେ କଂଗ୍ରେସର ପ୍ରଭାବ ଓ ଗାନ୍ଧିଙ୍କ ନାଁକୁ ନେଇ କଂଗ୍ରେସ ଦଳ ନିର୍ବାଚନ ଲଢ଼ି ସେଥର ୩୬ଟି ସାଧାରଣ ସ୍ଥାନରୁ ୩୫ଟି ସ୍ଥାନ ଦଖଲ କରିଥିଲେ । ଖାଲି ଓଡ଼ିଶା ନୁହେଁ ଭାରତବର୍ଷର ବହୁ ପ୍ରଦେଶରେ କଂଗ୍ରେସ ସଂଖ୍ୟାଗରିଷ୍ଠତା ଲାଭ କରିଥିଲା ।

ଏହି ନିର୍ବାଚନରେ ମୁଖ୍ୟ ପରିଚାଳକ ନୀଳକଣ୍ଠ ଦାସ ହୋଇଥିବାରୁ ସେ ପ୍ରଧାନମନ୍ତ୍ରୀ ହେବେ ବୋଲି ଆଶା କରିଥିଲେ । (ସେତେବେଳେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଧାନମନ୍ତ୍ରୀ କୁହାଯାଉଥିଲା) । କିନ୍ତୁ ଏକ କୌଶଳ କରାଯାଇ ତାଙ୍କୁ ସେଥିରୁ ବଞ୍ଚିତ କରାଯାଇଥିଲା । ଏହି ଚକ୍ରାନ୍ତର ମୁଖ୍ୟ ଥିଲେ ଭାଗୀରଥି ମହାପାତ୍ର, ହରେକୃଷ୍ଣ ମହତାବ, ନିତ୍ୟାନନ୍ଦ କାନୁନ୍‌ଗୋ ଓ ନବକୃଷ୍ଣ ଚୌଧୁରୀ । ନବକୃଷ୍ଣ ଚୌଧୁରୀଙ୍କ ବିରୋଧ ଥିଲା ଆଦର୍ଶଗତ କାରଣରୁ । କିନ୍ତୁ ହରେକୃଷ୍ଣ ମହତାବ ନିଜର ଭବିଷ୍ୟତ୍‌କୁ ନିଷ୍କଣ୍ଟକ କରିବାକୁ ଏଥିର ପୁରୋଧା ସାଜିଥିଲେ । ନୀଳକଣ୍ଠ ଦାସ ନିଜେ ବିଧାୟକ ନ ଥିବାରୁ ତାଙ୍କ ନାଁ ନେତା ନିର୍ବାଚନ କାଳରେ ଉଠିଲା ନାହିଁ । ଏହା ଲକ୍ଷ୍ୟ କରି ସେ ବିଶ୍ୱନାଥ ଦାସଙ୍କ ନାମ ପ୍ରସ୍ତାବ କଲେ । ସେମାନଙ୍କ ମଧ୍ୟରେ କୁଆଡ଼େ ବୁଝାମଣା ଥିଲା ଯେ ନେତା ନିର୍ବାଚନର କେତେ ମାସ ପରେ, ସେଥର ନିର୍ବାଚିତ ହୋଇଥିବା ମୋହନ ଦାସ ଇସ୍ତଫା ଦେବେ ଓ ନୀଳକଣ୍ଠ

Digitized by PPRACHIN, SOA

ଦାସ ତାଙ୍କ ସ୍ଥାନରେ ପୁଣି ନିର୍ବାଚିତ ହୋଇଆସିବେ । କିନ୍ତୁ ବିଶ୍ୱନାଥ ଦାସ ଯେପରି ଗାଦି ନ ଛାଡ଼ିବେ ଓ ମୋହନ ଦାସ ଯେଭଳି ଇସ୍ତଫା ନ ଦେବେ ସେଥିଲାଗି ଅନ୍ୟ ପକ୍ଷ ସବୁପ୍ରକାର ଯୋଜନା କଲେ । ଏଥିରେ ମର୍ମାହତ ହୋଇ ନୀଳକଣ୍ଠ ଦାସ କଂଗ୍ରେସ ଦଳରୁ ଦୂରେଇଗଲେ ।

୧୯୩୫ ଭାରତ ଶାସନ ଆଇନ୍ ଅନୁସାରେ ବିଧାନସଭା ଉପରେ ତତ୍କାଳୀନ ଛୋଟଲାଟଙ୍କର (ଗଭର୍ଣ୍ଣର୍) ଅଖଣ୍ଡ କ୍ଷମତା ଥିବାରୁ କଂଗ୍ରେସ ଦଳ ପ୍ରଥମେ ମନ୍ତ୍ରିମଣ୍ଡଳ ଗଠନ କରିବାକୁ ଅନିଚ୍ଛା ପ୍ରକାଶ କରିଥିଲେ । ଏଣୁ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ ପ୍ରଥମ କେତେ ମାସ ଓଡ଼ିଶାର ପ୍ରଧାନମନ୍ତ୍ରୀ ହୋଇଥିଲେ । କିନ୍ତୁ ପରେ ପରେ ବଡ଼ଲାଟ (ଗଭର୍ଣ୍ଣର ଜେନେରାଲ) ଓ ଗାନ୍ଧିଙ୍କ ମଧ୍ୟରେ ବୁଝାମଣା ହେବା ଫଳରେ ଓଡ଼ିଶା ସମେତ ଭାରତବର୍ଷର ବିଭିନ୍ନ ରାଜ୍ୟରେ କଂଗ୍ରେସ ଦଳ ମନ୍ତ୍ରିମଣ୍ଡଳ ଗଢ଼ିଲେ । ଯେଉଁମାନେ ବିଶ୍ୱନାଥ ଦାସଙ୍କୁ ପ୍ରଧାନମନ୍ତ୍ରୀ କରାଇଥିଲେ ସେମାନଙ୍କ ପରାମର୍ଶରେ ମନ୍ତ୍ରୀ ଓ ପାର୍ଲାମେଣ୍ଟାରୀ ସେକ୍ରେଟାରୀମାନେ ମନୋନୀତ ହେଲେ । ଓଡ଼ିଶା କଂଗ୍ରେସ ସୋସାଲିଷ୍ଟମାନଙ୍କ ସୁପାରିସ ଅନୁସାରେ ନିତ୍ୟାନନ୍ଦ କାନୁନ୍‌ଗୋ ସେଥର ଜଣେ ମନ୍ତ୍ରୀ ହେଲେ ଏବଂ ପ୍ରଧାନମନ୍ତ୍ରୀଙ୍କ ଛଡ଼ା ସମ୍ବଲପୁରର ବୋଧରାମ ଦୁବେ ହେଲେ ଅନ୍ୟତମ ମନ୍ତ୍ରୀ । ନବକୃଷ୍ଣ ଚୌଧୁରୀ ନିଜେ ମନ୍ତ୍ରୀ ନ ହୋଇ ବିଶ୍ୱନାଥ ଦାସଙ୍କ ଜରିଆରେ ଚାଷୀଙ୍କ ସମସ୍ୟା ସମାଧାନ ଦିଗରେ ଲାଗିଗଲେ । ଏହା ଫଳରେ ଚାଷୀମାନଙ୍କର ନିଜ ଜମିର ଗଛ ମାଛ ଉପରେ ଅଧିକାର ସାବ୍ୟସ୍ତ ହେଲା ଏବଂ ଜମି କିଣାବିକା ବେଳର ଫିସ୍ ଉଠିଗଲା । ଏହାଛଡ଼ା ଗଞ୍ଜାମ ଓ କୋରାପୁଟର ଜମିଦାରଙ୍କୁ ଚାଷୀମାନଙ୍କ ଦେବାକୁ ଥିବା ଦେୟ କମିଲା ଏବଂ ମହାଜନୀ ଆଇନ୍‌ର ପରିବର୍ତ୍ତନ ହୋଇ ଋଣୀମାନଙ୍କ ଲାଗି ନାନା ସୁବିଧା କରାଗଲା । ନବକୃଷ୍ଣ ଚୌଧୁରୀ ବିଧାନସଭାରେ ଓଡ଼ିଆରେ ପ୍ରଥମେ କହିବାରୁ ବହୁ ସଦସ୍ୟ ଓଡ଼ିଆରେ କହିଲେ ।

ଭାରତୀୟମାନେ ନିର୍ବାଚିତ ହୋଇ ଦେଶ ଚଳାଇବାରୁ ଲୋକଙ୍କ ମଧ୍ୟରେ ଜମିଦାର ମହାଜନ (ସାହୁକାର) ଏପରିକି ବ୍ରିଟିଶ ସରକାର ଉପରୁ ଡର କମିଗଲା ଓ ନିଜର ସ୍ୱାଭିମାନ ବଢ଼ିଲା । ଏହା ଥିଲା କୃଷକ ଆନ୍ଦୋଳନର ଫଳ । କୃଷକ ଆନ୍ଦୋଳନର ମୁଖପତ୍ର ଭାବରେ 'କୃଷକ' ନାମରେ ଏକ ଲୋକପ୍ରିୟ ପତ୍ରିକା ସେହି ସମୟରେ ବାହାରୁଥିଲା ।

Digitized by PPRACHIN, SOA

ଗଡ଼ଜାତ ଆନ୍ଦୋଳନ

ବ୍ରିଟିଶ ସରକାରଙ୍କ ପ୍ରତ୍ୟକ୍ଷ ଶାସନରେ ଥିବା ଅଞ୍ଚଳରେ ସାଧାରଣ ଲୋକେ ଯେଉଁଭଳି ନିଷ୍ପେଷିତ ଓ ଅତ୍ୟାଚାରିତ ହେଉଥିଲେ ତାହାଠାରୁ ଗଡ଼ଜାତ ଲୋକଙ୍କ ସମସ୍ୟା ଥିଲା ଆହୁରି ଅକଥନୀୟ । ଓଡ଼ିଶାର ଛଅଟି ଜିଲ୍ଲା ଛଡ଼ା ଛବିଶଟି ଗଡ଼ଜାତ ଥିଲା । ସେସବୁ ଗଡ଼ଜାତର ରାଜା ମହାରାଜାମାନଙ୍କର ଜମିଦାରମାନଙ୍କଠାରୁ ଅଧିକ କ୍ଷମତା ଥିଲା । ସେମାନଙ୍କର ସ୍ୱତନ୍ତ୍ର ପୋଲିସ ଥିଲେ ଓ ରାଜାମାନେ ଜଜ୍‌ଙ୍କ ଭଳି ବିଚାର କରୁଥିଲେ ଏବଂ ଜେଲ ଆଦି ଦଣ୍ଡ ଦେଉଥିଲେ । ସବୁ ଗଡ଼ଜାତର ରାଜାମାନେ ଅବଶ୍ୟ ସମାନ ଅତ୍ୟାଚାରୀ ନ ଥିଲେ । ସେମାନଙ୍କ ମଧ୍ୟରୁ କେତେକ ସୁଶାସକ ବି ଥିଲେ । ବ୍ରିଟିଶ ଶାସନ ଅଧୀନରେ ଥିବା ଉପକୂଳବର୍ତ୍ତୀ ଅଞ୍ଚଳରେ କୃଷକ ଆନ୍ଦୋଳନ ଚାଲିବାରୁ ଏହାର ପ୍ରଭାବ ପାଖ ଗଡ଼ଜାତମାନଙ୍କରେ ପଡ଼ିଥିଲା । 'କୃଷକ' ପତ୍ରିକାରେ ସାରଙ୍ଗଧର ଦାସଙ୍କ ଭଳି ଲୋକେ ଗଡ଼ଜାତ ସମସ୍ୟା 'ନଣ୍ଡା ଦେହୁରି' ବୋଲି ଛଦ୍ମ ନାମରେ ଲେଖୁଥିଲେ । ଢେଙ୍କାନାଳର ସାରଙ୍ଗଧର ଦାସ ଆମେରିକାରେ ଚିନି କାରଖାନାରେ ଇଞ୍ଜିନିୟର ଥିଲେ । ସେଠାରୁ ଆସି ସେ ଓଡ଼ିଶାରେ ଚିନିକଳ ସ୍ଥାପନ ପାଇଁ ଉଦ୍ୟମ କରିଥିଲେ ।

୧୯୨୧ ମସିହାରେ କେନ୍ଦୁଝରରେ ଗାନ୍ଧିଙ୍କ ପ୍ରେରଣାରେ କିଛି ଲୋକ ଶୋଭାଯାତ୍ରା କରିଥିବାରୁ ନଅଜଣଙ୍କୁ ଏକ ବର୍ଷରୁ ବାରବର୍ଷ ଜେଲ ହୋଇଥିଲା । ଲବଣ ସତ୍ୟାଗ୍ରହର ବାର୍ତ୍ତା ମଧ୍ୟ କେତେକ ଗଡ଼ଜାତରେ ପହଞ୍ଚିଥିଲା । ୧୯୩୨ ମସିହାରେ ନୀଳଗିରିର ଅଯୋଧ୍ୟା ଗ୍ରାମକୁ କେନ୍ଦ୍ରକରି ସେଠାକାର କେତେକ ଯୁବକ 'ନୀଳଗିରି ଯୁବକ ଶାଖା ସମିତି' ନାମକ ସଙ୍ଗଠନ ଗଢ଼ି ଗାନ୍ଧିଜୀଙ୍କର ରଚନାତ୍ମକ କାମ କରୁଥିଲେ । ଏହାର କେତେ ବର୍ଷ ପରେ ୧୯୩୮ ଏପ୍ରିଲ ମାସରେ ନୀଳଗିରିର ବନମାଳୀ ଦାସ ଆଦି ପୂର୍ବୋକ୍ତ ସଙ୍ଗଠନ ସହ ମିଶି ମଇ ପହିଲା ଦିନ ନୀଳଗିରି ରାଜାଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ । ଫଳରେ ଚୈତନ୍ୟ ମିଶ୍ର ଓ ପ୍ରାଣବନ୍ଧୁ ଅଗସ୍ତି ଗିରଫ ହୋଇଥିଲେ । ଏହାର ପ୍ରତିବାଦରେ ମଇ ୨୧ ଓ ୨୩ ତାରିଖ ଦିନ ନୀଳଗିରି ଯୁବକ ଶାଖା ସମିତି ଆଇନ୍ ଅମାନ୍ୟ ଆନ୍ଦୋଳନ କରିଥିଲେ । ଏହା ସାରା ଓଡ଼ିଶାର ଦୃଷ୍ଟି ଆକର୍ଷଣ କରିଥିଲା । ସେତେବେଳକୁ ଓଡ଼ିଶା ଗଡ଼ଜାତ ପ୍ରଜାମଣ୍ଡଳ ଗଢ଼ା ସରିଥାଏ । ଏହା ପରେ ଏଠାକାର ଆନ୍ଦୋଳନ ବିଭିନ୍ନ ସମୟରେ ବହୁବର୍ଷ ଚାଲିଥିଲା ।

Digitized by PPRACHIN, SOA

ନୀଳଗିରି ଆନ୍ଦୋଳନଠାରୁ ଢେଙ୍କାନାଳ ଆନ୍ଦୋଳନ ଥିଲା ଆହୁରି ବ୍ୟାପକ ଏବଂ ଐତିହାସିକ । ୧୯୨୬ ମସିହାରେ ଶଙ୍କରପ୍ରତାପ ଶାସନ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଜାମାନଙ୍କ ଉପରେ ଏପରି ଅତ୍ୟାଚାର ଓ ଶୋଷଣ ଚଳାଇଲେ ଯେ ଓଡ଼ିଶା ସାରା 'ଢେଙ୍କାନାଳୀ ଶାସନ' ଏକ ପ୍ରବାଦରେ ପରିଣତ ହୋଇଗଲା । ସେସବୁ ଅତ୍ୟାଚାର ଓ ଶୋଷଣର ବିଶଦ ବିବରଣୀ ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ଓ ଗଡ଼ଜାତ ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ବ୍ରଜକିଶୋର ଧଳ ତାଙ୍କ ଲିଖିତ 'ଭୁଲିବୁ ନାହିଁ' ବହିରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଯାଇଛନ୍ତି । ୧୯୩୮ ଜୁନ୍ ମାସରେ କଟକ ଟାଉନ୍ ହଲ୍‌ରେ ଓଡ଼ିଶା ଗଡ଼ଜାତମାନଙ୍କର ପ୍ରଥମ ପ୍ରଜା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ପଟ୍ଟାଭି ସୀତାରାମାୟା ଉକ୍ତ ସମ୍ମିଳନୀରେ ସଭାପତିତ୍ୱ କରିଥିଲେ । ନବକୃଷ୍ଣ ଚୌଧୁରୀ, ମାଳତୀ ଦେବୀ ଓ ଭଗବତୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ସେହି ସମ୍ମିଳନୀର ଆୟୋଜନ ହୋଇଥିଲା । ଏହାର ତିନି ମାସ ପରେ ସେପ୍ଟେମ୍ବର ୧ ଓ ୨ ତାରିଖରେ କଟକ ଓ ଢେଙ୍କାନାଳ ସୀମାରେ, ଢେଙ୍କାନାଳ ଜେନାପୁର ଠାରେ ଏକ ବିରାଟ କୃଷକ ସମାବେଶ ହୋଇଥିଲା । ସେଥିରେ ଢେଙ୍କାନାଳରୁ ପ୍ରାୟ ୧୦ ହଜାର ଲୋକ ଯୋଗ ଦେଇଥିଲେ । ପ୍ରଥମ ଦିନ ମୋଗଲବନ୍ଦୀ ଅଞ୍ଚଳର କୃଷକଙ୍କ ସମସ୍ୟା ଆଲୋଚିତ ହେବା ପରେ ଦ୍ୱିତୀୟ ଦିନ ଢେଙ୍କାନାଳ ପ୍ରଜାମାନଙ୍କର ସମସ୍ୟା ଆଲୋଚିତ ହୋଇଥିଲା ଓ ସେହିଦିନ ସେହିଠାରେ ହିଁ 'ଢେଙ୍କାନାଳ ପ୍ରଜାମଣ୍ଡଳ' ଗଢ଼ା ଯାଇଥିଲା ଏବଂ ବିଭିନ୍ନ ଗାଁକୁ 'କୃଷକ' ପତ୍ରିକା ଯିବା ଲାଗି ପ୍ରସ୍ତାବ ଗ୍ରହଣ କରାଗଲା । ଏହି ସମ୍ମିଳନୀରେ ପ୍ରଜାମାନଙ୍କର ଆତ୍ମବିଶ୍ୱାସ ଏତଲି ବଢ଼ିଯାଇଥିଲା ଯେ ଏହାର ଦଶ ଦିନ ପରେ ପ୍ରାୟ ୨୦ ହଜାର ଲୋକ ରାଜାଙ୍କ ନଅର ଘେରାଉ କରିଥିଲେ ।

୧୯୩୮ ରୁ ୧୯୪୭ ମସିହା ନଭେମ୍ବର ମାସ ପର୍ଯ୍ୟନ୍ତ ଢେଙ୍କାନାଳରେ ବହୁ ଆନ୍ଦୋଳନ ଓ ବିଦ୍ରୋହ ହୋଇଥିଲା ଓ ବହୁ ଲୋକ ଆତ୍ମବଳୀ ଦେଇଥିଲେ । ହଜାର ହଜାର ଲୋକ ଖଣ୍ଡିଆ ହୋଇ ଅକର୍ମଣ୍ୟ ହୋଇଯାଇଥିଲେ ଏବଂ ବହୁ ଲୋକ ନିଜର ସମସ୍ତ ସମ୍ପତ୍ତି ହରାଇଥିଲେ । ଏହି ଆନ୍ଦୋଳନ ଦବିଗଲାବେଳେ ନବକୃଷ୍ଣ ଚୌଧୁରୀ, ଭଗବତୀ ପାଣିଗ୍ରାହୀ, ଗୌରାଙ୍ଗଚରଣ ଦାସ, ଅନନ୍ତ ପଟ୍ଟନାୟକ, ବୈଦ୍ୟନାଥ ରଥ, ରବି ଘୋଷ, ଫନୀ ପାଲ୍, ସଚ୍ଚି ରାଉତରାୟ, ମନମୋହନ ମିଶ୍ର, ଗୋକୁଳ ମୋହନ ରାୟ ଚୂଡ଼ାମଣି, ସୁରେନ୍ଦ୍ର ଦ୍ୱିବେଦୀ, ବିଶ୍ୱନାଥ ପଶାୟତ ଓ ସ୍ୱେଚ୍ଛାସେବକ ଭାବରେ ତରୁଣ ଧୂଳେଶ୍ୱର ବସ୍ତିଆ ଏବଂ

Digitized by PPRACHIN, SOA

ଗୋବିନ୍ଦଚନ୍ଦ୍ର ମହାନ୍ତିଙ୍କୁ ଢେଙ୍କାନାଳ ପଠାଇଥିଲେ । ଥରେ ନିଜେ ବି ଯାଇ ଗିରଫ ହୋଇଥିଲେ । ଏହି ଗଡ଼ଜାତ ଆନ୍ଦୋଳନରେ ନବକୃଷ୍ଣ ଚୌଧୁରୀଙ୍କ ପ୍ରଧାନ ସହଯୋଗୀ ଥାଆନ୍ତି ସାରଙ୍ଗଧର ଦାସ । କିନ୍ତୁ ସମସ୍ତଙ୍କ ପ୍ରେରଣାଦାୟିନୀ ଥିଲେ ମାଳତୀଦେବୀ । ସେ ନେତା ଓ କର୍ମୀଙ୍କ ସହିତ ଢେଙ୍କାନାଳରେ କୋଣେ କୋଣେ ବୁଲୁଥିଲେ । ରାଜା ଅତ୍ୟାଚାରରେ ବହୁ ଲୋକ ବହୁ ମାସ ରାଜ୍ୟ ଛାଡ଼ି ବାଙ୍କିର ଘୋଳପୁର ନିକଟରେ ଆଶ୍ରୟ ନେଇଥିଲେ । ଢେଙ୍କାନାଳ ଅତ୍ୟାଚାର ଓ ଗଡ଼ଜାତ ଆନ୍ଦୋଳନର ଉଲ୍ଲେଖଯୋଗ୍ୟ ଘଟଣା ହେଉଛି ନୀଳକଣ୍ଠପୁର ଘାଟ ପାଖରେ ବାରବରଷର ପିଲା ବାଜି ରାଉତ ସହିତ ହୁରୁଷି, ନଟ, ଗୁରି, ରଘୁ ଓ ଲକ୍ଷ୍ମଣଙ୍କ ଆତ୍ମବଳୀ । ଏମାନଙ୍କ ଶବକୁ କଟକକୁ ଆଣି ଖାନନଗର ଶ୍ମଶାନକୁ ଯେଉଁ ଶୋଭାଯାତ୍ରା ଯାଇଥିଲା ତାହା ଥିଲା ମଧୁସୂଦନ ଦାସଙ୍କ ଶବାଧାର ଶୋଭାଯାତ୍ରା ଭଳି ଲୋକାରଣ୍ୟମୟ । ସେଦିନ ସନ୍ଧ୍ୟାରେ କଟକ ଟାଉନ୍ ହଲ୍ ସଭାରେ ନବକୃଷ୍ଣ ଚୌଧୁରୀ ଯେଉଁ ଜ୍ୱାଳାମୟୀ ଭାଷଣ ଦେଇଥିଲେ ତାହା ଗଙ୍ଗାଧର ରଥଙ୍କ ମନରେ କିଭଳି ଅଲିଭା ରହିଲା ସେକଥା ସେ ତାଙ୍କ ଆତ୍ମଜୀବନୀ 'ଭୁଲି ନାହିଁ'ରେ ବର୍ଣ୍ଣନା କରିଛନ୍ତି ।

ହରେକୃଷ୍ଣ ମହତାବ ନୀଳଗିରି, ଢେଙ୍କାନାଳ, ତାଳଚେର ଓ ରଣପୁର ପ୍ରଜାମଣ୍ଡଳ ଆନ୍ଦୋଳନରେ ଉଣାଅଧିକେ ସମ୍ପୃକ୍ତ ଥିଲେ ବି ଘଟଣାଚକ୍ରରେ ସେ ଏଥି ଭିତରକୁ ଆସିଥିଲେ, ସେ ତାଙ୍କ ଆତ୍ମଜୀବନୀ 'ସାଧନାର ପଥେ'ରେ ଏ କଥା ଉଲ୍ଲେଖ କରିଛନ୍ତି । ଅନୁଗୋଳ ସେତେବେଳେ ବ୍ରିଟିଶ ସରକାର ଅଧୀନରେ ଥିବାରୁ ସେଠାରୁ ପାଖ ଗଡ଼ଜାତମାନଙ୍କରେ ଆନ୍ଦୋଳନ ଚଳାଇବାକୁ ସହଜ ହେଉଥାଏ । କଂଗ୍ରେସ ଦଳ ସରକାର ଗଢ଼ିଥିବାରୁ ଏହି କାର୍ଯ୍ୟ ଅଧିକ ସୁବିଧାଜନକ ହୋଇଥିଲା । ସେତେବେଳେ ଗିରିଜାଭୂଷଣ ଦତ୍ତ ଅନୁଗୋଳରୁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥାନ୍ତି । ନବବାବୁ ଗିରିଜାବାବୁଙ୍କ ସହଯୋଗରେ ଢେଙ୍କାନାଳ ଓ ତାଳଚେରର ପ୍ରଜାମଣ୍ଡଳ କାର୍ଯ୍ୟକଳାପ ନିୟନ୍ତ୍ରଣ କରୁଥାନ୍ତି ।

ଢେଙ୍କାନାଳ ଆନ୍ଦୋଳନ ଚାଲିଥିଲାବେଳେ ତହିଁରେ ତାଳଚେରରେ ପବିତ୍ରମୋହନ ପ୍ରଧାନଙ୍କ ନେତୃତ୍ୱରେ ଯେଉଁ ଆନ୍ଦୋଳନ ଚାଲିଥିଲା ତହିଁରେ ବହୁ ଲୋକ ମରିଥିଲେ । ନିଃସହାୟ ହୋଇ ଲୋକେ ଗାନ୍ଧିଜୀଙ୍କୁ ଟେଲିଗ୍ରାମ କରିଥିଲେ । ଦେଶୀୟ ରାଜ୍ୟମାନଙ୍କରେ କଂଗ୍ରେସ ଆନ୍ଦୋଳନ କରିବ ନାହିଁ

Digitized by PPRACHIN, SOA

ବୋଲି ନିଷ୍ପତ୍ତି ନେଇଥିଲେ ବି ଏଭଳି ପରିସ୍ଥିତିରେ ଲୋକେ ରାଜ୍ୟ ଛାଡ଼ି ଚାଲିଆସନ୍ତୁ ବୋଲି ଗାନ୍ଧିଜୀ ପରାମର୍ଶ ଦେଇଥିଲେ । ତଦନୁସାରେ ହଜାର ହଜାର ତାଳଚେରବାସୀ ରାଜ୍ୟ ଛାଡ଼ି ଅନୁଗୋଳର କୋଶଳା, ପାଣିଓଳା, ନତଡ଼ା, କମ୍ପିଶଳା, ମଣ୍ଡୁଆ ଓ ବୁଢ଼ାପଙ୍କ କ୍ୟାମ୍ପରେ ମାସ ମାସ ଧରି ଅସ୍ଥାୟୀ ଘରକରି ରହିଲେ । ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ଅମୃତଲାଲ୍ ଠକ୍କର ଅଯୁତ ଅଯୁତ ଲୋକଙ୍କ ଖାଇବା ଲାଗି ଅନ୍ନସଂସ୍ଥାନ କରିଥିଲେ । ମାରୱାଡ଼ି ରିଲିଫ୍ ସୋସାଇଟି ତରଫରୁ ରିଲିଫ୍ ଯୋଗାଇ ଦିଆଯାଇଥିଲା । ରମାଦେବୀ ଓ ମାଳତୀଦେବୀଙ୍କ ନେତୃତ୍ୱରେ ବହୁସଂଖ୍ୟକ ନାରୀକର୍ମୀ ସେହି ଉଦ୍‌ବାସ୍ତୁମାନଙ୍କର ଥଇଥାନ ଏବଂ ସେବାରେ ନିୟୋଜିତ ଥିଲେ । ସେତେବେଳକୁ ମାଳତୀଦେବୀଙ୍କ ସାନଝିଅ ତିନୁକୁ ଦୁଇମାସ । ସେ ସେହି ଦୁଇମାସର ଛୁଆକୁ କ୍ୟାମ୍ପ ନିକଟ ଗଛରେ ଲୁଗା ଦୋଳିରେ ଝୁଲାଇ ଦେଇ ଲୋକଙ୍କ କାମରେ ଲାଗନ୍ତି । ଗାନ୍ଧିଜୀଙ୍କ ପରାମର୍ଶ ଓ ହରେକୃଷ୍ଣ ମହତାବଙ୍କ ସଫଳ ମଧ୍ୟସ୍ଥତା ଫଳରେ ତାଳଚେର ଆନ୍ଦୋଳନର ସମାଧାନ ହେଲା । ତାଳଚେର ଓ ଢେଙ୍କାନାଳ ପ୍ରଜାଆନ୍ଦୋଳନ ସାଫଲ୍ୟରେ ଗିରିଜାଭୂଷଣ ଦତ୍ତ ଓ ନବକୃଷ୍ଣ ଚୌଧୁରୀଙ୍କ ଭୂମିକା ଥିଲା ଅତ୍ୟନ୍ତ ଉଲ୍ଲେଖନୀୟ ।

ଏହାଛଡ଼ା ବିଖ୍ୟାତ ରଣପୁର ମେଳିର ପରିଣତିସ୍ୱରୂପ ପଲିଟିକାଲ୍ ଏଜେଣ୍ଟ ବେଜେଲ୍‌ଗେଟ୍ ହତ୍ୟା ମଧ୍ୟ ସ୍ୱତଃସ୍ଫୂର୍ତ୍ତ ବା ଦୈବାତ୍ ଘଟି ନ ଥିଲା । ରଣପୁରକୁ ଲାଗି ଖୋର୍ଦ୍ଧା ସେତେବେଳକୁ କୃଷକ ଆନ୍ଦୋଳନରେ ଏକ ଯଶସ୍ୱୀ ଦୁର୍ଗ ଭଳି ହୋଇଥାଏ । ପ୍ରାଣନାଥ ପଟ୍ଟନାୟକ, ଗୋକୁଳମୋହନ ରାୟଚୂଡ଼ାମଣି, ଗଙ୍ଗାଧର ମିଶ୍ର ଓ ଗଙ୍ଗାଧର ପାଇକରାୟ ଆଦିଙ୍କ ନେତୃତ୍ୱରେ ରଣପୁର ଓ ନୟାଗଡ଼ ଆଦିରେ ଆନ୍ଦୋଳନର ନିଆଁ ଜଳୁଥିଲା । ଅବଶ୍ୟ ଯେଉଁଦିନ ବେଜେଲଗେଟ୍ ହତ୍ୟା ହେଲା ସେଦିନ ଏସବୁ ନେତା କେହି ରଣପୁରରେ ନ ଥିଲେ । ଏହି ମେଳି ଫଳରେ ଯେଉଁ ଅବସ୍ଥା ସୃଷ୍ଟି ହେଲା, ତାହାକୁ ସୁଧାରିବା ଦିଗରେ ହରେକୃଷ୍ଣ ମହତାବଙ୍କ ଭୂମିକା ଥିଲା ଅତ୍ୟନ୍ତ ଉଲ୍ଲେଖନୀୟ । କିନ୍ତୁ ହରେକୃଷ୍ଣ ମହତାବ ଖାଣ୍ଟି କଂଗ୍ରେସିଆ ଭାବରେ କୌଣସି ଗଡ଼ଜାତ ଆନ୍ଦୋଳନକୁ ଉତ୍ସାହିତ କରି ନ ଥିଲେ । ଏପରିକି କେବଳ ପ୍ରଥମ ଅବସ୍ଥାରେ କନିକା ଜମିଦାରଙ୍କ ଅତ୍ୟାଚାର ବିରୋଧରେ ହେଉଥିବା ଆନ୍ଦୋଳନକୁ ପ୍ରୋତ୍ସାହନ ଦେବାଛଡ଼ା ଅନ୍ୟ ରାଜା, ଜମିଦାରଙ୍କ ଅତ୍ୟାଚାର ବିରୋଧରେ କିଛି କରି ନ ଥିଲେ । ସେସବୁ ଆନ୍ଦୋଳନରେ ସେ ମଧ୍ୟସ୍ଥର ଭୂମିକା ହିଁ ଗ୍ରହଣ କରିଥିଲେ । ୧୯୩୮ ମସିହା ବେଳକୁ ଭାରତବର୍ଷର

Digitized by PPRACHIN, SOA

ସବୁ ଦେଶୀୟ ରାଜ୍ୟର ଲୋକଙ୍କ ଅଭିଯୋଗ ତଦନ୍ତ କରିବା ଲାଗି ପଟ୍ଟାଭି ସୀତାରାମାୟାଙ୍କ ନେତୃତ୍ୱରେ ଯେଉଁ କମିଟି ହୋଇଥିଲା ସେହି କମିଟିରେ ଅନ୍ୟ ଜଣେ ସଦସ୍ୟ ରାଜି ନ ହେବାରୁ ହରେକୃଷ୍ଣ ମହତାବଙ୍କୁ ସେହି କମିଟିରେ ନିଆଯାଇଥିଲା । ସେହି କମିଟିର ସମ୍ପାଦକ ଥିଲେ ବଳବନ୍ତରାୟ ମେହେତା ଓ ଅନ୍ୟଜଣକ ଥିଲେ ଲାଲମୋହନ ପଟ୍ଟନାୟକ । ଏହି କମିଟିର ସଦସ୍ୟ ଭାବରେ କାମ କରିବା ଭିତରେ ମହତାବବାବୁଙ୍କର ଗଡ଼ଜାତ ଆନ୍ଦୋଳନ ବିଷୟରେ ଅଭିଜ୍ଞତା ହୋଇଥିଲା ।

ରଣପୁର ପ୍ରଜାମେଳି ଛଡ଼ା ଗାଙ୍ଗପୁରରେ ବ୍ରିଟିଶ ସୈନ୍ୟଙ୍କ ଗୁଳିରେ ପ୍ରାୟ ତିନିଶହ ଲୋକ ପ୍ରାଣ ହରାଇଥିଲେ । ସେଠାକାର ନେତା ନିର୍ମଳ ମୁଣ୍ଡାଙ୍କ ଗିରଫରୁ ଏଭଳି ହୃଦୟ ବିଦାରକ ହତ୍ୟାକାଣ୍ଡ ଘଟିଥିଲା । ଜବାହରଲାଲ ନେହେରୁ ଏହାର ପ୍ରତିବାଦ କରିଥିଲେ ମଧ୍ୟ ସେତେବେଳେ ବ୍ରିଟିଶ ସରକାର ତା'କୁ ଭୃକ୍ଷେପ କରି ନ ଥିଲେ । ଏହିପରି ଭାବରେ ଓଡ଼ିଶାର ଗଡ଼ଜାତ ଆନ୍ଦୋଳନର ନୀଳଗିରି ଅଧ୍ୟାୟ ହେଉ ବା ଢେଙ୍କାନାଳ, ତାଳଚେର, ରଣପୁର ଓ ଗାଙ୍ଗପୁରରେ ଯେଉଁସବୁ ପ୍ରଜା ଆନ୍ଦୋଳନ ହୋଇଥିଲା ସେସବୁର ପ୍ରେରଣାଦାତାମାନେ ନବକୃଷ୍ଣ ଚୌଧୁରୀ ଓ ମାଳତୀଦେବୀଙ୍କଠାରୁ ପରାମର୍ଶ, ସାହାଯ୍ୟ ଓ ସହାନୁଭୂତି ପାଉଥିଲେ । ଏହି ଗଣଆନ୍ଦୋଳନରେ ଶହ ଶହ ଲୋକ ପ୍ରାଣ ହରାଇଥିଲେ ଏବଂ ଅୟୁତ ଅୟୁତ ଲୋକ ସର୍ବସ୍ୱାନ୍ତ ହୋଇଥିଲେ ।

୧୯୩୯ ମସିହାରେ ଦ୍ୱିତୀୟ ମହାସମର ଆରମ୍ଭ ହୋଇଥିଲା । ଭାରତବାସୀଙ୍କୁ ନ ଜଣାଇ ବ୍ରିଟିଶ ସରକାର ଭାରତବର୍ଷକୁ ସେଥିରେ ସଂଶ୍ଳିଷ୍ଟ କରିଥିବାରୁ କଂଗ୍ରେସ ଦଳ ତା'ର ବିରୋଧ କରିଥିଲା । କଂଗ୍ରେସ ଦଳ ଦାବି କରୁଥିଲା ଯେ ଭାରତବାସୀ ଯଦି ଯୁଦ୍ଧରେ ସଂଶ୍ଳିଷ୍ଟ ହେବେ ତ ତାଙ୍କୁ ନିଜର ଆତ୍ମନିୟନ୍ତ୍ରଣ ଅଧିକାର ଦିଆଯାଉ । ବ୍ରିଟିଶ ସରକାର ଏଥିରେ ରାଜି ହେଲେ ନାହିଁ । ଏହାର ପ୍ରତିବାଦସ୍ୱରୂପ କଂଗ୍ରେସ ନେତାମାନେ ସବୁ ପ୍ରଦେଶର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଲେ । ଏହି ଇସ୍ତଫା ଚାଷୀ ଆନ୍ଦୋଳନ ଓ ଗଡ଼ଜାତ ଆନ୍ଦୋଳନ ପାଇଁ ଏକ ବିରାଟ ଧକ୍କା ପରି ହୋଇଥିଲା । ବ୍ରିଟିଶ ସରକାରକୁ ଖୁସି କରିବା ଲାଗି ରାଜା ଓ ଜମିଦାରମାନେ ଲୋକଙ୍କ ଉପରେ ଅଧିକ ଅତ୍ୟାଚାର ଚଳାଇଥିଲେ । ତଥାପି ଲଢ଼େଇର ଅଭିଜ୍ଞତା ଫଳରେ ଓ ଇଂରେଜ ପକ୍ଷ ଯୁଦ୍ଧର ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ କ୍ଷେତ୍ରରେ ହାରୁଥିବାରୁ ଲୋକେ ପୂର୍ବଭଳି ଭୟଭୀତ ହେଲେ ନାହିଁ ।

Digitized by PPRACHIN, SOA

କଂଗ୍ରେସ ସଭାପତି ରୂପେ ସୁଭାଷ ବୋଷ

୧୯୩୯ ମସିହାରେ ନିଖିଳ ଭାରତ କଂଗ୍ରେସର ସଭାପତି ନିର୍ବାଚନ ହେଲା । ସେଥର ସୁଭାଷ ଗାନ୍ଧିଜୀଙ୍କ ପ୍ରାର୍ଥୀ ପଟ୍ଟାଭି ସୀତାରାମାୟାଙ୍କ ବିରୋଧରେ ଲଢୁଥାଆନ୍ତି । ନବକୃଷ୍ଣ ଚୌଧୁରୀ ଜବାହରଲାଲଙ୍କଠାରୁ ସୁଭାଷଙ୍କୁ ଅଧିକ ପସନ୍ଦ କରୁଥିଲେ । ତାଙ୍କ ଦୃଷ୍ଟିରେ ସୁଭାଷ ଥିଲେ ଜଣେ ଉତ୍ସର୍ଗୀକୃତ ବ୍ୟକ୍ତି । ଏଣୁ ନବକୃଷ୍ଣ ଚୌଧୁରୀଙ୍କ ସମେତ ସବୁ କଂଗ୍ରେସ ସୋସାଲିଷ୍ଟ ସୁଭାଷଚନ୍ଦ୍ର ବୋଷଙ୍କୁ ଭୋଟ ଦେଲେ । ମନମୋହନ ଚୌଧୁରୀ ସେତେବେଳକୁ କଂଗ୍ରେସ ସୋସାଲିଷ୍ଟମାନଙ୍କଠାରୁ ବିଚ୍ଛିନ୍ନ ହୋଇଥିଲେ ବି ସେ ମଧ୍ୟ ସୁଭାଷଚନ୍ଦ୍ର ବୋଷଙ୍କୁ ଭୋଟ ଦେଇଥିଲେ । ସେହି ଭୋଟ କାମ ନ ସରୁଣୁ ମାଳତୀ ଦେବୀ ଜାନକୀନାଥ ଭବନକୁ ଚାଲିଆସିଥିଲେ । ସୁଭାଷବାବୁଙ୍କ ବିଜୟ ଖବର ନେଇ ନବବାବୁ ଘରେ ପହଞ୍ଚିଲା ବେଳକୁ ତାଙ୍କର ତୃତୀୟ ସନ୍ତାନ ତନୁର (କୃଷ୍ଣା) ଜନ୍ମ ହେବା କଥା ଜାଣିଲେ ।

କଂଗ୍ରେସ ସୋସାଲିଷ୍ଟ ପାର୍ଟିର ବିଭାଜନ

କୃଷକ ଆନ୍ଦୋଳନ ଓ ଗଡ଼ଜାତ ଆନ୍ଦୋଳନ ରାଜ୍ୟ ସାରା ଆଲୋଡ଼ନ ସୃଷ୍ଟି କରିଥିବା ସମୟରେ ୧୯୩୯ ମସିହାରେ ନିତ୍ୟାନନ୍ଦ କାନୁନ୍‌ଗୋ ଘରୋଇ ବିଭାଗର ମନ୍ତ୍ରୀ ଥିଲାବେଳେ ପୋଲିସ କେତେକ ଗୋପନ ଚିଠିପତ୍ରରୁ ଜାଣିପାରିଥିଲେ ଯେ କଂଗ୍ରେସ ସୋସାଲିଷ୍ଟ ପାର୍ଟି ମଧ୍ୟରେ କମ୍ୟୁନିଷ୍ଟମାନେ ଏକ ଗୁପ୍ତ ସଙ୍ଗଠନ ଗଢ଼ିଛନ୍ତି । ଏହା ୧୯୩୫ ମସିହାରୁ ଆରମ୍ଭ ହୋଇଥିବା କଥା ଜଣାପଡ଼ିଲା । ଖାଲି ଓଡ଼ିଶାରୁ ଏହା ଜଣାଯାଇ ନ ଥିଲା, ସାରା ଭାରତବର୍ଷରେ ଏଭଳି ଜାଲ ବିଛା ଯାଇଥିଲା ବୋଲି ଜଣାଗଲା । ଏହା ଫଳରେ କଂଗ୍ରେସ ସୋସାଲିଷ୍ଟ ଦଳର ବିଭାଜନ ଘଟିଲା । ଯାହାଙ୍କୁ ନବବାବୁ କଂଗ୍ରେସ ସୋସାଲିଷ୍ଟ ପାର୍ଟିର ଓଡ଼ିଶା ଶାଖା ସଭାପତି କରାଇଥିଲେ, ସେହି ଆପାତତଃ ଅମାୟିକ ପ୍ରାଣନାଥ ପଟ୍ଟନାୟକ କେବେଠାରୁ କମ୍ୟୁନିଷ୍ଟ ହୋଇଯାଇଛନ୍ତି; ଅଥଚ ସେ କଂଗ୍ରେସ ଟିକଟ୍‌ରେ ଓଡ଼ିଶା ବିଧାନସଭାକୁ ନିର୍ବାଚିତ । ଠିକ୍ ସେହିଭଳି ମୋହନ ଦାସଙ୍କ କଥା । ପୁଣି ଯେଉଁ ବାଉକୁ (ଗୁରୁଚରଣ ପଟ୍ଟନାୟକ) ସେ କୂଟକପଟ ବିହୀନ ବୋଲି ଭାବି ଆସିଥିଲେ ସେ ଇତିମଧ୍ୟରେ ପକ୍କା କମ୍ୟୁନିଷ୍ଟ । ସେହିପରି ଅତି ଆପଣାର ଭାଗୁ (ଭଗବତୀ ପାଣିଗ୍ରାହୀ) ପୁଣି କମ୍ୟୁନିଷ୍ଟମାନଙ୍କ ମୁଖ୍ୟକର୍ତ୍ତା ।

Digitized by PPRACHIN, SOA

କମ୍ୟୁନିଷ୍ଟମାନଙ୍କ ପ୍ରବଞ୍ଚନା ନବବାବୁଙ୍କୁ ଯେ ଗଭୀର ଆଘାତ ଦେଇଥିଲା ତାହା ତାଙ୍କର ଅତ୍ୟନ୍ତ ଅନୁରକ୍ତ ବ୍ୟକ୍ତି ସୁରେନ୍ଦ୍ର ଦ୍ୱିବେଦୀ କହନ୍ତି । ସେ କହନ୍ତି - ନବବାବୁଙ୍କ ପୁଅ କାଲୁର ମୃତ୍ୟୁ ପରେ ବି ସେ ଏତେ ବିମର୍ଷ ଦେଖାଯାଉ ନ ଥିଲେ ଯେଉଁଭଳି ହତାଶ ହୋଇ ପଡ଼ିଥିଲେ କଂଗ୍ରେସ ସୋସାଲିଷ୍ଟ ପାର୍ଟି ଭିତର କମ୍ୟୁନିଷ୍ଟମାନଙ୍କ ଅନ୍ତର୍ଘାତୀ କାର୍ଯ୍ୟକଳାପ ଜଣାପଡ଼ିବା ପରେ । ଏହାପରେ ସୋସାଲିଷ୍ଟ ଆନ୍ଦୋଳନ ପ୍ରତି ତାଙ୍କର ଆଗ୍ରହ ରହିଲା ନାହିଁ । ଓଡ଼ିଶାରେ କଂଗ୍ରେସ ସୋସାଲିଷ୍ଟ ପାର୍ଟିର ପୁନର୍ଗଠନ ପାଇଁ ଜୟପ୍ରକାଶ ନାରାୟଣ ଯେତେବେଳେ ଆସନ୍ତି, ସେ ସେଥିରୁ ଦୂରେଇ ରହିଲେ । ତାଙ୍କ ପରାମର୍ଶ ଅନୁସାରେ ଓଡ଼ିଶା କଂଗ୍ରେସ ସୋସାଲିଷ୍ଟ ପାର୍ଟିର ପୁନର୍ଗଠନ ଦାୟିତ୍ୱ ସୁରେନ୍ଦ୍ର ଦ୍ୱିବେଦୀଙ୍କ ଉପରେ ରହିଲା ।

୧୯୩୯ ମସିହାରେ କଂଗ୍ରେସ ମନ୍ତ୍ରିମଣ୍ଡଳ ଭାଙ୍ଗିବା ପରେ ନବବାବୁ କଂଗ୍ରେସ ଦଳ କାମରେ ଏବଂ କୃଷକମାନଙ୍କ ସମସ୍ୟା ତଥା ଗଡ଼ଜାତ ପ୍ରଜାଙ୍କ ଆନ୍ଦୋଳନ ପ୍ରତି ଧ୍ୟାନ ଦେଲେ । ଏହାପରେ ପାରଳା ମହାରାଜଙ୍କ ନେତୃତ୍ୱରେ ମନ୍ତ୍ରିମଣ୍ଡଳ ଗଢ଼ାଗଲା । ନୀଳକଣ୍ଠ ଦାସ ଉକ୍ତ ମନ୍ତ୍ରିମଣ୍ଡଳକୁ ସମର୍ଥନ କରୁଥିବାରୁ ତାଙ୍କୁ କଂଗ୍ରେସ ସଭାପତିତ୍ୱରୁ ହଟାଇ ରାଧାକୃଷ୍ଣ ବିଶ୍ୱାସରାୟଙ୍କୁ ସଭାପତି କରାଗଲା ଓ ନବବାବୁ ନିଜେ ସାଧାରଣ ସମ୍ପାଦକ ହେଲେ ।

ବ୍ୟକ୍ତିଗତ ସତ୍ୟାଗ୍ରହ

୧୯୪୦ ଡିସେମ୍ବର ୧ ତାରିଖ ଦିନ ଗାନ୍ଧିଜୀଙ୍କ ନିର୍ଦ୍ଦେଶିତ ବ୍ୟକ୍ତିଗତ ସତ୍ୟାଗ୍ରହ କରି ନବକୃଷ୍ଣ ଚୌଧୁରୀ ଅନୁଗୋଳର ବାଗେଡ଼ିଆଠାରୁ ବନ୍ଦୀ ହୋଇଥିଲେ । ପ୍ରଥମ ଦଫାରେ ଗାନ୍ଧିଜୀ ଏଥିପାଇଁ ଓଡ଼ିଶାରୁ ଯେଉଁ ଦଶଜଣଙ୍କୁ ବାଛିଥିଲେ ସେମାନଙ୍କ ମଧ୍ୟରେ ଥିଲେ ହରେକୃଷ୍ଣ ମହତାବ, ସରଳାଦେବୀ, ବୋଧରାମ ଦୁବେ, ବିଶ୍ୱନାଥ ଦାସ, ମୋହନ ଦାସ, ରାଧାକୃଷ୍ଣ ବିଶ୍ୱାସରାୟ, ଜଗନ୍ନାଥ ଦାସ, ପ୍ରହ୍ଲାଦ ରାୟ ଲାଠ ଏବଂ ଲୋକନାଥ ମିଶ୍ର । ଏମାନେ ସବୁ ବ୍ରହ୍ମପୁର ଜେଲରେ ରହିଲେ । ନବବାବୁ 'ଖ' ଶ୍ରେଣୀ ବନ୍ଦୀ ଭାବରେ ସେଠାର ୭ ନମ୍ବର ୱାର୍ଡ଼ରେ ରହୁଥିଲେ । ତାଙ୍କ ସହିତ ପରେ ଯାଇ ରହିଲେ ପ୍ରାଣନାଥ ପଟ୍ଟନାୟକ, ଗୋକୁଳମୋହନ ରାୟଚୂଡ଼ାମଣି, ଲୋକନାଥ ମିଶ୍ର (ପାଟକୁରା),

Digitized by PPRACHIN, SOA

ଅଧ୍ୟାପକ ରାମମୂର୍ତ୍ତି, କୃପାସିନ୍ଧୁ ଭୋକ୍ତା, ଗୋବିନ୍ଦଚନ୍ଦ୍ର ମହାନ୍ତି, ସୁରେନ୍ଦ୍ରନାଥ ଦ୍ୱିବେଦୀ, ଗୋବିନ୍ଦ ପ୍ରଧାନ, ସଦାଶିବ ତ୍ରିପାଠୀ, ରାଧାକୃଷ୍ଣ ବିଶ୍ୱାସରାୟ, ଭଗବାନ୍ ପଢ଼ିଆରୀ, ରାଧାମୋହନ ସାହୁ, ଗତିକୃଷ୍ଣ ସ୍ୱାଇଁ, ଦ୍ୱାରିକାମୋହନ ଦାସ ଆଦି । ପୁରୁଣା ଜେଲରେ ରହୁଥିଲେ ଉମାଚରଣ ପଟ୍ଟନାୟକ । ସେମାନେ ଗିରଫ ହେଲାବେଳେ ଏତିକି କହୁଥିଲେ 'ଇଂରେଜମାନଙ୍କର ଯୁଦ୍ଧ ଉଦ୍ୟମରେ ଧନ ଓ ଜନ ଦେଇ ସାହାଯ୍ୟ କରିବା ପାପ ଓ ହାରାମ' ।

ହିଟଲର୍ ଓ ମୁସୋଲିନୀଙ୍କ ଉତ୍ପାତ ଓ ସୋଭିଏତ୍ ଇଉନିୟନ ଉପରେ ଆକ୍ରମଣ ସମ୍ପର୍କରେ ଜେଲ୍‌ରେ ଗୁରୁତ୍ୱର ସହ ଆଲୋଚନା ହେଉଥିଲା । ନବବାବୁଙ୍କର ବ୍ୟକ୍ତିଗତ ମତ ଥିଲା ଯେ ସମଗ୍ର ପୃଥିବୀର ସ୍ୱାର୍ଥ ଦୃଷ୍ଟିରୁ ଫାସିବାଦ ବିରୋଧରେ ସମସ୍ତେ ଏକଜୁଟ୍ ହେବା ଦରକାର ଯଦିଓ କଂଗ୍ରେସ ଦଳର ଅଧିକାଂଶଙ୍କର ଏଭଳି ମତ ନ ଥିଲା ।

ଭାରତରକ୍ଷା ଆଇନ୍‌ରେ ବନ୍ଦୀ

ଜାପାନ ଦ୍ୱିତୀୟ ମହାସମରରେ ଯୋଗ ଦେବା ପରେ ମିତ୍ରପକ୍ଷ (ବ୍ରିଟେନ୍, ଫ୍ରାନ୍ସ ଓ ଯୁକ୍ତରାଷ୍ଟ୍ର ଆମେରିକା) ଚାରିଆଡ଼େ ହାରୁଥାଆନ୍ତି । ସେହି ସମୟରେ କଂଗ୍ରେସ ଲୋକ ଚାରିଆଡ଼େ ସଭାସମିତି କରି ଇଂରେଜ ସରକାର ଜିଦ୍‌କୁ ନିନ୍ଦା କରିବା ସଙ୍ଗେ ସଙ୍ଗେ ଜାପାନୀ ଆକ୍ରମଣର ବିପଦ ସମ୍ପର୍କରେ ଲୋକଙ୍କୁ ସତର୍କ କରାଉଥାଆନ୍ତି । ୧୯୪୨ ଜାନୁଆରୀ ୬ ତାରିଖରେ ସାଲେପୁରଠାରେ ନବକୃଷ୍ଣ ଚୌଧୁରୀ ଏକ ସଭାରେ ବ୍ରିଟିଶ ସରକାରଙ୍କୁ ତାଚ୍ଛଲ୍ୟ ଭାବରେ ସମାଲୋଚନା କରିଥିଲେ । ତାଙ୍କ ଭାଷଣର ମର୍ମ ଥିଲା ଯେ ଯିଏ ନିଜକୁ ରକ୍ଷା କରିବାକୁ ଅସମର୍ଥ; ସେ ଭାରତବର୍ଷକୁ କିଭଳି ରକ୍ଷା କରିବ ? ବରଂ ଭାରତବର୍ଷକୁ ତା'କଥା ବୁଝିବାକୁ ଓ ନିଜର ଆତ୍ମରକ୍ଷା ଲାଗି ଛାଡ଼ି ଦିଆଯାଉ । ଏହି ଭାଷଣ ଲାଗି ତାଙ୍କୁ ଭାରତରକ୍ଷା ଆଇନ୍‌ରେ ୬ ମାସ ସଶ୍ରମ କାରାଦଣ୍ଡ ହୋଇଥିଲା ଓ ଜଜ୍ କୋର୍ଟ ଅପିଲରେ ତାହା ୬ ସପ୍ତାହକୁ କମିଥିଲା । ହରିହର ମହାପାତ୍ର ସେ ମକଦ୍ଦମା ଲଢ଼ିଥିଲେ । ସେତେବେଳେ ପାଟଣା ହାଇକୋର୍ଟର ଏକ ବେଞ୍ଚ୍ ସାମୟିକ ଭାବରେ କଟକରେ ବସୁଥିଲା । ହରିହରବାବୁ ସେହି ସର୍କିଟ୍ କୋର୍ଟରେ ନବବାବୁଙ୍କ ପାଇଁ ଲଢ଼ି ତାଙ୍କୁ ଏହି ଦଣ୍ଡରୁ ମୁକ୍ତି ଦିଆଇଥିଲେ ।

Digitized by PPRACHIN, SOA

ଅଗଷ୍ଟ ବିପ୍ଲବ

୧୯୪୨ ମସିହା ବେଳକୁ ଗାନ୍ଧିଜୀ ଶେଷ ଲଢ଼େଇ ପାଇଁ ପ୍ରସ୍ତୁତ ହେଉଥାନ୍ତି । ସେଥିପାଇଁ କଂଗ୍ରେସ ଲୋକେ ବିଭିନ୍ନ ସ୍ଥାନରେ ସଭା ଓ ଆଲୋଚନା ସଭା କରୁଥାନ୍ତି । ମଇ ମାସର ଶେଷ ଆଡ଼କୁ କଟକ ଜିଲ୍ଲାର (ସେ ସମୟର) ହରିଶପୁରଠାରୁ ହୁକିଟୋଲା ପର୍ଯ୍ୟନ୍ତ ମିତ୍ର ପକ୍ଷର ସମୁଦ୍ରଗାମୀ ଯୁଦ୍ଧ ସାମଗ୍ରୀପୂର୍ଣ୍ଣ ରଣତରୀ ଉପରେ ଜାପାନ ପକ୍ଷରୁ ବୋମାମାଡ଼ ହୋଇଥିଲା । ଏଥିରେ ଭୟଭୀତ ହୋଇ ଓଡ଼ିଶା ସରକାର କଟକରୁ ସମ୍ବଲପୁରକୁ ରାଜଧାନୀ ଉଠାଇ ନେଇଥିଲେ । କଟକ ସହରରେ ଆତଙ୍କ ଖେଳିଯାଇଥାଏ । ଜାପାନୀମାନେ ଯେକୌଣସି ସମୟରେ ଓଡ଼ିଶା ଦଖଲ କରିନେବେ ବୋଲି ଶୁଣାଯାଉଥାଏ । ଏପ୍ରିଲ ମାସ ଦ୍ୱିତୀୟ ସପ୍ତାହ ଆଡ଼କୁ ନବବାବୁ, ମାଳତୀ ଦେବୀ, ମନମୋହନ ଚୌଧୁରୀ ଓ ନରସିଂହ ମହାନ୍ତି ଆଦି କିଛି କର୍ମୀଙ୍କ ସହ କଂଗ୍ରେସ ଅଫିସକୁ କଟକରୁ ସାଲେପୁରକୁ ଉଠାଇ ନେଇଥିଲେ । ସେହିଠାରୁ କଟକ ଜିଲ୍ଲାର ବିଭିନ୍ନ ଅଞ୍ଚଳ ସହିତ ଯୋଗାଯୋଗ ରଖୁଥିଲେ ଓ କୁଟୀର ଶିଳ୍ପ, ନିଶା ନିବାରଣ ତଥା ଗ୍ରାମ ସଫେଇ ଆଦି ବିଷୟ ଲୋକଙ୍କୁ ବୁଝାଉଥିଲେ ।

ବିଖ୍ୟାତ ଅଗଷ୍ଟ ବିପ୍ଲବ ପୂର୍ବରୁ ଅଗଷ୍ଟ ଆଠ ତାରିଖ ଦିନ ବମ୍ବେଠାରେ ନିଖିଳ ଭାରତ କଂଗ୍ରେସ କମିଟି ବୈଠକରେ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆହେବାକୁ ଥାଏ । ହରେକୃଷ୍ଣ ମହତାବ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଭ୍ୟ ଭାବରେ ଆଗରୁ ସେଠାରେ ଥିଲେ । ନବବାବୁ ସେଠାକୁ ନିଜେ ନ ଯାଇ ମାଳତୀଦେବୀ ଓ ସୁରେନ୍ଦ୍ର ଦ୍ୱିବେଦୀଙ୍କୁ ପଠାଇଥିଲେ । ଅଗଷ୍ଟ ୯ ତାରିଖ ସକାଳୁ ନବବାବୁ ନିତ୍ୟାନନ୍ଦ କାନୁନ୍‌ଗୋଙ୍କ ଘରକୁ ଯାଇଥିଲେ ପୂର୍ବ ରାତିର ବିଶେଷ କିଛି ଖବର ପାଇବାକୁ । ସେଠାରୁ କିଛି ଖବର ନ ପାଇ କଟକ ମ୍ୟୁନିସିପାଲିଟି ଅଫିସକୁ ଯାଇ ଇଉନାଇଟେଡ୍ ପ୍ରେସ୍‌କୁ ଟେଲିଫୋନ୍ କରି ଜାଣିଲେ ଯେ ପୂର୍ବ ରାତିରେ ଗାନ୍ଧିଜୀଙ୍କ ସମେତ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଦସ୍ୟମାନେ ଗିରଫ ହୋଇଯାଇଛନ୍ତି । ସେଠାରୁ ସେ ନିତ୍ୟାନନ୍ଦ କାନୁନ୍‌ଗୋଙ୍କୁ ଏ ଖବର ଦେଇ ଘରକୁ ଫେରିଲେ । ସେତେବେଳକୁ ନୃସିଂହ ମହାନ୍ତି ସାଲେପୁର ଅଫିସରୁ ଏକ ଜରୁରୀ କାମରେ ନବବାବୁଙ୍କ ଘରେ ପହଞ୍ଚିଥାଆନ୍ତି । ସମସ୍ତେ ଗିରଫ ହୋଇଯିବାର ଆଶଙ୍କା ଦେଖାଦେଇଥାଏ । କର୍ମୀମାନେ କ'ଣ କରିବେ ବୋଲି ନୃସିଂହ ମହାନ୍ତି

Digitized by PPRACHIN, SOA

ପଚାରିବାରୁ ନବବାବୁ କହିଥିଲେ, 'ବର୍ତ୍ତମାନ ଆଉ ନେତା କେହି ନାହାନ୍ତି, ସମସ୍ତେ ନିଜେ ନିଜର ନେତା' । ଏହା କହି ସେ ନୃସିଂହବାବୁଙ୍କୁ ଏକ ଛୋଟ ଚିଠି ବଢ଼ାଇ ଦେଇଥିଲେ । ସେହି ଚିଠିଟି ସେ ଆଗରୁ ଲେଖି ରଖିଥିଲେ । ଚିଠିରେ ଲେଖା ଥିଲା -

ସ୍ନେହର...

ସବୁ ଖବର ଶୁଣିବୁଣି । ସମସ୍ତେ ଗିରଫ ହୋଇଗଲେଣି । କେହି ନିର୍ଦ୍ଦେଶ ଦେବାକୁ ନାହିଁ । ତୁମେ ତୁମର ନେତା । ଇଂରେଜ ଭାରତ ଛାଡ଼ ପ୍ରସ୍ତାବ ଏ.ଆଇ.ସି.ସି.ରେ ଗୃହୀତ ହୋଇଯାଇଛି । ଗାନ୍ଧିଜୀଙ୍କ ନିର୍ଦ୍ଦେଶ 'କର ବା ମର' ଆମର ପୂର୍ବ ଯୋଜନାକୁ କାର୍ଯ୍ୟକାରୀ କରିବ ।

... ତୋର

କିଏ ଚିଠି ଲେଖୁଛି ବା କାହାକୁ ଲେଖାଯାଇଛି କିଛି ଲେଖା ନ ଥିଲା । ତାହା ପେନ୍‌ସିଲ୍‌ରେ ଲେଖାଯାଇଥିଲା । ନବବାବୁ କହିଲେ, ''ତୁ ଶୀଘ୍ର ଚାଲିଯାଆ, ପୋଲିସ ଆସିଯିବ । ସାଲେପୁର ଯିବୁ ନାହିଁ । ସେଠାକୁ ତୋ ନାମରେ ହୁଏତ ୱାରଣ୍ଟ ଯାଇଥିବ । ସାଲେପୁରକୁ ପାରିବୁ ଯଦି କାହା ହାତରେ ଖବର ଦେଇଦେବୁ ।'' ଶେଷରେ କହିଲେ, ''ଯାହା କରିବ ତ କରିବ କୌଣସି ସରକାରୀ କର୍ମଚାରୀକୁ ମାରିଦେବ ନାହିଁ ।''

ଏହି ସମୟରେ ଗୋପବନ୍ଧୁ ଚୌଧୁରୀ ଓ ରମାଦେବୀ ରିକ୍ସାରେ ଆସି ପହଞ୍ଚିବା ପରେ ପରେ ପୋଲିସ ପହଞ୍ଚିଗଲେ । ଗୋପବାବୁ ଘର ଭିତରକୁ ଆସି ଏତିକି ମାତ୍ର କହିଲେ, 'ଯାଅ ବୀର... ଆଗେଇ ଯାଅ' । ପୋଲିସ ସମସ୍ତଙ୍କୁ ଗିରଫ କରି ଜିପ୍‌ରେ ବସାଇ ନେଇଗଲେ । ନୃସିଂହବାବୁ ସେହି ଘରର ପଛପଟ ଦରଜା ବାଟେ ସାଇକେଲ ନେଇ କଟକରୁ ବାହାରିଗଲେ । କଟକ ଛାଡ଼ି ଆସିବା ବାଟରେ ରେଭେନ୍ସା କଲେଜର ଜଣେ ଛାତ୍ରଙ୍କ ହାତରେ ରଘୁନାଥ ନାୟକ ନାମକ ଛାତ୍ରଙ୍କୁ ଏତିକି ଲେଖି ପଠାଇ ଦେଲେ 'କର ବା ମର' ଗାନ୍ଧିଜୀଙ୍କ ବାଣୀ ।

ନୃସିଂହ ମହାନ୍ତି ସେହି ଛୋଟ ଚିଠିଖଣ୍ଡିକ ଧରି କଟକରୁ ୪୦ କିଲୋମିଟର ଦୂର ସାତପୁରା ଗ୍ରାମ ନିକଟରେ ଗୋବିନ୍ଦଚନ୍ଦ୍ର ମହାନ୍ତିଙ୍କୁ ଦେଇଥିଲେ । ସୁରେନ୍ଦ୍ର ଦ୍ୱିବେଦୀ ଆସି ଓଡ଼ିଶାରେ ବିଧିବଦ୍ଧ କାର୍ଯ୍ୟ କରିବା ପୂର୍ବରୁ ଗୋବିନ୍ଦ ମହାନ୍ତି, ବିନୋଦ କାନୁନ୍‌ଗୋ ଓ ନିଶାମଣି ଖୁଣ୍ଟିଆ ନବବାବୁଙ୍କ ସେହି ପୁରୁଣା ଚିଠା

Digitized by PPRACHIN, SOA

ଅନୁସାରେ କ'ଣ କରିବାକୁ ହେବ ଓ କ'ଣ ନ କରିବାକୁ ହେବ ସେହି ବାର୍ତ୍ତା ଆଜ୍ଞାପତ୍ର ଭଳି ଚାରିଆଡ଼କୁ ପଠାଇବାକୁ ଆରମ୍ଭ କରିଦେଇଥିଲେ ।

ନବବାବୁ ଗିରଫ ହେବା ପରେ ପରେ ମନମୋହନ ଚୌଧୁରୀ, ନିତ୍ୟାନନ୍ଦ କାନୁନ୍‌ଗୋ, ମଦନମୋହନ ପଟ୍ଟନାୟକ ଓ ସୁଧୀର ଘୋଷ ଆଦି ଗିରଫ ହୋଇ କଟକ ଜେଲକୁ ଗଲେ । କ୍ରମେ କଟକ ଜେଲରେ ଭାରତରକ୍ଷା ଆଇନ୍‌ରେ ଗିରଫ ହୋଇ ଆସିଥିବା ବନ୍ଦୀଙ୍କ ସଂଖ୍ୟା ବଢ଼ିଲା । ଏଣୁ ପୂର୍ବୋକ୍ତ ଟାଣୁଆ ନେତାମାନଙ୍କୁ କଟକରୁ ଏକ ଛୋଟ ବସ୍‌ରେ ଅନୁଗୋଳ ନିଆଗଲା । କିନ୍ତୁ ସବୁ ଟାଣୁଆ ନେତାଙ୍କୁ ଏଭଳି ଗୋଟିଏ ଜେଲ୍‌ରେ ନ ରଖି ନବକୃଷ୍ଣ ଚୌଧୁରୀଙ୍କ ପୁରୀ ଜେଲକୁ ବି ଶ୍ରେଣୀ ବନ୍ଦୀ ଭାବରେ ବଦଳି କରିଦିଆଯାଇଥିଲା । ପୂର୍ବରୁ ସେଠାରେ ଆଚାର୍ଯ୍ୟ ହରିହର, ସତ୍ୟବାଦୀ ନନ୍ଦ, ଲୋକନାଥ ମିଶ୍ର, କୃପାସିନ୍ଧୁ ହୋତା, ପ୍ରାଣନାଥ ପଟ୍ଟନାୟକ, ଜଗନ୍ନାଥ ମିଶ୍ର, ଚନ୍ଦ୍ରଶେଖର ନାୟକ, ଚନ୍ଦ୍ରଶେଖର ମହାପାତ୍ର, ଜୟକୃଷ୍ଣ ମହାନ୍ତି ଆଦି ଥିଲେ । ନବବାବୁ ପୁରୀ ଜେଲକୁ ଯିବା ପରେ ବି ପ୍ରତିଦିନ ନୂଆ ହୋଇ ଅଗଷ୍ଟ ଆନ୍ଦୋଳନର ବନ୍ଦୀମାନେ ଆସୁଥିଲେ । ୧୯୪୨ ମସିହା ସେପ୍ଟେମ୍ବର ୧୬ ତାରିଖ ଦିନ ନିମାପଡ଼ା ଥାନା ଦଖଲ ଅଭିଯାନରେ ଉଛବ ମଳିକ ସହିଦ ହୋଇଥିଲେ । ସେହି ଅଭିଯାନରେ ପଦ୍ମଚରଣ ସାମନ୍ତସିଂହାର, ଭବାନୀ ପଟ୍ଟନାୟକ, ଉପେନ୍ଦ୍ର ମହାନ୍ତି ଓ ଲୋକନାଥ ସେନାପତି ବନ୍ଦୀ ହୋଇ ପୁରୀ ଜେଲକୁ ଯାଇଥିଲେ । ବୋଲଗଡ଼ ନିକଟସ୍ଥ ସୂତାକଟା କେନ୍ଦ୍ରରେ ଥିବା ଜଗନ୍ନାଥ ମିଶ୍ର ଖୋର୍ଦ୍ଧା ଜେଲରେ ୧୨ ଦିନ ରହି ପୁରୀ ଜେଲକୁ ଆସିଥିଲେ ।

ଯେଉଁମାନେ ଲବଣ ସତ୍ୟାଗ୍ରହ ବେଳରୁ ବାନରସେନା ଭାବରେ ଜେଲଖାନାର ଅନୁଭୂତି ଲାଭ କରିଥିଲେ ସେମାନଙ୍କୁ ଏଥର ବିଶେଷ କଷ୍ଟ ଲାଗିଲା ନାହିଁ । କିନ୍ତୁ ବୃନ୍ଦାବନ ଜେନା, ଯଦୁମଣି ଜେନାଙ୍କ ଭଳି ଯେଉଁ ଟୋକାମାନେ ସ୍କୁଲ ଛାଡ଼ି ଆସିଥିଲେ ସେମାନଙ୍କ ମଧ୍ୟରୁ କେତେକ ଜେଲଖାନା ଫାଟକ ଟପିଲା ପରେ ମନର ବଳ ହରାଇଥିଲେ ଓ କେତେକ ବେଳେବେଳେ କାନ୍ଦୁଥିଲେ । ଘର ଓ ଗାଁକୁ ଯେଭଳି ସେମାନେ ନ ଝୁରିବେ ସେଥିପାଇଁ ନବବାବୁ ସେମାନଙ୍କୁ ଆଦରରେ ନିଜର କରିନେଇଥାଆନ୍ତି ।

ବନ୍ଦୀମାନେ ସମସ୍ତେ ତଳେ ଶୋଉଥିଲେ । ଦିନ ହେଲେ ବିଛଣା ଗୁଡ଼ାଇ ତାକୁ ଆଉଜି ବସନ୍ତି । ଘର ଭିତର ସ୍ଥାନର ଅଭାବ ହେବାରୁ ନବବାବୁଙ୍କୁ ସେହି

Digitized by PPRACHIN, SOA

ଘର ବାରଣ୍ଡାରେ ଏକ ସାଦା ଖଟ ଦିଆଯାଇଥିଲା । ବାରଣ୍ଡାର ଚାରିପଟେ ଲୁହା ବାଡ଼ ଥିଲା ଓ ସେଥିକୁ ଯିବା ବାଟ କବାଟରେ ରାତିରେ, ସେ ଶୋଇଲା ପରେ ତାଲା ପଡୁଥିଲା । 'ସି' ଶ୍ରେଣୀ ବନ୍ଦୀମାନେ ଅନ୍ୟ ଏକ ହଲ୍‌ରେ ରହୁଥିଲେ । ସେମାନଙ୍କ ଲାଗି ପାଞ୍ଚ ଫୁଟ ଲମ୍ବ ଓ ଦେଢ଼ଫୁଟ ଓସାରର ମାଟିର ପିଣ୍ଡି ଥିଲା । ମଝି ମଝିରେ ଯିବାଆସିବା ପାଇଁ ବାଟ ଥାଏ । ତିରିଶ ଜଣ ବନ୍ଦୀ ରହିବା ସ୍ଥାନରେ ପ୍ରାୟ ୭୫ ଜଣ ବନ୍ଦୀ ଥାଆନ୍ତି । ସନ୍ଧ୍ୟା ୬ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ହଲ୍‌ରେ ତାଲା ପଡ଼େ । ସେମାନେ ସିକ୍ୟୁରିଟି ବନ୍ଦୀମାନଙ୍କ ସହ କଥାବାର୍ତ୍ତା ଓ ମିଳାମିଶା କରିବା ମନାଥାଏ । ନବବାବୁଙ୍କ ପରାମର୍ଶରେ ବନ୍ଦୀମାନେ ଆନ୍ଦୋଳନ କରିବାରୁ ରାତିରେ ହଲ୍‌ରେ ତାଲା ପଡ଼ିବା ବନ୍ଦ ହେଲା । ବିଭିନ୍ନ ଶ୍ରେଣୀ ବନ୍ଦୀମାନଙ୍କ ମଧ୍ୟରେ ଅବାଧ ମିଳାମିଶା ବାଟ ଖୋଲିଗଲା ।

ପ୍ରତିଦିନ ନବବାବୁଙ୍କ ନେତୃତ୍ୱରେ ନିୟମିତ ପ୍ରାତଃସ୍ମରଣ ଓ ସନ୍ଧ୍ୟା ଉପାସନା ହୁଏ । ନବବାବୁ ଗାମ୍ଭୀର୍ଯ୍ୟପୂର୍ଣ୍ଣ କଣ୍ଠରେ ଗୀତାର ସ୍ଥିତପ୍ରଜ୍ଞ ଲକ୍ଷଣ ଆବୃତ୍ତି କରନ୍ତି । ପ୍ରତିଦିନ ଗାନ୍ଧିବାଦ, ମାର୍କ୍ସବାଦ ମଧ୍ୟରେ ତୁଳନାତ୍ମକ ଆଲୋଚନା ହୁଏ ଓ ଦେଶବିଦେଶର ପରିସ୍ଥିତି ସମ୍ପର୍କରେ ଆଲୋଚନା ଚାଲେ । ସନ୍ଧ୍ୟା ପ୍ରାର୍ଥନା ବେଳକୁ ସମସ୍ତେ ସମବେତ ହୁଅନ୍ତି ଓ ଜଗନ୍ନାଥ ମିଶ୍ରଙ୍କ ନେତୃତ୍ୱରେ ପ୍ରତିଦିନ 'ବନ୍ଦେ ମାତରମ୍' ଗାନ କରନ୍ତି ଓ ବିଭିନ୍ନ ଜାତୀୟତାବାଦୀ ଧ୍ୱନି ଦେଇ ଶୋଇବାକୁ ଯାଆନ୍ତି । ସବୁ କାର୍ଯ୍ୟକ୍ରମରେ ନବବାବୁ ଭାଗ ନିଅନ୍ତି ।

୧୯୪୨ ମସିହା ଅକ୍ଟୋବର ମାସରେ ମେଦିନୀପୁରକୁ ହୋଇଥିବା ବାତ୍ୟାର ପ୍ରଭାବ ପୁରୀ ପର୍ଯ୍ୟନ୍ତ ପଡ଼ିଥାଏ । ସେହି ରାତିରେ ମନେ ହେଉଥିଲା ସତେଯେପରି ଖଣ୍ଡ ପ୍ରଳୟ ଆସିଗଲା । ଜେଲର କର୍ମକର୍ତ୍ତା ଓ ପ୍ରହରୀମାନେ ନିଜ ନିଜ ଛୁଆପିଲାଙ୍କୁ ସମ୍ଭାଳିବାରେ ବ୍ୟସ୍ତ । ଝଡ଼ ବର୍ଷାର ଅନ୍ତ ନ ଥାଏ । ଜେଲର ପୁରୁଣା କୋଠା ଛାତରୁ ପାଣି ଗଳୁଥାଏ । ବାହାର ପାଣି ଜେଲଖାନା ହତା ଭିତରକୁ ପଶିଲା । ସବୁ ବନ୍ଦୀ ୬ ନମ୍ବର ୱାର୍ଡ଼ରେ ଆଶ୍ରୟ ନେଲେ, ରାତି ସାରା ଉପବାସ । ଏଭଳି ପରିସ୍ଥିତିରେ ନବବାବୁ ବନ୍ଦୀମାନଙ୍କୁ ଜାତୀୟ ସଙ୍ଗୀତ ବୋଲିବାକୁ କହିଲେ । ରାତିସାରା ସଙ୍ଗୀତ ବୋଲାହେଲା । କିଛି ବନ୍ଦୀ ଓଦା ହୋଇ ଥରିବାରୁ ମଶାରି ବାଡ଼ା ଭାଙ୍ଗି ଜାଳି ନିଆଁ ପୁଇଁଲେ । ପରଦିନ ସକାଳ ସୁଦ୍ଧା ଜେଲ କର୍ତ୍ତୃପକ୍ଷଙ୍କ ଦେଖା ନାହିଁ । କେତେକ କହିଲେ, 'ଚାଲ ଜେଲ ଫାଟକ ଭାଙ୍ଗି ପଳାଇବା' ।

Digitized by PPRACHIN, SOA

ନବବାବୁ ସେମାନଙ୍କୁ ବାରଣ କଲେ । ବନ୍ଦିଶାଳାର ପାଚେରିକୁ ଲାଗି ସିଭିଲ୍ ଜେଲ୍ - ଯେଉଁଠି ମହାଜନୀ ଦେଣା ବା ଅନ୍ୟ ସରକାରୀ ଦେୟ ନ ଦେଇ ଦଣ୍ଡ ପାଉଥିବା ଲୋକେ ବନ୍ଦୀ ହୋଇ ରହନ୍ତି । ଏଣୁ ଜେଲ୍ ପାଚେରି ଡାଡ଼ି ସେହିଠାରେ ରହିବା କଥା ସ୍ଥିର କରାଗଲା । ଜଣେ ଦୌଡ଼ିଯାଇ ଜେଲ ଭିତରେ ଥିବା ଘଣା ପାଖ ଶାବଳକୁ ଆଣିଲେ ଓ ଆଉ ଯାହା ଲୌହ ସରଞ୍ଜାମ ଥିଲା ତାହାକୁ ଅନ୍ୟମାନେ ନେଇ ଜେଲ ପାଚେରି ଭଙ୍ଗା କାମରେ ଲାଗିଲେ । ସେହି ଶବ୍ଦ ଶୁଣି ଜେଲ କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗିଲା । ସେମାନେ ଜରୁରିକାଳୀନ ବିଗୁଲ୍ ବଜାଇଲେ । ସେହି ବତାସରେ ଭିଜି ଭିଜି କେତେକ ସଶସ୍ତ୍ର ପୋଲିସ ବନ୍ଧୁକ ଧରି ସିଭିଲ ଜେଲର ଛାତ ଉପରକୁ ଉଠି ପ୍ରଥମେ ଶୂନ୍ୟକୁ ଗୁଳି ଫୁଟାଇଲେ । ସେମାନେ ବନ୍ଦୀମାନଙ୍କ ଆଡ଼କୁ ବନ୍ଧୁକ ଦେଖାଇବା ମାତ୍ରେ ନବବାବୁ ଛାତି ଦେଖାଇ ଗୁଳି କରିବାକୁ ଆହ୍ୱାନ ଦେଲେ । ତାଙ୍କରି ଆହ୍ୱାନ ପରେ ଭଗବାନ୍ ପ୍ରତିହାରୀ, ପଦ୍ମଚରଣ ସାମନ୍ତସିଂହାର ଆଦି ଛାତି ଦେଖାଇ ଗୁଳି ମାରିବାକୁ ଆହ୍ୱାନ କରୁଥାନ୍ତି । ଏହି ଆହ୍ୱାନରେ ସିପାହିମାନେ ଗୁଳି କରିବାକୁ ପଛେଇ ଗଲେ । ଏହି ଖବର ପହଞ୍ଚିଲା ମାତ୍ରେ ସୁପରିନ୍‌ଟେନ୍‌ଡେଣ୍ଟ କାଶୀନାଥ ମିଶ୍ର ଆସି ପହଞ୍ଚିଲେ । ଜେଲଖାନାର ଡାକ୍ତରଖାନାରୁ ବନ୍ଦୀ ରୋଗୀମାନଙ୍କୁ ଅନ୍ୟତ୍ର ନିଆଯାଇ ଚାରି ଦିନ କାଳ ସେଠାରେ ରାଜବନ୍ଦୀମାନଙ୍କୁ ରଖାଗଲା । କିନ୍ତୁ ଏଥିଲାଗି ବହୁ ବନ୍ଦୀମାନଙ୍କ ବିରୋଧରେ ଜେଲଖାନାରୁ ପଳାୟନ ମକଦ୍ଦମା ହେଲା । ଏ ମକଦ୍ଦମା ବି ହରିହର ମହାପାତ୍ର ଲଢ଼ିଲେ । ଏହି ସମୟରେ ଉତ୍ତର ଓଡ଼ିଶା ଓ ମେଦିନୀପୁର ବାତ୍ୟାର କ୍ଷୟକ୍ଷତି ଖବର ପହଞ୍ଚୁଥାଏ । ଅଲେଖ ପାତ୍ର ଓ ଲୋକନାଥ ସେନାପତି ଭାବିଲେ ଜେଲଖାନାରୁ ପଳାଇ ବାତ୍ୟାବିପନ୍ନ ଲୋକଙ୍କୁ ସାହାଯ୍ୟ କରିହୁଅନ୍ତା ଓ ଦବିଯାଇଥିବା ଆନ୍ଦୋଳନକୁ ଆହୁରି ତେଜେଇ ହୁଅନ୍ତା । ସେମାନେ ନବବାବୁଙ୍କ ପରାମର୍ଶରେ ଅନ୍ୟମାନଙ୍କ ସହାୟତାରେ ଜେଲ ପାଚେରି ଡେଇଁ ପଳାଇଥିଲେ । ସେମାନେ ବାତ୍ୟା ବିପନ୍ନଙ୍କ ପାଇଁ କାମ କରିବା ସଙ୍ଗେ ସଙ୍ଗେ ଆନ୍ଦୋଳନ ପ୍ରଚାର କରି ପୁଣି ଧରା ହେଲେ ।

ଜେଲ ପାଚେରି ଭଙ୍ଗା ମକଦ୍ଦମାର ପରିଣାମସ୍ୱରୂପ ନବକୃଷ୍ଣ ଚୌଧୁରୀ, ଭଗବାନ୍ ପ୍ରତିହାରୀ, ପଦ୍ମଚରଣ ସାମନ୍ତସିଂହାର ଆଦିଙ୍କୁ ବ୍ରହ୍ମପୁର ଜେଲକୁ ବଦଳି କରାଗଲା ଓ ସେମାନଙ୍କୁ 'ଖ' ଶ୍ରେଣୀରୁ 'ଗ' ଶ୍ରେଣୀ ବନ୍ଦୀ ଶ୍ରେଣୀଭୁକ୍ତ କରାଗଲା । ପୁରୀ ଜେଲ୍‌ରେ ଥିବାବେଳେ ଜୟପ୍ରକାଶ ନାରାୟଣ ଆଦି ବହୁ

Digitized by PPRACHIN, SOA

ବନ୍ଦୀ ଜେଲରୁ ଖସି ପଳାଇ ଯାଇଥିବା କଥା ଜଣାପଡ଼ିବାରୁ ନବବାବୁ ଖୁବ୍ ଉତ୍ସାହିତ ହୋଇଥିଲେ । ଜେଲଖାନାରେ ଥିଲାବେଳେ ସେ ବିଧାୟକ ଭାବରେ ପାଉଥିବା ଭତ୍ତାରୁ ଦୁସ୍ଥ କର୍ମୀମାନଙ୍କ ନିକଟକୁ ଟଙ୍କା ପଠାଉଥିଲେ ।

ନବବାବୁ ବ୍ରହ୍ମପୁର ଜେଲ୍‌ରେ ଦୁଇବର୍ଷ କଟାଇଥିଲେ । ସେହି ସମୟରେ ସେ ନିଜେ ପଢ଼ାପଢ଼ି କରନ୍ତି ଓ ଅନ୍ୟମାନଙ୍କୁ ରାଜନୀତିକ ଶିକ୍ଷା ଦିଅନ୍ତି । ତାଙ୍କର ସବୁ ବକ୍ତୃତା ଗୋଟିଏ ଗୋଟିଏ ଛୋଟ ନିବନ୍ଧ ପରି । ସତ୍ୟାଗ୍ରହ ତତ୍ତ୍ୱ ବୁଝାଇବାରେ ସେ ଅନେକ ସମୟ ନିଅନ୍ତି - କାରଣ ସେହି ତତ୍ତ୍ୱଟି ଗାନ୍ଧିଜୀଙ୍କର ମୌଳିକ ଅବଦାନ ଓ ତା'ର ମହତ୍ତ୍ୱ ଅତି ଗଭୀର । ଏକ ଯୁକ୍ତି ଅବତାରଣା କଲାବେଳେ ସେ ତା'ର ବିପରୀତ ଯୁକ୍ତି ନିଜେ ବାଢ଼ି ତାକୁ କାଟିବାକୁ ଅନ୍ୟମାନଙ୍କୁ ଆହ୍ୱାନ କରନ୍ତି । ଏହି ତାତ୍ତ୍ୱିକ କଥା ଛଡ଼ା ସେ ଅର୍ଥନୀତି ଓ କୃଷି ସମସ୍ୟା, ବିଶେଷକରି ଭୂ-ସମସ୍ୟା ଉପରେ ଟିକିନିଖି ଆଲୋଚନା କରନ୍ତି । ସେ ନିଜେ ପ୍ରତିଦିନ ସୂତା କାଟନ୍ତି, ବଗିଚା କାମ କରନ୍ତି ଓ ନିଜର ବାସନକୁସନ, ଲୁଗାପଟା ସଫା କରନ୍ତି । ଏଠାକୁ ସେତେବେଳକୁ ଆସିଯାଇଥାନ୍ତି ରବୀନ୍ଦ୍ରମୋହନ ଦାସ ଓ ସୁଧୀର ଘୋଷ । ସେମାନଙ୍କ ସହିତ ଉମାଚରଣ ପଟ୍ଟନାୟକ ଓ ଜଗନ୍ନାଥ ମିଶ୍ର ଯୁବକମାନଙ୍କୁ ଡ୍ରିଲ୍ ଓ ମାର୍ଚ୍ଚିଙ୍ଗ ତାଲିମ ଦିଅନ୍ତି । ଏଠାରେ ବି ନବବାବୁ ହାଜର ହୋଇଯାଆନ୍ତି ।

ଏମାନେ ଜେଲ୍‌ରେ ଥିବାବେଳେ କମ୍ୟୁନିଷ୍ଟ ପାର୍ଟିର ନେତା ଭଗବତୀ ପାଣିଗ୍ରାହୀଙ୍କ ଅକାଳ ମୃତ୍ୟୁ ଖବର ବ୍ରହ୍ମପୁରରେ ପହଞ୍ଚିଥିଲା । ତାଙ୍କ ଶୋକସଭାରେ ଦଳମତ ନିର୍ବିଶେଷରେ ସମସ୍ତେ ଯୋଗ ଦେଇଥିଲେ, ଯଦିଓ ସେତେବେଳକୁ କମ୍ୟୁନିଷ୍ଟମାନଙ୍କ ସହିତ କଂଗ୍ରେସ ଲୋକଙ୍କର ମତାନ୍ତର ଗଭୀର ହୋଇପଡ଼ିଥିଲା । ନବବାବୁ ସେ ସଭାରେ କାନ୍ଦି କାନ୍ଦି ଖାଲି କହିଲେ, ''ଭଗବତୀ ନ ମରି ମୁଁ ମଲି ନାହିଁ । ଭଗବତୀଙ୍କ ଦୁଇ ସନ୍ତାନ କ'ଣ କରିବେ ?'' ସେ ଆଉ କିଛି କହିପାରିଲେ ନାହିଁ ଓ ବିରାଟ ଜନସମାବେଶରେ କଇଁ କଇଁ ହୋଇ କାନ୍ଦିଲେ । ଅଥଚ ସେ ହିଁ ଓଡ଼ିଶାରେ କଂଗ୍ରେସ ସୋସାଲିଷ୍ଟ ପାର୍ଟିକୁ ଭୁଶାଡ଼ିବା ପାଇଁ ମୁଖ୍ୟ ଭୂମିକା ନେଇଥିଲେ । ତାହା ସତ୍ତ୍ୱେ ଭଗବତୀ ଥିଲେ ତାଙ୍କର ଓ ମାଳତୀଦେବୀଙ୍କର ଅତି ଆପଣାର - ସତେ ଯେଭଳି ସହୋଦର । ଜେଲ୍‌ରୁ ଖଲାସ ହେଲା ପରେ ସେ ଭଗବତୀବାବୁଙ୍କ ପିଲାଙ୍କର ଖୋଜଖବର ନିଅନ୍ତି । ସେମାନେ ପୁରୀରେ ରହୁଥିଲା ବେଳେ ରାଜସ୍ୱ ମନ୍ତ୍ରୀ ଭାବରେ ପୁରୀ ଗସ୍ତରେ ଗଲେ ମଟରଗାଡ଼ିକୁ ବହୁ ଦୂରରେ ରଖି ଚାଲି ଚାଲି ଯାଇ, ତାଙ୍କ ପିଲାଙ୍କ ସହିତ ବେଶ୍ କିଛି ସମୟ କଟାନ୍ତି । ତାଙ୍କ

Digitized by PPRACHIN, SOA

ସାହାଯ୍ୟ ପାଣ୍ଠିରୁ ଭଗବତୀ ପାଣିଗ୍ରାହୀଙ୍କ ପିଲାଙ୍କ ବହିପତ୍ର କିଣା ପାଇଁ ସେ ସାମୟିକ ସାହାଯ୍ୟ କରୁଥିଲେ । ନବବାବୁଙ୍କୁ ଅନ୍ୟମାନେ ବାପି ବୋଲି ଡାକନ୍ତି; କିନ୍ତୁ ମାଳତୀଦେବୀ ସେହି ପିଲାମାନଙ୍କୁ କହିଥାନ୍ତି ''ତୁମେ ବାପି ଡାକିବ ନାହିଁ ବଡ଼ବାପା ବୋଲି ଡାକିବ ।''

ଏହି ବ୍ରହ୍ମପୁର ଜେଲରେ ଥିବାବେଳେ ଦିନେ ରାତି ୩ଟାରେ ବ୍ରିଟିଶ ସୈନ୍ୟବାହିନୀ ନେଇ ଯାଉଥିବା ଟ୍ରେନ ଉପରେ ଜାପାନୀ ବୋମା ମାଡ଼ ହେଲା । ଜେଲଖାନାଟି ରେଳରାସ୍ତା ପାଖରେ । ଗୋଟାଏ ବୋମା ଜେଲ ପାଚେରିର ଠିକ୍ ପାଖରେ ପଡ଼ି ଫୁଟିଥିଲା । ସେହି ଶବ୍ଦରେ ବନ୍ଦୀମାନେ ଆତଙ୍କିତ ଓ ତ୍ରସ୍ତ ହୋଇପଡ଼ିଥିଲେ । ନବବାବୁ ସକାଳ ପର୍ଯ୍ୟନ୍ତ ଜେଲ ସାରା ବୁଲି ସମସ୍ତଙ୍କୁ ଧୈର୍ଯ୍ୟ ଦେଉଥିଲେ । ନବବାବୁ ବ୍ରହ୍ମପୁର ଜେଲ୍‌ରେ ଥିବାବେଳେ ଲକ୍ଷ୍ମଣ ନାୟକଙ୍କୁ ଫାଶି ଦିଆଯାଇଥିଲା । ସେଦିନ ରାତିସାରା ବନ୍ଦୀମାନେ ଗୀତାପାଠ, ପ୍ରାର୍ଥନା ଓ ଦେଶାତ୍ମମୂଳକ ସଙ୍ଗୀତ ଗାଇ କଟାଇ ଦେଇଥିଲେ । ଏହାର ପ୍ରତିବାଦସ୍ୱରୂପ କିଛି ନ କରିପାରିବାରୁ ନବବାବୁ କ୍ଷୋଭ ପ୍ରକାଶ କରିଥିଲେ । କାରଣ ଲକ୍ଷ୍ମଣ ନାୟକଙ୍କୁ ଏକ ମିଛ ମକଦ୍ଦମାରେ ଦଣ୍ଡ ଦିଆଯାଇଥିଲା ।

୨୬ ଜାନୁୟାରୀର ମାଡ଼

୧୯୪୪ ଜାନୁଆରୀ ୨୬ ତାରିଖ ଦିନ କିଛି ଯୁବକବନ୍ଦୀ ଜେଲ ମଧ୍ୟରେ ସ୍ୱାଧୀନତା ଦିବସ ପାଳନ କରିବାକୁ ଇଚ୍ଛା କଲେ । ୧୯୫୦ ମସିହା ପର୍ଯ୍ୟନ୍ତ ସେହି ଦିନକୁ ସ୍ୱାଧୀନତା ଦିବସ ଭାବରେ ପାଳନ କରାଯାଉଥିଲା । ସେହି ଉପଲକ୍ଷେ ଜାତୀୟ ପତାକା ଉଡ଼ାଯିବା କଥା । ଗୋପବନ୍ଧୁ ଚୌଧୁରୀ ଆଦି ବୟୋଜ୍ୟେଷ୍ଠ ନେତା ଏହାକୁ ବିରୋଧ କଲେ - କାରଣ ଜେଲ ବାହାରୁ ପତାକା ଚୋରାଇ ଆଣି ସ୍ୱାଧୀନତା ପାଳନ ଅନୈତିକ । କିନ୍ତୁ କସ୍ତୁରୀ ମଳିକ, ମଥୁରୀ ସାହୁ, ଉପେନ୍ଦ୍ର ମହାନ୍ତି ଓ ରାଧେଶ୍ୟାମ ଦାସ ଆଦି ଯୁବକମାନଙ୍କର ଜିଦ୍ ନିଶ୍ଚୟ ପତାକା ଉଡ଼ାଯିବ । ଜେଲ ଭିତରେ ପତାକା ତିଆରି ହେଲା ଓ କର୍ତ୍ତୃପକ୍ଷଙ୍କ ବିରୋଧ ସତ୍ତ୍ୱେ ସକାଳ ୮ଟାରେ ପ୍ରାଣକୃଷ୍ଣ ପଢ଼ିଆରୀଙ୍କ ନେତୃତ୍ୱରେ ପତାକା ଉତ୍ତୋଳନ କରାଗଲା । ପତାକା ବାଉଁଶଟି ଥିଲା ଖୁବ୍ ଉଚ୍ଚା । ତାହା କଲେକ୍ଟରଙ୍କ ଅଫିସ ସମେତ ବହୁ ଦୂରକୁ ଦିଶୁଥିଲା । ଏଣୁ ହଇଚଇ ପଡ଼ିଗଲା । ପତାକା ଉତ୍ତୋଳନ ପରେ ତାହାକୁ ଓହ୍ଲାଇ ଆଣିବାକୁ ଜେଲ୍ ସୁପରିନ୍‌ଟେନ୍‌ଡେଣ୍ଟ୍ ନାୟାର

Digitized by PPRACHIN, SOA

କହିଲେ । କିନ୍ତୁ ବିଧି ଅନୁସାରେ ସନ୍ଧ୍ୟା ପୂର୍ବରୁ ପତାକା ଅବତରଣ କରାଯିବାର ନୁହେଁ । କଲେକ୍ଟର ହାସାନ୍‌ଙ୍କ ପାଖକୁ ଏ ଖବର ଗଲା । ସେ ୩ଟା ବେଳକୁ ସଶସ୍ତ୍ର ପୋଲିସ ଆଣି ପତାକା ବାଉଁଶ ଆଡ଼କୁ ଆସିଲା ବେଳକୁ ବହୁ ବନ୍ଦୀ ପତାକା ବାଉଁଶର ଚାରିପଟେ ଘେରି ରହି ପତାକା ଅବତରଣ କରାଇ ଦେଲେ ନାହିଁ । ଏଥିଲାଗି ଆଖିବୁଜା ମାଡ଼ ହେଲା । ଗୌରାଙ୍ଗ ଚରଣ ଦାସ ମୁଣ୍ଡରେ ଚଦର ଭିଡ଼ିଥିଲେ ବି ତାଙ୍କ କାନମୁଣ୍ଡା ଉପରେ ଏପରି ସାଂଘାତିକ ମାଡ଼ ହେଲା ଯେ ମୁଣ୍ଡ ଫାଟି ଦେହ ସାରା ରକ୍ତରେ ଜୁଡୁବୁଡୁ । ସେହିଭଳି ମାଡ଼ ହୋଇଥିଲା ବୀରେନ୍ ମିତ୍ରଙ୍କ ଉପରେ । ବନ୍ଦେ ମାତରମ୍, ଇନ୍‌କ୍ଲାବ୍ ଜିନ୍ଦାବାଦ୍ ଧ୍ୱନି ଦେଇ ବନ୍ଦୀମାନେ ସେ ପତାକା ଚାରିପଟେ ଘେରି ରହି ମାଡ଼ ଖାଉଥାନ୍ତି ପଛେ ଛାଡ଼ୁ ନ ଥାନ୍ତି । ନିଜେ କଲେକ୍ଟର ନିଜ ହାତର ଛୋଟ ବାଡ଼ିରେ ଏମାନଙ୍କୁ ପିଟୁ ଥାଆନ୍ତି । ମାଡ଼ରେ ଗୌରାଙ୍ଗ ଚରଣ ଦାସ ଓ ବୀରେନ୍ ମିତ୍ର ମୁମୂର୍ଷୁ ପ୍ରାୟ ହୋଇଯାଇଥିଲେ । କଲେକ୍ଟର ଗର୍ଜିଉଠି ଇଂରାଜୀରେ କହିଲେ ମୁଁ କିଛି ଲୋକଙ୍କୁ ଶସ୍ତାରେ ସହିଦ ବନେଇବାକୁ ଚାହେଁ । ମାଡ଼ ହେଲା ରବୀନ୍ଦ୍ର ମୋହନ ଦାସଙ୍କ ବାମ ହାତରେ ପିତଳ ଗୋବ ଦିଆ ରୋଳ ବାଡ଼ିରେ । କଲେକ୍ଟରଙ୍କ ପାଖରେ ଥିବା ଦୁଇଜଣ ସର୍ଜେଣ୍ଟ କସ୍ତୁରୀଚରଣ ମଳିକ ଓ ଗୌରାଙ୍ଗ ଚରଣ ଦାସଙ୍କୁ ବୁଟ୍ ଜୋତାରେ ଗୋଇଠା ମାରି ଚକଟି ଚାଲିଗଲେ । ସେମାନଙ୍କ ପିଠି, ମୁଣ୍ଡ ଫାଟି ରକ୍ତ ବୋହୁଥାଏ । ଶହ ଶହ ସଂଗ୍ରାମୀ ଲାଠି ମାଡ଼ର ଶିକାର ହେଲେ । ତିନିଥର ଲାଠି ଚାର୍ଜ ହେଲା । ପତାକା ପିଠ ରକ୍ତାକ୍ତ ହୋଇଗଲା । ମଥୁରାନନ୍ଦ ସାହୁ ପତାକା ଖୁଣ୍ଟକୁ ଜାବୁଡ଼ି ଧରିଥାଆନ୍ତି । ଫଉଜ ଏଣେତେଣେ ଦୌଡ଼ି ଯାହାକୁ ପାଇଲେ ଗୋଗୋଛ ବାଡ଼ିଆ ଚଳାଇଥାଆନ୍ତି । ବିଶ୍ୱନାଥ ଦାସ ଓ ବିଶ୍ୱନାଥ ପଣ୍ଡିତଙ୍କ ଉପରେ ବି ମାଡ଼ ହେଲା । ଡାକ୍ତର ସୁରେନ୍ଦ୍ର ସାହୁ ମାଡ଼ ଖାଇ ବେହୋସ ହୋଇ ପଡ଼ି ରହିଲେ । ଏହି ସମୟରେ ନବକୃଷ୍ଣ ଚୌଧୁରୀ ତାଙ୍କ ୱାର୍ଡ଼ରୁ ପାଗଳ ପରି ଦୌଡ଼ିଆସି କଲେକ୍ଟରଙ୍କ ଆଗରେ ନିଜର ପିନ୍ଧିଥିବା ଜାମାକୁ ଫୋପାଡ଼ି ଦେଇ, ନିଜ ଛାତିରେ ଗୁଳି ନ ବାଜିଲା ପର୍ଯ୍ୟନ୍ତ ପିଲାମାନଙ୍କୁ ମାଡ଼ ଦେଇପାରିବ ନାହିଁ ବୋଲି କହିବାରୁ କଲେକ୍ଟର ଲଜ୍ଜିତ ହୋଇ ଫେରିଗଲେ । ସ୍ୱାଧୀନତା ସଂଗ୍ରାମରେ ଜାତୀୟ ପତାକା ଉତ୍ତୋଳନ କରିବାକୁ ଯାଇ ଏଭଳି ମାଡ଼ ଖାଇବାକୁ ବିଖ୍ୟାତ ଇଂରାଜୀ ଦୈନିକ ସମ୍ବାଦପତ୍ର 'ହିନ୍ଦୁ' ଅହିଂସାତ୍ମକ ସଂଗ୍ରାମର ଉଚ୍ଚ ପ୍ରଶଂସା କରିଥିଲେ ।

Digitized by PPRACHIN, SOA

ନବବାବୁ ବ୍ରହ୍ମପୁର ଜେଲରେ ଥିଲାବେଳେ ଲକ୍ଷ୍ମଣ ନାୟକଙ୍କୁ ଫାଶି ଆଦେଶ ହେଲା । ସେଦିନ ରାତିରେ କେହି ଖାଇଲେ ନାହିଁ ଓ ଗୀତା ପାଠ ଆଦିରେ ରାତି ପାହିଗଲା । ସେହି ଅବିଚାରର କିଛି ପ୍ରତିବାଦ ନ କରିପାରି ନବବାବୁ ଖୁବ୍ ଦୁଃଖିତ ହୋଇଥିଲେ । ଅଧିକାଂଶ ବନ୍ଦୀ ଖଲାସ ହୋଇଥିଲେହେଁ ୧୯୪୫ ମସିହା ଶେଷ ଆଡ଼କୁ ନବକୃଷ୍ଣ ଚୌଧୁରୀ ଖଲାସ ହେଲେ । ଏହା ପୂର୍ବରୁ ମାଳତୀଦେବୀ ଖଲାସ ହୋଇ ଅନୁଗୋଳରେ ତାଙ୍କ ନାମରେ କିଣାହୋଇଥିବା ଆଶ୍ରମଟିକୁ ବାଗେଇବାରେ ଲାଗିଥିଲେ ଓ ଢେଙ୍କାନାଳ ତଥା ତାଳଚେରର ପ୍ରଜାମଣ୍ଡଳ ଆନ୍ଦୋଳନରେ ବନ୍ଦୀ ତଥା ଦଳିତଳାନ୍ତ ହୋଇଥିବା କର୍ମୀଙ୍କ ପରିବାରକୁ ସଂଖୋଳି ଯାଉଥିଲେ । ହରେକୃଷ୍ଣ ମହତାବ ୧୯୪୫ ମଇ ମାସରେ ସମ୍ବଲପୁର ଜେଲରୁ ଖଲାସ ହୋଇ କଟକ ଆସିଥିଲେ । ସେହି ସମୟକୁ ନବକୃଷ୍ଣ ଚୌଧୁରୀ କଟକ ଜେଲକୁ ବଦଳି ହୋଇ ଆସିଥିଲେ । ଏହିଠାରେ ତାଙ୍କର ବାଙ୍କବିହାରୀ ଦାସ, ଚିତ୍ତରଞ୍ଜନ ଦାସ ଓ ନିଶାମଣି ଖୁଣ୍ଟିଆ ଆଦି ତରୁଣ ସଂଗ୍ରାମୀଙ୍କ ସହିତ ପରିଚୟ ହୁଏ । ଏମାନେ ବି ନବକୃଷ୍ଣ ଚୌଧୁରୀଙ୍କଠାରୁ ସେଠାରେ ରାଜନୀତିକ ଦୀକ୍ଷା ନିଅନ୍ତି । ନବବାବୁ ଖଲାସ ହେଲା ପୂର୍ବରୁ ବାଙ୍କବିହାରୀ ଦାସ ଖଲାସ ହୋଇଥାନ୍ତି । ମହତାବବାବୁ କଟକ ଜେଲ୍‌କୁ ଯାଇ ନବବାବୁଙ୍କ ସହିତ ସାକ୍ଷାତ୍ କରି ଅନ୍ୟାନ୍ୟ କଥା ଆଲୋଚନା କାଳରେ ତାଙ୍କୁ ସାହାଯ୍ୟ କରିବା ପାଇଁ ଜଣେ ଯୁବକ ଲୋକଙ୍କ ସହାୟତା କଥା ଉଠାଇଥିଲେ । ନବବାବୁ ସେତେବେଳେ ଏହି ବାଙ୍କବିହାରୀ ଦାସଙ୍କ କଥା କହିଥିଲେ । ସେ ଗାଁରୁ ଫେରି କଟକରେ ମହତାବବାବୁଙ୍କ ସହ ରହିଲେ । ନବବାବୁ ଜେଲ୍‌ରୁ ଖଲାସ ହେଲା ଦିନ ବାଙ୍କବାବୁ କଟକ ଜେଲକୁ ଯାଇଥିଲେ ଓ ସେଠାରୁ ଉଭୟ ସିଧା ମହତାବବାବୁ, ବାଲୁବଜାରରେ ରହୁଥିବା କୋଠାକୁ ଆସିଥିଲେ । ମହତାବବାବୁଙ୍କୁ ଭେଟୁ ଭେଟୁ ନବବାବୁ ଇଂରାଜୀରେ କହି ପକାଇଲେ, "ମହତାବବାବୁ ! ମୁଁ ଆପଣଙ୍କୁ ମୋର ନେତା ଭାବରେ ଗ୍ରହଣ କରୁଛି ।" ଏହା ଥିଲା ସମାଜବାଦୀ ବାଙ୍କବିହାରୀଙ୍କ ପାଇଁ ଅପ୍ରତ୍ୟାଶିତ ଓ ଅଚିନ୍ତନୀୟ ଆଘାତ । ସେ କଂଗ୍ରେସ ସୋସାଲିଷ୍ଟ ଦଳର ନେତା ନ ହୁଅନ୍ତୁ ପଛେ କଂଗ୍ରେସ ଦଳର ନେତା ହୁଅନ୍ତୁ, କିନ୍ତୁ ହରେକୃଷ୍ଣ ମହତାବ ତାଙ୍କର ନେତା ହେବେ ଏଇ କଥା ବାଙ୍କବାବୁଙ୍କୁ ଖୁବ୍ ବାଧିଥିଲା । ଏହା ପୂର୍ବରୁ ନବକୃଷ୍ଣ ଚୌଧୁରୀ କଂଗ୍ରେସ ସୋସାଲିଷ୍ଟମାନଙ୍କଠାରୁ ଅଲଗା ହୋଇଯାଇଥିଲେ ବି ବିଭିନ୍ନ କୃଷକ ଆନ୍ଦୋଳନ ଓ ଗଡ଼ଜାତ ଆନ୍ଦୋଳନରେ ସେମାନଙ୍କ ସହିତ ଘନିଷ୍ଠ

Digitized by PPRACHIN, SOA

ଭାବରେ ଥିଲେ । ବିଶେଷଭାବରେ କମ୍ୟୁନିଷ୍ଟମାନଙ୍କ ସ୍ୱତନ୍ତ୍ର ସଙ୍ଗଠନ ଗଢ଼ା ହେବା କଥା ଜଣାପଡ଼ିବା ପରେ ସୋସାଲିଷ୍ଟମାନେ ତାଙ୍କର ନିକଟତର ହୋଇଥାନ୍ତି । କିନ୍ତୁ ଜେଲରୁ ଖଲାସ ହେଲା ପରେ ସେ ଦିନେ କ'ଣ ଭାବିଲେ କେଜାଣି, ଓଡ଼ିଶା କଂଗ୍ରେସ ସୋସାଲିଷ୍ଟ ପାର୍ଟି ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କୁ ସ୍ୱରାଜ୍ୟାଶ୍ରମର ବାମପଟକୁ ଥିବା ଆଜ୍‌ବେଷ୍ଟସ୍ ଘରକୁ ଡାକି କହିଲେ, "ତୁମ୍ଭେମାନେ ଭାବୁଛ ଓ ଆଶା କରୁଛ ଯେ ମୁଁ ତୁମ୍ଭମାନଙ୍କ ସଙ୍ଗରେ ରହିବି । ମୁଁ ତୁମ୍ଭମାନଙ୍କ ସଙ୍ଗରେ ରହିପାରିବି ନାହିଁ ।" ଏତିକି କହି ସେ କାନ୍ଦି ପକାଇଥିଲେ ଓ ସମାଜବାଦୀ ସହକର୍ମୀମାନେ ସମସ୍ତେ କାନ୍ଦିଥିଲେ ।

୧୯୩୩ରୁ ୧୯୪୬ ମସିହା ପର୍ଯ୍ୟନ୍ତ ନବକୃଷ୍ଣ ଚୌଧୁରୀ ହିଁ କଂଗ୍ରେସ ଦଳର ସାରଥି ଥିଲେ । କୃଷକ ଆନ୍ଦୋଳନ, ଗଡ଼ଜାତ ଆନ୍ଦୋଳନ ଓ ଅଗଷ୍ଟ ବିପ୍ଳବ ସବୁ କ୍ଷେତ୍ରରେ ସେ ହିଁ ଥିଲେ କର୍ଣ୍ଣଧାର । ହରେକୃଷ୍ଣ ମହତାବ ଘଟଣାଚକ୍ରରେ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଦସ୍ୟ ହୋଇଥିଲେ ହେଁ ନବକୃଷ୍ଣ ଚୌଧୁରୀ ଥିଲେ ଓଡ଼ିଶାର ଲୋକପ୍ରିୟ ନେତା । ୧୯୪୬ ନିର୍ବାଚନ ପରେ ସେ ଚାହିଁଥିଲେ ଓଡ଼ିଶାର ପ୍ରଧାନମନ୍ତ୍ରୀ ହୋଇପାରିଥାଆନ୍ତେ । କିନ୍ତୁ ସେ ସେହି ବେଳର ଭାରତୀୟ ତଥା ଓଡ଼ିଶାର ରାଜନୀତିକ ପରିସ୍ଥିତିକୁ ବିଚାରକୁ ନେଇ ନିଜେ ନେତା ନ ହୋଇ ହରେକୃଷ୍ଣ ମହତାବଙ୍କୁ ନେତା ଭାବରେ ଗ୍ରହଣ କରିଥିଲେ । ସେତେବେଳକୁ ପ୍ରବୀଣ ନେତା ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର ଓ ଯଦୁମଣି ମଙ୍ଗରାଜ ଆଦି କଂଗ୍ରେସରୁ ବାହାରି ଯାଇଥାନ୍ତି । କମ୍ୟୁନିଷ୍ଟମାନେ ପୁରୀ ଓ ଗଞ୍ଜାମ ଜିଲ୍ଲାରେ ନିଜର ସ୍ଥିତି ମଜଭୁତ କରି ଦେଇଥାନ୍ତି । ମୁସ୍‌ଲିମ୍‌ଲିଗ୍ ଭାରତ ବିଭାଜନ ଲାଗି ରଣଧ୍ୱନି ଦେଇଥାଏ । ୫୮୨ଟି ଦେଶୀୟ ରାଜ୍ୟ ସ୍ୱାଧୀନ ହୋଇଯିବେ ବୋଲି ଘୋଷଣା କରୁଥାନ୍ତି । ଏଭଳି ପରିସ୍ଥିତିରେ ଓଡ଼ିଶା କଂଗ୍ରେସରେ ଆହୁରି ଏକ ବିଭାଜନ ନ କରି ହରେକୃଷ୍ଣ ମହତାବଙ୍କ ଭଳି ଟାଣୁଆ ନେତାଙ୍କୁ ଆଗୁଆ କରି (ରଥୀ କରି) ନିଜେ ସାରଥି ହୋଇ ବହୁ ଆକାଙ୍କ୍ଷିତ ସ୍ୱାଧୀନତାର ସଦୁପଯୋଗ କରିବା ବିଜ୍ଞତା ବୋଲି ନବବାବୁ ପ୍ରାୟ ବିଚାର କରୁଥିଲେ ।

Digitized by PPRACHIN, SOA

ରାଜନୀତିରେ ନବକୃଷ୍ଣ

ମନ୍ତ୍ରୀ ନବକୃଷ୍ଣ

ହରେକୃଷ୍ଣ ମହତାବ ଓ ନବକୃଷ୍ଣ ଚୌଧୁରୀଙ୍କ ମିଳିତ ରଣକୌଶଳ ଫଳରେ ୧୯୪୬ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ବହୁସ୍ଥାନରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ ଓ ଏହାର ଦୁଇବର୍ଷ ମଧ୍ୟରେ ଓଡ଼ିଶାର ଗଡ଼ଜାତ ରାଜାମାନେ ହିଁ ପ୍ରଥମେ ଭାରତ ସରକାରଙ୍କଠାରେ ନିଜ ରାଜ୍ୟର ଶାସନ ଅର୍ପଣ କରିଥିଲେ । ୧୯୪୬ ନିର୍ବାଚନରେ କଂଗ୍ରେସ ସମଗ୍ର ୬୦ଟି ସ୍ଥାନରୁ ୪୦ଟି ସ୍ଥାନ ପାଇଥିଲେ ଓ ନବକୃଷ୍ଣ ଚୌଧୁରୀ ଉତ୍ତର କେନ୍ଦ୍ରାପଡ଼ାରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇ ୧୯୪୬ ଜାନୁଆରୀ ୨୩ ତାରିଖରେ ମନ୍ତ୍ରୀ ଭାବରେ ଶାସନ ଦାୟିତ୍ୱ ଗ୍ରହଣ କରିଥିଲେ । ନବକୃଷ୍ଣ ଚୌଧୁରୀ ତାଙ୍କର ପ୍ରିୟ ରାଜସ୍ୱ ବିଭାଗ ଛଡ଼ା ଯୋଗାଣ ଓ ପରିବହନ ବିଭାଗ ନେଇଥିଲେ ଏବଂ କିଛି ଦିନ ପରେ ତାଙ୍କୁ ଜଙ୍ଗଲ ବିଭାଗ ଦିଆଯାଇଥିଲା । ଯୁଦ୍ଧ ପରେ ପରେ ଲୁଗା, ଚିନି, କିରୋସିନି ଓ କାଗଜ ଆଦି ଜିନିଷର ଅଭାବ ଯୋଗୁଁ କଣ୍ଟ୍ରୋଲ ବ୍ୟବସ୍ଥା ଚାଲୁ ରହିଥିଲା । ଏହି କାରଣରୁ ନବବାବୁଙ୍କ ଭଳି ଦକ୍ଷ ଲୋକ ଯୋଗାଣ ବିଭାଗ ଦାୟିତ୍ୱରେ ଥିଲେ ।

ଜମିଦାରୀ ଉଠିବା କଥା କଂଗ୍ରେସର କାର୍ଯ୍ୟକ୍ରମ ଭାବରେ ପୂର୍ବରୁ ଗୃହୀତ ହୋଇଥିଲେ ହେଁ କୋର୍ଟ କଚେରିର କଟକଣା ଏବଂ କ୍ଷତିପୂରଣ ଟଙ୍କା ପାଇଁ ପାଣ୍ଠିର ଅଭାବ ଯୋଗୁଁ ଏହି କାମ ପଛେଇଥିଲା । କିନ୍ତୁ ଚାଷୀଙ୍କୁ ଜମିରୁ ଉଚ୍ଛେଦ ନ କରିବା ଓ ସେମାନେ ଦେୟ ହିସାବରେ ଜମିମାଲିକକୁ କମ୍ ଦେବା ଆଦି ଆଇନ୍ କଂଗ୍ରେସ ମନ୍ତ୍ରିମଣ୍ଡଳ କଲେ । ଏହା ଫଳରେ ଗଞ୍ଜାମ ଓ କୋରାପୁଟର ଚାଷୀମାନେ ଖୁବ୍ ଲାଭବାନ୍ ହେଲେ । ଜମିଜମା ସମ୍ପର୍କରେ ଏକ ବିଶଦ ରିପୋର୍ଟ ଦେବା ଲାଗି ୧୯୪୬ ନଭେମ୍ବର ୧୫ ତାରିଖରେ ତାଙ୍କ ନେତୃତ୍ୱରେ ଏକ କମିଟି ଗଢ଼ା ଯାଇଥିଲା । ସରକାରୀ କାମ ଛଡ଼ା ସବୁ ଶ୍ରେଣୀ ଲୋକଙ୍କ କଥା

Digitized by PPRACHIN, SOA

ଶୁଣିବା ଲାଗି ସେ ଥିଲେ ସେ ବେଳର ସବୁଠାରୁ ପ୍ରିୟ ମନ୍ତ୍ରୀ । ୧୯୪୭ ମସିହା ସେପ୍ଟେମ୍ବର ୧୩ ତାରିଖରେ ତାଙ୍କର ବଡ଼ଝିଅ ଉତ୍ତରାର ମହାଦେବ ଦେଶାଇଙ୍କ ପୁଅ ନାରାୟଣ ଦେଶାଇଙ୍କ ସହିତ ବିବାହ ସମ୍ପନ୍ନ ହୋଇଥିଲା । ଏହି ବିବାହ ବି ଟିକିଏ ନୂଆ ଧରଣର ହୋଇଥିଲା ଓ ଗାନ୍ଧିଜୀ ନବଦମ୍ପତିଙ୍କୁ ଆଶୀର୍ବାଦ ବାଣୀ ପଠାଇଥିଲେ ।

ଗଡ଼ଜାତ ମିଶ୍ରଣ

ଶାସନ ଦାୟିତ୍ୱ ନେବାର ବର୍ଷକ ପରେ ଓଡ଼ିଶା ଗଡ଼ଜାତ ସମସ୍ୟା ରାଜ୍ୟ ସରକାରଙ୍କର ବିଶେଷ ଦୃଷ୍ଟି ଆକର୍ଷଣ କରିଥିଲା । ଓଡ଼ିଶାର ଗଡ଼ଜାତ ମିଶ୍ରଣ ଓ ସମଗ୍ର ଭାରତବର୍ଷର ୫୮୨ଟି ଦେଶୀୟ ରାଜ୍ୟ ମିଶ୍ରଣ ଲାଗି ହରେକୃଷ୍ଣ ମହତାବ ଓ ସର୍ଦ୍ଦାର ପଟେଲଙ୍କୁ ବିଶେଷ ସ୍ୱୀକୃତି ଦିଆଗଲେ ବି ଏ ଦିଗରେ ଅନ୍ୟମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବକାର ଅଧିକାଂଶ ଲୋକ ଜାଣନ୍ତି ନାହିଁ । ଏ ସମ୍ପର୍କରେ ନୀଳମଣି ରାଉତରାୟଙ୍କ 'ସ୍ମୃତି ଓ ଅନୁଭୂତି' ବହିର ୧୮୭ ପୃଷ୍ଠାରେ ଉଲ୍ଲେଖ ଅଛି 'ରାଜାମାନଙ୍କ ମାନମର୍ଯ୍ୟାଦା ଏବଂ ଆଧିପତ୍ୟକୁ ରାଜନୀତିକ ଦୃଷ୍ଟିକୋଣରୁ ପର୍ଯ୍ୟାୟକ୍ରମେ ବିଲୋପ କରିବାର ଉଦ୍ଦେଶ୍ୟ ଥିଲା ଓଡ଼ିଶାର ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବଙ୍କର... । ଏଣୁ ଗଡ଼ଜାତ ମିଶ୍ରଣ କଥା ମହତାବବାବୁଙ୍କ ମୁଣ୍ଡରେ ନ ଥିଲା ।

୧୯୪୭ ଅଗଷ୍ଟ ୧୪ ତାରିଖରେ ପାକିସ୍ତାନ ସ୍ୱାଧୀନ ହେବା ପର ଦିନ ଭାରତ ଏକ ସ୍ୱାଧୀନ ଦେଶରେ ପରିଣତ ହେଲା । କିନ୍ତୁ ଭାରତବର୍ଷର ବିସ୍ତୃତ ଅଞ୍ଚଳରେ ରହିଗଲେ ରାଜା, ମହାରାଜା, ନବାବ ଓ ନିଜାମ । ସେମାନେ ଦାବି କଲେ ଯେ ବ୍ରିଟିଶ ସରକାର ସେମାନଙ୍କଠାରୁ ରାଜ୍ୟ ନେଇଥିଲେ ଏବଂ ଇଂରେଜମାନେ ଚାଲିଯାଉଥିବାରୁ ସେମାନଙ୍କ ରାଜ୍ୟ ସେମାନଙ୍କୁ ଫେରାଇ ଦିଆଯାଉ । କାର୍ଯ୍ୟତଃ ହାଇଦ୍ରାବାଦର ନିଜାମ ସ୍ୱାଧୀନତା ଘୋଷଣା କରିଥିଲେ ଓ ସେହିପରି କାଶ୍ମୀର ମହାରାଜା ସ୍ୱାଧୀନ ବୋଲି ଘୋଷଣା କରି ଦେଇଥିଲେ ।

ମହାତ୍ମାଗାନ୍ଧିଙ୍କ ଓ କଂଗ୍ରେସର ନିଷେଧ ସତ୍ତ୍ୱେ ଓଡ଼ିଶାରେ ଗଡ଼ଜାତ ରାଜାମାନଙ୍କ ବିରୋଧରେ ବହୁ ଆଗରୁ ଆନ୍ଦୋଳନ ହୋଇଥିଲା । ନୀଳଗିରି ଆନ୍ଦୋଳନ ଆଗେଇ ଆଗେଇ ଏକ ପର୍ଯ୍ୟାୟରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଗଲା ଯେ ଓଡ଼ିଶା ସରକାରଙ୍କ ପରାମର୍ଶରେ ଭାରତ ସରକାର ଗଡ଼ଜାତ ମିଶ୍ରଣ ପୂର୍ବରୁ

Digitized by PPRACHIN, SOA

ନୀଳଗିରିର ଶାସନ ଦାୟିତ୍ୱ ନେଇଥିଲେ । ଏହା ଫଳରେ ଗଡ଼ଜାତ ମିଶ୍ରଣ ପଥ ପରିଷ୍କାର ହୋଇଯାଇଥିଲା । ସ୍ୱାଧୀନତା ପ୍ରାପ୍ତି ପରେ ପରେ ଢେଙ୍କାନାଳ ଆଦି ଗଡ଼ଜାତରେ ପ୍ରଜାମାନଙ୍କ ପ୍ରଭାବ ଏଭଳି ହୋଇଯାଇଥିଲା ଯେ ରାଜାମାନେ ରାଜ୍ୟ ଛାଡ଼ି କଲିକତାରେ ରହୁଥିଲେ । କେତେକ ରାଜା ସ୍ଥାନୀୟ ନେତାମାନଙ୍କୁ ଧରି ସେମାନଙ୍କ ହାତରେ ଶାସନ ଦେବେ ବୋଲି ଆଶା ଦେଖାଇ ଏକ ସମସ୍ୟା ସୃଷ୍ଟି କରିଥିଲେ । ହରେକୃଷ୍ଣ ମହତାବ ଓ ନବକୃଷ୍ଣ ଚୌଧୁରୀଙ୍କ ଉଦ୍ୟମରେ ମୟୂରଭଞ୍ଜକୁ ଛାଡ଼ି ଅନ୍ୟତ୍ର ସେ ବିପଦକୁ ଏଡ଼ାଯାଇ ପାରିଥିଲା ଓ ବଲ୍ଲଭଭାଇ ପଟେଲଙ୍କୁ ନିମନ୍ତ୍ରଣ କରାଯାଇ ତାଙ୍କରି ଉପସ୍ଥିତିରେ ଓଡ଼ିଶାର ରାଜା ମହାରାଜାମାନେ ନିଜର ଶାସନ ଭାରତ ସରକାରଙ୍କଠାରେ ଅର୍ପଣ କଲେ । ଏହା ଫଳରେ ୧୯୩୬ ମସିହାରେ ଛଅଟି ଜିଲ୍ଲାରେ ଗଢ଼ା ହୋଇଥିବା ଓଡ଼ିଶା ବୃହତ୍ତର ଓଡ଼ିଶାରେ ପରିଣତ ହେଲା ।

ପୁତ୍ର ଶୋକ ଓ ମନ୍ତ୍ରିତ୍ୱରୁ ଇସ୍ତଫା

ଯେତେବେଳେ ନବକୃଷ୍ଣ ଚୌଧୁରୀ ଖୁବ୍ ଉତ୍ସାହର ସହ ଶାସନକୁ ନୂଆ ମୋଡ଼ ଦେବା ଆରମ୍ଭ କରିଥିଲେ ସେହି ସମୟରେ ତାଙ୍କୁ ବ୍ୟକ୍ତିଗତ ଜୀବନର ଏକ ବିରାଟ ଧକ୍କାର ସମ୍ମୁଖୀନ ହେବାକୁ ହେଲା । ତାଙ୍କର ଏକମାତ୍ର ପୁଅ କାଲୁ (ବିନାୟକ) ବିଷ ଖାଇ ଆତ୍ମହତ୍ୟା କରିଦେଲା । ଏହାର ଠିକ୍ କାରଣ ଏପର୍ଯ୍ୟନ୍ତ କେହି ଖୋଲାଖୋଲି କହନ୍ତି ନାହିଁ । ଏହାର ଠିକ୍ ପୂର୍ବରୁ ମହାତ୍ମାଗାନ୍ଧିଙ୍କ ହତ୍ୟା ଘଟିଥାଏ । ନବବାବୁ ପୁତ୍ର ଶୋକରେ ମର୍ମାହତ ହୋଇ ୧୯୪୮ ଏପ୍ରିଲ୍ ୨୩ ତାରିଖ ଦିନ ଶାସନ ଦାୟିତ୍ୱ ତ୍ୟାଗ କରି ଅନୁଗୋଳର ଆଶ୍ରମରେ ଯାଇ ରହିଲେ । ଅଥଚ ଠିକ୍ ସେତିକିବେଳକୁ ଦେଶ ଓ ରାଜ୍ୟ ତାଙ୍କଠାରୁ ଅନେକ କିଛି ଆଶା କରୁଥିଲା । ତଥାପି ଶାସନର ବିକେନ୍ଦ୍ରୀକରଣ ସମ୍ପର୍କରେ ସେ ଖୁବ୍ ଆଗ୍ରହୀ ଥିବାରୁ ବିଧାନସଭାରେ ଗ୍ରାମପଞ୍ଚାୟତ ସମ୍ପର୍କୀୟ ଆଇନ୍ ପ୍ରଣୟନ କାଳରେ ସେ ବିଧାନସଭାରେ ଯୋଗ ଦେଉଥିଲେ । ସେ ମନ୍ତ୍ରୀ ଥିଲାବେଳେ ଯେଉଁ ଜମିଜମା ସଂସ୍କାର କମିଟି ତାଙ୍କ ଅଧ୍ୟକ୍ଷତାରେ ହୋଇଥିଲା ସେ କାମଟି ସମ୍ପୂର୍ଣ୍ଣ କରିବାକୁ ସରକାର ତାଙ୍କୁ ଅନୁରୋଧ କରିବାରୁ ସେ ଅଳ୍ପ ସମୟ ମଧ୍ୟରେ ସେ କାମଟି ଶେଷ କରି ରିପୋର୍ଟ ଦେଇଥିଲେ । ଏହା ଥିଲା ରାଜସ୍ୱ ବିଭାଗ ଲାଗି ଏକ ଯୁଗାନ୍ତକାରୀ ଦଲିଲ । ଏହାପରେ ସେ ବିଧାନସଭାରୁ ବି ଇସ୍ତଫା ଦେଇଥିଲେ । ସେହି ସମୟରେ ତାଙ୍କ ଇସ୍ତଫା ଓଡ଼ିଶା ଶାସନରେ ବହୁ କ୍ଷତି ସାଧନ କଲା ।

Digitized by PPRACHIN, SOA

ନବକୃଷ୍ଣ ଚୌଧୁରୀଙ୍କ ଭଳି ଜଣେ ବିଜ୍ଞ ଓ ଦକ୍ଷ ଲୋକଙ୍କ ମନକୁ ପୁତ୍ର ଶୋକ ଜନିତ ବିମର୍ଷତା ଦିଗରୁ ଅନ୍ୟଆଡ଼େ ମୁହାଁଇବା ଲାଗି ଏହି ସମୟରେ ଆର୍ଯ୍ୟନାୟକମ୍ ଓ ଆଶାଦେବୀ ଏକ ଉଦ୍ୟମ କରିଥିଲେ । ଏମାନେ ଗାନ୍ଧିଜୀଙ୍କ ପ୍ରବର୍ତ୍ତିତ ମୌଳିକ ଶିକ୍ଷା ଦିଗରେ ସେବାଗ୍ରାମଠାରେ ଗବେଷଣା ଓ ପ୍ରୟୋଗ କରୁଥିଲେ । ଓଡ଼ିଶାରେ ମୌଳିକ ଶିକ୍ଷାର ସଙ୍ଗଠକ ଦାୟିତ୍ୱ ନବକୃଷ୍ଣ ଚୌଧୁରୀଙ୍କୁ ଦିଆଯାଉ ବୋଲି ସେମାନେ ଓଡ଼ିଶା ସରକାରଙ୍କୁ ସୁପାରିସ କରିଥିଲେ । ଓଡ଼ିଶା ସରକାର ଓ ନବକୃଷ୍ଣ ଚୌଧୁରୀ ଏଥିରେ ରାଜି ହୋଇଥିଲେ । ଏକ ପ୍ରଭାବଶାଳୀ ମନ୍ତ୍ରୀ ଥିବା ନବକୃଷ୍ଣ ଚୌଧୁରୀ ସେହି ସରକାରର ଜଣେ କର୍ମଚାରୀ ଭାବରେ କାମ କରିବାକୁ କିଛି ଲୋକ ସମାଲୋଚନା କରିବାରୁ ନବକୃଷ୍ଣ ଚୌଧୁରୀ କହିଥିଲେ ସ୍ୱାଧୀନ ଭାରତରେ ମେହେନ୍ତର କାମ ମିଳିଲେ ସେ ତାକୁ ବି କରିବେ । ଏହାଛଡ଼ା ଶିକ୍ଷା ଓ ବିଶେଷକରି ମୌଳିକ ଶିକ୍ଷାର ଗୁରୁତ୍ୱ ସେ ଅନୁଭବ କରି ଏହି ଦାୟିତ୍ୱ ଗ୍ରହଣ କରିଥିଲେ । ସେ ମାତ୍ର ୯ ମାସ ଏହି ଦାୟିତ୍ୱରେ ଥିଲେ । ସେହି ସମୟରେ ସେ ମୌଳିକ ଶିକ୍ଷାକୁ ଏକ ନୂଆ ଢଙ୍ଗରେ ପକାଇବାକୁ ଉଦ୍ୟମ କରିଥିଲେ ।

ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ

୧୯୪୬ ନିର୍ବାଚନରେ ଓଡ଼ିଶାରେ କଂଗ୍ରେସର ବିପୁଳ ବିଜୟ ପରେ ଗଡ଼ଜାତ ମିଶ୍ରଣ ସାଫଲ୍ୟ ଆଦି ଯୋଗୁଁ ଦେଶରେ ହରେକୃଷ୍ଣ ମହତାବଙ୍କ ଖ୍ୟାତି ଖୁବ୍ ବଢ଼ିଯାଇଥାଏ । ନେହେରୁ ଏଥିରେ ପ୍ରୀତ ହୋଇ ତାଙ୍କୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ନେବାକୁ ଇଚ୍ଛା ପ୍ରକାଶ କରିଥାନ୍ତି । ତେବେ ତାଙ୍କର ଇଚ୍ଛା ଥାଏ ଯେ ହରେକୃଷ୍ଣ ମହତାବଙ୍କ ବଦଳରେ ନବକୃଷ୍ଣ ଚୌଧୁରୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୁଅନ୍ତୁ । ଉଭୟଙ୍କ ମଧ୍ୟରେ ବହୁ କାଳରୁ ଖାଲି ସମ୍ପର୍କ ନ ଥିଲା, ସେ ଜଣେ ପ୍ରଗତିଶୀଳ ଓ ସମାଜବାଦୀ ଲୋକ ଥିବାରୁ ନବବାବୁଙ୍କ ପ୍ରତି ନେହେରୁଙ୍କର ବେଶ୍ ଶ୍ରଦ୍ଧା ଥିଲା । କିନ୍ତୁ ନବକୃଷ୍ଣ ଚୌଧୁରୀ ଶାସନକୁ ଫେରିବାକୁ ଅନିଚ୍ଛୁକ ବୋଲି ଶୁଣି ସେ ବିଶେଷ ଜୋର୍ ଦେଲେ ନାହିଁ । କିନ୍ତୁ ମହତାବବାବୁଙ୍କର କେନ୍ଦ୍ର ଶାସନକୁ ଯିବାର ଇଚ୍ଛା ଥିବାରୁ ଏହି କଥା ପୁଣି ଉଠିଥିଲା ଓ ଏହି ଉଦ୍ଦେଶ୍ୟରେ ନବକୃଷ୍ଣ ଚୌଧୁରୀଙ୍କୁ ନେହେରୁଙ୍କ ନିକଟକୁ ଅଣାଯାଇଥିଲା । ଉଭୟଙ୍କ ମଧ୍ୟରେ ଆଲୋଚନା ପରେ ନବବାବୁ ମୁଖ୍ୟମନ୍ତ୍ରୀ ହେବାପାଇଁ ରାଜି ହେଲେ । ନବକୃଷ୍ଣ ଚୌଧୁରୀଙ୍କ ଭଳି

Digitized by PPRACHIN, SOA

କୂଟକପଟଠାରୁ ଦୂରରେ ରହିବା ଲୋକଙ୍କୁ ଦରକାର ପଡ଼ିଲେ ତଡ଼ି ମହତାବ ଓଡ଼ିଶା ଆସିପାରିବେ ବୋଲି ଭାବି ଏହି ପ୍ରସ୍ତାବରେ ଖୁବ୍ ଖୁସି ହୋଇଗଲେ ।

ନବବାବୁଙ୍କଠାରୁ ଲୋକେ ବହୁତ କିଛି ଆଶା କଲେ । କିନ୍ତୁ ସେ ତାଙ୍କର ସୀମା ଓ ପ୍ରତିବନ୍ଧକ ସବୁ ଭଲଭାବରେ ଜାଣିଥିଲେ । ସେ ଜାଣିଥିଲେ ଯେ, ଭାରତୀୟ ସମ୍ବିଧାନ ପରିସର ମଧ୍ୟରେ ଓ ବ୍ରିଟିଶ ଶାସନଦ୍ୱାରା ତାଲିମ କର୍ମଚାରୀମାନଙ୍କ ମାଧ୍ୟମରେ ତାଙ୍କୁ କାମ କରିବାକୁ ହେବ । ନବବାବୁ ମୁଖ୍ୟମନ୍ତ୍ରୀ ହୋଇ ଆସି ସମସ୍ତଙ୍କର ସହଯୋଗ ଲାଭ କଲେ ସତ; କିନ୍ତୁ ଆଇନ୍ ବଦଳାଇ ଶାସନର ଦିଗ ଓ ଢଙ୍ଗ ବଦଳାଇବା ଲାଗି, ଶାସନ ବାହାରେ ଯେଉଁ ଚାପପ୍ରୟୋଗକାରୀ ଶକ୍ତିର ଆବଶ୍ୟକତା ଅପରିହାର୍ଯ୍ୟ, ତାହା ସେତେବେଳକୁ କଂଗ୍ରେସ ଦଳରେ ନ ଥିଲା କହିଲେ ଚଳେ । କାରଣ ଗୌରାଙ୍ଗ ଚରଣ ଦାସ, ରାଧାକୃଷ୍ଣ ବିଶ୍ୱାସରାୟ, ସଦାଶିବ ତ୍ରିପାଠୀ ଓ ଜୟକୃଷ୍ଣ ମହାନ୍ତି ଆଦି ଅଳ୍ପ କେତେ ଜଣଙ୍କ ଛଡ଼ା କଂଗ୍ରେସ ଦଳରେ ସୋସାଲିଷ୍ଟ ମନୋଭାବାପନ୍ନ ସହକର୍ମୀ ବିଶେଷ ନ ଥାନ୍ତି । କଂଗ୍ରେସ ସଙ୍ଗଠନ ମୁଖ୍ୟତଃ ବିଶ୍ୱନାଥ ଦାସ ଓ ହରେକୃଷ୍ଣ ମହତାବଙ୍କ ସମର୍ଥକ ଗୋଷ୍ଠୀଙ୍କ ହାତରେ ଥାଏ; ଯେଉଁମାନେକି ଏକ ପ୍ରଗତିଶୀଳ ଜନମତ ସୃଷ୍ଟି କରିବାକୁ ଅସମର୍ଥ ।

ନବବାବୁ ମୁଖ୍ୟମନ୍ତ୍ରୀ ହୋଇ ଆସି ବର୍ତ୍ତମାନର ଇଣ୍ଡିଆନ୍ ଏଆର୍‌ଲାଇନ୍ସ ଅଫିସ ଥିବା ଧାଡ଼ିର ମଝିଆଡ଼କୁ ଭି.ଆଇ. ଟାଇପ୍‌ର ବି-୨ ନମ୍ବର ଘରେ ରହିଲେ । ରାସ୍ତାର ଆରପଟେ ଦୁଇଟି ଛୋଟ କ୍ୱାର୍ଟରରେ ମୁଖ୍ୟମନ୍ତ୍ରୀଙ୍କ ଅଫିସ କର୍ମଚାରୀ କାମ କଲେ । ସେହିଭଳି ଭି.ଆଇ. ଟାଇପ୍ ଘରେ ବି ତାଙ୍କ ସହକାରୀ ସଚିବ ସଚ୍ଚିଦାନନ୍ଦ ମିଶ୍ର ମଧ୍ୟ ରହୁଥିଲେ । ସବୁଠାରୁ ବଡ଼ ଘରେ ପୂର୍ବତନ ମନ୍ତ୍ରୀ ଦଶପଲ୍ଲା ରାଜା ରହିଲେ । ପରବର୍ତ୍ତୀ କାଳର ମୁଖ୍ୟମନ୍ତ୍ରୀମାନଙ୍କ ପାଇଁ ବିରାଟ ଘରମାନ ଦରକାର ହେବାର ଦେଖାଯାଇଛି । ସେହି ରାଜକୀୟ ପ୍ରାସାଦ ଭଳି କୋଠିରେ ବହୁ ମୂଲ୍ୟବାନ୍ ଗାଲିଚା ଆଦି ଲାଗୁଛି । ନବବାବୁ ମୁଖ୍ୟମନ୍ତ୍ରୀ ହୋଇ ଯେଉଁ ଘରକୁ ଆସିଲେ ସେଥିରେ ନୂଆ ଦରିଟିଏ ପଡ଼ିଥିଲା । ନବବାବୁ ତାକୁ ଉଠାଇ ନେବାପାଇଁ କହିଥିଲେ । ତାହା ଶୁଣି ସେତେବେଳର ଅଫିସରମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ସେ ମୁଖ୍ୟମନ୍ତ୍ରୀ ଥିଲାବେଳେ ଗୋଟିଏ ଗାମୁଛା ପକାଇ ବିଧାୟକମାନଙ୍କ ବସାକୁ ଯାଉଥିଲେ ଓ ଯିବାଆସିବା ବେଳେ ଜଣାଶୁଣା

Digitized by PPRACHIN, SOA

ଅଫିସରଙ୍କ ଘରକୁ ଯାଇ କଥାବାର୍ତ୍ତା କରୁଥିଲେ । କେହି ଚାହା ଜଳଖିଆ ଯାଚିଲେ ନିଃସଙ୍କୋଚରେ ଗ୍ରହଣ କରୁଥିଲେ । ସେ ଠିକ୍ ସମୟରେ ସେକ୍ରେଟେରିଏଟ୍‌କୁ ଯାଉଥିଲେ ଓ ଫେରି ନିଜ ବଗିଚା ଓ ଗାଈଙ୍କ ଖବର ବୁଝୁଥିଲେ । ଘରେ ଅତି ସାଧାସିଧା ଖାଦ୍ୟ ଖାଉଥିଲେ । ଅଫିସରଙ୍କଠାରୁ ଆରମ୍ଭ କରି ପିଅନ ପର୍ଯ୍ୟନ୍ତ ସମସ୍ତଙ୍କୁ ସେ ସହକର୍ମୀ ଭାବରେ ଦେଖୁଥିଲେ । ତାଙ୍କ ସିଧାସିଧା ପୋଷାକ ଦେଖି ଲୋକେ କିପରି ଅଡୁଆରେ ପଡ଼ନ୍ତି ସେ ସମ୍ପର୍କରେ ନାନା କାହାଣୀ ଅଛି ।

ଏହିଭଳି ଅବସ୍ଥାରେ ସେ ଶାସନଭାର ନେଇ ସାଧାରଣ ଲୋକଙ୍କ ପାଇଁ, ବିଶେଷ ଭାବରେ ଗରିବ ଚାଷୀ, ଆଦିବାସୀ ଓ ହରିଜନ ଏବଂ ଗଡ଼ଜାତ ଲୋକଙ୍କ ଉନ୍ନତି ଲାଗି କାର୍ଯ୍ୟକ୍ରମ ଆରମ୍ଭ କଲେ । ରାଜସ୍ୱମନ୍ତ୍ରୀ ଥିଲା ବେଳର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ଛଡ଼ା 'ଓଡ଼ିଶା ଲ୍ୟାଣ୍ଡ ରେଭିନିଉ ଆଣ୍ଡ୍ ଲ୍ୟାଣ୍ଡ ଟେନିୟର' କମିଟିର ସୁପାରିସଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ସେ ପଦକ୍ଷେପ ନେଲେ । ଏହି ଉଦ୍ଦେଶ୍ୟରେ ସେ ୧୯୫୦ ମସିହା ଜାନୁଆରୀ ୧୭ ତାରିଖରେ ଜମିଦାରୀ ଉଚ୍ଛେଦ ଆଇନ୍ ବିଧାନସଭାରେ ପେଶ୍ କରିଥିଲେ । ସେତେବେଳେ ଜମିଦାରିମାନଙ୍କୁ କ୍ଷତିପୂରଣ ଦେବା ଏକ ବଡ଼ ସମସ୍ୟା ହୋଇ ଦେଖାଦେଇଥାଏ । ଜମିଦାରିର ମୋଟ ଆୟରୁ ପରିଚାଳନା ଓ ଉନ୍ନୟନ ବାବଦ ଖର୍ଚ୍ଚକୁ ବାଦ୍ ଦିଆଯାଇ ଯାହା ରହେ ତାହା ହେଉଛି ଜମିଦାରିର ନେଟ୍ ଆୟ । ସେହି ନେଟ୍ ଆୟର ୫ ଗୁଣରୁ ୧୦ଗୁଣ ପର୍ଯ୍ୟନ୍ତ କ୍ଷତିପୂରଣ ଦିଆଯିବା କଥା ସେତେବେଳେ ଉଠୁଥାଏ । ଜମିଦାରମାନେ ଜାଣିଥାଆନ୍ତି ଯେ ସରକାର କ୍ଷତିପୂରଣ ଦେବା ଅବସ୍ଥାରେ ନାହାନ୍ତି । ସରକାରଙ୍କ ଅର୍ଥ ବିଭାଗ ଓ ରାଜସ୍ୱ ବିଭାଗର ସେକ୍ରେଟାରୀମାନେ ସେହି କଥା କହୁଥାଆନ୍ତି । ଏହି ପରିସ୍ଥିତିରେ ନବବାବୁ କୃଷି ଆୟକରକୁ ନେଟ୍ ଆୟର ଏକ ଚତୁର୍ଥାଂଶରୁ ତିନି ଚତୁର୍ଥାଂଶକୁ ବଢ଼ାଇବା ପାଇଁ ୧୯୫୦ ଅଗଷ୍ଟ ୫ ତାରିଖରେ ବିଧାନସଭାରେ ଏକ ବିଧେୟକ ଆଣିଲେ । ଜମିଦାର ଓ ବଡ଼ ବଡ଼ ଚାଷୀମାନେ ସେମାନଙ୍କ ଆୟର ୬୦ ଭାଗ ଖଜଣା ଆଦାୟ ଓ ଉନ୍ନୟନ ଆଦିରେ ଖର୍ଚ୍ଚ ହୋଇଯାଉଛି ବୋଲି ଦର୍ଶାଇ କୃଷି ଆୟକର କମ୍ ହେବା ଲାଗି ଯୁକ୍ତି କରୁଥାନ୍ତି । ସରକାରଙ୍କ ତରଫରୁ କୁହାଯାଉଥାଏ ଯେ ଏସବୁ ବାବଦରେ ଜମିଦାରମାନେ ଖୁବ୍ ବେଶିରେ ମୋଟ ଆୟର ଶତକଡ଼ା ୨୦ ଭାଗ ଖର୍ଚ୍ଚ କରୁଥିବେ । ଶେଷରେ ସରକାର ଜମିଦାରମାନଙ୍କ ଯୁକ୍ତିକୁ ଏକାବେଳେ ଏଡ଼ିପାରୁ ନାହାନ୍ତି ବୋଲି କହି ମୋଟ ଆୟର ଶତକଡ଼ା ୪୦ ଭାଗ

Digitized by PPRACHIN, SOA

ଖଜଣା ଆଦାୟ ଓ ଉନ୍ନୟନ ବାବଦରେ ଖର୍ଚ୍ଚ ହେଉଥିବା କଥାରେ ରାଜି ହେଲେ । ଏହା ଫଳରେ ଜମିଦାରମାନଙ୍କର ନେଟ୍ ଆୟ ବହୁତ କମ୍ ବୋଲି ଜମିଦାରମାନେ ନିଜ ମୁହଁରେ ସ୍ୱୀକାର କରିଗଲେ । ଏହି ଛୋଟ ଆଇନ୍‌ଟି ପ୍ରୟୋଗ ହେବା ଫଳରେ ଜମିଦାରମାନଙ୍କୁ ଅପେକ୍ଷାକୃତ କମ୍ କ୍ଷତିପୂରଣ ଦେବାକୁ ପଡ଼ିଲା । ଏହା ହେଉଛି ନବକୃଷ୍ଣ ଚୌଧୁରୀଙ୍କ ପ୍ରଶାସନ ଦିଗରେ ବିଚକ୍ଷଣତାର ଏକ ପ୍ରମାଣ । ୧୯୫୦ ସେପ୍ଟେମ୍ବର ୨୮ ତାରିଖ ଦିନ ଜମିଦାରି ଉଚ୍ଛେଦ ଆଇନ୍ ଭଳି ଯୁଗାନ୍ତକାରୀ ଆଇନ୍ ଓଡ଼ିଶା ବିଧାନସଭାରେ ପାସ୍ ହୋଇଗଲା । ସେତେବେଳର ରାଜସ୍ୱ ମନ୍ତ୍ରୀ ସଦାଶିବ ତ୍ରିପାଠୀ ଯେଉଁ କଲମରେ ଜମିଦାରି ଆଇନ୍ ଉଚ୍ଛେଦ ହେଲା ବୋଲି ସ୍ୱାକ୍ଷର କରିଥିଲେ ସେଇଟିକୁ ଏକ ସ୍ମାରକୀ ଭାବରେ ସେ ଶେଷ ଜୀବନ ପର୍ଯ୍ୟନ୍ତ ସାଇତି ରଖିଥିଲେ । ଏହା ଫଳରେ ହଜାର ହଜାର ବର୍ଷର ଏକ ସାମନ୍ତବାଦୀ ଶୋଷଣ ବ୍ୟବସ୍ଥା ଲୋପ ପାଇଲା ।

୧୯୫୧ ମସିହା ଫେବୃଆରୀ ମାସରେ ନବକୃଷ୍ଣ ଚୌଧୁରୀ ପ୍ରଥମଥର ପାଇଁ ବିଧାନସଭାରେ ଓଡ଼ିଆ ଲେଖା ବଜେଟ୍ ପେଶ୍ କଲେ । ସେପର୍ଯ୍ୟନ୍ତ ବଜେଟ୍ ଇଂରାଜୀରେ ହିଁ ପେଶ୍ ହେଉଥିଲା । ସେତେବେଳେ ଅବକାରୀ ବିଭାଗରୁ ଯଥେଷ୍ଟ ଆୟ ହେଉଥିଲା । କଂଗ୍ରେସ ନିଶା ନିବାରଣ କଥା ଧ୍ୱନି ଦେଇଥିଲେ ହେଁ ବାସ୍ତବତା ଦୃଷ୍ଟିରୁ ହଠାତ୍ କିଭଳି ସମ୍ପୂର୍ଣ୍ଣ ନିଶା ନିବାରଣ କରିହେବ ନାହିଁ ସେ ତାହା ଦର୍ଶାଇଥିଲେ । ୫୭ ଲକ୍ଷ ଟଙ୍କାର ନିଅଣ୍ଟିଆ ବଜେଟ୍ ପେଶ୍ କଲାବେଳେ ସେ ଦୁର୍ନୀତି, ଅପାରଗତା ଓ ନାଲିଫିତା ହ୍ରାସ ଉପରେ ଜୋର୍ ଦେଇଥିଲେ । ସରକାରୀ ବ୍ୟୟସଂକୋଚ କରିବାକୁ ଯାଇ ସେ ଗଭର୍ଣ୍ଣରଙ୍କ ଅଫିସ ଖର୍ଚ୍ଚ କମାଇଥିଲେ ଓ ସେକ୍ରେଟେରିଏଟ୍ ଖର୍ଚ୍ଚ କାଟିଥିଲେ । ନୂଆ ହୋଇ ଗଡ଼ଜାତଗୁଡ଼ିକ ମିଶିଥିବାରୁ ମନ୍ତ୍ରୀମାନେ ସେସବୁ ଅଞ୍ଚଳକୁ ଗସ୍ତ କରିବା ଆବଶ୍ୟକତା ଦୃଷ୍ଟିରୁ ସେମାନଙ୍କ ଗସ୍ତଖର୍ଚ୍ଚ ଆଦି ବଢ଼ାଇବା ପାଇଁ ସେ ବ୍ୟବସ୍ଥା କରିଥିଲେ । ସେ ଜଣେ ଅତି ଆଦର୍ଶବାଦୀ ଲୋକ ଥିଲେ ମଧ୍ୟ ବାସ୍ତବତାକୁ ଦୃଷ୍ଟିରେ ରଖି କାମ କରୁଥିଲେ । ତାଙ୍କରି ସମୟରେ ଓଡ଼ିଶା ସରକାର ଯେତେବେଳେ ମୟୂରଭଞ୍ଜ ମହାରାଜାଙ୍କ ଉଡ଼ାଜାହାଜ କିଣିଲେ ତାହାକୁ କେତେକ ସମାଲୋଚନା କରିଥିଲେ ହେଁ ସେ ସେଭଳି ପଦକ୍ଷେପର ଯଥାର୍ଥତା କଥା ଦର୍ଶାଇଥିଲେ ।

ଦ୍ୱିତୀୟ ମହାସମର ପୂର୍ବରୁ କଲେଜ ଛାତ୍ରମାନଙ୍କ ଦରମା ବଢ଼ି ନ ଥିଲା କିନ୍ତୁ ବିଭିନ୍ନ ସ୍ଥାନରେ ସରକାର ନୂଆ କଲେଜମାନ ଖୋଲିବାରୁ ଶିକ୍ଷା ବିଭାଗ ଖର୍ଚ୍ଚ

Digitized by PPRACHIN, SOA

ବଢ଼ିଯାଇଥିଲା । ଏହାଛଡ଼ା ଇତିମଧ୍ୟରେ ମୁଦ୍ରାସ୍ଫୀତି ହୋଇଥିଲା । ଏଣୁ ସରକାର କଲେଜ ଛାତ୍ରଙ୍କ ଦରମା ଓ ହଷ୍ଟେଲ୍ ଭଡ଼ା ବଢ଼ାଇଲେ । ସେତେବେଳକୁ ପୂର୍ବ ଅପେକ୍ଷା ଅନେକ ଗରିବ ଘର ପିଲା କଲେଜରେ ପଢ଼ିବାକୁ ଆସିବା ଆରମ୍ଭ ହୋଇଥିଲା । ସେମାନଙ୍କ ପକ୍ଷରେ ଟଙ୍କାଏ ଦି'ଟଙ୍କା ମଧ୍ୟ ବେଶ୍ କିଛି ଥିଲା । ଏଣୁ କଲେଜ ଛାତ୍ରମାନେ ସରକାରଙ୍କ ଏହି ପଦକ୍ଷେପ ବିରୋଧରେ ଧର୍ମଘଟ କରିଥିଲେ । ବହୁ ଆଲୋଚନା ପରେ ସ୍ଥିର ହେଲା ଯେ ଦରମା ଦୁଇଟଙ୍କା ବଦଳରେ ଟଙ୍କାଏ ବଢ଼ିବ ଓ ହଷ୍ଟେଲ ଭଡ଼ା ପାଇଁ ଚାରିଟଙ୍କା ବଦଳରେ ଦୁଇଟଙ୍କା ଅଧିକ ଦେବାକୁ ହେବ । କିନ୍ତୁ ସେ ବେଳର କମ୍ୟୁନିଷ୍ଟପନ୍ଥୀ ନେତାମାନେ ଏହାକୁ କାର୍ଯ୍ୟକାରୀ କରାଇ ଦେଲେ ନାହିଁ । ଫଳରେ ବିଧାନସଭା ଆଗରେ ପିକେଟିଙ୍ଗ୍ ଚାଲିଲା । ସେତେବେଳେ ଓଡ଼ିଶା ବିଧାନସଭା ରେଭେନ୍ସା କଲେଜର ସଭାଗୃହରେ ହିଁ ହେଉଥିଲା । ନିର୍ଦ୍ଦିଷ୍ଟ ଛାତ୍ରମାନେ ସେହି ପିକେଟିଙ୍ଗ୍‌ରେ ଯୋଗ ଦେବା କଥା ସ୍ଥିର ହୋଇଥିଲେ ହେଁ ନନ୍ଦିନୀ ଶତପଥୀ ଓ କିଛି କମ୍ୟୁନିଷ୍ଟ ଛାତ୍ର ଅନାହୂତ ଭାବରେ ବିଧାନସଭାର ପ୍ରଧାନ ଦ୍ୱାରରେ ବସିଲେ । ପିକେଟିଙ୍ଗ୍‌କୁ ହଟାଇବା ଲାଗି ଲାଠି ଚାର୍ଯ ହୋଇଥିଲା ଓ ପାଣିଜେଟ୍ ଛଡ଼ାଯିବା ସଙ୍ଗେ ସଙ୍ଗେ କେତେକଙ୍କୁ ଗିରଫ କରାଯାଇଥିଲା । ଏତେବେଳକୁ କଟକ ଶଙ୍କରପୁରର କମ୍ୟୁନିଷ୍ଟ କର୍ମୀମାନେ ଆସି ଟେକା ପଥର ପକାଇବାକୁ ଆରମ୍ଭ କରିଥିଲେ । ଏହା ଫଳରେ ଜଣେ ସର୍ଜେଣ୍ଟଙ୍କ ନାକ ଫାଟିଥିଲା । ସେ ରିଭଲଭର ଚଳାଇବାରୁ ସ୍ୱସ୍ତି ମହାପାତ୍ରଙ୍କ ଗୋଡ଼ରେ ଗୁଳି ବାଜିଥିଲା । ପରଦିନ ଛାତ୍ର ନେତାମାନେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ଅନଶନ କରିବାକୁ ଯିବା ବାଟରେ ଗିରଫ ହେଲେ । ପନ୍ଦର ଦିନ ପରେ ଜେଲ୍‌ରୁ ଖଲାସ ହେଲେ ମଧ୍ୟ ଆଉ କଲେଜରେ ପଢ଼ିପାରିଲେ ନାହିଁ । କେତେକ ନେତା ଦୁଇ ବର୍ଷ ଲାଗି କଲେଜରୁ ବହିଷ୍କୃତ ହେଲେ । ଏହି ଆନ୍ଦୋଳନରେ କମ୍ୟୁନିଷ୍ଟପନ୍ଥୀ ଛାତ୍ରମାନେ ଫାଇଦା ଉଠାଇଲେ ଓ ନବକୃଷ୍ଣ ଚୌଧୁରୀଙ୍କ ସରକାର ବିଶେଷ ଭାବେ ବଦନାମ ହେଲେ ।

୧୯୫୨ ମସିହାରେ ପ୍ରଥମ ସାଧାରଣ ନିର୍ବାଚନ ହେଲା । ସେଥିରେ କଂଗ୍ରେସ ଦଳକୁ ସମତଳ ଅଞ୍ଚଳରେ ଜିଲ୍ଲାରେ ସୋସାଲିଷ୍ଟ ତଥା କମ୍ୟୁନିଷ୍ଟମାନଙ୍କଠାରୁ ଓ ପୂର୍ବତନ ଗଡ଼ଜାତମାନଙ୍କରେ, ରାଜା ମହାରାଜାଙ୍କ ଦଳ, ଗଣତନ୍ତ୍ର ପରିଷଦଠାରୁ ଟାଣୁଆ ପ୍ରତିରୋଧର ସାମନା କରିବାକୁ ପଡ଼ିଥିଲା । ଏହାଛଡ଼ା ନୂଆ ହୋଇ ଗଢ଼ା ହୋଇଥିବା ଝାଡ଼ଖଣ୍ଡ ଦଳ ବି କିଛି ଅଞ୍ଚଳରେ ବେଶ୍ ଲଢ଼େଇ ଦେଲେ ।

Digitized by PPRACHIN, SOA

ନବକୃଷ୍ଣ ଚୌଧୁରୀ ଏଥର ବଡ଼ଚଣାରୁ ପ୍ରାର୍ଥୀ ହୋଇଥା'ନ୍ତି । ସେତେବେଳକୁ ହୀରାକୁଦ ବନ୍ଧ କାମ ଆରମ୍ଭ ହେଉଥିବାରୁ ସମ୍ବଲପୁର ଅଞ୍ଚଳର ଲୋକେ କଂଗ୍ରେସ ଦଳକୁ ଖୁବ୍ ବିରୋଧ କରିଥିଲେ । ହରେକୃଷ୍ଣ ମହତାବ ଏଥର କଟକ ନିର୍ବାଚନ ମଣ୍ଡଳୀରୁ ପାର୍ଲାମେଣ୍ଟକୁ ପ୍ରାର୍ଥୀ ହୋଇଥିଲେ । କଂଗ୍ରେସ ଦଳ ସଂଖ୍ୟାଗରିଷ୍ଠତା ନ ପାଇବାରୁ ଝାଡ଼ଖଣ୍ଡ ଦଳ ଓ କେତେକ ସ୍ୱାଧୀନ ସଦସ୍ୟଙ୍କ ସହଯୋଗରେ ମନ୍ତ୍ରିମଣ୍ଡଳ ଗଢ଼ିଲା ।

ଯୋଜନା ଯୁଗର ଅଧିବାସ

୧୯୫୧ ମସିହାରୁ ପଞ୍ଚବାର୍ଷିକ ଯୋଜନା କାର୍ଯକାରୀ ହୋଇଥିଲା । ସେଥିଲାଗି ପ୍ରଥମେ ଭଞ୍ଜନଗର, ଭଦ୍ରକ ଓ ଜୁନାଗଡ଼ରେ ଗ୍ରାମଗୋଷ୍ଠୀ ଯୋଜନା କାର୍ଯ୍ୟକାରୀ କରାଗଲା । ସେହି ଅଞ୍ଚଳ ଲାଗି ନବବାବୁ ତିନିଜଣ ଭଲ କାମିକା ଅଫିସର ବାଛିଥିଲେ । ଗ୍ରାମସ୍ତରରେ କାର୍ଯ୍ୟ କରିବା ଲାଗି ଯେଉଁମାନେ ନିଯୁକ୍ତ ହେଲେ ସେମାନଙ୍କୁ କୁହାଗଲା ଗ୍ରାମସେବକ । ଯେଉଁ ଅଞ୍ଚଳରେ ଏହା କାର୍ଯ୍ୟକାରୀ ହେଲା ସେଠାରେ ବିକାଶର ମୂଳଦୁଆ ପଡ଼ିଲା ଓ ଲୋକଙ୍କଦ୍ୱାରା ଆଦୃତ ହେଲା ।

ଗଡ଼ଜାତମାନ ରାଜା ମହାରାଜାଙ୍କ ଅମଳରେ ଉନ୍ନୟନ ଦିଗରେ ବହୁତ ପଛରେ ପଡ଼ିଥିଲା । ଏଥିପାଇଁ ନବବାବୁ ଭଲ ଅଫିସରମାନଙ୍କୁ ବାଛି ସେ ଅଞ୍ଚଳକୁ ପଠାଇଥିଲେ । ୧୯୩୭ରୁ ୧୯୩୯ ମସିହା ପର୍ଯ୍ୟନ୍ତ ଚାଲିଥିବା କଂଗ୍ରେସ ମନ୍ତ୍ରିମଣ୍ଡଳ କାଳରେ ପାର୍‌ସିଆଲି ଏକ୍‌ସ୍‌କ୍ଲୁଡ୍ କମିଟିର ସଦସ୍ୟ ଭାବରେ ନବକୃଷ୍ଣ ଚୌଧୁରୀ ଗଞ୍ଜାମ, କୋରାପୁଟ ଓ କନ୍ଧମାଳର ଅନୁନ୍ନତ ଅଞ୍ଚଳର ଆଦିବାସୀମାନଙ୍କ ସମସ୍ୟା ସମ୍ପର୍କରେ ଅନେକ କଥା ଜାଣିପାରିଥିଲେ । ପଚାଶ ବର୍ଷ ପୂର୍ବେ କୋରାପୁଟ ଜିଲ୍ଲା ଓ ବିଶେଷକରି ତାହାର ମାଲକାନଗିରି ଅତିଶୟ ଅନୁନ୍ନତ ଥିଲା । ସେହି ସୁଯୋଗରେ ଉଗ୍ର ସାମ୍ୟବାଦୀମାନେ ସଂଲଗ୍ନ ଆନ୍ଧ୍ରପ୍ରଦେଶର ତେଲେଙ୍ଗାନା ଆଦି ଅଞ୍ଚଳରୁ ଆସି ଆଦିବାସୀମାନଙ୍କୁ ଉତ୍ତେଜିତ କରି ନାନା ସମସ୍ୟା ସୃଷ୍ଟି କରୁଥିଲେ । ତାହାକୁ ପ୍ରଚଳିତ ବ୍ୟବସ୍ଥା ଅନୁସାରେ ପୋଲିସ ଓ ମିଲିଟାରୀ ପୋଲିସଙ୍କଦ୍ୱାରା ଦମନ କରାଯାଉଥିଲା । ନବକୃଷ୍ଣ ଚୌଧୁରୀ ଏହି ସମସ୍ୟାକୁ ଭିନ୍ନ ଭାବରେ ସମାଧାନ କରିବାକୁ ଚାହିଁଲେ । ସେଠାକୁ ଯିବାକୁ କେହି ଅଫିସର ରାଜି ହେଉ ନ ଥିଲେ । ଚିଠି ପଠାଇଲେ ସେଠାରେ ତିନି ମାସରେ ପହଞ୍ଚେ । ଶିକ୍ଷା ଓ ସ୍ୱାସ୍ଥ୍ୟର କଥା କହିଲେ ନ ସରେ । ନବକୃଷ୍ଣ

Digitized by PPRACHIN, SOA

ଚୌଧୁରୀ ସେଠାକୁ ଉଦୟନାଥ ସାହୁ ନାମକ ଜଣେ ଅଫିସରଙ୍କୁ ପଠାଇଥିଲେ ଓ ତାଙ୍କ ଯା'ଆସ ପାଇଁ ଜୟପୁର ମହାରାଜାଙ୍କଠାରୁ ଏକ ହାତୀ କିଣାଇଥିଲେ । ସେଠାରେ କିଭଳି କାମ ହେଉଛି ସେସବୁ ଦେଖିବା ଲାଗି ନବକୃଷ୍ଣ ଚୌଧୁରୀ ମାନ୍ଦ୍ରାଜରୁ ଫେରିଲା ବେଳେ ସମୟ ସମୟରେ କୋଡ଼ିଏ ପଚିଶ କିଲୋମିଟର ବାଟ ଚାଲିକରି ଯାଉଥିଲେ । ସେସବୁ ଅଞ୍ଚଳର ଜଳକଷ୍ଟ ଦୂର ହେବା ଲାଗି କୂଅମାନ ଖୋଳାଗଲା । କିନ୍ତୁ କୂଅକୁ ଚାହିଁଲେ ଯେଉଁ ଛବି ଦେଖିବାକୁ ମିଳେ ତାହାକୁ ଆଦିବାସୀମାନେ ଭୂତ ବୋଲି ଭାବି ଡରି କୂଅରୁ ପାଣି ନେଲେ ନାହିଁ । ନବବାବୁ ଏକଥା ଶୁଣିଲା ପରେ ଏକ ଟ୍ରକ୍ ଛୋଟ ଦର୍ପଣ ସେ ଅଞ୍ଚଳକୁ ପଠାଇ ବଣ୍ଟାଇଲେ । ଆଦିବାସୀମାନେ ଦର୍ପଣରେ ନିଜ ଛବି ଦେଖିଲା ପରେ ସେମାନଙ୍କ ଭୟ ଦୂର ହୋଇଗଲା ଓ ସେମାନେ କୂଅରୁ ପାଣି ପିଇଲେ । ଆଦିବାସୀ ଅଞ୍ଚଳରେ ବାଘ, ଭାଲୁଙ୍କ ଖୁବ୍ ଉପଦ୍ରବ ଥାଏ । ନବବାବୁ ଉଦୟନାଥ ସାହୁଙ୍କଠାରୁ ଜାଣିଲେ ଯେ ଜୟପୁର ମହାରାଜାଙ୍କର ୫୦୦ ବନ୍ଧୁକ ସରକାରୀ ସମ୍ପତ୍ତି ଭାବରେ ମାଲଖାନାରେ ରହିଛି । ସେ ସେହି ବନ୍ଧୁକଗୁଡ଼ିକୁ ବିନା ମୂଲ୍ୟରେ ଆଦିବାସୀମାନଙ୍କୁ ଦେବା ଲାଗି ନବକୃଷ୍ଣ ଚୌଧୁରୀ ଆଦେଶ ଦେବା ସଙ୍ଗେ ସଙ୍ଗେ ସେମାନଙ୍କୁ ଲାଇସେନ୍ସ ଦେବାର ବ୍ୟବସ୍ଥା କରାଇଥିଲେ ।

ସେହି ସମୟରେ ଭୂ-ଦାନ କର୍ମୀମାନେ ଗଞ୍ଜାମ ଓ କୋରାପୁଟର ମାଳ ଅଞ୍ଚଳରେ କାମ କରୁଥିଲେ । ସେମାନେ ଜାଣିଲେ ଯେ ଆଦିବାସୀମାନଙ୍କର ବହୁ ଜମି ଅଣଆଦିବାସୀମାନେ ଠକି ନେଇଛନ୍ତି । ଏହା ବିରୋଧରେ ଗୁଣୁପୁର ଅଞ୍ଚଳରେ ସେମାନେ ଭୂ-ସତ୍ୟାଗ୍ରହ ଆରମ୍ଭ କରି ନବବାବୁଙ୍କୁ ଚିଠି ଲେଖିଥିଲେ । ନବବାବୁ ଏ ସମସ୍ୟା ଅନୁଧ୍ୟାନ ପାଇଁ ଗୋପୀନାଥ ମହାନ୍ତିଙ୍କୁ ପଠାଇଥିଲେ । ତାଙ୍କ ରିପୋର୍ଟ ପାଇବା ପରେ ମୁଖ୍ୟମନ୍ତ୍ରୀ ଗୋପୀନାଥ ମହାନ୍ତିଙ୍କୁ ସେହି ଅଞ୍ଚଳର ଭୂ-ସମସ୍ୟା ସମାଧାନ ଲାଗି ନିଯୁକ୍ତି ଦେଇଥିଲେ । ଆଦିବାସୀମାନଙ୍କ ସମସ୍ୟା ପ୍ରତି ସହାନୁଭୂତିଶୀଳ ଗୋପୀନାଥ ମହାନ୍ତି ଉଦ୍ୟମରେ ଆଦିବାସୀମାନେ କିଛି ଜମି ଫେରିପାଇଥିଲେ ଓ ଆଦିବାସୀମାନଙ୍କର ଭୟ ଓ ଶୋଷଣ କମିଲା । ଏହାଛଡ଼ା ସେ ଅଞ୍ଚଳରେ ନାନା ଉନ୍ନୟନ କାମ ହେଲା । ଜମିଦାରୀ ଉଚ୍ଛେଦ ପରେ ଜମିମାଲିକ ଓ ସରକାରଙ୍କ ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପିତ ହେଲେ ବି ବହୁ ବାସ୍ତବ ଚାଷୀ ଧନୀଚାଷୀଙ୍କଦ୍ୱାରା ଶୋଷିତ ହେଉଥିଲେ । ନବକୃଷ୍ଣ ଚୌଧୁରୀଙ୍କ ଉଦ୍ୟମରେ ନୂଆ ଆଇନରେ ଚାଷୀକୁ ଉତ୍ପନ୍ନ ଫସଲର ଚାରିଭାଗରୁ ଏକ ଭାଗ

Digitized by PPRACHIN, SOA

ଜମିମାଲିକଙ୍କୁ ଦେବା ଲାଗି ଆଇନ ହୋଇଥିଲା । ଏହା ଥିଲା ଭାରତବର୍ଷରେ ସବୁଠାରୁ ପ୍ରଗତିଶୀଳ ଚାଷୀରକ୍ଷା ଆଇନ୍, କିନ୍ତୁ ଶାସନକଳକୁ ଧନୀ ଚାଷୀମାନେ ପ୍ରଭାବିତ କରି ଏହାକୁ କାର୍ଯ୍ୟକାରୀ କଲେ ନାହିଁ । ଏପର୍ଯ୍ୟନ୍ତ ଓଡ଼ିଶାର କୌଣସି ସରକାର ଚାଷୀଙ୍କ ପାଇଁ ଏହାଠାରୁ ଅଧିକ ସହାନୁଭୂତିଶୀଳ କାର୍ଯ୍ୟ କରି ନାହାନ୍ତି ।

ମୁଖ୍ୟମନ୍ତ୍ରିତ୍ୱ ଛାଡ଼ିବି

କଂଗ୍ରେସ ଦଳ ପ୍ରଥମ ସାଧାରଣ ନିର୍ବାଚନରେ ସଂଖ୍ୟାଗରିଷ୍ଠତା ହାସଲ ନ କରିପାରିବା ନବକୃଷ୍ଣ ଚୌଧୁରୀଙ୍କୁ ନିରାଶ କରିଥିଲା । ବର୍ଷକ ମଧ୍ୟରେ ଚାରିଟି ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ହାରିଥିଲେ । ଏସବୁ ଲକ୍ଷ୍ୟକରି ନବକୃଷ୍ଣ ଚୌଧୁରୀ ନେହେରୁଙ୍କୁ ଏକ ଚିଠି ଲେଖିଥିଲେ ।

ସେଥିରେ ସେ ଲେଖିଥିଲେ - "କଂଗ୍ରେସ ଦଳ ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲା କେନ୍ଦ୍ର ତଥା ରାଜ୍ୟ ସରକାର ତାହା ପୂରଣ କରିବାରେ ବ୍ୟର୍ଥ ହୋଇଛନ୍ତି ବୋଲି କଂଗ୍ରେସ କର୍ମୀମାନେ ଅନୁଭବ କରୁଛନ୍ତି । ଏହାଛଡ଼ା ଦୁର୍ନୀତି ଦେଖା ଦେଇଛି ଓ କର୍ମ ତତ୍ପରତାର ଅଭାବ ତ ଅଛି । କିନ୍ତୁ ଏଭଳି ପରିସ୍ଥିତିରେ କଂଗ୍ରେସ ଦଳରେ ଆଉ ପ୍ରାଣଶକ୍ତି ନାହିଁ । କଂଗ୍ରେସ କର୍ମୀଙ୍କ ମଧ୍ୟରେ ମିଶନାରୀ ଉତ୍ସାହ ନାହିଁ । ... ଅବସ୍ଥା ଦ୍ରୁତ ଗତିରେ ଖରାପ ଆଡ଼କୁ ଯାଉଛି । କର୍ମୀମାନଙ୍କର ନୈତିକ ଓ ବୌଦ୍ଧିକ ଉନ୍ନତି ନ ଘଟିଲେ, ଏହାକୁ ରୋକି ହେବ ନାହିଁ । ଆମ ଭିତରୁ ଯେଉଁମାନେ ଏ ଦିଗରେ କିଛି କରିପାରନ୍ତୁ, ଆମେ ଶାସନରେ ରହିଯାଇ ରାଜନୀତିକ ଦିଗରୁ କର୍ମଦକ୍ଷତା ହରାଇଲୁଣି... । ମୁଁ ନିଶ୍ଚିତ ଯେ ମହତାବବାବୁ ଓ ମୁଁ ଗଠନମୂଳକ କାର୍ଯ୍ୟରେ ଲାଗିପଡ଼ିଲେ ଓଡ଼ିଶା ଲୋକଙ୍କ ଆଖିରେ କଂଗ୍ରେସ ଦଳର ସମ୍ମାନ ବୃଦ୍ଧି ପାଆନ୍ତା । ଏହା ଫଳରେ ରାଜନୀତିକ ବିରୋଧୀମାନଙ୍କ ଅପପ୍ରଚାରକୁ ପ୍ରତିହତ କରିହୁଅନ୍ତା । ଏହାଦ୍ୱାରା ଦଳ ଭିତରର ଟଣାଓଟରା ବି ବନ୍ଦ ହୋଇଯାଆନ୍ତା ।"

ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ହେବା ପରେ ବିଶ୍ୱନାଥ ଦାସ, ସୁରେନ୍ଦ୍ର ପଟ୍ଟନାୟକ ଗୋଷ୍ଠୀ ତାଙ୍କ ସହିତ ଅସହଯୋଗ କରୁଥିଲେ । ୧୯୫୩ ମସିହା ବେଳକୁ ମହତାବଙ୍କ ଅନୁଗତ ବନମାଳୀ ପଟ୍ଟନାୟକ ପ୍ରଦେଶ କଂଗ୍ରେସର ସଭାପତି ହୋଇଥାନ୍ତି, କିନ୍ତୁ ମହତାବବାବୁ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ବାଦ ପଡ଼ିଥାନ୍ତି । ସେହି ପରିସ୍ଥିତିରେ ସେ କଂଗ୍ରେସ ପାର୍ଲାମେଣ୍ଟାରୀ ପାର୍ଟିର ସେକ୍ରେଟେରୀ ଜେନେରାଲ

Digitized by PPRACHIN, SOA

ପଦବୀ ଛାଡ଼ିଦେବା ସଙ୍ଗେ ସଙ୍ଗେ ନିଖିଳ ଭାରତ କଂଗ୍ରେସ କମିଟି ସଦସ୍ୟ ପଦରୁ ଇସ୍ତଫା ଦେଇ ଗଠନମୂଳକ କାମରେ ଲାଗିବେ ବୋଲି ନେହେରୁଙ୍କୁ ଚିଠି ଲେଖି ସେ ଚିଠିର ନକଲ ବନମାଳୀ ପଟ୍ଟନାୟକଙ୍କୁ ପଠାଇଥାଆନ୍ତି । ନବବାବୁ ମହତାବବାବୁଙ୍କ ଆପାତତଃ କ୍ଷମତା ବିମୁଖତାକୁ ସତ୍ୟ ବୋଲି ଧରିନେଇ ନେହେରୁଙ୍କୁ ପୂର୍ବୋକ୍ତ ଚିଠି ଲେଖିଥିଲେ । ନବବାବୁ ଇସ୍ତଫା ଦେବା କଥା ଉଠିବାରୁ ମହତାବବାବୁ ତାଙ୍କୁ ସେଥିରୁ ବାରଣ କରି ଏକାଧିକ ଚିଠି ଲେଖିଥିଲେ । ମହତାବବାବୁଙ୍କର ଡର ଥାଏ ଯେ ନବବାବୁ ଇସ୍ତଫା ଦେଲେ ହୁଏତ ବିଶ୍ୱନାଥ ଦାସ ପୁଣି ମୁଖ୍ୟମନ୍ତ୍ରୀ ହୋଇପାରନ୍ତି । କିନ୍ତୁ ମହତାବବାବୁଙ୍କ ବାସ୍ତବ ଇଚ୍ଛା ଜାଣିବାକୁ ନବବାବୁଙ୍କୁ ବେଶି ସମୟ ଲାଗି ନ ଥିଲା । ମହତାବ ଗୋଷ୍ଠୀ ନବବାବୁଙ୍କୁ ବିରୋଧ କଲା ବେଳକୁ ବିଶ୍ୱନାଥ ଦାସ - ସୁରେନ୍ଦ୍ର ପଟ୍ଟନାୟକ ଗୋଷ୍ଠୀଙ୍କଠାରୁ ତାଙ୍କୁ ପୂର୍ଣ୍ଣ ସମର୍ଥନ ମିଳିଲା । ତେଣେ ନେହେରୁ ବି ଚାହୁଁଥାନ୍ତି ଯେ ନବବାବୁ ମୁଖ୍ୟମନ୍ତ୍ରିତ୍ୱ ନ ଛାଡ଼ନ୍ତୁ ବୋଲି । ଏଣୁ ୧୯୫୫ ମସିହା ବନ୍ୟାରେ ଦଳେଇଘାଇ ଭାଙ୍ଗିବା ପର୍ଯ୍ୟନ୍ତ ନବବାବୁଙ୍କ ସରକାର ପ୍ରତି ବିଶେଷ ଅସୁବିଧା ନ ଥିଲା ।

୧୯୫୨ରୁ ୧୯୫୪ ମସିହା ପର୍ଯ୍ୟନ୍ତ ଭୂଦାନ ଆନ୍ଦୋଳନର ଆପାତତଃ ସାଫଲ୍ୟରେ ନବବାବୁ ଖୁବ୍ ଉତ୍ସାହିତ ହୋଇ ପଡ଼ିଥିଲେ । ତାଙ୍କ ଭାଇ, ଭାଉଜ, ସ୍ତ୍ରୀ, ପୁତୁରା, ଝିଆରୀ, ଝିଆରୀଙ୍କ୍ୱାଇଁ ଆଦି ସମସ୍ତେ ସେଇ କାମରେ ଲାଗିପଡ଼ିଥାଆନ୍ତି । ଏଣୁ ୧୯୫୩ ମସିହା ଜୁଲାଇ ୧୬ ତାରିଖ ଚିଠିରେ ନବବାବୁ ସେଇ କଥା ନେହେରୁଙ୍କୁ ଲେଖି ଜଣାଇ ଥାଆନ୍ତି ଯେ ତାଙ୍କ ମନ ଯାଇ ସେହି କାମରେ । ତାଙ୍କୁ ମୁଖ୍ୟମନ୍ତ୍ରୀ ଦାୟିତ୍ୱରୁ ଅବ୍ୟାହତ ମିଳିଲେ, ସେ ଅଧିକ ସାର୍ଥକ କାମରେ ଲାଗନ୍ତେ । ଇତିମଧ୍ୟରେ ପୁରୀରେ ସର୍ବଭାରତୀୟ ସର୍ବୋଦୟ ସମ୍ମିଳନୀ ବସିଥିଲା । ସେଠାରେ କେତେକ ତୁଙ୍ଗ ସର୍ବୋଦୟ ନେତା ପ୍ରସ୍ତାବ କରିଥିଲେ ଯେ କଂଗ୍ରେସର ତୁଙ୍ଗ ନେତାମାନେ ଭୂଦାନରେ ଯୋଗ ଦିଅନ୍ତୁ । ସେ ମୁଖ୍ୟମନ୍ତ୍ରୀ ଥାଇ ଭୂଦାନ କାମରେ ଅଂଶଗ୍ରହଣ କରୁଥିଲେ ବି ନାନା ବିଚାରରୁ ସେତେବେଳେ ଇସ୍ତଫା ଦେଲେ ନାହିଁ ।

ସେ ମୁଖ୍ୟମନ୍ତ୍ରିତ୍ୱରୁ ଇସ୍ତଫା ଦେବାପାଇଁ ନିଜେ ସ୍ଥିର କରିଥିଲେ ମଧ୍ୟ ପରବର୍ତ୍ତୀ ତିନି ବର୍ଷ ମଧ୍ୟରେ ରାଜଗାଙ୍ଗପୁରସ୍ଥ ସିମେଣ୍ଟ କାରଖାନା, କଟକରେ ମଧୁପାଟଣାର ଶିଳ୍ପାଞ୍ଚଳ, କୃଷି ମହାବିଦ୍ୟାଳୟ, ପଶୁପାଳନ ମହାବିଦ୍ୟାଳୟ ଓ ବୁର୍ଲା ଇଞ୍ଜିନିୟରିଙ୍ଗ କଲେଜ ପ୍ରତିଷ୍ଠା ଦିଗରେ ସବୁପ୍ରକାର ତତ୍ପରତା

Digitized by PPRACHIN, SOA

ଦେଖାଇଥିଲେ । ବିରାଟ ହୀରାକୁଦ ବନ୍ଧର ନିର୍ମାଣ ତାଙ୍କରି ସମୟରେ ହୋଇଥିଲା ଓ ରାଉରକେଲା ଇସ୍ପାତ କାରଖାନା ନିର୍ମାଣ ଦିଗରେ ତାଙ୍କର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ । ପୂର୍ବରୁ ବଢ଼ି ମରୁଡ଼ି ଦାଉ ଯୋଗୁଁ ଋଣ କରି ଚାଷୀ ଋଣ ପରିଶୋଧ ନ କରିପାରି ଅଧିକାଂଶ ସମୟରେ ଜମି ହରାଉଥିଲା । ମହାଜନ ବା ସାହୁକାରମାନଙ୍କ ଶୋଷଣ କ୍ଷୁଣ୍ଣ କରିବା ଲାଗି ତାଙ୍କ ସମୟରେ ପ୍ରଗତିଶୀଳ ମହାଜନୀ ଆଇନ୍ ପ୍ରଣୟନ କରାଯାଇଥିଲା । ଏହା ଫଳରେ ଋଣଗ୍ରସ୍ତ ଚାଷୀ ସୁବିଧା ପାଇଲେ ।

ନବକୃଷ୍ଣ ଚୌଧୁରୀ ଶାସନକଳକୁ ଲୋକାଭିମୁଖୀ କରିବା ଦିଗରେ ଯେଉଁସବୁ ପଦକ୍ଷେପ ନେଇଥିଲେ ତନ୍ମଧ୍ୟରୁ ଗୋଟିଏ ଥିଲା ସରକାରୀ କାର୍ଯ୍ୟାବଳୀ ଲୋକମାନଙ୍କ ଭାଷାରେ ଚଳାଇବା । ତାହା ନ ହେଲେ ଶାସନର ବିକେନ୍ଦ୍ରୀକରଣ ହେଲେ ବି ଲୋକେ ତାହାର ପୂର୍ଣ୍ଣ ଉପଯୋଗ କରିପାରିବେ ନାହିଁ । ହେଲେ ଆଜିକୁ ୪୨ ବର୍ଷ ପୂର୍ବେ ତାହା ଥିଲା ଏକ ଅଚିନ୍ତନୀୟ ବ୍ୟାପାର । ସେତେବେଳେ ଭାରତବର୍ଷର କୌଣସି ରାଜ୍ୟରେ ଏହା ହୋଇ ନ ଥାଏ ଏବଂ ରାଜ୍ୟର ଅଧିକାଂଶ ଉଚ୍ଚ ଅଫିସର ଥାଆନ୍ତି ଅଣଓଡ଼ିଆ । ସେମାନେ ଆସ୍ତେ ଓଡ଼ିଆ ବୁଝିବାକୁ ଆରମ୍ଭ କରିଥିଲେ । ମାତ୍ର ଓଡ଼ିଆ ପଢ଼ିବା ସେମାନଙ୍କ ପକ୍ଷରେ ଦୁଃସାଧ ଥିଲା; ଆଉ ଓଡ଼ିଆରେ ଲେଖିବା ତ ପୂରାପୂରି ଅସାଧ କଥା । ଓଡ଼ିଆ ଟାଇପ୍ ରାଇଟର ବାହାରି ନ ଥାଏ । ଏଣୁ ଓଡ଼ିଆ ହାତଲେଖା ସେମାନଙ୍କ ପକ୍ଷରେ ଅଲଘନୀୟ ପ୍ରତିବନ୍ଧକ ହୋଇଥାଏ । ସେତେବେଳର ଚିଫ୍ ସେକ୍ରେଟେରୀ ବି ଆପତ୍ତି ଉଠାଇଲେ । କୁହାଗଲା ଯେ କେନ୍ଦ୍ର ସରକାର ଓ ଆକାଉଣ୍ଟାଣ୍ଟ ଜେନେରାଲ ଅଫିସ ସହ ରାଜ୍ୟ ସରକାରଙ୍କ ପତ୍ରାଳାପ କରିବାରେ ଅସୁବିଧା ହେବ । ବହୁଲୋକ ଓଡ଼ିଆ ଭାଷାକୁ ସରକାରୀ ସ୍ତରରେ ଚଳାଇବା ଅସମ୍ଭବ ମନେକରୁଥିଲେ ବି ନବବାବୁ ୧୯୫୪ ଏପ୍ରିଲ ୨୩ ତାରିଖ ଦିନ ସରକାରୀ ଫାଇଲରେ ନିଜର ଅଭିମତ ଲିପିବଦ୍ଧ କଲେ । ସେହିବର୍ଷ ଅକ୍ଟୋବର ୧୪ ତାରିଖରେ 'ଦି ଓରିଶା ଅଫିସିଆଲ୍ ଲାଙ୍ଗୁଏଜ୍ ବିଲ୍' ବିଧାନସଭାରେ ପାସ୍ ହୋଇଥିଲା । ଏହା ସଙ୍ଗେ ସଙ୍ଗେ ଓଡ଼ିଆ ଟାଇପ୍ ରାଇଟର ପ୍ରସ୍ତୁତ କରିବା ଲାଗି ଏକ କମିଟି ଗଠିତ ହେଲା । ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରିତ୍ୱ ଛାଡ଼ିବା ପରେ ଏ କାମ ଧିମେଇଲା ଓ ହରେକୃଷ୍ଣ ମହତାବ ପୁଣି ଶାସନକାର୍ଯ୍ୟ ଇଂରାଜୀରେ ଚଳାଇଲେ ।

Digitized by PPRACHIN, SOA

ଓଡ଼ିଶା ଜମିଜମା କମିଟି ରିପୋର୍ଟରେ ଯେଉଁ ସୁପାରିସମାନ ଥିଲା ତହିଁରେ ଅଞ୍ଚଳ ଶାସନର ସୂଚନା ଥିଲା । ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ହେବା ପରେ ଏହାକୁ ଆଇନ୍‌ରେ ପରିଣତ କରିଥିଲେ । ତଦନୁସାରେ ରାଜ୍ୟକୁ କେତୋଟି ଅଞ୍ଚଳରେ ପରିଣତ କରିବାର ଥିଲା । ସେଗୁଡ଼ିକ ଉପଜିଲ୍ଲାରୁ ଛୋଟ ଓ ଥାନାରୁ ବଡ଼ ହେବ ବୋଲି ବିଚାର କରାଯାଉଥିଲା । ଲୋକ ପ୍ରତିନିଧିମାନଙ୍କଦ୍ୱାରା ତାହା ପରିଚାଳିତ ହୋଇଥାନ୍ତା ଏବଂ ସରକାରଙ୍କ ତରଫରୁ ପରିଚାଳକ ଭାବରେ ଜଣେ ଅଞ୍ଚଳ ଅଧିକାରୀ ଥାଆନ୍ତେ । ବର୍ତ୍ତମାନର ତହସିଲଦାର ଓ ବି.ଡି.ଓ.ଙ୍କ କାମ ଗୋଟିଏ କାର୍ଯ୍ୟାଳୟରେ ଗୋଟିଏ ଶାସନରେ ଚାଲିଥାଆନ୍ତା, କାର୍ଯ୍ୟଦକ୍ଷତା ବଢ଼ିଥାଆନ୍ତା ଓ ବ୍ୟୟ ଅପେକ୍ଷାକୃତ କମ୍ ହୋଇଥାନ୍ତା । ଏହି ଅଞ୍ଚଳ ଶାସନ ବିଲ୍ ବହୁ ଦୀର୍ଘ ଦିନ ଆଲୋଚନା ପରେ ଆଇନ୍‌ରେ ପରିଣତ ହୋଇଥିଲା । ଏ ଆଇନ୍ ପାସ୍ ହେଲା ପରେ ଏହା ସାରା ଭାରତବର୍ଷର ଦୃଷ୍ଟି ଆକର୍ଷଣ କରିଥିଲା । କିନ୍ତୁ ନବକୃଷ୍ଣ ଚୌଧୁରୀ ଇସ୍ତଫା ଦେବା ପରେ ସେ ଆଇନ୍ ଆଉ କାର୍ଯ୍ୟରେ ପରିଣତ କରାଗଲା ନାହିଁ ।

ଠିକ୍ ସେହିପରି ତାଙ୍କ ସମୟରେ ନିଶା ନିବାରଣ ବହୁ ପରିମାଣରେ କମି ଯାଇଥିଲା ଓ ସମ୍ପୂର୍ଣ୍ଣ ନିଶା ନିବାରଣ ଆଇନ୍ ପାସ୍ ହୋଇଥିଲା । ତାହାକୁ ବି ତାଙ୍କ ଅନ୍ତେ ଅକାମୀ କରାଗଲା ।

ତାଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ଯୁଗଯୁଗର ଗୋତିପ୍ରଥା ଲୋପ ହେବା ଲାଗି ଆଇନ୍ ହୋଇଗଲା ଏବଂ ଛୋଟ ଛୋଟ ମକଦ୍ଦମା ଗ୍ରାମ ସ୍ତରରେ ନିଷ୍ପତ୍ତି ହେବା ପାଇଁ ଅଦାଲତ ପଞ୍ଚ ଆଇନ୍ ପାସ୍ ହୋଇଥିଲା ।

ଏସବୁ ପ୍ରଗତିମୂଳକ କାର୍ଯ୍ୟ ଓ ଲୋକହିତକାରୀ ଆଇନ୍ ପାସ୍ ହୋଇଥିଲେ ବି କେତେକ କାରଣରୁ ସେ ଶେଷ ଆଡ଼କୁ ଅପ୍ରିୟ ହୋଇଯାଇଥିଲେ । ଯଦିଓ ଦଳେଇଘାଇ ବନ୍ୟା ପରେ ବହୁତ ରିଲିଫ କାମ ହୋଇଥିଲା ତଥାପି ଲକ୍ଷ ଲକ୍ଷ ଲୋକଙ୍କର କ୍ଷୟକ୍ଷତି ପାଇଁ ଲୋକେ ସରକାରକୁ ଦାୟୀ କରିଥିଲେ । ଏହାଛଡ଼ା ତାଙ୍କ ସମୟରେ ହୀରାକୁଦ ବନ୍ଧ ହୋଇଥିଲେ ବି ସେଥିଲାଗି ଜମି ଓ ଘରଦ୍ୱାର ହରାଇଥିବା ଲୋକମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ଥଇଥାନ କରାଯାଇ ପାରି ନ ଥିଲା । ତାଙ୍କ ପାଇଁ ସବୁଠାରୁ ଅସୁବିଧାର ସମୟ ଥିଲା ସୀମା ଆନ୍ଦୋଳନ । ଷଢ଼େଇକଳା ଓ ଖରସୁଆଁ ଓଡ଼ିଶାକୁ ଆସିବା ଦାବିରେ କଂଗ୍ରେସ ଦଳ ସମେତ ସବୁ ଦଳ କେନ୍ଦ୍ର ସରକାରଙ୍କଠାରେ ଦାବି କରିଥିଲେ । ଏହାରି ଉପରେ ଓଡ଼ିଶା

Digitized by PPRACHIN, SOA

କଂଗ୍ରେସ ଦଳର ବିଧାୟକମାନେ ଇସ୍ତଫା ଦେବା କଥା ସ୍ଥିର ହେଲା । କିନ୍ତୁ କେନ୍ଦ୍ର ସରକାର ଏଥିରେ ସମ୍ମତ ନ ହେବାରୁ କଂଗ୍ରେସ ଦଳର ବିଧାୟକମାନଙ୍କ ଇସ୍ତଫା ଦିଆ ହେଲା ନାହିଁ ଏବଂ ଏହି ଦାବି ଉପରେ ଯେଉଁ ଜନଆନ୍ଦୋଳନ ହେଲା ତାକୁ ଚପାଇବା ଲାଗି ଗୁଳି ଚଳାଇବାକୁ ପଡ଼ିଥିଲା । ଏହା ଫଳରେ ନବକୃଷ୍ଣ ଚୌଧୁରୀ ଅତ୍ୟନ୍ତ ଅପ୍ରିୟ ହୋଇଯାଇଥିଲେ । ଏହାର କିଛି ମାସ ପରେ ସେ ଇସ୍ତଫା ଦେଇଥିଲେ । ତାଙ୍କର କେତେକ ପ୍ରିୟ ଲୋକ କହନ୍ତି ସେ ତ ଇସ୍ତଫା ଦେଲେ; ତେବେ ଷଢ଼େଇକଳା ଖରସୁଆଁ ଦାବି ଉପରେ ଇସ୍ତଫା ନ ଦେଲେ କାହିଁକି ? ନବକୃଷ୍ଣ ଚୌଧୁରୀ ବହୁଦିନରୁ ଇସ୍ତଫା ଦେବାପାଇଁ ଇଚ୍ଛୁକ ଥିଲେ । ଏକ ସ୍ଥାନୀୟ ଦାବି ଉପରେ ଇସ୍ତଫା ଦେଇ ସେ ବାହାବାହା ନେବାକୁ ଚାହୁଁ ନ ଥିଲେ । କ୍ଷମତା ଯେ ଏକ ପୁରୁଣା ଜୋତା ଭଳି ଫିଙ୍ଗି ଦେବା ବସ୍ତୁ, ଏହାହିଁ ତାଙ୍କ କାର୍ଯ୍ୟରୁ ଜଣାଯାଏ । ସେ ଶାସନ କ୍ଷମତା ଜରିଆରେ ଜନସାଧାରଣଙ୍କର ଓ ବିଶେଷ ଭାବରେ ଦଳିତ ଓ ବଞ୍ଚିତ ଜନସାଧାରଣଙ୍କ ପାଇଁ ଯାହା କରିବାକୁ ଚାହୁଁଥିଲେ ତାହା ସେତେବେଳର ଶାସନ କଳ ଜରିଆରେ ଓ କଂଗ୍ରେସ ଦଳର କର୍ମୀ ତଥା ନେତାଙ୍କଦ୍ୱାରା ହୋଇପାରିବ ନାହିଁ ବୋଲି ଅନୁଭବ କରି ସେ ଆଉ ବେଶି ଦିନ ଶାସନରେ ରହିବାକୁ ଚାହିଁ ନ ଥିଲେ । ଓଡ଼ିଶାରେ ହରେକୃଷ୍ଣ ମହତାବଙ୍କ ଅନୁରକ୍ତ ନେତାମାନେ ନବବାବୁଙ୍କୁ ହଟାଇବା ଲାଗି ବି କେନ୍ଦ୍ର ନେତୃତ୍ୱ ଉପରେ ପ୍ରବଳ ଚାପ ପକାଉଥିଲେ ।

ଓଡ଼ିଶା ଶାସନରେ ନ ରହି କେନ୍ଦ୍ର ସରକାରରେ ରହିବାକୁ ଇଚ୍ଛା ପ୍ରକାଶ କରିଥିଲେ ନେହେରୁ ନବବାବୁଙ୍କୁ ଆନନ୍ଦରେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଗ୍ରହଣ କରିଥାନ୍ତେ । ତାଙ୍କ ଇସ୍ତଫା ଦାନ ପରେ ନେହେରୁ ନିଜ ହାତରେ ଯେଉଁ ଚିଠି ଲେଖିଥିଲେ ତହିଁରୁ ନେହେରୁଙ୍କର ତାଙ୍କ ପ୍ରତି କିପରି ଭାବ ଥିଲା ତାହା ଜଣାଯାଏ ।

ନୂଆଦିଲ୍ଲୀ

୧୧.୧୦.୫୬

ପ୍ରିୟ ନବକୃଷ୍ଣ !

ତୁମେ ତାହାହେଲେ ସକ୍ରିୟ ରାଜନୀତି ଛାଡ଼ି ଏଥର ପୂରା ସମୟ ରଚନାତ୍ମକ କାମରେ ଯୋଗଦେବା ପାଇଁ ଚାଲିଲ । ଯାହାସବୁ ଘଟିଗଲା ସେଥିପାଇଁ ମୁଁ ଖୁବ୍ ଦୁଃଖିତ । ଯାହା ଘଟିଲା ସେଥିପାଇଁ ଯେତେ ଦୁଃଖିତ ନୁହେଁ, ଯେଭଳି ଭାବରେ

Digitized by PPRACHIN, SOA

ଘଟିଲା ତା'ପାଇଁ ମୁଁ ବିଶେଷ ଦୁଃଖିତ । ବୋଧହୁଏ ତୁମେ ଠିକ୍ ନିଷ୍ପତ୍ତି ନେଇଛ - ମୁଁ ଜାଣେନା । ରଚନାତ୍ମକ କାମର ମହତ୍ତ୍ୱ ନିଃସନ୍ଦେହରୂପେ ଅଧିକ । ସେସବୁ ପ୍ରତ୍ୟେକ କାମର ମୌଳିକ ଆଧାର । ମାତ୍ର ମୋର ଆଶଙ୍କା ଯେ ଆମର ରଚନାତ୍ମକ କର୍ମୀମାନେ ମାନସିକ ଉଦାସୀନତାରେ ବୁଡ଼ି ରହୁଛନ୍ତି । ଏପରିକି ଜୟପ୍ରକାଶ ମଧ ମାନସିକ ସ୍ତରରେ ଭାଙ୍ଗି ପଡ଼ିଲେଣି । କଂଗ୍ରେସ ଉପରେ ରାଗି ରାଗି ତାଙ୍କର ଶକ୍ତି ନଷ୍ଟ ହୋଇଯାଉଛି । ତାଙ୍କର ଆଉ କିଛି କାମ ଥିଲାପରି ମନେହେଉ ନାହିଁ । ଭୂଦାନ ଆନ୍ଦୋଳନ ବହୁସଂଖ୍ୟକ ଦରମାପ୍ରାପ୍ତ କର୍ମୀଙ୍କୁ ନେଇ ଚାଲିଛି; ଯେଉଁମାନେ କି ଆଦର୍ଶବାଦୀ ଦାଢ଼କୁ ଦନ୍ଥରା କରି ନିଜେ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀରେ ପରିଣତ ହୋଇଛନ୍ତି । ଚିନ୍ତା କରିବାର ଶକ୍ତି କମି କମି ଯାଉଛି ଓ ଆମେ ସମସ୍ତେ ଉଣାଅଧିକେ ଆମ ନିଜ ସଂକୀର୍ଣ୍ଣ ମାନସିକ ଖାଇ ଭିତରେ ଚାଲିଛୁ । ତୁମେ ଥିଲ ଅଳ୍ପ କେତେକ ମଧରୁ ଜଣେ, ଯିଏ କି ଖାଇ ଭିତରୁ ବାହାରିଆସି ଆମ ଆଗରେ ଦେଖା ଦେଉଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଲାଗିପାଗି ମୁଣ୍ଡ ଖେଳାଉଥିଲ । ସେ ସୁଯୋଗରୁ କ'ଣ ଆମେମାନେ ଏଣିକି ବଞ୍ଚିତ ହେବୁ ? ନିରାଶ କରାଇବ ନାହିଁ, ଆଶା । ଦୁନିଆ ବିଶେଷକରି ଆମରି ଛୋଟ ଦୁନିଆ, ଭାରତବର୍ଷଟି ଦିନକୁ ଦିନ ଜଟିଳ ହୋଇ ଚାଲିଛି, ଯାହାକୁ କି କଳନା କରିହେଉ ନାହିଁ । ଆମେ ଆମ ଧରାବନ୍ଧା, ଚିନ୍ତାଧାରା ଭିତରେ ପଡ଼ି ରହିଥିବା ବେଳେ ଦୁନିଆଟା ଆମ ଚାରିପଟେ ବଦଳି ଚାଲିଛି । ପରିବର୍ତ୍ତନର ଏଇ ନିରବଚ୍ଛିନ୍ନ ଧାରାଟିକୁ ମୁଁ ବୁଝୁଛି । ମନେହେଉଛି ସତେଯେମିତି ମୁଁ ପଛରେ ପଡ଼ିଯାଉଛି ଓ ସେଇଥିପାଇଁ ପଡ଼ିଉଠି ସେହି ପରିବର୍ତ୍ତନ ସହ ତାଳ ଦେଇ ଆଗେଇବାକୁ ଚେଷ୍ଟା କରୁଛି । ଜନ୍ ଷ୍ଟ୍ରାଚି ଲେଖିଥିବା 'କଣ୍ଟେମ୍ପରାରୀ କ୍ୟାପିଟାଲିଜିମ୍' ବହିଟି ତୁମେ ଦେଖିଲଣି କି ? ଭଲ ବହିଟିଏ, ନିଜର ଖୋଳପା ଭିତରକୁ ନିଜକୁ ନେଇଯାଅନା । ମୁଁ ଏକଥା ଲେଖୁଛି, କାରଣ ମୁଁ ଜାଣେ ଯେ, ତୁମେ ଜଣେ ଖୁବ୍ ସମ୍ବେଦନଶୀଳ ଲୋକ ଓ ସେଇଥିଯୋଗୁଁ ଖୋଳପା ଭିତରେ ପଶିଯିବା ଲାଗି ଏକ ପ୍ରବଣତା ତୁମ ଭିତରେ ଦେଖା ଦେଇପାରେ । ଉଣାଅଧିକେ ଆମ ସମସ୍ତଙ୍କର ସେପରି ହୋଇଯିବାର ପ୍ରବଣତା ରହିଛି । ମାତ୍ର ତାହା କରିବାଟା ସେତେ ଭଲ ନୁହେଁ ।

ମୋର ସ୍ନେହ, ଶୁଭେଚ୍ଛା ଓ ବନ୍ଧୁତା ତୁମ ପ୍ରତି ରହିଛି - ଆଶା, ଏକଥା ମନେ ରଖିଥିବ ।

ତୁମର ସଶ୍ରଦ୍ଧ

ଜବାହରଲାଲ ନେହେରୁ

Digitized by PPRACHIN, SOA

ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଥିଲା ସମୟରେ ହିଁ ହୀରାକୁଦ ବନ୍ଧର କାମ ସରିଥିଲା । କିନ୍ତୁ ହୀରାକୁଦ ବନ୍ଧର ଉନ୍ମୋଚନ ବେଳକୁ ସେ ଆଉ ମୁଖ୍ୟମନ୍ତ୍ରୀ ନ ଥିଲେ । ଉଦ୍‌ଘାଟନ ଉତ୍ସବର ମୁଖ୍ୟ ଅତିଥି ଥିଲେ ଜବାହରଲାଲ ନେହେରୁ । ହୀରାକୁଦ ଉଦ୍‌ଘାଟନ ଉତ୍ସବ ପାଇଁ ପ୍ରବଳ ଜନସମାଗମ । ଖୋଲା ମଇଦାନର ସ୍ୱତନ୍ତ୍ର ସଭାମଣ୍ଡପରେ ନେହେରୁ ଆସନ ଗ୍ରହଣ କରିବା ପୂର୍ବରୁ ସ୍ୱଭାବସୁଲଭ, ହସ ହସ ବଦନରେ ଯୋଡ଼ହସ୍ତ ହୋଇ ଉପସ୍ଥିତ ଜନତାକୁ ନମସ୍କାର ଜଣାଇଲେ । ଆସନ ଗ୍ରହଣ ଓ ପୁଷ୍ପଗୁଚ୍ଛ ପ୍ରଦାନ ପରେ ସ୍ୱାଗତ ଅଭିଭାଷଣ ଆରମ୍ଭ ହୋଇଗଲା । ଅଳ୍ପ କେତେକ ମିନିଟ ପରେ ପ୍ରଧାନମନ୍ତ୍ରୀ, ବୋଧ ହେଲା, ମଞ୍ଚ ନିକଟସ୍ଥ ନିମନ୍ତ୍ରିତ ଆସନ ପ୍ରତି ଦୃଷ୍ଟି ପକାଇଲେ ଓ କେହି ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ପୁନର୍ବାର ଯୋଡ଼ହସ୍ତ ହୋଇ ନମସ୍କାର ଜ୍ଞାପନ କଲେ । ସଭା ମଞ୍ଚରେ ସ୍ୱେଚ୍ଛାସେବକ ଭାବରେ କାର୍ଯ୍ୟକରୁଥିବା ଅଧ୍ୟାପକ ସୂର୍ଯ୍ୟକାନ୍ତ ଦାସ ଲକ୍ଷ୍ୟ କଲେ ଯେ ନେହେରୁ ନବକୃଷ୍ଣ ଚୌଧୁରୀଙ୍କୁ ଏହି ସ୍ୱତନ୍ତ୍ର ନମସ୍କାରଟି ଜଣାଇଲେ । ଏହା ଦେଖି ତାଙ୍କ ବିସ୍ମୟର ସୀମା ରହିଲା ନାହିଁ । ପୂର୍ବରୁ ଜବାହରଲାଲ ନବବାବୁଙ୍କୁ ସାନଭାଇ ଭଳି ଶ୍ରଦ୍ଧା କରୁଥିଲେ । କିନ୍ତୁ ମୁଖ୍ୟମନ୍ତ୍ରିତ୍ୱ ଛାଡ଼ିବା ପରେ ସେ ହୋଇଯାଇଥିଲେ ନେହେରୁଙ୍କ ଦୃଷ୍ଟିରେ ବହୁତ ବଡ଼ । ସେହି ସମୟକୁ ବ୍ରହ୍ମଦେଶର ଶାସନ ମୁଖ୍ୟ ଉନୁ ମଧ୍ୟ ସ୍ୱେଚ୍ଛାରେ କ୍ଷମତା ତ୍ୟାଗ କରିଥାଆନ୍ତି । ଏହି ଦୁଇ ବିଶିଷ୍ଟ ଲୋକଙ୍କୁ ଲକ୍ଷ୍ୟ କରି ଏକ ବିଖ୍ୟାତ ଇଂରାଜୀ ପତ୍ରିକାରେ 'ଟୁ ଓ୍ୱାଇଜ୍ ମେନ୍ ଅଫ୍ ଦି ଇଷ୍ଟ' ବୋଲି ଏକ ପ୍ରବନ୍ଧ ପ୍ରକାଶିତ ହୋଇଥିଲା । ଜୀବନର ଶେଷ ପର୍ଯ୍ୟନ୍ତ ନେହେରୁଙ୍କର ନବବାବୁଙ୍କ ପ୍ରତି ଗଭୀର ଆସ୍ଥା ଓ ଆନ୍ତରିକତା ଥିଲା । ଓଡ଼ିଶା ସମ୍ପର୍କରେ ଯେତେବେଳେ କିଛି ଅଭିଯୋଗ ତାଙ୍କ କାନରେ ପଡ଼ିଛି, ବାସ୍ତବ ଘଟଣା ଜାଣିବା ଲାଗି ସେ ନବବାବୁଙ୍କୁ ହିଁ ପଚାରିଛନ୍ତି ।

ନେହେରୁ ଜଣେ ସମାଜବାଦୀ ଓ ଗଣତନ୍ତ୍ରପ୍ରେମୀ ଲୋକ ବୋଲି ନବବାବୁଙ୍କର ଧାରଣା ଥିଲା । କିନ୍ତୁ ଇନ୍ଦିରା ଗାନ୍ଧିଙ୍କୁ ସେ କଂଗ୍ରେସ ଦଳର ସଭାନେତ୍ରୀ କରିବାଟାକୁ ନବବାବୁ ପସନ୍ଦ କରି ନ ଥିଲେ । ପୁଣି କେରଳର ଗଣତାନ୍ତ୍ରିକ ଧାରାରେ ନିର୍ବାଚିତ ନମ୍ବୁଦ୍ରିପଦଙ୍କ ସରକାରଙ୍କୁ ଯେତେବେଳେ ଅଗଣତାନ୍ତ୍ରିକ ଉପାୟରେ ଭାଙ୍ଗି ଦିଆଗଲା ସେହି ସମୟରୁ ନେହେରୁଙ୍କଠାରୁ ନବବାବୁଙ୍କର ଆସ୍ଥା ତୁଟି ଯାଇଥିଲା ।

Digitized by PPRACHIN, SOA

ଭିନ୍ନ ଧରଣର ପ୍ରଶାସକ

ପ୍ରଶାସକ କହିଲେ ଆମେ ସାଧାରଣ ଭାବରେ ଯାହା ବୁଝୁ, ସେହି ଦୃଷ୍ଟିରୁ ନବକୃଷ୍ଣ ଚୌଧୁରୀଙ୍କ ଖୁବ୍ ଖ୍ୟାତି ନାହିଁ। ଶାସନରେ ଦାନ, ଦଣ୍ଡ ଓ ଭେଦ ନୀତିର ପ୍ରୟୋଗ ଦରକାର। କିନ୍ତୁ ନବବାବୁ ଏଭଳି ମଣିଷ ଥିଲେ ଯେ ତାଙ୍କ ପକ୍ଷରେ କାହାକୁ ଦଣ୍ଡଦେବା ଅଚିନ୍ତନୀୟ ଥିଲା। ଦଣ୍ଡ ନ ଦେଲେ ଟିକିଏ ଫିଁର ବି ଦରକାର ବୋଲି କେତେକଙ୍କର ମତ। ଏସବୁ ପ୍ରଚଳିତ ଶାସନ ଢଙ୍ଗ ପ୍ରୟୋଗ ନ କଲେ ବି ସେ ସେତେବେଳେ ଦକ୍ଷ ଆଇ.ସି.ଏସ୍. ଅଫିସର। ଶିବରମନ୍ଙ୍କ ଗୁପ୍ତ ଚରିତ୍ର ଲେଖାରେ ପ୍ରତିକୂଳ ମତ ଦେଇଥିଲେ ଯାହାକି ଶିବରମନ୍ ବହୁ ପରେ ଜାଣିଲେ। ସଦାନନ୍ଦ ପାଢ଼ୀ ବୋଲି ସେତେବେଳର ଇଲେକ୍‌ଟ୍ରିକାଲ୍ ସୁପରିନ୍‌ଟେନ୍‌ଡିଙ୍ଗ ଇଞ୍ଜିନିୟରଙ୍କୁ ଶିବରମନ୍ ଓ ଯୋନେଜା (ଅନ୍ୟ ଜଣେ ଆଇ.ସି.ଏସ୍. ଅଫିସର) ଏକ ଘଟଣାରେ ଦଣ୍ଡ ଦେବାକୁ ଚାହିଁଥିଲେ। ନବବାବୁ ସେ ସମ୍ପର୍କରେ ସେମାନଙ୍କ ମନ୍ତବ୍ୟ ଶୁଣି ସେମାନଙ୍କୁ ଏଭଳି ବୁଝାଇଦେଲେ ଯେ ପାଢ଼ୀ ଏକ ବିପଦରୁ ବଞ୍ଚିଗଲେ। କେହି ଉଦ୍ଦେଶ୍ୟମୂଳକ ଭାବରେ କିଛି ଭୁଲ୍ କାମ ନ କଲେ ସେ ତାହାଙ୍କୁ ଦଣ୍ଡ ଦେଉ ନ ଥିଲେ। କିନ୍ତୁ ଆବଶ୍ୟକ ସ୍ଥଳରେ ଦଣ୍ଡ ଦେବାକୁ ଓ କଠୋର ନିଷ୍ପତ୍ତି ନେବାକୁ ସେ ପଛଘୁଞ୍ଚା ଦେଉ ନ ଥିଲେ।

ଶାସନକୁ ଆଇନ୍‌ର ଶାସନ ବୋଲି କୁହାଯାଏ। କିନ୍ତୁ ଏକଥା କହିଲା ବେଳେ ସେ ଆଇନ୍ କାହା ସ୍ୱାର୍ଥ ଲାଗି ହୋଇଛି ଓ ତାହା କିଭଳି କାର୍ଯ୍ୟକାରୀ ହେଉଛି ସେସବୁକୁ ବିଚାରକୁ ନେବାର କଥା। ସରକାର ବ୍ୟାପକ ଅର୍ଥରେ ଗୋଟିଏ ଶ୍ରେଣୀର ହିଁ ସରକାର ଓ ସେହି ଶ୍ରେଣୀର ସ୍ୱାର୍ଥରକ୍ଷା ତଥା ଅଭିବୃଦ୍ଧି ଲାଗି ହିଁ ମୁଖ୍ୟତଃ ସେସବୁ ଆଇନ୍ କରିଥାଏ। ନବକୃଷ୍ଣ ଚୌଧୁରୀଙ୍କ ପୂର୍ବରୁ ବିଶ୍ୱନାଥ ଦାସ ଓ ହରେକୃଷ୍ଣ ମହତାବଙ୍କର ଶାସକ ଭାବରେ ଖୁବ୍ ନାଁ ଅଛି। କିନ୍ତୁ ସେମାନେ ସମାଜର ବ୍ୟବସ୍ଥିତ ଶ୍ରେଣୀ ପ୍ରତି ସହାନୁଭୂତିଶୀଳ ଥିଲେ ଓ ସେହିମାନଙ୍କୁ ନିରାପତ୍ତା ଦେଇଥିଲେ। ନବକୃଷ୍ଣ ଚୌଧୁରୀ ମଧ୍ୟବିତ୍ତ ଶ୍ରେଣୀରୁ ଆସିଥିଲେ ବି ନିଜକୁ ସମାଜର ସାଧାରଣ ଶ୍ରେଣୀ ସହିତ ମିଶାଇ ଦେଇଥିଲେ। ପ୍ରତ୍ୟେକ ନିଷ୍ପତ୍ତି ନେଲାବେଳେ ତାହା ସମାଜର ସବୁଠାରୁ ବଞ୍ଚିତ ଓ ଅତ୍ୟାଚାରିତ ଲୋକଙ୍କର ସ୍ୱାର୍ଥରକ୍ଷା ଦିଗରେ କିଭଳି ସହାୟତା ଦେଉଛି ବୋଲି ଲକ୍ଷ୍ୟ କରିବାକୁ ଗାନ୍ଧିଜୀ ଯେଉଁ ମନ୍ତ୍ର ଶୁଣାଇଥିଲେ ନବବାବୁ ଶାସନରେ ଥିଲାବେଳେ ପ୍ରତ୍ୟେକ କ୍ଷେତ୍ରରେ ତାକୁହିଁ ଆଖି ଆଗରେ ରଖି ସବୁ କିଛି କରୁଥିଲେ। ବେଶ ପୋଷାକରେ

Digitized by PPRACHIN, SOA

ଅତି ସାଧାରଣିଆ ଥିଲେ ବି ଚିନ୍ତାଧାରାରେ ସେ ତାଙ୍କ ସମୟଠାରୁ ବହୁ ଆଗରେ ଥିଲେ । ସେହି କାରଣରୁ ସେ ବହୁ ବୈପ୍ଳବିକ ଆଇନ୍ ଓ ପଦ୍ଧତି ଆରମ୍ଭ କରିଥିଲେ ହେଁ ତାହା ତାଙ୍କ ସମୟରେ ଓ ପରବର୍ତ୍ତୀ କାଳରେ ବି କାର୍ଯ୍ୟକାରୀ ହୋଇପାରିଲା ନାହିଁ ।

କ୍ଷମତା ପ୍ରତି ନବବାବୁଙ୍କର ମୋଟେ ଲାଳସା ନ ଥିବାରୁ ଦଳ ମଧ୍ୟରେ ନିଜର ଗୋଷ୍ଠୀ ଗଢ଼ିବାରେ ତାଙ୍କର ସମୟ ଓ ଶକ୍ତି ବିନିଯୋଗ ହେଉ ନ ଥିଲା । ଏଣୁ ରାତି ଅଧିଆ, ମନ୍ତ୍ରଣାରେ ସମୟ ନଷ୍ଟ କରିବାକୁ ବା ଗୋଷ୍ଠୀକୁ ପୋଷିବା ଲାଗି ତାଙ୍କୁ ଟଙ୍କା ଠୁଳ କରିବାକୁ ପଡୁ ନ ଥିଲା । ଭୂଦାନ କାଳରେ ସେ କିଛି ସମୟ ସେଦିଗରେ ଦେଉଥିଲେ ବି ତାଙ୍କ ପାଖରେ କୌଣସି ଫାଇଲ ପଡ଼ି ରହୁ ନ ଥିଲା ।

ମୁଖ୍ୟମନ୍ତ୍ରୀ ଥିଲାବେଳେ ସେ ଥରେ ସମ୍ବଲପୁର ଗସ୍ତରେ ଯାଇଥିଲେ । ମହାନଦୀରେ ଗାଧୋଇବା ଲାଗି ସପରିବାର ଯାଇ ଦେଖନ୍ତି ତ ଘାଟଟା ଖୁବ୍ ଅପରିଷ୍କାର । ସେ ସପରିବାର ଘାଟ ତୁଠ ପରିଷ୍କାର କରିବାରେ ଲାଗିବାରୁ ପାଖରେ ଗାଧୋଉଥିବା ଲୋକେ ବି ସେଥିରେ ସହଯୋଗ କଲେ । ଠିକ୍ ସେହିଭଳି ଥରେ ନୟାଗଡ଼ ଯିବା ରାସ୍ତାରେ ସହର ଉପକଣ୍ଠର ଏକ ପୋଖରୀରେ ଗୁଡ଼ାଏ ଦଳ ଥିବା ଦେଖି ସେ ଗାଡ଼ିରୁ ଓହ୍ଲାଇ ଦଳ କାଢ଼ିବାକୁ ଲାଗିଲେ । ଏହା ଦେଖି ପାଖ ଲୋକେ ବି ଦଳକଢ଼ା କାମରେ ଲାଗିଗଲେ । ନୟାଗଡ଼ ସଭାର ଆୟୋଜକମାନେ ଟିକିଏ ବିଳମ୍ବ ହେବା ଯୋଗୁଁ କିଛି ବାଟ ଆସି ଦେଖନ୍ତି ତ ନବବାବୁ ପୋଖରୀରେ ଦଳ କାଢୁଛନ୍ତି ! ସେ କାମର ଫଟୋ ନେବାକୁ ଅବଶ୍ୟ ଫଟୋଗ୍ରାଫର ନ ଥିଲେ ।

ନବବାବୁ ମୁଖ୍ୟମନ୍ତ୍ରୀ ଥିଲାବେଳେ ମାଳତୀଦେବୀ ଅଧିକାଂଶ ସମୟ ଗଞ୍ଜାମ ଓ କୋରାପୁଟର ମାଳ ଅଞ୍ଚଳରେ, ନ ହେଲେ ଅନୁଗୋଳର ବାଜିରାଉତ ଛାତ୍ରାବାସରେ କଟାଉଥିଲେ । ମୁଖ୍ୟମନ୍ତ୍ରୀଙ୍କ ଖଟରେ ଥାଏ ଏକ ପତଳା ଶେଯ । ସେ ନିଜ ବିଛଣା ନିଜେ ବିଛାନ୍ତି ଓ ଉଠିଲା ବେଳେ ନିଜେ ସେସବୁ ଉଠାଇ ଝାଡ଼ିଝୁଡ଼ି ଭାଙ୍ଗି ରଖନ୍ତି । ଚାରିଟିରୁ ଅଧିକ ଧୋତି ବା ପଞ୍ଜାବି ତାଙ୍କର ନ ଥାଏ । ଆଉ ଯେଉଁ ଧୋତି ଚିରିଆସେ ସେଗୁଡ଼ିକୁ ମଝିରୁ କାଟି ଦୋମୁହାଁ କରି ସେଗୁଡ଼ିକୁ ସେ ଘରେ ପିନ୍ଧନ୍ତି । ପଞ୍ଜାବିର ବେକ ପାଖରୁ ଚିରିଗଲେ ତାଳି ପକାଇ ସେ ଆଉ

Digitized by PPRACHIN, SOA

କିଛି ଦିନ ପିନ୍ଧନ୍ତି । କେବଳ ଦିଲ୍ଲୀ ଗଲାବେଳେ ଲୁଗା ପଞ୍ଜାବି ଚିରା ଅଛି କି ନାହିଁ ଦେଖାଯାଏ । ଦିଲ୍ଲୀର ଶୀତରେ ପଞ୍ଜାବି ଉପରେ ସେ ଏକ ହାତକଟା ସ୍ୱେଟର ପିନ୍ଧନ୍ତି ଓ ତାହା ଉପରେ ଶାଲ୍ । ଅଥଚ ଓଡ଼ିଶାର ସେ ଥିଲେ ଜଣେ ମାତ୍ର ମୁଖ୍ୟମନ୍ତ୍ରୀ ଯେ ଦିଲ୍ଲୀ ଗଲେ ପ୍ରଧାନମନ୍ତ୍ରୀ ନେହେରୁଙ୍କ ବାସ ଭବନରେ ଅନେକ ସମୟରେ ରହୁଥିଲେ । ମୁଖ୍ୟମନ୍ତ୍ରୀ ଥିଲାବେଳେ ସେ ଗାଧୋଇବା ସମୟରେ ନିଜର ଲୁଗା, ପଞ୍ଜାବି ଓ ଫତେଇ ସାବୁନରେ ସଫା କରନ୍ତି; କିନ୍ତୁ ସେଥିରେ ନୀଳ ଦିଆଯାଏ ନାହିଁ କି ସେସବୁ ଇସ୍ତ୍ରି ହୁଏନା । ନେହେରୁ ତାଙ୍କର ଏଭଳି ବେଶ ପୋଷାକକୁ ସମାଲୋଚନା କରୁଥିଲେ । ତାଙ୍କର ବେଶ ପୋଷାକ ଦେଖି କେହି ତାଙ୍କୁ ମୁଖ୍ୟମନ୍ତ୍ରୀ କ'ଣ, ଜଣେ ପଦାଧିକାରୀ ବୋଲି ବି ଧାରଣା କରିପାରନ୍ତି ନାହିଁ । ଲୋକେ ଏମିତି ବେଶ ଦେଖି ଭୁଲ୍‌ରେ ପଡ଼ିବା ସମ୍ପର୍କରେ ବହୁତ ମଜା ଗପ ଅଛି ।

ସେ ଥରେ ସର୍ବୋଦୟ କାର୍ଯ୍ୟରେ କୋରାପୁଟର ଗରଣ୍ଡା ଅଞ୍ଚଳକୁ ଯାଉଥିଲେ । ଏଭଳି କାମରେ ଗଲେ ସେ ନିଜ ଖର୍ଚ୍ଚରେ ରେଳଗାଡ଼ିରେ ତୃତୀୟ ଶ୍ରେଣୀରେ ଯାଆନ୍ତି । ସେ ଅଞ୍ଚଳରେ ୟଜ୍ ବୋଲି ଏକ ମାରାତ୍ମକ ରୋଗ ହେଉଥିବାରୁ ତାଙ୍କ ସଙ୍ଗରେ ଯାଇଥାନ୍ତି ଡାକ୍ତର ନିର୍ମଳ ଦାସ । ତୃତୀୟ ଶ୍ରେଣୀ ଡବାରେ ବହୁ ଯୁବକ ଲୋକ ଥାଆନ୍ତି । ସେମାନଙ୍କ ମଧ୍ୟରେ ସରକାରଙ୍କୁ ସମାଲୋଚନା ଛଡ଼ା ନବବାବୁଙ୍କୁ ସମାଲୋଚନା ଚାଲିଥାଏ । ନବବାବୁ ଖଣ୍ଡେ ବହି ପଢ଼ିବା ଅବସରରେ ସେସବୁ ଶୁଣୁଥାଆନ୍ତି । ଯୁବକମାନଙ୍କ ସମାଲୋଚନା ସୀମାତୀତ ହୋଇଯିବାରୁ, ନିର୍ମଳବାବୁ ଇଙ୍ଗିତ ଦେଇ ଜଣାଇଦେଲେ ଯେ ଯାହାଙ୍କୁ ସେମାନେ ସମାଲୋଚନା କରୁଛନ୍ତି ସେ ହିଁ ସେମାନଙ୍କ ସାମନାରେ । ଏକଥା ଶୁଣି ଯୁବକମାନେ ସମାଲୋଚନା ବନ୍ଦ କରି ପରବର୍ତ୍ତୀ ଷ୍ଟେସନରେ ଅନ୍ୟ ଡବାକୁ ଚାଲିଗଲେ । ସେମାନଙ୍କର ଏକାଠି ହୋଇ ଚାଲିଯିବା ଲକ୍ଷ୍ୟକରି ନବବାବୁ ନିର୍ମଳବାବୁଙ୍କ ଉପରେ ବିରକ୍ତ ହେଲେ । କହିଲେ, "କ'ଣ ଖାଲି ଖୋସାମତିଆଙ୍କ ପ୍ରଶଂସା ଶୁଣୁଥିବ ? କଟୁ ସମାଲୋଚନା ଶୁଣିବା ନାହିଁ ? ତୋତେ ସେମାନଙ୍କ କଥା ଖରାପ ଲାଗିଲା । ମୁଁ କିନ୍ତୁ ଅତି ଆଗ୍ରହ ସହକାରେ ସେସବୁ ଶୁଣୁଥିଲି । ତୁମ ବିଷୟରେ ସାଧାରଣ ଲୋକ ଯାହା ଭାବୁଛନ୍ତି ଓ ଯାହା କହୁଛନ୍ତି ତାହାହିଁ ତୁମର ଅସଲ ପରିଚୟ । ଆଉ ଦିନେ ଏମିତି କରିବୁ ନାହିଁ । ତାହାହେଲେ ଆମର ଦୋଷସବୁ ସଂଶୋଧନ ହେବ କେମିତି ?"

Digitized by PPRACHIN, SOA

ସେମାନେ ଆଠ କିଲୋମିଟର ଚାଲି ଚାଲି ଗରଣ୍ଡାରେ ପହଞ୍ଚିଥିଲେ । ନିର୍ମଳବାବୁ ସେଠାରେ ଏକ ବର୍ଷ ରହି ୟଜ୍ ଚିକିତ୍ସା କଲେ । ଆଦିବାସୀମାନଙ୍କ ମଧ୍ୟରେ ଏ ରୋଗ ହେଲେ ଦେହସାରା ଘା' ହୋଇଯାଏ ଓ ମାଂସ ଖଣ୍ଡ ଖଣ୍ଡ ହୋଇ ଛିଡ଼ି ପଡ଼େ ଏବଂ ରୋଗୀ ସମ୍ପୂର୍ଣ୍ଣ ଅକର୍ମଣ୍ୟ ହୋଇଯାଏ । ତିନି ମାସ ପରେ ନବବାବୁ ପୁଣି ସେ ଅଞ୍ଚଳକୁ ଯାଇ ଆଖପାଖର ଚାରିହଜାର ରୋଗୀ ଆରୋଗ୍ୟ ଲାଭ କଲେଣି ଜାଣି ବିସ୍ମିତ ଓ ଆନନ୍ଦିତ ହୋଇଥିଲେ । ସେ ଗାଁରେ ଜଳାଶୟ ପାଇଁ ସର୍ବସେବା ସଂଘ କିଛି ଟଙ୍କା ଦେଇଥିଲେ । କିନ୍ତୁ ରୁଗ୍ଣ ଓ ଅର୍ଦ୍ଧାହାରରେ ଥିବା ଆଦିବାସୀମାନେ ମାଟି କାମ କରିପାରୁ ନ ଥିଲେ । ନବବାବୁ ପହଞ୍ଚିବା ପର ଦିନ ନବଜୀବନ ମଣ୍ଡଳର ସବୁ କର୍ମୀ ଓ ଡାକ୍ତର ନିର୍ମଳ ଚନ୍ଦ୍ର ଦାସ ଆଦି ସମସ୍ତେ କାମ କରିବେ ବୋଲି ସ୍ଥିର ହେଲା । ନବବାବୁ ଓ ମନମୋହନ ଚୌଧୁରୀ ବି ସେଥିରେ ଅଂଶ ଗ୍ରହଣ କଲେ । ଅନ୍ୟମାନେ ଘଣ୍ଟାଏ ଅଧେ ମାଟି କାମ କରି ହାଲିଆ ହୋଇଗଲେ, କିନ୍ତୁ ନବବାବୁ ଓ ମନମୋହନ ଚୌଧୁରୀ ପ୍ରାୟ ଦୁଇଘଣ୍ଟା ମାଟି କାମ କଲେ । ସେମାନଙ୍କ କାମ ଦେଖି ଉପସ୍ଥିତ ଅଫିସରମାନେ ଲଜ୍ଜିତ ହୋଇଥିଲେ । ସେଠାରେ ନ ଥିଲେ ଫଟୋଗ୍ରାଫର୍ ।

ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଥିଲାବେଳେ ସ୍ୱାଧୀନତା ସଂଗ୍ରାମୀ ଓ ଗଡ଼ଜାତ ଆନ୍ଦୋଳନ କାଳର ପ୍ରଜାମଣ୍ଡଳ କର୍ମୀମାନେ ତାଙ୍କଠାରୁ ସାହାଯ୍ୟ ସହାନୁଭୂତି ପାଉଥିଲେ । କେତେକଙ୍କର ନବବାବୁଙ୍କ ବାସଭବନକୁ ପ୍ରବେଶର ସୌଭାଗ୍ୟ ଥିଲା । ସେହିଭଳି ଜଣେ ହେଉଛନ୍ତି ନୟାଗଡ଼ର ଶୁକ୍ରୁ ବେହେରା । ଦିନେ ସେ ଆସି ନବବାବୁଙ୍କ ବସାର ବାରଣ୍ଡାରେ ଶୋଇଥିଲେ । ନବବାବୁ ସେକ୍ରେଟେରିଏଟରୁ ଫେରି ଶୁକ୍ରୁଙ୍କୁ ବାରଣ୍ଡାରେ ଶୋଇଥିବାର ଦେଖି କହିଲେ, ''ଘର ଭିତରକୁ ନ ଯାଇ ବାରଣ୍ଡାରେ କାହିଁକି ଶୋଇଛୁ ?''

ଶୁକ୍ରୁ କହିଲେ, ''ଟିକିଏ ଜ୍ୱର ହୋଇଥିବାରୁ ଏଇ ବାରଣ୍ଡାରେ ଶୋଇଗଲି ।'' ନବବାବୁ 'ତୋତେ ଟିକିଏ ମୋଡ଼ିଦିଏ' କହି ତାଙ୍କ ଦେହହାତ ମୋଡ଼ି ଦେଉ ଦେଉ ଗୋଡ଼ ମୋଡ଼ିବାକୁ ଉଦ୍ୟତ ହେବାରୁ ଶୁକ୍ରୁ ଉଠିପଡ଼ି କହିଲେ, ''ମୋର ଜ୍ୱର ଭଲ ହୋଇଗଲାଣି ।''

ଏକଥା ଏବେ କେତେ ଲୋକ ବିଶ୍ୱାସ କରିବେ ?

Digitized by PPRACHIN, SOA

ଦିନେ ମୁଖ୍ୟମନ୍ତ୍ରୀ ପୁରୀ ଯାଇ ସେଠାରୁ କୌଣସି ଦୂର ମଫସଲକୁ ଯିବାର ଥାଏ । ଶୀତଦିନର ପାହାନ୍ତାରେ ନବବାବୁ ଭୁବନେଶ୍ୱରରୁ ପୁରୀ ଯିବା ବାଟରେ, ଉତ୍ତରା ଛକ ଠାରେ କିଛି ପୋଲିସଙ୍କୁ କମ୍ବଳ ଘୋଡ଼ାଇ ହୋଇ ବସିଥିବା ଦେଖି ଗାଡ଼ି ଅଟକାଇ ପଚାରିଲେ, 'କାହିଁକି ବସିଛନ୍ତି' । ସେମାନଙ୍କ ମଧ୍ୟରୁ ଜଣେ କହିଲା, ''କୋଉ ଶଳା ମନ୍ତ୍ରୀ ଯିବ ବୋଲି ଶୀତରାତିଟାରେ ଆମକୁ ନିଦରୁ ଉଠାଇ ଏଠାରେ ହରବର କରାଯାଉଛି ।'' ନବବାବୁ ପୁରୀରେ ପହଞ୍ଚି ଅଫିସରମାନଙ୍କୁ ନିଜର ଅନୁଭୂତି ପ୍ରକାଶ କରି କହିଥିଲେ, ''ତଳିଆ କର୍ମଚାରୀମାନଙ୍କୁ ଆମ ଗସ୍ତକାମ ଲାଗି ଏପରି ଅସୁବିଧାରେ ପକାଇବା ଅନୁଚିତ । ମୁଖ୍ୟମନ୍ତ୍ରୀ ଗନ୍ତବ୍ୟସ୍ଥଳରେ ପହଞ୍ଚିଲେ ପ୍ୟାରେଡ୍ ହେବା ସେହି ଦିନ ବନ୍ଦ ହେଲା । ଅନ୍ୟ ମୁଖ୍ୟମନ୍ତ୍ରୀ ହୋଇଥିଲେ ବିଚରା ସେ ପୋଲିସଟିର ଚାକିରି ଯାଇଥା'ନ୍ତା । ଏବେ ତ ମୁଖ୍ୟମନ୍ତ୍ରୀ କାହିଁକି ଟାଣୁଆ ଏମ୍.ଏଲ୍.ଏ.ଙ୍କ ପଛରେ ଏକାଧିକ ଗାଡ଼ି ଓ ବହୁ ମଟରସାଇକେଲ ଛୁଟୁଛି ।

ଥରେ ନବକୃଷ୍ଣ ଚୌଧୁରୀ ଜାନୁଆରୀ ୨୬କୁ କନ୍ଧମାଳ ଯାଇଥିଲେ । ପତାକା ଉତ୍ତୋଳନ ଓ କଲେକ୍ଟରଙ୍କ ସ୍ୱାଗତ ଭାଷଣ ପରେ ନବବାବୁଙ୍କୁ କିଛି କହିବାକୁ ଅନୁରୋଧ କରାଯାଇଥିଲା । ନବବାବୁଙ୍କ ସମ୍ମୁଖରେ କନ୍ଧମାଳର ଦରିଦ୍ର କନ୍ଧମାନେ ବସିଥିଲେ । ଶୀତ ଯୋଗୁଁ ସେମାନେ ଅଖା ଘୋଡ଼େଇ ହୋଇଥିଲେ । ସେହି ଲେଙ୍ଗୁଟି ପିନ୍ଧା କନ୍ଧକୁ ଦେଖି ନବବାବୁ ବିହ୍ୱଳିତ ହୋଇ କହିଲେ, ''ମୁଁ ଭୁବନେଶ୍ୱରରେ ତୁମ ରକ୍ତ ପିଉଛି ।'' ଏତିକି କହି ସେ ଆଉ କିଛି କହି ନ ପାରି ବସି ପଡ଼ିଥିଲେ ।

ନବକୃଷ୍ଣ ଚୌଧୁରୀ ସାରା ଜୀବନ ସାମନ୍ତବାଦ ବିରୋଧରେ ସଂଗ୍ରାମ ଚଳାଇଥିଲେ । ସାମନ୍ତବାଦର ଲୋପ ଖାଲି ରାଜା, ମହାରାଜାଙ୍କ ଅଧିକାର ଲୋପରେ ହୋଇଯିବ ନାହିଁ । ସାମନ୍ତବାଦୀ ଚିନ୍ତାଧାରାରେ ଶ୍ରମକୁ ହୀନ, ହେୟ ଦୃଷ୍ଟିରେ ଦେଖାଯାଉଥିଲା । ନବବାବୁ ତାହା ବିରୋଧରେ କାମ କରି ଅସଂଖ୍ୟ ଦୃଷ୍ଟାନ୍ତ ଦେଖାଇଯାଇଛନ୍ତି । ସେ ମୁଖ୍ୟମନ୍ତ୍ରୀ ଥିଲାବେଳେ ଗୁଜୁରାଟର ସୋଣେସ୍ରାଠାରେ ଏକ ସର୍ବୋଦୟ ସମ୍ମିଳନୀ ବସିଥିଲା । ଓଡ଼ିଶାରୁ ସେଠାକୁ ନବବାବୁଙ୍କ ସହିତ ଶିକ୍ଷାବିତ୍ ଇନ୍ଦୁଭୂଷଣ ମିଶ୍ର ଯାଇଥିଲେ । ସେଠାରେ ରୋଷାଇଠାରୁ ପାଇଖାନା ସଫା ଆଦି ସବୁ କାମ ସମସ୍ତେ ବାଣ୍ଟିକରି କରୁଥିଲେ । ଦିନେ ନବବାବୁ, ଇନ୍ଦୁବାବୁ ଓ କର୍ଣ୍ଣାଟକର କୁଲ୍‌କାର୍ଣ୍ଣିଙ୍କ ସମେତ ଆଉ କିଛି

Digitized by PPRACHIN, SOA

ଲୋକଙ୍କର ପାଇଖାନା ସଫା କାମ ପାଳି ପଡ଼ିଥିଲା । ସକାଳକୁ ଇନ୍ଦୁବାବୁ ଓ କୁଲ୍‌କାର୍ଣ୍ଣି ଯାଇ ଦେଖନ୍ତି ଯେ ଆଉ କେହି ଆସି ନାହାନ୍ତି । ନବବାବୁ ଏକ ଝୁଡ଼ି ଓ ଫାଉଡ଼ା ସହିତ ସେମାନଙ୍କ ପୂର୍ବରୁ ସେଠାରେ ହାଜର୍ ।

ନବବାବୁଙ୍କ ସମୟର ଜଣେ ଉଦୀୟମାନ ଆଇ.ଏ.ଏସ୍. ଅଫିସର କେ. ରାମମୂର୍ତ୍ତିଙ୍କ ମତରେ ନବକୃଷ୍ଣ ଚୌଧୁରୀ ଥିଲେ ଦେଶରେ ସେବେଳର ସବୁଠାରୁ ଭଲ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରୁ ଜଣେ । ତାଙ୍କର ସାଧୁତା ଥିଲା ଅତୁଳନୀୟ । ତାଙ୍କର ସାଧାରଣ ବେଶଭୂଷା ଓ ଅତି ସରଳ ଜୀବନ ଯାପନ ସତ୍ତ୍ୱେ ତାଙ୍କର ସଙ୍କୋଚତା, ବିଜ୍ଞତା ଓ ମହାନୁଭବତା ଯୋଗୁଁ ଅଫିସରମାନଙ୍କର ତାଙ୍କ ପ୍ରତି ସମ୍ମାନରେ ଊଣା ନ ଥିଲା । ସେହି ସମୟର ଅନ୍ୟ ଜଣେ ଅଫିସର ଥିଲେ ବାଞ୍ଛାନିଧି ଦାସ । ସେ ପରବର୍ତ୍ତୀ କାଳରେ ସେକ୍ରେଟାରୀ ସ୍ତର ପର୍ଯ୍ୟନ୍ତ ଯାଇଥିଲେ । ତାଙ୍କ ମତରେ ନବକୃଷ୍ଣ ଚୌଧୁରୀ ହେଉଛନ୍ତି ଓଡ଼ିଶାର ସବୁଠାରୁ ଭଲ ମୁଖ୍ୟମନ୍ତ୍ରୀ । ସବୁ ଫାଇଲ ସେ ଅନୁଧ୍ୟାନ କରୁଥିଲେ ଏବଂ ସରକାରଙ୍କ ନୀତି ତହିଁରେ ଠିକ୍ ଭାବରେ ପ୍ରତିଫଳିତ ହୋଇଛି କି ନାହିଁ ତାହା ଦେଖୁଥିଲେ । ସେ କାଳର ଆଉ ଜଣେ ଅଫିସର ଥିଲେ ଜଗନ୍ନାଥ ଦାସ । ସେ ସେକ୍ରେଟାରୀ ହେବା ପରେ ଓଡ଼ିଶା କୃଷି ଓ ବୈଷୟିକ ବିଦ୍ୟାଳୟର କୁଳପତି ଥିଲେ । ସେ ନବବାବୁଙ୍କ ବିଚାରକତାକୁ ଖୁବ୍ ପ୍ରଶଂସା କରନ୍ତି । ସେ କହନ୍ତି ଯେ କୌଣସି ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଗଲେ ତାହା ସମ୍ପର୍କରେ ସେ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରୁଥିଲେ । ୧୯୫୨ ସାଧାରଣ ନିର୍ବାଚନ ବେଳକୁ ନେହେରୁ ବଲାଙ୍ଗୀର ଆସିଥିଲେ । ସେହି ନିର୍ବାଚନ ସଭା ଲାଗି ସରକାରୀ କର୍ମଚାରୀଙ୍କ ଦାୟିତ୍ୱ ସମ୍ପର୍କରେ କଲେକ୍ଟର ଏକ ଭୁଲ୍ ଖବର ପାଇଥିଲେ । ନବବାବୁ ଏକ ଭୁଲ୍ ଖବର ପାଇ କଲେକ୍ଟରଙ୍କ କାର୍ଯ୍ୟକୁ ସମାଲୋଚନା କରିଥିଲେ । ଆଇ.ଏ.ଏସ୍. ଅଫିସରଙ୍କ ସଭାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟର ସମାଲୋଚନା ହୋଇଥିଲା । ନବବାବୁ ଏ ଖବର ପାଇ ନିଜର ଭୁଲ୍ ପାଇଁ ଦୁଃଖ ପ୍ରକାଶ କରିଥିଲେ ।

Digitized by PPRACHIN, SOA

ଚିର ସଂଗ୍ରାମୀ

ରାଜନୀତିରୁ ଲୋକନୀତି

୧୯୫୬ ମସିହା ଅକ୍ଟୋବର ୧୯ ତାରିଖ ଦିନ ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରିତ୍ୱରୁ ଇସ୍ତଫା ଦେଇ ସପରିବାର କଟକ ଗଲେ । ସେ ତ ଇସ୍ତଫା ଦେବେ ବୋଲି ପୂର୍ବରୁ କହୁଥିଲେ; କିନ୍ତୁ ଶେଷ ବେଳକୁ ହରେକୃଷ୍ଣ ମହତାବ ଏବଂ ତାଙ୍କର ଅନୁଗତ ବିଜୁ ପଟ୍ଟନାୟକ, ବୀରେନ୍ ମିତ୍ର ଓ ନୀଳମଣି ରାଉତରାୟ ଆଦି ତାଙ୍କୁ ତଡ଼ିବା ଲାଗି ଉଦ୍ୟମ କରିଥିଲେ । ଏହା ସତ୍ତ୍ୱେ ନବବାବୁଙ୍କର ସେମାନଙ୍କ ପ୍ରତି ଅସୂୟା ନ ଥିଲା । ବିଦାୟ ନେଲା ଦିନ ବହୁ କର୍ମଚାରୀ ଓ ବିଧାୟକ ତାଙ୍କୁ ବିଦାୟ ଦେବାକୁ ଆସିଥିଲେ । ପର ଦିନ ନବବାବୁ ଏକ ସାଇକେଲ ଧରି କଟକରେ ନୀଳମଣି ରାଉତରାୟଙ୍କ ଘରେ ପହଞ୍ଚି ତାଙ୍କ ପିଲାଙ୍କ ଖବର ପଚାରିଥିଲେ । ନୀଳମଣିବାବୁ ସେତେବେଳକୁ ଭୁବନେଶ୍ୱର ଆସିଥିଲେ । ତାଙ୍କ ଘରେ ଚାହା ପିଇ ସେ ବୀରେନ୍ ମିତ୍ରଙ୍କ ଘରେ ପହଞ୍ଚିଥିଲେ । ଋଣରେ କିଣାଯାଇଥିବା ମଟରଗାଡ଼ିଟି ବିକ୍ରି କରାଇଦେବାକୁ ସେ ବୀରେନ୍ ମିତ୍ରଙ୍କୁ କହିଥିଲେ । କାଲିର ମୁଖ୍ୟମନ୍ତ୍ରୀଙ୍କୁ ସାଇକେଲରେ ଦେଖି ଭାବପ୍ରବଣ ବୀରେନ୍ ମିତ୍ର ଭୋ ଭୋ ହୋଇ କାନ୍ଦି ପକାଇଲେ । ଏହାର ପରଦିନ ନବବାବୁ ସପରିବାର ରେଳଗାଡ଼ିରେ ତୃତୀୟ ଶ୍ରେଣୀରେ ମେରାମୁଣ୍ଡଳୀ ଯାଇ ସେଠାରୁ ଅନୁଗୋଳ ଯାଇଥିଲେ । ବସ୍ ଷ୍ଟାଣ୍ଡରୁ ସମସ୍ତେ ନିଜର ବିଛଣାପତ୍ର ଧରି ତିନି କିଲୋମିଟର ବାଟ ଚାଲି ପହଞ୍ଚିଥିଲେ ବାଜିରାଉତ ଛାତ୍ରାବାସରେ । ବାପି (ନବକୃଷ୍ଣ ଚୌଧୁରୀଙ୍କ ନିଜର ଲୋକେ ତାଙ୍କୁ ବାପି ବୋଲି ଡାକୁଥିଲେ) ଆସିବା ଖବର ପାଇ ଆଶ୍ରମବାସୀଙ୍କ ମଧ୍ୟରେ ଆନନ୍ଦର କୋଳାହଳ ଖେଳିଗଲା । କିନ୍ତୁ ସେମାନେ ଦେଖିଲେ ଯେ କିଛି ଜିନିଷପତ୍ର ନାହିଁ । ଶୁଣାଗଲା ପରଦିନ ଟ୍ରକରେ ଆସିବ । ପରଦିନ ବିଜୁ ପଟ୍ଟନାୟକଙ୍କ ବରାଦରେ ଏକ ଟ୍ରକରେ କିଛି ବହି, ଫୁଲକୁଣ୍ଡ ଓ ଦୁଇଟି ଗାଈ ହିଁ ମାତ୍ର ଆସିଥିଲା ।

Digitized by PPRACHIN, SOA

୧୯୪୨ ଆନ୍ଦୋଳନ କାଳରେ ବନ୍ଦିଶାଳାରେ ଥିବାବେଳେ ମାଳତୀଦେବୀ ଜୟକୃଷ୍ଣ ମହାନ୍ତିଙ୍କ ସହଧର୍ମିଣୀ କିରଣ ଦେବୀ ଓ ବବୁ (ଉତ୍ତରା) ଆଦି ଅନୁଗୋଳ ଘରକୁ ସେମାନଙ୍କ କର୍ମକେନ୍ଦ୍ର ହେବ ବୋଲି ସ୍ଥିର କରିଥିଲେ । ତରିକୁନ୍ଦ ଚାଷଘର ବିକ୍ରି କରି ୧୯୩୮ ମସିହାରେ ଅନୁଗୋଳର ଗିରିଜାଶଙ୍କର ଦତ୍ତଙ୍କଠାରୁ ମାଳତୀଦେବୀ ଏକ ହେକ୍ଟର ଜମି କିଣିଥିଲେ । ତହିଁରେ ତିନିଟି ଛୋଟ ବଖରା ଘର ଥିଲା । ଗୋଟିଏ ବଖରାରେ ରହିଲେ ମାଳତୀଦେବୀ । ତରିକୁନ୍ଦ ପରେ ପୁଣି ନୂଆ ସଂସାର ଗଢ଼ିଲେ ବୋଲି ସେହି ବଖରାର ନାଁ ରହିଲା 'ପୁନଶ୍ଚ' । ଗଡ଼ଜାତ ଆନ୍ଦୋଳନ ପାଇଁ ଏଇଟି ଉପଯୁକ୍ତ ସ୍ଥାନ ଭାବରେ ବିବେଚିତ ହୋଇଥିବାରୁ ସେ ଶେଷ ପର୍ଯ୍ୟନ୍ତ ସେହି ଘରେ ରହିଲେ । ପରେ ଅବଶ୍ୟ ଆବଶ୍ୟକ ପଡ଼ିବାରୁ ସେ ବଖରାକୁ ବଡ଼କରି ଗୋଟିଏ ବାରଣ୍ଡା ଓ ଏକ ବାଘମୁହଁ କରାଇଥିଲେ । ସାରଙ୍ଗଧର ଦାସଙ୍କୁ ଫ୍ରିଡ଼ା ଦାସ ଛାଡ଼ି ଯୁକ୍ତରାଷ୍ଟ୍ର ଆମେରିକା ଯିବା ପରେ ସେ ସେଠାକାର ଆଉ ଏକ ବଖରାରେ ରହୁଥିଲେ । ବାଜିରାଉତ ଛାତ୍ରାବାସର ପିଲାଙ୍କ ଲାଗି ସେ ବଖରାଟିକୁ ଏ ପର୍ଯ୍ୟନ୍ତ କୁହାଯାଉଛି ଅଜାଙ୍କ ଘର ।

ବାଜିରାଉତ ଛାତ୍ରାବାସକୁ ଲାଗି ନବଜୀବନମଣ୍ଡଳ ନାମକ ଆଉ ଏକ ଅନୁଷ୍ଠାନ ଅଛି । କୋରାପୁଟର ଆଦିବାସୀମାନଙ୍କ ଶୋଷଣ ଓ ଅତ୍ୟାଚାର ବିରୋଧରେ ମାଳତୀ ଦେବୀଙ୍କ ଅଧ୍ୟକ୍ଷତାରେ ଏହି ସଙ୍ଗଠନ ଗଢ଼ାଯାଇଥିଲା । କିନ୍ତୁ କୋରାପୁଟ ସମେତ ଅନ୍ୟାନ୍ୟ ଅଞ୍ଚଳର ଆଦିବାସୀଙ୍କ ପାଇଁ କାମ କରିବା ଲାଗି ଅନୁଗୋଳ କେନ୍ଦ୍ରସ୍ଥାନ ବୋଲି ବିବେଚିତ ହେବାରୁ ନବଜୀବନମଣ୍ଡଳର କେନ୍ଦ୍ର କାର୍ଯ୍ୟାଳୟକୁ ବାଜିରାଉତ ଛାତ୍ରାବାସ ପାଖକୁ ଉଠାଇ ଅଣାଯାଇଥିଲା । ଏଠାରୁ ୧୫ କିଲୋମିଟର ଦୂରରେ ଚମ୍ପତିମୁଣ୍ଡାରେ ସେତେବେଳେ ଉତ୍ତର ମୌଳିକ ବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା । ଏ ସବୁର ସ୍ରଷ୍ଟା ମାଳତୀଦେବୀ ଥିଲେ ବି ନବକୃଷ୍ଣ ଚୌଧୁରୀ ଥିଲେ ଏଗୁଡ଼ିକର ପ୍ରେରଣାଦାତା ଓ ପରିପୂରକ ବ୍ୟକ୍ତିତ୍ୱ ।

ବାଜିରାଉତ ଛାତ୍ରାବାସ

୧୯୪୫ ମାସ ଏପ୍ରିଲ ପହିଲା ଦିନ ମାଳତୀଦେବୀ ଓ କସ୍ତୁରୀ ଚରଣ ମଲ୍ଲିକ ଯଥାକ୍ରମେ କଟକ ଓ ବ୍ରହ୍ମପୁର ଜେଲରୁ ଖଲାସ ହୋଇଥିଲେ । କସ୍ତୁରୀବାବୁଙ୍କ ହାତରେ ନବବାବୁ ମାଳତୀଦେବୀଙ୍କୁ ଏକ ଚିଠିରେ ଲେଖିଥିଲେ ଯେ ସେ ତରିକୁନ୍ଦ ବା ଅନୁଗୋଳ ଯେଉଁଠି ଚାହିଁବେ ରହିବେ ଓ ସଙ୍ଗରେ କସ୍ତୁରୀକୁ ନେବେ । ଏହା

Digitized by PPRACHIN, SOA

ପୂର୍ବରୁ ବାବାଜିଭାଇ (ବଳଭଦ୍ର ମିଶ୍ର) ଖଲାସ ହୋଇ ଅନୁଗୋଳ ଆଶ୍ରମ ଜଗି ବସିଥା'ନ୍ତି । ମାଳତୀଦେବୀ ଅନୁଗୋଳରେ ରହିବା ଲାଗି ସ୍ଥିର କଲେ । କସ୍ତୁରୀବାବୁ ଗାଁରେ ଚାରିଦିନ କଟାଇ କଟକ ଫେରିଲେ । ଅନୁଗୋଳ ଯିବାବେଳେ ମାଳତୀଦେବୀ କସ୍ତୁରୀବାବୁଙ୍କୁ ସଙ୍ଗରେ ନେଲେ ଓ ଶାଶୂଙ୍କୁ ଲୁଚାଇ କିଛି ଚାଉଳ ଏବଂ ଇକନମିକ୍ କୁକର୍ ନେଇଥିଲେ । ସେହି କୁକର୍‌ଟିରେ କାଠକୋଇଲାଦ୍ୱାରା ରୋଷେଇ ହୁଏ । ଆଶ୍ରମ ବାଡ଼ିରେ ଥିବା ଓଲୁଅ ଖୋଳା ହୋଇଥାଏ । ଅନ୍ୟ ପରିବା କିଣିବାକୁ ପଇସା ନ ଥାଏ । ଏମାନଙ୍କ ଅବସ୍ଥା ଦେଖି ପାଖ ପଡ଼ିଶା ମଦନ ମୋହନ ପ୍ରଧାନଙ୍କ ସ୍ତ୍ରୀ ରେବତୀ ଦେବୀ ସ୍ୱାମୀଙ୍କ ଅଜ୍ଞାତରେ କିଛି କିଛି ମୁଗ ଜାଇ ଦିଅନ୍ତି । ରେବତୀ ଦେଈଙ୍କ ମା'ଙ୍କ ନାମ ବି ମାଳତୀ । ସେହି କାରଣରୁ ରେବତୀଦେବୀ ହୋଇଥାନ୍ତି ମାଳତୀ ଦେବୀଙ୍କର ଧର୍ମର ଝିଅ । କଟକରୁ ଶାଶୂ ଅନୁଗୋଳ ଲାଗି ଚାଉଳ ଦିଅନ୍ତି ନାହିଁ । ନବବାବୁ ଏକଥା ଶୁଣି ଭିଣୋଇ ମାଗୁଣି ଚରଣ କାନୁନ୍‌ଗୋଙ୍କ ନିକଟକୁ ଚିଠି ଦେଲେ । ନବବାବୁଙ୍କ ସେ ଚିଠି କସ୍ତୁରୀ ମଳିକ ନେଇ ତାଙ୍କ ଗାଁରୁ କିଛି ଚାଉଳ ଆଣି କିଛି ଦିନ ଚଳିଲେ । ମା' ଖଲାସ ହେବା ଖବର ପାଇ ମାମୁଙ୍କ ପାଖରେ କିଛି ଦିନ ରହିଥିବା ଦୁଇ ଝିଅ ଅନୁଗୋଳ ଆସିଲେ । ନବବାବୁ ଓ ସାରଙ୍ଗଧର ଦାସ ୧୯୪୫ ମସିହା ଶେଷ ବେଳକୁ ଜେଲ୍‌ରୁ ଖଲାସ ହୋଇଥିଲେ ।

ଅନୁଗୋଳରେ ପହଞ୍ଚିଲା ପରେ ୧୯୪୨ ଆନ୍ଦୋଳନ ଓ ତାହା ପୂର୍ବ ଆନ୍ଦୋଳନରେ ବନ୍ଦୀ ଥିବା ଲୋକମାନଙ୍କର ଖବର ନେବାପାଇଁ ମାଳତୀଦେବୀ ଓ କସ୍ତୁରୀ ଚରଣ ମଳିକ ବାହାରିଲେ । ଢେଙ୍କାନାଳର ବନ୍ଦୀମାନଙ୍କୁ ୫ ବର୍ଷରୁ ୭୦ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ହୋଇଥାଏ । ସେମାନଙ୍କ ପରିବାରର ଦୁର୍ଦ୍ଦଶା କହିଲେ ନ ସରେ । ଅଧିକାଂଶ ଭିକ ଦୁଃଖ କରି ଚଳୁଥାନ୍ତି । ସେମାନେ ଚାଲି ଚାଲି ତିରିଶ କିଲୋମିଟର ଦୂର ପର୍ଜଙ୍ଗ ପର୍ଯ୍ୟନ୍ତ ଗଲେ ଓ ସେଠାରେ ଗଡ଼ଜାତ ଆନ୍ଦୋଳନର ବିଶିଷ୍ଟ ସଂଗ୍ରାମୀ ମହେଶ୍ୱର ସୁବାସ ସିଂହଙ୍କଠାରୁ ଗଡ଼ଜାତ ଆନ୍ଦୋଳନର ସଂଗ୍ରାମୀମାନଙ୍କ କରୁଣ କାହାଣୀମାନ ଶୁଣିବାକୁ ପାଇଲେ । ଏହା ପରେ ମାଳତୀଦେବୀଙ୍କ ଲେଡିଜ୍ ସାଇକେଲଟି ସଜଡ଼ାଗଲା । ତାକୁ ନେଇ କସ୍ତୁରୀବାବୁ ଢେଙ୍କାନାଳର ବିଭିନ୍ନ ଅଞ୍ଚଳରୁ ତଥ୍ୟ ସଂଗ୍ରହ କଲେ । ଦୁସ୍ଥ ସଂଗ୍ରାମୀମାନଙ୍କର ପିଲାମାନଙ୍କୁ ଅନୁଗୋଳ ଆଶ୍ରମରେ ରଖି ମଣିଷ କରିବାର ନିଷ୍ପତ୍ତି ନିଆହେଲା । ଉତ୍ତରା ଆସିବା ପରେ ପାର୍ବତୀ ଗିରି, କିରଣବାଳା ରାୟ,

Digitized by PPRACHIN, SOA

ଶଶୀଦେବୀ ଓ ହୀରାମଣି କାନୁନ୍‌ଗୋ ଜେଲ୍‌ରୁ ଖଲାସ ହୋଇ ଅନୁଗୋଳ ଆଶ୍ରମରେ ପହଞ୍ଚିଲେ ।

ପିଲାଙ୍କ ମଧ୍ୟରୁ ପ୍ରଥମେ ଆସିଲେ ନିତ୍ୟାନନ୍ଦ, ସାବୀ, ଲୋଭା, ଚକ୍ର ଓ ଲକ୍ଷ୍ମୀ । ପରେ ପରେ ଆସିଗଲେ ସୁନାଫୁଲ, ଗୁରୁବାରୀ, ରତ୍ନାକର, ସୁଲ, ଗୋଲୋକ, ମହେଶ୍ୱର, ନବଘନ ଓ ମୀରା ଆଦି । ୧୯୪୬ ମଇ ମାସ ୧୧ ତାରିଖ ଦିନ ୧୫ଜଣ ବିଭିନ୍ନ ବୟସର ପିଲାଙ୍କୁ ନେଇ ଆରମ୍ଭ ହେଲା ପଢ଼ାପଢ଼ି । ଅନେକଙ୍କ ଦେହରେ କାଛୁକୁଣ୍ଡିଆ ହୋଇଥାଏ । ନିମପତ୍ର ସିଝାଇ କାଛୁକୁଣ୍ଡିଆ ସଫା କରିବା ଓ ଔଷଧ ଲଗାଇବା ଛଡ଼ା ସେହି ପିଲାମାନଙ୍କୁ ଘଷିମାଜି ଗାଧୋଇ ଦେବା ଓ ଲୁଗା ସଫା ଶିଖାଇବା କାମରେ ଲାଗିଗଲେ ଉତ୍ତରା, ପାର୍ବତୀ ଓ କିରଣ ଆଦି । ଜେଲ୍‌ରୁ ଫେରିଥାନ୍ତି ଜଗାଭାଇ (ବିଶିଷ୍ଟ ଚିତ୍ରଶିଳ୍ପୀ ଜଗନ୍ନାଥ ଦାସ) । ଚିତ୍ରକଳା ପ୍ରତି ତାଙ୍କର ପିଲାଦିନୁ ଆଗ୍ରହ । ସ୍କୁଲ ପଢ଼ା ଛାଡ଼ି ସେ ୧୯୪୨ ଆନ୍ଦୋଳନରେ ଯୋଗ ଦେଇ ଜେଲ୍ ଯାଇଥିଲେ । ସେ ଖାଇବାଘର ଓ ଶାନ୍ତିମନ୍ଦିର କାନ୍ଥରେ ଛବି ଆଙ୍କିଲେ ଓ ବିଭିନ୍ନ ପ୍ରକାର ମୂର୍ତ୍ତି ଗଢ଼ି ପିଲାମାନଙ୍କ ମନ ଖୁସି କରିଲେ ।

ଋଷି ବେହେରା ପୂର୍ବରୁ ମୌଳିକ ଶିକ୍ଷା ତାଲିମ ପାଇ ଆସିଥିଲେ । ସେ ହେଲେ ମୁଖ୍ୟ ଗୁରୁଜୀ । ତାଙ୍କ ସହିତ ଦିବାକର ପ୍ରଧାନ, ଉତ୍ତରା, ପାର୍ବତୀ ଓ କିରଣ ଲେଖା ଆଦି ପିଲାମାନଙ୍କୁ ପଢ଼ାଇଲେ । ଛାତ୍ରାବାସ ନାଁକୁ ରହିଲେ ବି ତାହା ଥାଏ ଏକ ଆବାସିକ ବିଦ୍ୟାଳୟ । ପାଠପଢ଼ା ସହିତ ସବୁ କାମ କରିବାକୁ ହୁଏ । ପାଠପଢ଼ାର ନିର୍ଦ୍ଦିଷ୍ଟ ସମୟ ନ ଥାଏ । ପିଲାମାନଙ୍କୁ ହସ୍ତକର୍ମଠାରୁ ଆରମ୍ଭ କରି ଗୀତନାଚରେ ତାଲିମ ଦିଆଯାଏ । ସେହି ସମୟରେ ଗୁରୁଜୀ ଯେଉଁ ଗୀତ ଲେଖି ପିଲାମାନଙ୍କୁ ଶିଖାଇଥିଲେ ତାହାର ପ୍ରଥମ ପଦଟି ଏହିପରି -

ମାଦଳ ବାଜିଲାରେ ଘୁମୁରା ବାଜିଲା, ଆମେ ସବୁ ଅଟୁ ଭାଇ ବାଜିରାଉତ ଚେଲାରେ, ଗୁଳି ଚୋଟେ ପ୍ରାଣ ଯେହୁ ଦେଲା ।

ତାହାହିଁ ଆଜିପର୍ଯ୍ୟନ୍ତ ରହିଛି ବାଜିରାଉତ ଛାତ୍ରାବାସର ଉଦ୍‌ବୋଧନୀ ସଙ୍ଗୀତ । ପରେ ଧାରାବାହିକ ଶିକ୍ଷା ଦେବାର ଆବଶ୍ୟକତା ଅନୁଭବ କରାଯିବାରୁ ସଂଲଗ୍ନ ଖଲାରୀ ବିଦ୍ୟାଳୟକୁ ମୌଳିକ ଶିକ୍ଷା ବିଦ୍ୟାଳୟରେ ପରିଣତ କରାଯାଇ ପିଲାମାନଙ୍କୁ ପ୍ରାଥମିକ ଶିକ୍ଷା ଦିଆଗଲା । କିନ୍ତୁ ବାଜିରାଉତ ଛାତ୍ରାବାସ ହିଁ

Digitized by PPRACHIN, SOA

ରହିଲା ଅସଲ ଶିକ୍ଷାୟତନ । ରାତି ପାହାନ୍ତାରୁ ଉଠି ପ୍ରାର୍ଥନା ଓ ସଫେଇ ପରେ ସକାଳୁ ସୂତାକଟା, ବଗିଚା କାମ ଆଦି ଚାଲେ । ପରେ ପରେ ଗଞ୍ଜାମ, କୋରାପୁଟ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାର ଆଦିବାସୀ ପିଲାମାନେ ବାଜିରାଉତ ଛାତ୍ରାବାସକୁ ଆସିଲେ । ୧୯୫୦ ମସିହାରେ ଏହା ଉଚ୍ଚ ମୌଳିକ ବିଦ୍ୟାଳୟରେ ପରିଣତ ହେଲା । ସେବାଗ୍ରାମରେ ନୟୀ ତାଲିମ ଭବନରେ ଶିକ୍ଷକତା ତାଲିମ ପାଇ ଆସିଥିବା ସର୍ବେଶ୍ୱର ନାୟକଙ୍କ ଅମଳରେ ବାଜିରାଉତ ଛାତ୍ରାବାସର ପରିସର ଓ କାର୍ଯ୍ୟକ୍ରମ ଆହୁରି ବଢ଼ିଲା । ସେତେବେଳକୁ ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ । ପୂର୍ବର ପରିସରକୁ ଲାଗି ନଅ ଏକର ସରକାରୀ ଜମି ଏହି ଛାତ୍ରାବାସର ପରିସରଭୁକ୍ତ ହେଲା । ଘର ଲାଗି ବିଜୁ ପଟ୍ଟନାୟକ ଆଦି ବିଭିନ୍ନ ଲୋକଙ୍କଠାରୁ ଟଙ୍କା ମିଳିଲା ଏବଂ ସରକାରୀ ସାହାଯ୍ୟ ବି ମିଳିଲା । ଛାତ୍ରାବାସରେ ଚାଷ କାମ ଛାଡ଼ି ଗୋପାଳନ, ବଢ଼େଇ କାମ, ଲୁଗାବୁଣା ଆଦି କାମ ପିଲାମାନେ ଶିଖିଲେ । ଏହାର ସୁନାମ ଏତେ ବଢ଼ିଯାଇଥିଲା ଯେ ତାକୁ ଦେଖିବାକୁ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ବି ଆସିଥିଲେ ।

ବାଜିରାଉତ ଛାତ୍ରାବାସକୁ ବହୁ ଗୁରୁଜୀ, ଭାଇ ଏବଂ ଅପା ଆସିଛନ୍ତି, କିନ୍ତୁ ଏହାର ଆରମ୍ଭରୁ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ, ବାବାଜିଭାଇ ହିଁ ଥିଲେ ଏହାର ମଝି ଖୁଣ୍ଟ । ବାବାଜିଭାଇ (ବଳଭଦ୍ର ମିଶ୍ର) ସ୍ୱାଧୀନତା ସଂଗ୍ରାମୀମାନଙ୍କ ସହିତ ମିଶିବା ପରେ ଛୁଆଁଅଛୁଆଁ ବାରଣ ଛାଡ଼ିଥିଲେ । ସ୍ୱାଧୀନତା ଆନ୍ଦୋଳନ କାଳରେ ଅନ୍ୟମାନେ ଜେଲ୍‌କୁ ଗଲେ ବା ଅନ୍ୟ କାମରେ ଲାଗିଲେ ବି ସେ ଆଶ୍ରମକୁ ଜଗି ରହିଥାନ୍ତି । ୧୯୪୨ ମସିହାରେ ସେ ବି କିଛିକାଳ କାରାବରଣ କରିଥିଲେ । ଜେଲ୍‌ରୁ ଖଲାସ ହୋଇ ଆସିଲା ପରେ ସେ ଆଶ୍ରମର ପିଜୁଳି ଓ କମଳା ଆଦି ନେଇ ଅନୁଗୋଳ ଜେଲ୍‌ରେ ଥିବା ରାଜବନ୍ଦୀମାନଙ୍କୁ ଦିଅନ୍ତି ଓ ସେମାନଙ୍କର ଭଲମନ୍ଦ ଖବର ଆଣନ୍ତି । ଦୀର୍ଘ ପଇଁଚାଳିଶ ବର୍ଷ ଧରି ବାଜିରାଉତ ଛାତ୍ରାବାସର ମଝିଖୁଣ୍ଟ, ବାବାଜିଭାଇ, ନବକୃଷ୍ଣ ଚୌଧୁରୀ ଓ ମାଳତୀଦେବୀଙ୍କର ନାତି, ତାଙ୍କ ପୁତୁରା, ଝିଆରୀ ଓ ପୁଅଝିଅଙ୍କ ଭଳି ସେ ବି ନବବାବୁ ଓ ମାଳତୀଦେବୀଙ୍କୁ ତୁ ବୋଲି ସମ୍ବୋଧନ କରନ୍ତି ।

ସେ କହନ୍ତି ଏହି ୪୫ ବର୍ଷ ମଧ୍ୟରେ ନବବାବୁ କେବେ ତାଙ୍କ ଉପରେ ରାଗି ନାହାନ୍ତି । ନବବାବୁଙ୍କ ଦେହପା ଖରାପ ହେଲେ କେବେ ତାଙ୍କୁ ତାଙ୍କ ଦେହରେ ହାତ ଲଗାଇ ଦିଅନ୍ତି ନାହିଁ । କିନ୍ତୁ ଥରେ ତାଙ୍କ ଉପରେ ଏକ ଘଟଣାରେ

Digitized by PPRACHIN, SOA

ନବବାବୁ ଖୁବ୍ ରାଗିଥିଲେ । ସେ ରାଜସ୍ୱମନ୍ତ୍ରୀ ଥିଲାବେଳେ ଛାତ୍ରାବାସର ପିଲାଙ୍କୁ ନେଇ ଥରେ ଟିକରପଡ଼ା ଯାଇଥିଲେ । ସାଙ୍ଗରେ ଥିଲେ ବାବାଜିଭାଇ । ନବବାବୁଙ୍କୁ ନ ଜଣାଇ ଏମାନେ ଗୋଟିଏ ସମ୍ବର ମାରିଥିଲେ । ନବବାବୁ ଏହା ଦେଖି ନିଆଁବାଣ । କହିଲେ, ‘‘ଯିଏ ଏହା କରିଛି ତାକୁ ଛାଡ଼ିବି ନାହିଁ, ତାକୁ ଜେଲ୍‌କୁ ପଠାଇବି ।’’ ମାଳତୀଦେବୀ ଖୁବ୍ ବୁଝାବୁଝି କରିବାରୁ କହିଲେ, ‘‘ଏହାର ମାଂସକୁ କାଟି ଗାଁରେ ବାଣ୍ଟ ।’’ ସେହିପରି କରିବା ଭିତରେ ଦୁଇଟି ଫଡ଼ିଆ ଲୁଚାଇ ଟ୍ରକ୍‌ରେ ଅନୁଗୋଳ ଅଣାଯାଇଥିଲା । ଏଠାରେ ବି ନବବାବୁ ତା’ର ସନ୍ଧାନ ପାଇ କହିଲେ, ‘‘ଚୋରି ମାଂସ ତୁମକୁ ଖୁଆଇ ଦେବି ନାହିଁ ।’’ ତାକୁ ପୁଣି କାଟି ପାଖ ଗାଁରେ ବଣ୍ଟାଗଲା । ତା’ପରେ ରାଗ କମିଯିବାରୁ ପଚିଶ ଟଙ୍କା ଦେଲେ, ଖାସି କିଣି ମାଂସ ଖାଇବା ଲାଗି ।

ଏହି ବାବାଜିଭାଇଙ୍କ ଉପରେ ଆଶ୍ରମର ସବୁ ହାନି ଲାଭ ଦାୟିତ୍ୱ । ପିଲା ବେମାର ପଡ଼ିଲେ ସେ ବୁଝିବେ । ଆଶ୍ରମରେ ବିବାହ ଉତ୍ସବ ହେଲେ ସେ ବୁଝିବେ, ହେଲେ ସେ ଥିଲେ ସାରା ଜୀବନ ଅବିବାହିତ ଓ ଉତ୍ସର୍ଗୀକୃତ ।

ନବଜୀବନ ମଣ୍ଡଳ

୧୯୩୮ ମସିହାରେ ଠକ୍କର ବାପା ଓଡ଼ିଶାର ଅନ୍ଧାରୀ ମୁଲକର ସମସ୍ୟା ଅନୁଧ୍ୟାନ କରି ଯେଉଁ ରିପୋର୍ଟ ଦେଇଥିଲେ ତାହା କାର୍ଯ୍ୟକାରୀ ହେବା ପୂର୍ବରୁ କଂଗ୍ରେସ ସରକାର ଭାଙ୍ଗି ଯାଇଥିଲା । ଦେଶ ସ୍ୱାଧୀନ ହେବା ପରେ ୧୯୪୭ ଶେଷ ବେଳକୁ ଓ ଓଡ଼ିଶା ଆସିଥିଲା ବେଳେ ଗୋପବନ୍ଧୁ ଚୌଧୁରୀଙ୍କ ସହିତ ସେହି ଅପନ୍ତରା ଅଞ୍ଚଳରେ କିଛି ଗଠନମୂଳକ କାମ କରାଯିବା ଲାଗି ପରାମର୍ଶ ଦେଇଥିଲେ । ୧୯୪୮ ମସିହାରେ ଚୌଧୁରୀଙ୍କ ବାଖରାବାଦ ଘରେ ବହୁ ବିଶିଷ୍ଟ ଲୋକଙ୍କ ଉପସ୍ଥିତିରେ ଏକ ବୈଠକ ବସି ଏହାର କାମକୁ ଖାଲି ଆଦିବାସୀମାନଙ୍କ ମଧ୍ୟରେ ସୀମିତ ନ ରଖି ବ୍ୟାପକ କରିବାର ପ୍ରସ୍ତାବ ନିଆଗଲା । ଏହାର ନାମ ରହିଲା ଉତ୍କଳ ନବଜୀବନ ମଣ୍ଡଳ ଓ ସାରଙ୍ଗଧର ଦାସ ହେଲେ ଏହାର ପ୍ରଥମ ସଭାପତି ଏବଂ ଗୋପବନ୍ଧୁ ଚୌଧୁରୀ ରହିଲେ ସମ୍ପାଦକ ଓ ମାଳତୀଦେବୀଙ୍କୁ କୋଷାଧ୍ୟକ୍ଷ ରଖାଗଲା ।

ଆଦିବାସୀମାନଙ୍କ ମଧ୍ୟରେ କାମ କରିବା ଉଦ୍ଦେଶ୍ୟରେ ପ୍ରଥମେ ବଣେଇର ପାହାଡ଼ୀ ଭୂୟାଁ ଅଞ୍ଚଳରେ ଏବଂ ପରେ ବରୀ ରାମଚନ୍ଦ୍ରପୁରଠାରେ କର୍ମୀ ତାଲିମ

Digitized by PPRACHIN, SOA

କେନ୍ଦ୍ରମାନ ହୋଇଥିଲା । ସେଠାରୁ ତାଲିମ ପାଇ କର୍ମୀମାନେ କୋରାପୁଟ ଓ ସୁନ୍ଦରଗଡ଼କୁ ଗଲେ । ଅଧିକ ମହିଳା କର୍ମୀଙ୍କ ଆବଶ୍ୟକତା ଦେଖାଦେବାରୁ ଏହା ପରେ ଅନୁଗୋଳଠାରେ ମାଳତୀଦେବୀଙ୍କ ତତ୍ତ୍ୱାବଧାନରେ ଆଦିବାସୀମାନଙ୍କ ମଧ୍ୟରେ କାମ କରିବା ଲାଗି ଏକ ମହିଳା ତାଲିମ କେନ୍ଦ୍ର ଆରମ୍ଭ ହେଲା । ୧୯୫୧ ମସିହାରେ ମାଳତୀଦେବୀ ଏହାର ସମ୍ପାଦକ ରହିଲେ ।

ଯେତେବେଳେ ଖ୍ରୀଷ୍ଟିଆନ୍ ମିଶନାରୀଙ୍କ ବ୍ୟତୀତ ଗଞ୍ଜାମ, କୋରାପୁଟ, ସୁନ୍ଦରଗଡ଼ ଓ କେନ୍ଦୁଝରର ଆଦିବାସୀ ଅଞ୍ଚଳ ଓଡ଼ିଶା ଲୋକଙ୍କ ପାଇଁ ଅଜଣା ଥିଲା, ମାଳତୀ ଦେବୀଙ୍କ ନେତୃତ୍ୱରେ ସେହି ଅନ୍ଧାରୀ ମୁଲକରେ ଅନ୍ୟାୟ ବିରୋଧରେ ପ୍ରଥମ ପ୍ରତିବାଦର ଧ୍ୱନି ଶୁଭିଥିଲା । ଖ୍ରୀଷ୍ଟିଆନ ମିଶନାରୀମାନେ ନିଜ ଧର୍ମ ପ୍ରଚାର ଓ ପ୍ରସାର ଲକ୍ଷ୍ୟରେ ଆଦିବାସୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଚାଲିଚଳନରେ ଅନେକ ପରିବର୍ତ୍ତନ ଆଣିପାରିଛନ୍ତି ସତ, କିନ୍ତୁ ଆଦିବାସୀଙ୍କ ଉପରେ ଚାଲିଥିବା ଶୋଷଣ ବିରୋଧରେ ସ୍ୱର ଉତ୍ତୋଳନ କରି ନାହାନ୍ତି । କାରଣ ସେସବୁ ଅଞ୍ଚଳରେ ଶୋଷକ ଓ ଅତ୍ୟାଚାରୀମାନେ ଆଦିବାସୀମାନଙ୍କ ମଧ୍ୟରେ ଏଭଳି ଧାରଣା ସୃଷ୍ଟି କରିଥିଲେ ଯେ ବାହାରର ଲୋକଙ୍କୁ ଆଦିବାସୀମାନେ ବିଶ୍ୱାସ କରୁ ନ ଥିଲେ । ଏଣୁ ଆଦିବାସୀଙ୍କ ମଧ୍ୟରେ କୌଣସି ବୈପ୍ଳବିକ କାମ କରିବା ସେତେବେଳେ ଚିନ୍ତାର ବାହାରେ ଥିଲା । ସାହୁକାର ଓ ଶୋଷକବର୍ଗଙ୍କ ଅତ୍ୟାଚାର ସତ୍ତ୍ୱେ ସେହି ସରଳ ଆଦିବାସୀଙ୍କର ସେମାନଙ୍କ ଉପରେ ଅଗାଧ ବିଶ୍ୱାସ ଥିଲା । ତେଣୁ ସେହି ଅଞ୍ଚଳରେ କାମ କରିବା ଅତ୍ୟନ୍ତ ଦୁଃସାଧ୍ୟକର କାର୍ଯ୍ୟ ଥିଲା । ମାଳତୀ ଦେବୀଙ୍କ ନେତୃତ୍ୱରେ ନବଜୀବନ ମଣ୍ଡଳ କର୍ମୀମାନେ ହିଁ ପ୍ରଥମ ଏ ଦିଗରେ ହଲଚଲ୍ ସୃଷ୍ଟି କରିଥିଲେ । ହାଟମାନଙ୍କରେ ସାହୁକାର ଓ ଅନ୍ୟମାନେ ଜବରଦସ୍ତ ସେମାନଙ୍କ ଜିନିଷ ଅଳ୍ପ ଦରରେ କିଣି ସେମାନଙ୍କୁ ଠକି ଦେଉଥିଲେ । ଜଙ୍ଗଲ ବିଭାଗ, ଅବକାରୀ ବିଭାଗ କର୍ମଚାରୀମାନଙ୍କ ଉତ୍ପାତ ସାଙ୍ଗକୁ ସାହୁକାର ଓ ମଦଭାଟି ମାଲିକମାନଙ୍କ ଶୋଷଣ ଆଦିବାସୀ ଜୀବନକୁ ଦୟନୀୟ କରି ରଖିଥିଲା । ଏହାଛଡ଼ା ବହୁ ଆଦିବାସୀ ଅଞ୍ଚଳରେ ପାନୀୟ ଜଳର ଅଭାବ ସାଙ୍ଗକୁ ସାଂଘାତିକ ଜ୍ୱରର ଆଶଙ୍କା ଥାଏ । ଏବେ ତ ବହୁ ଅଞ୍ଚଳକୁ ରାସ୍ତା ଫିଟିଲାଣି । ନବଜୀବନ ମଣ୍ଡଳ କାମ ଆରମ୍ଭ କଲାବେଳକୁ ମାଳତୀ ଦେବୀ ଓ କର୍ମୀମାନେ ପନ୍ଦର କୋଡ଼ିଏ କିଲୋମିଟର ଜଙ୍ଗଲିଆ ପାହାଡ଼ିଆ ବାଟରେ ପାଦରେ ଚାଲି ଚାଲି ସେ ଅଞ୍ଚଳକୁ ଯାଉଥିଲେ । ସେହି ବିପଦସଙ୍କୁଳ

Digitized by PPRACHIN, SOA

ରାସ୍ତାରେ କେତେଥର ମାଳତୀଦେବୀ ହିଂସ୍ର ଜନ୍ତୁଙ୍କ ହାବୁଡ଼ରେ ପଡ଼ିଛନ୍ତି, ଜିପ୍ ରାସ୍ତାରୁ ତଳକୁ ଖସିଛି । ଆଦିବାସୀର ଛୋଟ କୁଡ଼ିଆ ଘରେ ରହି ସେମାନେ ସେହିମାନଙ୍କ ଖାଦ୍ୟ ଖାଇଛନ୍ତି । ପରେ ଅବଶ୍ୟ ନବଜୀବନ ମଣ୍ଡଳ କର୍ମୀମାନଙ୍କ ପାଇଁ ଆଶ୍ରମ ଘରମାନ ଖୋଲିଗଲା । ସେହି କୁଟୀରମାନଙ୍କୁ ଲୋକେ ଏବେ ମାଳତୀ ଆଶ୍ରମ ବୋଲି କହୁଛନ୍ତି । ଦଶାବ୍ଦୀ ଦଶାବ୍ଦୀ ଧରି ତାଙ୍କର ନେତୃତ୍ୱରେ ଗଞ୍ଜାମ ଓ କୋରାପୁଟର ମାଳଅଞ୍ଚଳର ଅତ୍ୟାଚାରିତ ଲୋକେ ପ୍ରତିବାଦ କରି ଶିଖିଛନ୍ତି ଓ ବେଠି, ବେଗାରି, ଗୋତି ପ୍ରଥା, ମୁସ୍ତାଦାରୀ ପ୍ରଥା ଲୋପ ପାଇଛି ଏବଂ ଆଦିବାସୀମାନଙ୍କ ମଧ୍ୟରେ କିଛି ପରିମାଣ ଆତ୍ମବିଶ୍ୱାସ ସୃଷ୍ଟି ହୋଇଛି । ନକ୍ସଲ୍ ଆନ୍ଦୋଳନ କାଳରେ ନବବାବୁ ଓ ମାଳତୀଦେବୀ ପୁଣି ସେହି ଅଞ୍ଚଳକୁ ଯାଇ ଅଭୟବାଣୀ ଶୁଣାଇଛନ୍ତି ଓ ଅତ୍ୟାଚାରିତ ଆଦିବାସୀମାନଙ୍କୁ ସାହାଯ୍ୟ କରିଛନ୍ତି । ଏଭଳି କାମ ଛଡ଼ା ନବଜୀବନ ମଣ୍ଡଳ ଆନୁକୂଲ୍ୟରେ ଛୋଟ ଛୋଟ ନଦୀ ଓ ଝରଣା ବନ୍ଧାଇ ଜଳ ଭଣ୍ଡାର ସୃଷ୍ଟି କରିବା ଓ ସମବାୟ ଭିତ୍ତିରେ ଜିନିଷପତ୍ର ବିକିବା ଓ କିଣିବା କାମ ଚାଲିଥିଲା । କର୍ମୀମାନେ ଆଦିବାସୀମାନଙ୍କୁ ସାଧାରଣ ସ୍ୱାସ୍ଥ୍ୟ ରକ୍ଷାରେ ତାଲିମ ଦେଉଥିଲେ । ଆଦିବାସୀ ଅଞ୍ଚଳରେ ଏଭଳି କାମ ହେଉଛି ଶୁଣି ସେତେବେଳେ ଦେଶବିଦେଶର ବହୁ ଲୋକ ନବଜୀବନ ମଣ୍ଡଳ କାର୍ଯ୍ୟକ୍ଷେତ୍ରକୁ ଆସୁଥିଲେ ।

ଉତ୍ତର ମୌଳିକ ବିଦ୍ୟାଳୟ

ବାଜିରାଉତ ଛାତ୍ରାବାସ ଓ ଖଲାରୀ ମୌଳିକ ବିଦ୍ୟାଳୟର ଉପର ପାହାଚର ଶିକ୍ଷାୟତନ କଥା ଅନେକ ଦିନରୁ ଚିନ୍ତା କରାଯାଉଥିଲା । ଏଥିପାଇଁ ଅନୁଗୋଳଠାରୁ ପନ୍ଦର କିଲୋମିଟର ଦୂରସ୍ଥ ଚମ୍ପତିମୁଣ୍ଡାଠାରେ ଏକ ଉପଯୁକ୍ତ ସ୍ଥାନ ମିଳିଥିଲା । ଏଥିଲାଗି ଚିତ୍ତରଞ୍ଜନ ଦାସଙ୍କୁ ଗଣବିଦ୍ୟାଳୟ ସମ୍ପର୍କରେ ଅଭିଜ୍ଞତା ଲାଭ ପାଇଁ ଡେନ୍‌ମାର୍କ ପଠାଯାଇଥିଲା । ସେ ଡେନ୍‌ମାର୍କରୁ ତାଲିମ ପାଇ ଆସିବା ପରେ ୧୯୫୪ ମସିହାରେ ସେଠାରେ ବିଦ୍ୟାଳୟ କାମ ଆରମ୍ଭ ହେଲା । ସ୍ଥାନଟି ଜଙ୍ଗଲପୂର୍ଣ୍ଣ ଥିବାରୁ ପ୍ରଥମେ ଜଙ୍ଗଲ କଟାହିଁ ଥିଲା ବଡ଼ ପାଠ । ତାହା ପରେ ବିଦ୍ୟାଳୟ ନିର୍ମାଣ କାଳରେ ପିଲାମାନେ ଗୃହ ନିର୍ମାଣ କାମ ବି ଶିଖିଲେ । ଏହା ସଙ୍ଗେ ସଙ୍ଗେ ଅବଶ୍ୟ ସେମାନେ ଅନେକ କିଛି ଶିଖିଥିଲେ । ପିଲାମାନଙ୍କ ସୃଜନଶୀଳତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଥିଲା । ଜୀବନ ଉପଯୋଗୀ

Digitized by PPRACHIN, SOA

ଶିକ୍ଷା ଦିଆଯାଉଥିଲା ବୋଲି ଏହାର ନାମ ରହିଲା 'ଜୀବନ ବିଦ୍ୟାଳୟ' । ଗାନ୍ଧି ଓ ରବୀନ୍ଦ୍ରନାଥଙ୍କ ଶିକ୍ଷା ଧାରା ଛଡ଼ା ଚିତ୍ତରଞ୍ଜନ ଦାସ ବିଦେଶରୁ ଯାହାସବୁ ଶିଖିଥିଲେ ସେସବୁ ଏଠାରେ ପ୍ରୟୋଗ କରାଗଲା । ଏସବୁ ବେଶ୍ ଆଗେଇ ଚାଲିଥିଲା ବେଳେ ନବକୃଷ୍ଣ ଚୌଧୁରୀଙ୍କ ବଦଳରେ ହରେକୃଷ୍ଣ ମହତାବ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେଲେ । ସେ ମୌଳିକ ଶିକ୍ଷାର ବିରୋଧୀ ଥିଲେ । ପରବର୍ତ୍ତୀ ଶିକ୍ଷା ବିଭାଗୀୟ କର୍ମକର୍ତ୍ତାମାନେ ବି ଜୀବନ ବିଦ୍ୟାଳୟ ପ୍ରତି ପ୍ରତିକୂଳ ମନୋଭାବ ପ୍ରଦର୍ଶନ କଲେ । ଏହି ସମୟରେ ଜୀବନ ବିଦ୍ୟାଳୟ ପରିସର ମଧ୍ୟରେ କେତେକ ଘଟଣା ଘଟିଲା, ଯାହା ଲାଗି ଚିତ୍ତରଞ୍ଜନ ଦାସଙ୍କୁ ଚମ୍ପତିମୁଣ୍ଡା ଛାଡ଼ିବାକୁ ପଡ଼ିଲା ।

ଏହାର କିଛି ବର୍ଷ ପରେ ନବକୃଷ୍ଣ ଚୌଧୁରୀ ନିଜେ ଉକ୍ତ ଅନୁଷ୍ଠାନକୁ ପୁନର୍ଜୀବନ ଦେବାକୁ ଉଦ୍ୟମ କରିଥିଲେ । କିନ୍ତୁ ଏହି ସମୟକୁ ଇନ୍ଦିରା ଗାନ୍ଧୀଙ୍କ ଜରୁରିକାଳୀନ ପରିସ୍ଥିତି ସୃଷ୍ଟି ହେବାରୁ ନବବାବୁ ତାହା ବିରୋଧରେ ଲାଗିଲେ ଏବଂ ଜେଲ୍ ଗଲେ । ଏହିଭଳି ତାଙ୍କର ତଥା ମାଳତୀଦେବୀଙ୍କର ଏକ ସ୍ୱପ୍ନ ଅଧୁରା ରହିଗଲା ।

ମାଳତୀଦେବୀ

ମିନୁ ବା ମାଳତୀ ବିବାହ ପରେ ମାଳତୀଦେବୀ ଭାବରେ ପରିଚିତ । ସେ ନବକୃଷ୍ଣ ଚୌଧୁରୀଙ୍କ ଯଥାର୍ଥ ସହଧର୍ମିଣୀ ଥିଲେ ସତ, କିନ୍ତୁ ନିଜର ସାଧନା ଓ ପ୍ରତିଭାରେ ଯଶସ୍ୱୀ ହୋଇ ସେ ହୋଇଯାଇଥିଲେ ଏକ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ । ବାପଘର ବଂଶର ଜନ୍ମସ୍ଥାନ ଥିଲା ପୂର୍ବବଙ୍ଗ ବା ଆଜିର ବାଙ୍ଗଲାଦେଶ । ପୂର୍ବବଙ୍ଗର ଲୋକଙ୍କର ଚରିତ୍ରରେ ଭାବପ୍ରବଣତା ତଥା ଆବେଗ ଟିକିଏ ଅଧିକ ଥାଏ । ହଠାତ୍ ରାଗିଯା'ନ୍ତି ଓ ହଠାତ୍ ମାତିଯାଆନ୍ତି । ବାପା କୁମୁଦବନ୍ଧୁ ଥିଲେ ବାରିଷ୍ଟର । ମିନୁଙ୍କର ତିନି ବର୍ଷ ବୟସ ବେଳେ ବାବା ତାଙ୍କର ମରିଯାଆନ୍ତି ଓ ଆର୍ଥିକ ଦୁରବସ୍ଥା ଆରମ୍ଭ ହୁଏ । ମା' ଦାର୍ଜିଲିଙ୍ଗର ଭିକ୍ଟୋରିଆ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ହୋଇ ପିଲାମାନଙ୍କୁ ମଣିଷ କରନ୍ତି । ମିନୁଙ୍କ ମାଟ୍ରିକ୍ ପରୀକ୍ଷା ବର୍ଷ ଅସହଯୋଗ ଆନ୍ଦୋଳନ ଆରମ୍ଭ ହୋଇଯାଇଥିଲା । ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପାସ୍ କରି ସେ ଆଉ ସରକାରୀ ବିଦ୍ୟାଳୟରେ ପଢ଼ିବାକୁ ଏକାନ୍ତ ଅନିଚ୍ଛୁକ । ସେ ଶାନ୍ତିନିକେତନରେ ପଢ଼ିବା ଲାଗି ରବୀନ୍ଦ୍ରନାଥଙ୍କୁ ଚିଠି ଲେଖିଥିଲେ । ରବୀନ୍ଦ୍ରନାଥଙ୍କ ସହ ତାଙ୍କ ଅଜା ବିହାରୀଲାଲ୍ ଗୁପ୍ତଙ୍କ ପରିବାରର

Digitized by PPRACHIN, SOA

ଘନିଷ୍ଠ ବନ୍ଧୁତା ଥିଲା । ଏଣୁ ମିନୁର ପରିଚୟ ପାଇ ସେ ଉତ୍ତର ଦେଲେ ଯେ ତାଙ୍କ ମା' ଯଦି ଛାତ୍ରୀନିବାସର ସୁପରିନ୍‌ଟେନ୍‌ଡେଣ୍ଟ୍ ହେବାକୁ ରାଜି ହୁଅନ୍ତି ତ ମିନୁ ସେଠାରେ ପଢ଼ିପାରିବେ । କାରଣ ସେତେବେଳକୁ ଶାନ୍ତିନିକେତନରେ ଝିଅମାନେ ପଢ଼ିବାର ବ୍ୟବସ୍ଥା ନ ଥିଲା ।

ମିନୁ ଶାନ୍ତିନିକେତନରେ ସାତ ବର୍ଷ ଅଧ୍ୟୟନ କଲେ । ସେଠାକାର ବାତାବରଣ ତାଙ୍କୁ ଭଲ ଲାଗିଲା । ସେ ସେଠାରେ ସ୍ୱୟଂ ରବୀନ୍ଦ୍ରନାଥଙ୍କଠାରୁ ଗୀତ ଓ ଦୀନେନ୍ଦ୍ରନାଥ ଠାକୁରଙ୍କଠାରୁ ସଙ୍ଗୀତ ଶିକ୍ଷା ପାଇଲେ ଏବଂ ଭୀମରାଓ ଶାସ୍ତ୍ରୀଙ୍କଠାରୁ ବୀଣା ବଜାଇ ଶିଖିଲେ । ଏହାଛଡ଼ା ସେ ସି.ଏଫ୍. ଆଣ୍ଡ୍ରୁଜ୍‌ଙ୍କଠାରୁ ଶିକ୍ଷା ଲାଭ କରିବାର ସୌଭାଗ୍ୟ ଲାଭ କରିଥିଲେ । କିନ୍ତୁ ଶାନ୍ତିନିକେତନର ଶାନ୍ତ, ନରମ ଓ ବିନମ୍ର ଭାବ ତାଙ୍କ ଚରିତ୍ରରେ ପ୍ରତିଫଳିତ ହୋଇପାରି ନାହିଁ । ସେଭଳି ବିପ୍ଳବିଣୀ ଶାନ୍ତିନିକେତନରୁ ବାହାରିଥିବାର ବି ଜଣାଯାଏ ନାହିଁ ।

ନାନା ରୁଚିରେ ମାର୍ଜିତ ଓ କଲିକତା ମହାନଗରୀର ସଭ୍ୟତାରେ ବଢ଼ିଥିବା ମିନୁ ସେନ୍ ବିବାହ ପରେ ତରିକୁନ୍ଦ ଚାଷ ଘରେ ପୂରାପୂରି ପାଲଟିଗଲେ ଏକ ଚାଷୁଣୀ ପରି । ସରୁ ସୁରୁଚିସମ୍ପନ୍ନ ବସନ ବଦଳରେ ମୋଟା ଖଦଡ଼ ପିନ୍ଧା ଓ ମୋଟା ଚାଉଳ ଖାଇବାରେ ସେ ଅଭ୍ୟସ୍ତ ହୋଇଗଲେ । ଡାଲି ତରକାରି ତ କ୍ୱଚିତ୍ ଏବଂ ସେସବୁରେ ତେଲ ମସଲା ନାଁକୁ ମାତ୍ର । ଦେଶର ଶୋଷିତ ନିର୍ଯାତିତ ଲୋକଙ୍କ ପାଇଁ ଉଭୟ ଲାଗି ଗଢ଼ିଛନ୍ତି କଂଗ୍ରେସ ସାମ୍ୟବାଦୀ ସଂଘ, କୃଷକ ସଂଘ । 'ସାରଥି' ପତ୍ରିକା ଓ ସମାଜବାଦ ଆନ୍ଦୋଳନ ଲାଗି ମାଳତୀଦେବୀ ନିଜର ବହୁ ମୂଲ୍ୟ ଅଳଙ୍କାର ବିକ୍ରି କରିଛନ୍ତି । ଅନେକ କ୍ଷେତ୍ରରେ ସ୍ୱାମୀଙ୍କ ବିନା ସହାୟତାରେ ଅନ୍ୟ କର୍ମୀଙ୍କୁ ସଙ୍ଗରେ ନେଇ, ଦୂରଦୂରାନ୍ତରକୁ ଯାଇ କୃଷକ ଆନ୍ଦୋଳନ କରିଛନ୍ତି ଓ ଗଡ଼ଜାତ ଆନ୍ଦୋଳନର ନେତୃତ୍ୱ ନେଇଛନ୍ତି । ତାଙ୍କର ସାହସ ଓ ତେଜ ଅନେକ ସମୟରେ ପ୍ରତିପକ୍ଷକୁ ହତବାକ୍ କରିଛି । ଅନେକ ସମୟରେ ସେ ହୋଇଛନ୍ତି ନବବାବୁଙ୍କଠାରୁ ଅଧିକ ଲଢୁଆ । ସେଇଥିପାଇଁ ଗଡ଼ଜାତ ଆନ୍ଦୋଳନ କାଳରେ ଯେଉଁମାନେ ଲଢୁଆ ଭୂମିକା ଗ୍ରହଣ କରିଥିଲେ, ସେମାନେ ନବବାବୁଙ୍କ ଅପେକ୍ଷା ମାଳତୀଦେବୀଙ୍କୁ ଅଧିକ ପସନ୍ଦ କରୁଥିଲେ । ସେମାନେ କହୁଥିଲେ ମାଳତୀଦେବୀ ହେଉଛନ୍ତି ଗୋଟିଏ ବାଘୁଣୀ । ମାଳତୀଦେବୀ କିନ୍ତୁ ଲଢୁଆ କମ୍ୟୁନିଷ୍ଟମାନଙ୍କ ସହିତ ରହିଲେ ନାହିଁ । ଯିବାପାଇଁ ଚାହିଁଥିଲେ

Digitized by PPRACHIN, SOA

ଉଦାର ଦୃଷ୍ଟିଭଙ୍ଗୀର ନବବାବୁ ବି ବାଧା ଦେଇ ନ ଥାନ୍ତେ । କିନ୍ତୁ ଉଭୟଙ୍କର ବନ୍ଧନ ଯୋଗୁଁ ପ୍ରାୟ ତାହା ସମ୍ଭବପର ହୋଇ ନ ଥିଲା । ଲୁଣମରା ଆନ୍ଦୋଳନ ଓ ଅସହଯୋଗ ଆନ୍ଦୋଳନରେ ତାଙ୍କର ସାହସ ଓ ଦମ୍ଭ ଏବଂ ମାଡ଼ଖିଆ ବାନରସେନାଙ୍କ ସେବା ଓ ସେମାନଙ୍କ ପ୍ରତି ଗଭୀର ଶ୍ରଦ୍ଧା କଥା ଏବେବି ବହୁ ଲୋକ ମନେପକାନ୍ତି ।

୧୯୩୦ ଲବଣ ସତ୍ୟାଗ୍ରହ ବେଳେ ସତ୍ୟାଗ୍ରହୀ ସଂଗ୍ରହ ଓ ସେହି ଆନ୍ଦୋଳନ ଲାଗି ଅର୍ଥ ସଂଗ୍ରହ ଚାଲିଲା । କଂଗ୍ରେସ କମିଟି ବୈଠକରେ ଅର୍ଥ ସଂଗ୍ରହ କଥା ଉଠିଲା ମାତ୍ରେ ମାଳତୀଦେବୀ ତାଙ୍କ ହାତରୁ ଛଅପଟ ସୁନାଚୁଡ଼ି ବାହାର କରି ସେହି ପାଣ୍ଠିକୁ ଦାନ କରିଥିଲେ । ସେହି ବର୍ଷ ଜାନୁଆରୀ ୨୬ ତାରିଖରେ 'ପୂର୍ଣ୍ଣ ସ୍ୱରାଜ ଦିବସ' ପାଳିତ ହୋଇଥିଲା । ତାହାକୁ ଭଣ୍ଡୁର କରିବା ଲାଗି ସରକାର ସର୍ବତ୍ର କଟକଣା ଜାରି କରିଥିଲେ । ଏହା ସତ୍ତ୍ୱେ ରାଜକୃଷ୍ଣ ବୋଷଙ୍କ ନେତୃତ୍ୱରେ କଟକ କାଠଗଡ଼ା ସାହିର ଲୋକସେବା ପ୍ରେସ୍ ହତାରେ ପତାକା ଉତ୍ତୋଳନ କରାଯାଇଥିଲା । ସେଥିରେ ମାଳତୀ ଦେବୀ ଓ ନୃସିଂହ ମହାନ୍ତି ଆଦି ଯୋଗ ଦେଇଥିଲେ ଏବଂ ସନ୍ଧ୍ୟାବେଳେ ପୂର୍ଣ୍ଣ ସ୍ୱରାଜ ହାସଲ ପାଇଁ ଶପଥ ପାଠ କରିଥିଲେ । ଏତକ କରିବା ସେ ସମୟରେ ଖୁବ୍ ସାହସିକ କାର୍ଯ୍ୟ ଥିଲା ।

ଲବଣ ସତ୍ୟାଗ୍ରହ କାଳରେ ସେ ଇଞ୍ଚୁଡ଼ି, ଶ୍ରୀଜଙ୍ଗ ଓ କୁଜଙ୍ଗର କାଳିଆପାଟକୁ ଅନ୍ୟମାନଙ୍କୁ ସାଙ୍ଗରେ ନେଇ ଯାଇଥିଲେ ଓ ସେଠାକାର ମହିଳାମାନଙ୍କୁ ବି ଆନ୍ଦୋଳନ ଆଡ଼କୁ ଟାଣି ଆଣିଥିଲେ । ଶ୍ରୀଜଙ୍ଗ ଆଦି ଅଞ୍ଚଳରେ ଅତ୍ୟାଚାର ଚାଲିଥିଲା ସମୟରେ ସେ ରମାଦେବୀ ଆଦିଙ୍କ ସହ ୨୦, ୨୫ କିଲୋମିଟର ଚାଲି ଚାଲି ଯାଇ ସେଠାରେ ପହଞ୍ଚିଥିଲେ ଓ ଯିବା ବାଟରେ ନାନା ଦୁଃଖ ଭୋଗ କରିଥିଲେ । କାଉନ୍‌ସିଲ୍ ନିର୍ବାଚନ ବର୍ଜନ ପାଇଁ ଭୋଟ ଗ୍ରହଣ କେନ୍ଦ୍ରରେ ପିକେଟିଙ୍ଗ୍ କରି ବଡ଼ ନଣନ୍ଦ ଗୋଲାପ ସୁନ୍ଦରୀଙ୍କ ସହ ସେ ଗିରଫ ହୋଇଥିଲେ । ନଣନ୍ଦଙ୍କୁ ପୋଲିସ ରାତିଏ ହାଜତରେ ରଖି ଛାଡ଼ି ଦେଇଥିଲେ କିନ୍ତୁ ମାଳତୀଦେବୀଙ୍କୁ ଖୁଣୀ ଆସାମୀଙ୍କ ସହିତ ରଖାଇଥିଲେ । ବିଚାରରେ ତାଙ୍କୁ ଛଅମାସ ଜେଲ୍ ଦଣ୍ଡ ମିଳିଲା ଓ ତାଙ୍କୁ ଭାଗଲପୁର ସେଣ୍ଟ୍ରାଲ୍ ଜେଲ୍‌କୁ ପଠାଇ ଦିଆହେଲା । ସାଙ୍ଗରେ ଗଲେ ଅଢ଼େଇବର୍ଷର ଝିଅ ଉତ୍ତରା । ପର ବର୍ଷ ଗାନ୍ଧି ଇରଉଇନ୍ ଚୁକ୍ତି ଫଳରେ ପୁରୀରେ କଂଗ୍ରେସ ଅଧିବେଶନ ବସିବ ବୋଲି ସ୍ଥିର ହୋଇଥିଲା । ସେଥିଲାଗି

Digitized by PPRACHIN, SOA

ସ୍ୱେଚ୍ଛାସେବକ ସଂଗ୍ରହ ଓ ତାଲିମ ଦିଗରେ ସେ ଉଲ୍ଲେଖଯୋଗ୍ୟ ଅଂଶ ଗ୍ରହଣ କରିଥିଲେ । ୧୯୩୨ରେ ପୁଣି ସତ୍ୟାଗ୍ରହ ଆନ୍ଦୋଳନ ଚାଲିବାରୁ ଅନ୍ୟମାନଙ୍କ ସହ ମାଳତୀଦେବୀ ଗିରଫ ହେଲେ ଓ ଛଅମାସ ଜେଲ୍ ଦଣ୍ଡ ପାଇଲେ ।

୧୯୪୨ ମସିହା ବେଳକୁ ମାଳତୀଦେବୀ ନିଖିଳ ଭାରତ କଂଗ୍ରେସ କମିଟିର ସଦସ୍ୟ ହୋଇସାରିଥିଲେ ଓ ଅଗଷ୍ଟ ଆନ୍ଦୋଳନ ସମ୍ପର୍କୀୟ ଆଲୋଚନାରେ ଅଂଶ ଗ୍ରହଣ କରିବାକୁ ସୁରେନ୍ଦ୍ର ଦ୍ୱିବେଦୀଙ୍କୁ ସଙ୍ଗରେ ନେଇ ବମ୍ବେ ଯାଇଥିଲେ । 'ଭାରତ ଛାଡ଼' ଆନ୍ଦୋଳନ ସମ୍ପର୍କରେ ନିଷ୍ପତ୍ତି ନିଆଯିବା ସଙ୍ଗେ ସଙ୍ଗେ ସେ ଦୁହେଁ କୌଶଳକ୍ରମେ ମାନ୍ଦ୍ରାଜ ଦେଇ ଭୁବନେଶ୍ୱର ଷ୍ଟେସନରେ ଓହ୍ଲାଇ ବହୁକାଳ ଗୁପ୍ତରେ ଆନ୍ଦୋଳନ ଚଳାଇଥିଲେ । ସେହି ବର୍ଷ କଟକରୁ ସେ ଗିରଫ ହୋଇ କାରାବାସ ଭୋଗିଥିଲେ । ୧୯୪୫ ମସିହାରେ ସେ ଖଲାସ ହେଲେ ଓ ୧୯୪୬ ମସିହା ବେଳକୁ ସେ ଗୌରବର ଶିଖରରେ ପହଞ୍ଚିଥିଲେ । ସେହି ବର୍ଷ ହରେକୃଷ୍ଣ ମହତାବଙ୍କ ପ୍ରସ୍ତାବରେ ନବକୃଷ୍ଣ ଚୌଧୁରୀଙ୍କ ସମର୍ଥନରେ ପୂର୍ବତନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସ ଓଡ଼ିଶା ପ୍ରଦେଶ କଂଗ୍ରେସର ସଭାପତି ପଦବୀ ପାଇଁ ପ୍ରାର୍ଥୀ ହୁଅନ୍ତି । ସେଭଳି ପ୍ରାର୍ଥୀଙ୍କ ବିରୋଧରେ ଠିଆ ହେବାକୁ ସେତେବେଳେ କାହାର ସାହସ ଥିଲା ? କିନ୍ତୁ ଯୁବଗୋଷ୍ଠୀ ମାଳତୀଦେବୀଙ୍କୁ ପ୍ରାର୍ଥୀ କରିଥିଲେ ଓ ସେ ବି ବିଜୟିନୀ ହୋଇଥିଲେ । ସେ ନିଜର ବିଶ୍ୱସ୍ତ ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କୁ ସମ୍ପାଦକ ପଦରେ ବାଛିଥିଲେ । କିନ୍ତୁ ଏହି ଯୋଡ଼ି ହରେକୃଷ୍ଣ ମହତାବଙ୍କ ବିଷ ଦୃଷ୍ଟିରେ ପଡ଼ିଲେ । କେତେକ ଘଟଣା ପରେ, ସେ ଗାନ୍ଧିଜୀଙ୍କ ସହିତ ନୂଆଖାଲି ଗସ୍ତରେ ଥିବାବେଳେ ପ୍ରଦେଶ କଂଗ୍ରେସ ସଭାପତି ପଦବୀରୁ ଇସ୍ତଫା ଦେଇଥିଲେ । ଏଣୁ ସେ ଯେ ଏକ ସମୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇପାରିଥାନ୍ତେ ବୋଲି ଯାହା ରାଧାମୋହନ ଗଡ଼ନାୟକ ଭଳି ଲୋକ ଏହି ଲେଖକକୁ କହିଥିଲେ ତାହା ଅତିରଞ୍ଜନ ନୁହେଁ । କିନ୍ତୁ ସେ କ୍ଷମତା ରାଜନୀତି ଅପେକ୍ଷା ଲୋକଙ୍କ ମଧ୍ୟରେ ଜାଗୃତି ସୃଷ୍ଟି କରିବା କାମକୁ ଅଧିକ ଗୁରୁତ୍ୱ ଦେଉଥିଲେ । ଏହି ସମୟରେ ପ୍ରାୟ ତିରିଶ ବର୍ଷ ପରେ, ଏକ ନୀତିଗତ ବିଚାରରୁ ଇନ୍ଦିରା ଗାନ୍ଧୀଙ୍କ ଜରୁରିକାଳୀନ ବେଳର କାର୍ଯ୍ୟକଳାପରେ ନେତୃତ୍ୱ ନେଇଥିବା ନନ୍ଦିନୀ ଶତପଥୀଙ୍କ ବିରୋଧରେ ସେ ଢେଙ୍କାନାଳରୁ ବିଧାନସଭାକୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ।

Digitized by PPRACHIN, SOA

ଓଡ଼ିଶାର ଅନ୍ଧାରୀ ମୁଲକ ଲୋକଙ୍କ ଲାଗି ସିଏ ନିଜକୁ ଉତ୍ସର୍ଗ କରିଦେଇଥିଲେ । ସେ ଆୟାସ ସହକାରେ ଓଡ଼ିଆ କହନ୍ତି । ଉଚ୍ଚାରଣରେ, ଶେଷ ପର୍ଯ୍ୟନ୍ତ, ତାଙ୍କର ଟିକିଏ ଦୋଷ ରହିଲେ ବି ଓଡ଼ିଆ ଲେଖିବାରେ ସେ ଦୋରସ୍ତ । ସେ ଓଡ଼ିଆ ଜୀବନ ଢଙ୍ଗ କିପରି ଗ୍ରହଣ କରିନେଇଥିଲେ, ତାହା ତାଙ୍କୁ ଦେଖିଥିବା ଲୋକେ ଜାଣନ୍ତି । ଏସବୁ ସତ୍ତ୍ୱେ ଦୁଃଖର କଥା ଯେ ଓଡ଼ିଆ ଲୋକେ ତାଙ୍କୁ ପୂରା ନିଜର ବୋଲି ଗ୍ରହଣ କରିପାରି ନ ଥିଲେ । ଏଥିପାଇଁ ଗୋଟିଏ ବାଧକ ଥିଲା ତାଙ୍କର ଅସହିଷ୍ଣୁତା ଓ କ୍ରୋଧ । କିନ୍ତୁ ସେହି ବାଘୁଣୀ ଯେ କିଭଳି ସ୍ନେହୀ ତାହାର ଏକ ଦୃଷ୍ଟାନ୍ତ ଏହି ଲେଖକ ନିଜେ ଲକ୍ଷ୍ୟ କରିଛି । କେତେବର୍ଷ ତଳେ ବାଜିରାଉତ ଛାତ୍ରାବାସର ବାର୍ଷିକ ଉତ୍ସବକୁ ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପୀ ଜଗନ୍ନାଥ ଦାସ (ଜଗାଭାଇ) ଅନୁଗୋଳ ଯାଇଥାନ୍ତି । ସେତେବେଳକୁ ଜଗନ୍ନାଥ ଦାସଙ୍କ ସ୍ୱାସ୍ଥ୍ୟ ଅତି ଖରାପ ହୋଇଯାଇଥାଏ । ମାଳତୀଦେବୀଙ୍କ ଦୃଷ୍ଟିଶକ୍ତି ମଧ୍ୟ ଅନେକ ପରିମାଣରେ କମି ଯାଇଥାଏ । ବହୁ ବର୍ଷ ପରେ ସେ ପ୍ରିୟ ଜଗାକୁ ସେଭଳି ସ୍ୱାସ୍ଥ୍ୟରେ ଦେଖି ପ୍ରଥମେ ଚିହ୍ନିପାରିଲେ ନାହିଁ । ତାଙ୍କୁ ଚିହ୍ନାଇ ଦେଲା ପରେ ମାଳତୀଦେବୀ ଜଗନ୍ନାଥ ଦାସଙ୍କ ମୁହଁକୁ ପୋଛିଦେଇ, ଠିକ୍ ମଫସଲ ବୁଢ଼ୀଙ୍କ ଭଳି କହି ପକାଇଲେ, ‘‘ମୋ ଜଗୁରେ, ତୋ ବେମାର ମୋତେ ଝାଡ଼ିଝୁଡ଼ି ଦେଇଯା’’ ।

ଏହିଭଳି ମାଳତୀଦେବୀ ଏକ ଅଦ୍‌ଭୁତ ଚରିତ୍ରର ବ୍ୟକ୍ତିତ୍ୱ । କାହା କଥା ଶୁଣିବେ ନାହିଁ । କାହା ମୁହଁ ରଖିବେ ନାହିଁ, ସିଧା ବାକ୍ୟବାଣ । ନବବାବୁଙ୍କ ଭଳି ବୁଝିବା ଶୁଝିବା ଓ ସହନଶୀଳ ଲୋକହିଁ ତାଙ୍କ ଦାଢ଼ ମୁନ ସହି ସମ୍ଭାଳି ସାରା ଜୀବନ ଘନିଷ୍ଠ ସଙ୍ଗୀ ହୋଇପାରିଥିଲେ । କିନ୍ତୁ ସେହି ଦାଢ଼ ମୁନ ଭୟରେ ଅନେକ ମୂଲ୍ୟବାନ୍ କର୍ମୀ ନବଜୀବନ ମଣ୍ଡଳ ଓ ବାଜିରାଉତ ଛାତ୍ରାବାସ ଛାଡ଼ି ଚାଲିଯାଇଥିଲେ । ତାଙ୍କର ମହନୀୟତା ପଛରେ ନବକୃଷ୍ଣ ଚୌଧୁରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ଓ ନବକୃଷ୍ଣ ଚୌଧୁରୀ ଏକ ମହାନ୍ ବ୍ୟକ୍ତି ହେବା ଦିଗରେ ବି ମାଳତୀଦେବୀଙ୍କର ପରିପୂରକ ଭୂମିକା ରହିଥିଲା । ସେହି ଯୋଡ଼ିଙ୍କୁ ଏକ ଆଦର୍ଶ ଦମ୍ପତି ବୋଲି ଅନେକ କହନ୍ତି । ଏକା ତାଳରେ କାମ କରିବା ଓ ଏକା ଦୃଷ୍ଟିଭଙ୍ଗୀ ଥାଇବି ଦୁଇ ଚରିତ୍ରରେ କେତେକ ସ୍ୱତନ୍ତ୍ରତା କଥା ମଧ୍ୟ ଅନେକ ଲକ୍ଷ୍ୟ କରିଛନ୍ତି । ୧୯୯୯ ମସିହା ମାର୍ଚ୍ଚ ୧୫ ତାରିଖରେ ତାଙ୍କର ଦେହାନ୍ତ ହୋଇଯାଇଛି ।

Digitized by PPRACHIN, SOA

ସର୍ବସେବା ସଂଘର ସଭାପତି

ମୁଖ୍ୟମନ୍ତ୍ରିତ୍ୱ ଛାଡ଼ିବା ପରେ ନବକୃଷ୍ଣ ଚୌଧୁରୀ କଂଗ୍ରେସ ଦଳର ସଭ୍ୟପଦ ପରିତ୍ୟାଗ କରିଥିଲେ । ଅନୁଗୋଳ ଫେରିବା ପରେ ସେ ବଡ଼ଝିଅ ଓ ଜ୍ୱାଇଁଙ୍କ କର୍ମକ୍ଷେତ୍ର ଓଏଡ଼ର ଯାଇ କିଛି ସମୟ କଟାଇଥିଲେ । ଇତିମଧ୍ୟରେ ଗାନ୍ଧିବାଦୀଙ୍କ ସଙ୍ଗଠନ ସର୍ବସେବା ସଂଘ ତାଙ୍କୁ ସଭାପତି ଭାବରେ ମନୋନୟନ କରିଥିଲେ । ସେ ଏ ଦାୟିତ୍ୱ ଦୁଇଥର ଗ୍ରହଣ କରିଥିଲେ ଓ ଏହି ସମୟରେ ବିନୋବାଙ୍କ ସହ କାଶ୍ମୀର ଯାତ୍ରା କରିଥିଲେ । କାଶ୍ମୀର ବୁଲିବା ଭିତରେ ସେ ସେଠାକାର ଲୋକଙ୍କର ଅବସ୍ଥା ଅନୁଧ୍ୟାନ କରିଥିଲେ । କାଶ୍ମୀର ସମସ୍ୟାର ସମାଧାନ ଲାଗି ଶେଖ୍ ଅବ୍‌ଦୁଲ୍ଲାଙ୍କ ମୁକ୍ତି ଏକାନ୍ତ ଆବଶ୍ୟକ ବୋଲି ସେଠାରୁ ତାଙ୍କର ଦୃଢ଼ ଧାରଣା ସୃଷ୍ଟି ହୋଇଥିଲା । ଇତିମଧ୍ୟରେ ସେ ବିନୋବାଙ୍କ ସୁଲଭ ଗ୍ରାମଦାନ କଥାରେ ବିରକ୍ତ ହୋଇ ଭୂଦାନ ଆନ୍ଦୋଳନଠାରୁ ଦୂରେଇ ଯାଇଥିଲେ ।

ତିନୁ ବା କୃଷ୍ଣାଙ୍କ ବିବାହ

ବିଭୂତିଭୂଷଣ ମହାନ୍ତି ଅନୁଗୋଳରେ ଜିଲ୍ଲା ସାମାଜିକ ଶିକ୍ଷା ସଙ୍ଗଠକ ଭାବରେ କାର୍ଯ୍ୟ କରୁଥିବା ବେଳେ ବାଜିରାଉତ ଛାତ୍ରାବାସ ପାଖ ଏକ ଘରେ ରହୁଥିଲେ । ସେହି ରହିବା ସମୟରେ ସେ ଆଶ୍ରମରେ ଚାଲିଥିବା ପ୍ରାର୍ଥନାରେ ଓ ବିଭିନ୍ନ ବିଚିତ୍ରାନୁଷ୍ଠାନରେ ଯୋଗ ଦିଅନ୍ତି । ତା'ରି ଭିତରେ ତିନୁ ସହିତ ତାଙ୍କର ପରିଚୟ ଓ ଆଳାପ । କିଛି କାଳ ପରେ ସେମାନଙ୍କ ବିବାହ କଥା ଉଠିଲା । ମାଳତୀଦେବୀ କିନ୍ତୁ ଏ ପ୍ରସ୍ତାବକୁ ପସନ୍ଦ କରୁ ନ ଥାନ୍ତି । ଆପତ୍ତିର ବଡ଼ କାରଣ ହେଲା ବିଭୂତିବାବୁଙ୍କ ସରକାରୀ ଚାକିରି କରିବା । ନବବାବୁଙ୍କର କିନ୍ତୁ ଥିଲା ଭିନ୍ନ ମତ । ସେ ଯେତେବେଳେ ଜାଣିଲେ ଝିଅର ଇଚ୍ଛା ଅଛି, ସେ ମାଳତୀଦେବୀଙ୍କୁ ବୁଝାଇ ଦେଇଥିଲେ ।

ବିବାହ ହେଲା ଖୁବ୍ ସାଧାସିଧା ଢଙ୍ଗରେ । ଅନୁଗୋଳ ଆଶ୍ରମରେ ବହୁ ସ୍ୱାଧୀନତାସଂଗ୍ରାମୀ ଓ ସମାଜସେବୀଙ୍କ ବିବାହ ହୋଇଛି । ଅସବର୍ଣ୍ଣ ବିବାହ ବି ଅନେକ ହୋଇଛି, ଯେଉଁଥିରେ ନବବାବୁ ବା ମାଳତୀଦେବୀ ଗୋଟିଏ ପକ୍ଷରେ ବାପା ବା ମା' ହୋଇ ବସନ୍ତି । ସେସବୁ ବିବାହ ମଧ୍ୟରେ ଉଲ୍ଲେଖଯୋଗ୍ୟ ହେଉଛି ଅଧ୍ୟାପକ ଏମ୍.ଏ. ୱାହିଦ୍‌ଙ୍କ ବିବାହ । କୃଷ୍ଣା ଓଡ଼ିଶା ଭିତରେ ଏବଂ ବିଭୂତିବାବୁଙ୍କ ସହିତ ବିବାହ ହେବାରେ ଏକ ଭଲ କଥା ହେଲା ଯେ ସେମାନେ ନବକୃଷ୍ଣ ଚୌଧୁରୀ ଏବଂ ମାଳତୀଦେବୀଙ୍କର ଅନ୍ତିମ କାଳରେ ତାଙ୍କର ସେବା କରିପାରିଲେ ।

Digitized by PPRACHIN, SOA

ଓଡ଼ିଶା ରାଜନୀତିରେ ଓଲଟପାଲଟ

ଯେଉଁମାନେ ନବକୃଷ୍ଣ ଚୌଧୁରୀଙ୍କୁ ହଟାଇ ହରେକୃଷ୍ଣ ମହତାବଙ୍କୁ ଆଣି ଓଡ଼ିଶାର ମୁଖ୍ୟମନ୍ତ୍ରୀ କରାଇଥିଲେ ସେହି ବିଜୁ ପଟ୍ଟନାୟକ, ବୀରେନ୍ ମିତ୍ର ଓ ନୀଳମଣି ରାଉତରାୟ ଆଦି ୧୯୬୧ ମସିହାରେ ହରେକୃଷ୍ଣ ମହତାବଙ୍କୁ ହଟାଇବାରେ ସମର୍ଥ ହୋଇଥିଲେ ଓ ପ୍ରାର୍ଥୀନିର୍ବାଚନ କାଳରେ ନବକୃଷ୍ଣ ଚୌଧୁରୀଙ୍କ ପରାମର୍ଶ ନେଇଥିବା ଭଳି ଜଣାଯାଏ । ଯେଉଁଦିନ ସେହି ମନ୍ତ୍ରିମଣ୍ଡଳ ଶପଥ ନେଇଥିଲେ ସେଦିନ ନବକୃଷ୍ଣ ଚୌଧୁରୀ ନିମନ୍ତ୍ରିତ ହୋଇ ଆସିଥିଲେ । ନବବାବୁଙ୍କର ପୂର୍ବରୁ ତ ଇଚ୍ଛା ଥାଏ ଯେ ବୁଢ଼ାମାନେ ରାଜନୀତିରୁ ଲୋକନୀତିକୁ ଯାଇ ଯୁବକମାନଙ୍କୁ ଦେଶ ଚଳାଇବା ଦାୟିତ୍ୱ ଦିଅନ୍ତୁ । ଏହାଛଡ଼ା ପାରିବାରିକ ସ୍ତରରେ ବି ବିଜୁ ପଟ୍ଟନାୟକଙ୍କ ମା' ମାଳତୀଦେବୀଙ୍କର ମାଉସୀ ସମ୍ପର୍କୀୟା । ଏଣୁ ବିଜୁବାବୁ ନବବାବୁଙ୍କୁ ନବଦା ଏବଂ ମାଳତୀଦେବୀଙ୍କୁ ମିନୁଦୀ ବୋଲି ଡାକନ୍ତି । ବିଜୁ ପଟ୍ଟନାୟକଙ୍କଦ୍ୱାରା ସେ ସମୟରେ ପ୍ରତିଷ୍ଠିତ 'କଳିଙ୍ଗ' ଖବରକାଗଜର ଉପଦେଷ୍ଟା ଭାବରେ ନବବାବୁ କିଛିକାଳ ଥିଲେ ବୋଲି ସେ ସମୟର ଲୋକଙ୍କଠାରୁ ଜଣାଯାଏ । ନବବାବୁଙ୍କର ଏହି ଯୁବନେତୃତ୍ୱ ପ୍ରତି ସଦିଚ୍ଛା କିନ୍ତୁ ବେଶି ଦିନ ରହିଲା ନାହିଁ ।

କଂଗ୍ରେସ ହଟାଓ

ବିଜୁ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳ ଗଢ଼ା ହେବାର ବର୍ଷକ ପରେ କଂଗ୍ରେସର ଦଳ ଭିତରୁ ଓ ବାହାରୁ ତାହା ବିରୋଧରେ ସ୍ୱର ଉଠିଥିଲା । ୧୯୬୩ ଜୁଲାଇ ୧୪ ତାରିଖରେ ବାଲେଶ୍ୱରଠାରେ ଗାନ୍ଧିତତ୍ତ୍ୱ ସମ୍ପର୍କରେ କହିବାକୁ ଯାଇ ନବକୃଷ୍ଣ ଚୌଧୁରୀ କହିଥିଲେ, 'ନିର୍ବାଚନ ସମୟରେ କଂଗ୍ରେସ ଦଳ ବଡ଼ ବଡ଼ ଖଣିମାଲିକ ଓ ଅନ୍ୟ ବ୍ୟବସାୟୀଙ୍କଠାରୁ ପ୍ରଚୁର ଟଙ୍କା ଆଦାୟ କରିଥାଏ; ଯାହାର ହିସାବ ରଖାଯାଏ ନାହିଁ । ଦଳ ତରଫରୁ ଯେଉଁ ବ୍ୟକ୍ତିମାନେ ଏ ପ୍ରକାର ଅର୍ଥ ସଂଗ୍ରହ କରନ୍ତି, ସେମାନେ କିଛି ସେଥିରୁ ପ୍ରାର୍ଥୀମାନଙ୍କୁ ଓ ନିଜ ଗୋଷ୍ଠୀର ଲୋକଙ୍କୁ ଦିଅନ୍ତି । କିଛି ତାଙ୍କର ନିଜ ଅନୁଷ୍ଠାନ ପାଇଁ ରଖନ୍ତି ଓ ଆଉ କିଛି ନିଜେ ଆତ୍ମସାତ୍ କରନ୍ତି । ''ମୁଁ ତା'ର ରାଜସାକ୍ଷୀ'' । ଏହା ଥିଲା ଓଡ଼ିଶାରେ କଂଗ୍ରେସ ହଟାଓ ଆନ୍ଦୋଳନର ପ୍ରଥମ ରଣଦୁନ୍ଦୁଭି ।

Digitized by PPRACHIN, SOA

୧୯୬୨ ସାଧାରଣ ନିର୍ବାଚନରେ କଂଗ୍ରେସ ଦଳର ଲୋକପ୍ରିୟତା କିଛି ପରିମାଣରେ ହ୍ରାସ ପାଇଥାଏ । ଏଣୁ କଂଗ୍ରେସ ନେତାମାନେ ଇସ୍ତଫା ଦେଇ ସାଙ୍ଗଠନିକ କାର୍ଯ୍ୟରେ ଲାଗିବା ପାଇଁ ମାନ୍ଦ୍ରାଜର ମୁଖ୍ୟମନ୍ତ୍ରୀ କେ. କାମରାଜ ନେହେରୁଙ୍କୁ ପରାମର୍ଶ ଦେଇଥିଲେ । ଏହି ଯୋଜନା ଅନୁସାରେ ମୋରାରଜୀ ଦେଶାଇ, ଏସ୍.କେ. ପାଟିଲ୍, ଜଗଜ୍ଜୀବନ ରାମ, ବକ୍ସି ଗୋଲାମ ମହମ୍ମଦ, ଅଜୟ ମୁଖାର୍ଜୀ, ବିଜୁ ପଟ୍ଟନାୟକ ଓ କେ. କାମରାଜ ମନ୍ତ୍ରିତ୍ୱରୁ ଇସ୍ତଫା ଦେଲେ । କିନ୍ତୁ ନିଜେ ନେହେରୁ ଇସ୍ତଫା ଦେଲେ ନାହିଁ । ଏଭଳି ଅଧାପନ୍ତରିଆ କାର୍ଯ୍ୟ ଫଳରେ କାମରାଜ ଯୋଜନାର ଲକ୍ଷ୍ୟ ତ ସାଧିତ ହେଲା ନାହିଁ, ବରଂ ଦଳ ଭିତରେ ଅସନ୍ତୋଷ ଓ କଳହ ଦେଖାଦେଲା । କାମରାଜଙ୍କ ଏହି ଯୋଜନାର ବହୁ ପୂର୍ବରୁ ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଏକ ଆଦର୍ଶ ଦେଖାଇଥିଲେ । କିନ୍ତୁ କ୍ଷମତାପାଗଳ କଂଗ୍ରେସ ନେତାମାନେ ତାଙ୍କ ପଦାଙ୍କ ଅନୁସରଣ କରିଲେ ନାହିଁ । ବିଜୁ ପଟ୍ଟନାୟକଙ୍କ ପଦତ୍ୟାଗ ପରେ ବୀରେନ୍ ମିତ୍ର ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେଲେ । ଏହି ପଦତ୍ୟାଗ କିନ୍ତୁ ଲୋକଙ୍କ ମନରେ ତ୍ୟାଗର ଭାବ ସଞ୍ଚାର କରିପାରିଲା ନାହିଁ । ମିତ୍ରଙ୍କ ସମୟରେ ଛାତ୍ର ଆନ୍ଦୋଳନ ହୋଇ ଓଡ଼ିଶା ସାରା କଂଗ୍ରେସ ବିରୋଧୀ ହାୱା ବହିଲା । କଂଗ୍ରେସ ଦଳରୁ ହରେକୃଷ୍ଣ ମହତାବଙ୍କ ସମେତ ଅସନ୍ତୁଷ୍ଟ ନେତା ପବିତ୍ର ମୋହନ ପ୍ରଧାନ, ବନମାଳୀ ପଟ୍ଟନାୟକ, ସୁରେନ୍ଦ୍ର ପଟ୍ଟନାୟକ, ଉପେନ୍ଦ୍ର ମହାନ୍ତି, ଶାନ୍ତନୁ କୁମାର ଦାସ ଆଦି ଏବଂ ପ୍ରଜାସୋସାଲିଷ୍ଟ ପାର୍ଟି ତଥା ସ୍ୱତନ୍ତ୍ର ଦଳ ସେହି କଂଗ୍ରେସ ହଟାଓ ଆନ୍ଦୋଳନକୁ ତେଜେଇଲେ । ୧୯୬୬ ମସିହା ବେଳକୁ ଏହା ଚୂଡ଼ାନ୍ତ ସ୍ତରରେ ପହଞ୍ଚିଥାଏ । ନବବାବୁ ସେ ସମୟରେ ଓଡ଼ିଶାର ବିଭିନ୍ନ ଅଞ୍ଚଳ ବୁଲି ଭାଷଣ ଦେଇ ନିଜକୁ ରାଜସାକ୍ଷୀ ବୋଲି କହୁଥିଲେ । ମହତାବବାବୁ ଆଦି କଂଗ୍ରେସ ହଟାଓ ଆନ୍ଦୋଳନର ସବୁ ମହାରଥୀ ଓ ରଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କଲେ । ନବବାବୁଙ୍କୁ ଅନୁରୋଧ କରାଯିବା ବେଳେ ସେ ନାସ୍ତି କରିଦେଇଥିଲେ ।

ଶାନ୍ତି ଅଭିଯାତ୍ରା

୧୯୬୪ ମସିହାରେ ଆସାମରେ ଅସମୀୟାମାନେ ବଙ୍ଗାଳୀଙ୍କ ଆଧିପତ୍ୟ ବିରୋଧରେ ଯେଉଁ ବିଦ୍ରୋହ ଆରମ୍ଭ କରିଥିଲେ, ତାହା ଏଭଳି ତୀବ୍ର ହେଲା ଯେ ଆସାମର ବଙ୍ଗୀୟମାନେ ବସବାସ କରିବାକୁ ନିରାପଦ ମନେକଲେ ନାହିଁ । ଏହି

Digitized by PPRACHIN, SOA

ସମୟରେ ନବବାବୁ, ମାଳତୀଦେବୀ, ରମାଦେବୀ ଓ ଅନ୍ୟାନ୍ୟ ସର୍ବୋଦୟ କର୍ମୀ ଆସାମ ଯାଇ ଉଭୟ ସମ୍ପ୍ରଦାୟ ମଧ୍ୟରେ ସଦ୍‌ଭାବ ଫେରାଇ ଆଣିବା ଦିଗରେ ଲାଗି ପଡ଼ିଥିଲେ । ସେହି ସମୟରେ ବି ନାଗାମାନେ ଭାରତ ସରକାର ବିରୋଧରେ ବିଦ୍ରୋହ କରି ସ୍ୱାଧୀନ ହୋଇଯିବା ଲାଗି ଆତଙ୍କବାଦ ଚଳାଇଥାନ୍ତି । ଜୟପ୍ରକାଶ ଓ ନବବାବୁ ଆଦି ଆସାମରୁ ସେଠାକୁ ଯାଇ ଶାନ୍ତି ପାଇଁ ଉଦ୍ୟମ କରିଥିଲେ । ନବବାବୁ ସମୟ ସମୟରେ ଜୟପ୍ରକାଶଙ୍କ ସହିତ ସର୍କିଟ୍ ହାଉସ୍‌ରେ ରହୁଥିଲେ ମଧ୍ୟ ଅଧିକାଂଶ ସମୟ ନାଗାମାନଙ୍କ ଘରେ ରହୁଥିଲେ ଓ ସେମାନଙ୍କ ସହିତ ପୂରାପୂରି ମିଶି ଯାଉଥିଲେ । ଏହି ରହଣି କାଳରେ ସେ ଜାଣିଥିଲେ ଯେ ନାଗାମାନେ ଅନ୍ୟ ମାଂସ ଅପେକ୍ଷା କୁକୁର ମାଂସ ଖାଇବାକୁ ଅଧିକ ପସନ୍ଦ କରନ୍ତି ।

ଠିକ୍ ଏହି ବର୍ଷ ପୂର୍ବବଙ୍ଗର ହିନ୍ଦୁଙ୍କ ଉପରେ ଅତ୍ୟାଚାର ହେବାରୁ ତାହାର ପ୍ରତିକ୍ରିୟାସ୍ୱରୂପ ଭାରତବର୍ଷର କେତେକ ସ୍ଥାନରେ ବିଶେଷକରି ରାଉରକେଲା ନିକଟରେ ସଂଖ୍ୟାଲଘୁଙ୍କ ବିରୋଧରେ ଅମାନୁଷିକ ଅତ୍ୟାଚାର ହୋଇଥିଲା । ରାଉରକେଲା ଆଖପାଖର ମୁସଲମାନ ପରିବାରର ଚାରିହଜାର ପୁରୁଷଙ୍କୁ ନାରୀ, ବୃଦ୍ଧ ଓ ପିଲାମାନଙ୍କଠାରୁ ପୃଥକ୍ କରି ହତ୍ୟା କରାଯାଇଥିଲା । ସେତେବେଳେ ସେମାନଙ୍କୁ ଆହା କହିବାକୁ କେହି ନ ଥିଲେ । ଏହା ଶୁଣିବାମାତ୍ରେ ନବବାବୁ ଓ ନବଜୀବନ ମଣ୍ଡଳର କର୍ମୀମାନେ ରାଉରକେଲା ଯାଇ ସେଠାରେ ସଂଖ୍ୟାଲଘୁ ଲୋକଙ୍କ ମନରେ ଆସ୍ଥା ପ୍ରତିଷ୍ଠା ଦିଗରେ ବହୁ ଦିନଧରି କାମ କରିଥିଲେ । କେତେକ କର୍ମୀ ସେସବୁ ଅଞ୍ଚଳରେ ସ୍ଥାୟୀ ଭାବରେ ଆଶ୍ରମ କରି ରହିଲେ ଓ କ୍ଷତିଗ୍ରସ୍ତ ପରିବାରଗୁଡ଼ିକର ଥଇଥାନ ଦିଗରେ ନିଜକୁ ଲଗାଇଲେ ।

ନାଗରିକ ଅଧିକାର ସଂଗ୍ରାମ

କଂଗ୍ରେସ ହଟି ଓଡ଼ିଶାରେ ୧୯୬୭ ମସିହାରେ ସ୍ୱତନ୍ତ୍ର ଜନକଂଗ୍ରେସ ସରକାର ଗଠିତ ହୋଇଥିଲା । ସେହି ସରକାର ଅମଳରେ କୋରାପୁଟରେ ନକ୍ସଲ୍‌ପନ୍ଥୀଙ୍କ କାର୍ଯ୍ୟକଳାପ ଜୋର୍‌ସୋର୍ ଚାଲିଥାଏ । ତାକୁ ଦମନ କରିବା ଆଳରେ ନିରୀହ ଆଦିବାସୀମାନଙ୍କ ଉପରେ ଏବଂ ନବଜୀବନ କର୍ମୀଙ୍କ ଉପରେ ଅତ୍ୟାଚାର ହେଉଥିବା କଥା ଶୁଣି ନବକୃଷ୍ଣ ଚୌଧୁରୀ ଓ ମାଳତୀଦେବୀ ଆଦି ସେହି ଅଞ୍ଚଳକୁ ଯାଇ ସଭାସମିତି କରି ଏହି ଦମନର ପ୍ରତିବାଦ କରିଥିଲେ । ଏସବୁ

Digitized by PPRACHIN, SOA

ଅତ୍ୟାଚାର ଖବର ଦେଶବିଦେଶର ଖବରକାଗଜରେ ବାହାରିବାରୁ ଆନ୍ତର୍ଜାତୀୟ ନାଗରିକ ଅଧିକାର ସଂସ୍ଥା ଆମ୍‌ନେଷ୍ଟି ଇଣ୍ଟରନ୍ୟାସନାଲ୍‌ର କର୍ମକର୍ତ୍ତାମାନେ କୋରାପୁଟ ଆସିଥିଲେ । ନବବାବୁଙ୍କ ପରାମର୍ଶରେ ତାଙ୍କର ପ୍ରିୟ ରବୀନ୍ଦ୍ର ନାଥ ସାହୁ ସେମାନଙ୍କୁ ନେଇ ଉପଦ୍ରୁତ ଅଞ୍ଚଳ ବୁଲାଇ ଦେଖାଇଥିଲେ । ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ପୂର୍ବତନ କମ୍ୟୁନିଷ୍ଟ ନନ୍ଦିନୀ ଶତପଥୀଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ବି ଏଭଳି ଉପଦ୍ରବ ଅବ୍ୟାହତ ରହିଥିଲା ।

ଏହି ସମୟରେ ନବକୃଷ୍ଣ ଚୌଧୁରୀ ଓ ମାଳତୀଦେବୀ ଚମ୍ପତିମୁଣ୍ଡାକୁ ଜୀବନ୍ୟାସ ଦେବାକୁ ଉଦ୍ୟମ କରିଥିଲେ । ଉଭୟ ଅନୁଗୁଳ ଆଶ୍ରମ ଛାଡ଼ି ସେହିଠାରେ ରହିଲେ ଏବଂ ନବବାବୁ ସେଠି ଶିକ୍ଷକତା କଲେ । ତାହା ସହରଠାରୁ ଦୂର ସ୍ଥାନ ହୋଇଥିବାରୁ ନକ୍ସଲ୍‌ପନ୍ଥୀ ନେତାମାନେ ସେଠାକୁ ଯାଉଥିଲେ । ନକ୍ସଲ୍‌ପନ୍ଥୀ ନେତା ନାଗଭୂଷଣ ପଟ୍ଟନାୟକଙ୍କୁ ସେହି ସମୟରେ ଫାଶୀଦଣ୍ଡ ହୁକୁମ ହୋଇଥାଏ । ନବବାବୁ ଓ ଜୟପ୍ରକାଶଙ୍କ ଉଦ୍ୟମରେ ସେ ଫାଶୀଦଣ୍ଡରୁ ରକ୍ଷା ପାଇଥିଲେ । ଏହି ସମୟରେ ବି କୋରାପୁଟର ଶଙ୍ଖଳପଦର ଗ୍ରାମର ବହୁ ଲୋକ ଜମି ମାଲିକଙ୍କ ବିରୋଧରେ ଆନ୍ଦୋଳନ କରି ଏକ ନରହତ୍ୟା ମାମଲାରେ ଆଜୀବନ ଜେଲ୍ ଭୋଗୁଥିଲେ । ନବକୃଷ୍ଣ ଚୌଧୁରୀଙ୍କ ଉଦ୍ୟମରେ ସେମାନେ ମଧ୍ୟ ମୁକ୍ତି ପାଇଥିଲେ ।

ଏସବୁକୁ ଲକ୍ଷ୍ୟ କରି କଲିକତାର ଅମୃତବଜାର ପତ୍ରିକାରେ ପ୍ରକାଶ ପାଇଥିଲା ଯେ ନବକୃଷ୍ଣ ଚୌଧୁରୀ ଓ ମାଳତୀଦେବୀ ନକ୍ସଲ୍‌ପନ୍ଥୀଙ୍କୁ ସାହାଯ୍ୟ କରୁଛନ୍ତି । ସର୍ବସେବା ସଂଘର ଲୋକମାନେ ବି ନବବାବୁ ଓ ମାଳତୀଦେବୀଙ୍କ କାମକୁ ଭଲ ଆଖିରେ ଦେଖିଲେ ନାହିଁ । କିନ୍ତୁ ସେ ସମୟରେ 'ଫ୍ରଣ୍ଟିୟର୍' ନାମକ ପତ୍ରିକାର ସମ୍ପାଦକ ବିଖ୍ୟାତ ସାମ୍ବାଦିକ ସମର ସେନ୍ ଲେଖିଥିଲେ ଯେ ନକ୍ସଲ୍‌ପନ୍ଥୀଙ୍କୁ ଦମନ କରିବା ଲାଗି ନିରୀହ ଆଦିବାସୀମାନଙ୍କ ଉପରେ ଯେଉଁ ଅତ୍ୟାଚାର ଚାଲିଥିଲା ତାହା ବିରୋଧରେ ପ୍ରତିବାଦ କରିବା ଦିଗରେ ନବକୃଷ୍ଣ ଚୌଧୁରୀ ଥିଲେ ପ୍ରଥମ ବ୍ୟକ୍ତି ।

ଶିକ୍ଷା ଓ ନବକୃଷ୍ଣ ଚୌଧୁରୀ

ନବକୃଷ୍ଣ ଚୌଧୁରୀ ଆଧୁନିକ ମନସ୍ତତ୍ତ୍ୱଭିତ୍ତିକ ଶିକ୍ଷା ପଦ୍ଧତିରେ ଶିକ୍ଷା ଲାଭ ନ କରିଥିଲେ ବି ଶିକ୍ଷାର ନୂତନ ଦିଗ, ନୂତନ ପ୍ରୟୋଗ ପ୍ରତି ତାଙ୍କର ଅଶେଷ

Digitized by PPRACHIN, SOA

ଆଗ୍ରହ ଥିଲା । ତାଙ୍କର ସୌଭାଗ୍ୟ ଥିଲା ଯେ ପ୍ରାୟ ଶହେ ବର୍ଷ ତଳେ ଯେଉଁ ଯନ୍ତ୍ରଣାଦାୟକ ଶିକ୍ଷା ଦିଆଯାଉଥିଲା ତାହା ତାଙ୍କୁ ଭୋଗିବାକୁ ପଡ଼ି ନ ଥିଲା । ବରଂ ବାଲ୍ୟଗୁରୁ ଯଦୁମଣି ମହାନ୍ତିଙ୍କ କାନ୍ଧରେ ବେଳେବେଳେ ସେ ବସିଯାଉଥିଲେ ଓ ବାପା ତଥା ବଡ଼ଭାଇଙ୍କଠାରୁ ପିଲାଦିନେ ଏତେ ଶ୍ରଦ୍ଧା ଲାଭ କରିଥିଲେ ଯେ ବାଲ୍ୟକାଳରୁ ସେ ଭୟହୀନ ହୋଇଯାଇଥିଲେ । ଏଣୁ ଭୟଶୂନ୍ୟ ଶିକ୍ଷା ଲାଗି ତାଙ୍କର ଯଥେଷ୍ଟ ଆଗ୍ରହ ଥିଲା ।

ନବବାବୁ ଶିକ୍ଷକତାକୁ ଓ ମୌଳିକ ଶିକ୍ଷାକୁ ବହୁତ ଗୁରୁତ୍ୱ ଦେଉଥିଲେ । ୧୯୪୮ ଜୁନ୍ ୨ ତାରିଖରେ ନବବାବୁ ତାଙ୍କର ପ୍ରିୟ କରୁଣାକର ପରିଡ଼ାଙ୍କୁ ଲେଖିଥିଲେ, ''ମୌଳିକ ଶିକ୍ଷାକୁ ତମ ଜୀବନର ବ୍ରତ ଭାବରେ ଗ୍ରହଣ କରିପାରିଲେ ଖୁବ୍ ବଡ଼ କାମ ତମେ କରିପାରିବ । ଭାରତର ଭବିଷ୍ୟତ୍ ଏହି ଶିକ୍ଷା ପଦ୍ଧତି ଉପରେ ନିର୍ଭର କରୁଛି । ବଡ଼ ବଡ଼ ବୈଜ୍ଞାନିକ ବା ଇଞ୍ଜିନିୟର ଦେଶରେ ଅଛନ୍ତି ଓ ହେବେ । କିନ୍ତୁ ମଣିଷ ଗଢ଼ିବା ବିଜ୍ଞାନ ଭାରତରେ ସବୁଠାରୁ ବେଶି ଲୋଡ଼ା - ଦୁନିଆରେ ବି ଲୋଡ଼ା ।''

ଗାନ୍ଧିଜୀଙ୍କ ଶିକ୍ଷା ବିଚାର ଛଡ଼ା ନବକୃଷ୍ଣ ଚୌଧୁରୀ, ରବୀନ୍ଦ୍ରନାଥ ଓ ଅରବିନ୍ଦଙ୍କ ଶିକ୍ଷା ଦର୍ଶନ ସମ୍ପର୍କରେ ଅବହିତ ଥିଲେ । ଏହା ଛଡ଼ା ପରବର୍ତ୍ତୀ କାଳରେ ଶିକ୍ଷା କ୍ଷେତ୍ରରେ ଯେଉଁସବୁ ବୈପ୍ଳବିକ ଚିନ୍ତାଧାରା ପ୍ରକାଶିତ ହୋଇଥିଲା ସେସବୁ ପଢ଼ି ସେ ଅତ୍ୟନ୍ତ ଉତ୍ସାହିତ ହୋଇଥିଲେ । ନବବାବୁଙ୍କ ଅନୁରୋଧରେ ଚମ୍ପତିମୁଣ୍ଡାରେ କିଛି କାଳ ଅଧ୍ୟାପନା କରୁଥିବା ଏମ୍.ଏ. ୱାହିଦ୍ ନବବାବୁଙ୍କ ଶିକ୍ଷା ଦିଗନ୍ତ ଦେଖି ଅଭିଭୂତ ହୋଇଯାଇଥିଲେ । ନବବାବୁ ତାଙ୍କୁ 'ପେଡ଼ାଗଗୀ ଅଫ୍ ଦି ଅପ୍ରେସ୍ଡ' ଓ 'କଲ୍‌ଚରାଲ୍ ରିଭୋଲ୍ୟୁସନ୍ ଇନ୍ ଚାଇନା' ନାମକ ଦୁଇଟି ବହି ଛଡ଼ା ଅନ୍ୟ କେତେକ ବହି ପଢ଼ିବାକୁ ଦେଇଥିଲେ । ସେସବୁ ପଢ଼ି ୱାହିଦ୍‌ଙ୍କର ଶିକ୍ଷା ସମ୍ପର୍କୀୟ ଧାରଣା ପୂରାପୂରି ବଦଳିଗଲା । ୱାହିଦ୍‌ଙ୍କ ମତରେ ନବକୃଷ୍ଣ ଚୌଧୁରୀ ଥିଲେ ସେହି ସମୟରେ ଏସିଆ ମହାଦେଶରେ ପ୍ରଥମ ତିନିଜଣ ଶିକ୍ଷାବିତ୍‌ଙ୍କ ମଧ୍ୟରୁ ଅନ୍ୟତମ । ସେ ବିଭିନ୍ନ ବିଷୟରେ ଏତେ ନୂଆ ନୂଆ ବହି ପଢ଼ନ୍ତି ଜାଣି ବିଶ୍ୱବିଦ୍ୟାଳୟ ପ୍ରଫେସରମାନେ ଆଶ୍ଚର୍ଯ୍ୟ ହୋଇଯାଆନ୍ତି । ତାଙ୍କ ନିଜ ଖର୍ଚ୍ଚ ମଧ୍ୟରେ, ବହି କିଣାରେ ଅଧିକ ଖର୍ଚ୍ଚ ହୁଏ । ଏଥିପାଇଁ ତାଙ୍କର କେତେକ ପ୍ରିୟ ଲୋକ ଓ ମାଳତୀଦେବୀଙ୍କ ଭାଇ ତାଙ୍କୁ ମଝି ମଝିରେ ଆର୍ଥିକ ସାହାଯ୍ୟ କରନ୍ତି । ସାରା ବିଶ୍ୱର ଚିନ୍ତାଶୀଳ ତଥା ଗବେଷଣାମୂଳକ ନୂତନତମ ପୁସ୍ତକ ତାଙ୍କ ଦୃଷ୍ଟି

Digitized by PPRACHIN, SOA

ଏଡ଼ାଇ ଯାଉ ନ ଥିଲା ଓ ଏସବୁ ତାଙ୍କ ଲାଇବ୍ରେରୀରେ ସ୍ଥାନ ପାଉଥିଲା । ନବବାବୁ ଓ୍ୱାହିଦ୍‌ଙ୍କୁ 'ଲର୍ଣ୍ଣିଙ୍ଗ୍ ଟୁ ବି' ବହିଟି ପଢ଼ିବାକୁ ଦେଇଥିଲେ, ଯାହାକି ତାଙ୍କ ଶିକ୍ଷକ ଜୀବନରେ ଖୁବ୍ କାମରେ ଲାଗିଥିଲା ।

ଆନୁଷ୍ଠାନିକ ବିଚାରରୁ ଶିକ୍ଷକ ନ ହେଲେବି ନବକୃଷ୍ଣ ଚୌଧୁରୀ ଜୀବନ ସାରା ଥିଲେ ଜଣେ ଶିକ୍ଷକ । ତାଙ୍କ ପ୍ରଥମ ଶିକ୍ଷକତା ଆରମ୍ଭ ହୁଏ ଅଳକାଶ୍ରମରୁ । ଆଶ୍ରମରେ ତ ଆନୁଷ୍ଠାନିକ ପଢ଼ା ହେଉ ନ ଥିଲା, ଅଳକା ନଈକୂଳରେ ପାଞ୍ଚ ସାତ ଜଣ ବିଦ୍ୟାର୍ଥୀ ବସିଗଲେ ବି ପାଠ ପଢ଼ା ଚାଲେ । ସେହି ବିଦ୍ୟାର୍ଥୀମାନଙ୍କ ମଧ୍ୟରୁ ଉଦୟନାଥ ଷଡ଼ଙ୍ଗୀ ଓ ରାମକୃଷ୍ଣ ନନ୍ଦ ଆଦି ପରବର୍ତ୍ତୀ ଜୀବନରେ ଖୁବ୍ ପ୍ରତିଷ୍ଠା ଲାଭ କରିଥିଲେ । ଏବେ ଯେଉଁ ଅଣଆନୁଷ୍ଠାନିକ ଶିକ୍ଷା କଥା ଶୁଣାଯାଉଛି ନବକୃଷ୍ଣ ଚୌଧୁରୀ ପ୍ରାୟ ଷାଠିଏ ବର୍ଷ ପୂର୍ବରୁ ତାକୁ ପ୍ରୟୋଗ କରିଥିଲେ । ପରବର୍ତ୍ତୀ କାଳରେ ଜେଲ୍‌ଖାନାରେ ବିଭିନ୍ନ ତତ୍ତ୍ୱ ସମ୍ପର୍କରେ ସେ ତରୁଣ ବନ୍ଦୀମାନଙ୍କ କ୍ଲାସ୍ ନେଉଥିଲେ । ଏହାଛଡ଼ା ଯେଉଁ ନଅମାସ ସେ ମୌଳିକ ଶିକ୍ଷା ସଙ୍ଗଠକ ଥିଲେ ସେ ସମୟରେ ସେ ଶିକ୍ଷକମାନଙ୍କୁ ନୂଆ ଢଙ୍ଗରେ ଶିକ୍ଷାର ପଦ୍ଧତିର ମହତ୍ତ୍ୱ ବୁଝାଉଥିଲେ । ନବକୃଷ୍ଣ ଚୌଧୁରୀଙ୍କ ପାଇଁ ବିଦ୍ୟାଳୟ ଥିଲା ସମଗ୍ର ବିଶ୍ୱ ଓ ଶିକ୍ଷା ଥିଲା ଜୀବନବ୍ୟାପୀ ବ୍ୟାପାର । ଯଦିଓ ବିଜ୍ଞାନ ଓ ପ୍ରଜ୍ଞାନ ଶିକ୍ଷା ପ୍ରତି ତାଙ୍କର ଆଗ୍ରହ ଥିଲା, ତେବେ ସେହି ଜ୍ଞାନ ଲୋକଙ୍କ କାମରେ ପ୍ରତ୍ୟକ୍ଷ ଭାବରେ ଲାଗିବା ଉପରେ ସେ ଗୁରୁତ୍ୱ ଦେଉଥିଲେ । ତାଙ୍କ ଶିକ୍ଷାୟତନର ପରିସର ପାଚେରି ମଧ୍ୟରେ ସୀମାବଦ୍ଧ ନ ଥିଲା । ନାଗାଙ୍କୁ ବୁଝେଇ ମନେଇବା ବେଳେ ସେ ଥିଲେ ଶିକ୍ଷକର ଭୂମିକାରେ, ଆସାମର ଅସମୀୟା ଓ ବଙ୍ଗୀୟ ବିଦ୍ୱେଷ ହ୍ରାସ ଉଦ୍ୟମ ସମୟରେ ତାଙ୍କର ଭୂମିକା ମଧ୍ୟ ଥିଲା ଉପଦେଷ୍ଟାର । ଠିକ୍ ସେହିପରି ଗଞ୍ଜାମ ଓ କୋରାପୁଟର ଆଦିବାସୀମାନଙ୍କ ମଧ୍ୟରେ ନିର୍ଭୟତା ସଞ୍ଚାର କରିବା ଓ ଭୂମି ବ୍ୟବସ୍ଥାର ବିଭ୍ରାଟ ଦୂର କରିବା ସମ୍ପର୍କରେ ତାଙ୍କର ଯୁକ୍ତି ଥିଲା ଶିକ୍ଷକୋଚିତ । ୧୯୭୪ ମସିହା ବେଳକୁ ତାଙ୍କ ସ୍ୱପ୍ନର 'ଜୀବନ ବିଦ୍ୟାଳୟ'କୁ ଜୀବନ୍ୟାସ ଦେବାପାଇଁ ସେ କିଛି କାଳ ଚମ୍ପତିମୁଣ୍ଡାରେ ଅଧ୍ୟାପନା କରିଥିଲେ । ସେହି ସମୟରେ ସେଠାରେ ଅଧ୍ୟାପନା କରୁଥିବା ପ୍ରଫୁଲ୍ଲ ସେନାପତି ନବବାବୁଙ୍କ ପାଠପଢ଼ାଇବା ଢଙ୍ଗରେ ଚମତ୍କାରିତା କଥା କହନ୍ତି । ଠିକ୍ ପର ବଖରାରେ ନବବାବୁ ଇଂରାଜୀ ପଢ଼ାଉଥିବା ବେଳେ ପ୍ରଫୁଲ୍ଲବାବୁ ନିଜେ ପଢ଼ାଇବା ବନ୍ଦ କରି, ପିଲାଙ୍କୁ ପଢ଼ା ଦେଇ, ନବବାବୁଙ୍କ ପଢ଼େଇବାକୁ କାନ ଦିଅନ୍ତି । ସ୍ଥାୟୀ

Digitized by PPRACHIN, SOA

ଶିକ୍ଷକ ନିଯୁକ୍ତ ହୋଇଗଲା ପରେ ସେ ଆଉ ଶ୍ରେଣୀରେ ପାଠ ପଢ଼ାଉ ନ ଥିଲେ । ତେଣିକି ପାଠପଢ଼ା ଚାଲେ ଶ୍ରେଣୀ ବାହାରେ । ଜୟପ୍ରକାଶ ନାରାୟଣ ସମ୍ପୂର୍ଣ୍ଣ ବିପ୍ଳବ ଚଳାଉଥିଲା ବେଳେ ନବବାବୁ ଚମ୍ପଡିମୁଣ୍ଡାରେ ଶିକ୍ଷକତା କରୁଥିବା କଥା ଶୁଣି ହସିଥିଲେ । ଶିକ୍ଷାର ଗୁରୁତ୍ୱ ସମାଜର ପରିବର୍ତ୍ତନ ଲାଗି ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ଜୟପ୍ରକାଶଙ୍କଠାରୁ ସେ ଅଧିକ ଉପଲବ୍ଧି କରୁଥିଲେ ।

ଧର୍ମ ଓ ନବକୃଷ୍ଣ

ଧାର୍ମିକ ଆଚାର ପ୍ରତି ନବବାବୁଙ୍କର ମୋଟେ ଆଗ୍ରହ ନ ଥିଲା । ଏଣୁ ଠାକୁର ବା ମନ୍ଦିର କିମ୍ବା ସାଧାରଣ ବାବାଜିଙ୍କ ପ୍ରତି ତାଙ୍କର ଏକ ଅବଜ୍ଞା ଭାବ ଥିଲା । କିନ୍ତୁ କଲେଜରେ ପଢୁଥିଲାବେଳେ ସି.ଆର୍.ଡି. ନାଇଡୁ ନାମକ ଜଣେ ସାଧକଙ୍କ ପ୍ରଭାବରେ ସେ ପ୍ରାଣାୟାମ ଇତ୍ୟାଦି କରୁଥିଲେ । ଦେଶର ମୁକ୍ତି ଲାଗି ସାହସୀ, ବଳିଷ୍ଠ ଓ ଚରିତ୍ରବାନ୍ ଯୁବକ ଯେ ଦରକାର ଏହି ପ୍ରେରଣା ସେ ପ୍ରତ୍ୟକ୍ଷ ଭାବରେ ତାଙ୍କଠାରୁ ପାଇଥିଲେ । ବିବେକାନନ୍ଦଙ୍କର ସେତେବେଳକୁ ଦେହାନ୍ତ ହୋଇଥିଲେ ହେଁ ତାଙ୍କର ବାଣୀ ଯୁବମାନସରେ ଦେଶପ୍ରେମର ନିଆଁ ଜଳାଇ ରଖିଥିଲା । ରାମ ଦାସ ନାମକ ବାବାଜି, ଯେ କି ସ୍ୱାଧୀନତା ଆନ୍ଦୋଳନରେ ସମ୍ପୃକ୍ତ ହୋଇଥିଲେ, ନବବାବୁଙ୍କର ତାଙ୍କ ସହିତ ବେଶ୍ ସୌହାର୍ଦ୍ଦ୍ୟ ଥିଲା ।

ସାରଙ୍ଗଧର ଦାସଙ୍କ ସ୍ତ୍ରୀ ଫ୍ରିଡ଼ା ଦାସଙ୍କ ସମ୍ପର୍କରେ ଆସିବା ପରେ ନବବାବୁ ଆଧୁନିକ ସଭ୍ୟତା ଓ ଯୁକ୍ତିସିଦ୍ଧ ସଂସ୍କାର ଦିଗରେ ଆକୃଷ୍ଟ ହୋଇଥିଲେ । ଏହା ସଙ୍ଗେ ସଙ୍ଗେ ମାର୍କ୍ସବାଦ ଅଧ୍ୟୟନ ପରେ ସେ ଭଗବାନ୍‌ଙ୍କ ସମ୍ପର୍କରେ ସଂଶୟୀ ହୋଇଛନ୍ତି । କିନ୍ତୁ ପୁତ୍ର ବିୟୋଗ ପରେ ସେ ପୁଣି ପ୍ରାର୍ଥନା କରିଛନ୍ତି, ହେ ଭଗବାନ୍ ଯେପରି ଅନ୍ୟର ଦୁଃଖ ଘୁଞ୍ଚାଇବାରେ ଆମର ଜୀବନ କଟିଯାଏ, ଆମେ ସେହି ପ୍ରାର୍ଥନା କରୁଛୁ । ଆଉ ମୃତ୍ୟୁ ପୂର୍ବରୁ ଉତ୍କଳ ବିଶ୍ୱବିଦ୍ୟାଳୟର ଏକ ଛାତ୍ର ସଭାରେ କହିଥିଲେ, ‘‘ଆମେ ସମାଜ ପାଇଁ କିଛି କରିବାକୁ ଚାହିଁଥିଲୁ । ଚାହିଁଥିଲୁ ଦେଶକୁ ନୂଆକରି ଗଢ଼ିବାକୁ । ଆମେ ଯାହା କରିପାରିଲୁ ନାହିଁ ତୁମ୍ଭେମାନେ ତାହା କରିବ... । ଜରା କଷ୍ଟ ବଡ଼ କଷ୍ଟ, ଭଗବାନ୍‌ଙ୍କୁ ପ୍ରାର୍ଥନା କରୁଛି, ଶୀଘ୍ର ମୋତେ କିପରି ନେଇଯାଆନ୍ତୁ... । ତାଙ୍କର ଜୀବନଯାତ୍ରା ଓ ଚିନ୍ତାଧାରାକୁ ଲକ୍ଷ୍ୟ କଲେ ତାଙ୍କ ଚରିତ୍ରରେ ବୈଷ୍ଣବସୁଲଭ ଗୁଣ ସଙ୍ଗେ ସଙ୍ଗେ ଜୀବନଚର୍ଯ୍ୟା ଓ ଦୃଷ୍ଟିଭଙ୍ଗୀରେ ଅବଧୂତ ଭାବ ଥିଲା । ବୌଦ୍ଧିକ ଦିଗରୁ ସେ ଅରବିନ୍ଦଙ୍କୁ ଖୁବ୍ ପସନ୍ଦ କରୁଥିଲେ ।

Digitized by PPRACHIN, SOA

ସେ ବିଦଗ୍ଧ ସମାଜକୁ ଛାଡ଼ି ତଳିଆ ଲୋକଙ୍କ ସହିତ ନିଜକୁ ମିଶାଇ ନେଇଥିଲେ । ଏଣୁ ସାଧାରଣ ଲୋକଙ୍କ ଉପଯୋଗୀ ଧର୍ମ ଭାବରେ ଅଲେଖ ଧର୍ମକୁ ସେ ଖୁବ୍ ପସନ୍ଦ କରୁଥିଲେ । ଅଲେଖ ବାବାମାନଙ୍କର ଆଚାର ବ୍ୟବହାର ତାଙ୍କୁ ଆକୃଷ୍ଟ କରିଥିଲା । ଏହାଛଡ଼ା ବ୍ରାହ୍ମଣ୍ୟ ଧର୍ମର ଜାତିଭେଦ, ପୂଜା ଅର୍ଚ୍ଚନା ଏବଂ ମନ୍ତ୍ରତନ୍ତ୍ରକୁ ବିରୋଧ କରିବା ଭିତରେ ଅଲେଖ ଧର୍ମ ଏକ ବିଦ୍ରୋହୀ ଧର୍ମ ଭାବରେ ଗଢ଼ି ଉଠିଥିବାରୁ ନବବାବୁ ଏହି ଧର୍ମକୁ ପସନ୍ଦ କରୁଥିଲେ । ତାଙ୍କ ଚିଠିପତ୍ରରୁ ଜଣାଯାଏ ଯେ ସେ ପୁନର୍ଜନ୍ମରେ ବିଶ୍ୱାସ କରୁ ନ ଥିଲେ । ଗାନ୍ଧିଜୀ ସବୁ କଥାରେ ଧର୍ମକୁ ଯୋଡୁଥିବାରୁ ସେ ତାଙ୍କୁ ସମାଲୋଚନା କରୁଥିଲେ ବି ନିଜର ଅନ୍ତିମ କାଳ ବେଳକୁ ସାଧାରଣ ଲୋକଙ୍କ ମଧ୍ୟରେ ଧର୍ମଭାବ ଲୋପ ପାଇଯିବାରେ ସେ ବ୍ୟଥିତ ହେଉଥିବାର ଜଣାଯାଏ । ସେ ଚମ୍ପତିମୁଣ୍ଡା ବିଦ୍ୟାଳୟରେ ରହୁଥିବା ବେଳେ ଅଧ୍ୟକ୍ଷ ଜୟନାରାୟଣ ଦାସ ଥରେ ତାଙ୍କୁ ପଚାରିଥିଲେ, "ବାପି ! ସବୁ ଧର୍ମ ମଧ୍ୟରେ କେଉଁ ଧର୍ମ ଭଲ ?" ସେ ଭାବିଥିଲେ ନବବାବୁ କହିବେ ଖ୍ରୀଷ୍ଟଧର୍ମ ବୋଲି, କିନ୍ତୁ ନବବାବୁ କହିଥିଲେ ସବୁ ଧର୍ମ ମଧ୍ୟରେ ହିନ୍ଦୁ ଧର୍ମ ଭଲ । କାରଣ ହିନ୍ଦୁ ଧର୍ମ ଅତି ଉଦାର ତଥା ଉନ୍ନତ ଧର୍ମ । ଏଥିରେ ଭିନ୍ନ ମତଙ୍କୁ ସହ୍ୟ କରାଯାଏ । ଏପରିକି ହିନ୍ଦୁ ଧର୍ମର ବିଭିନ୍ନ ସମ୍ପ୍ରଦାୟ ଛଡ଼ା ଅନ୍ୟ ଧର୍ମର ଅନୁଗାମୀମାନେ ବି ସତ୍ୟ ବା ଭଗବାନ୍‌ଙ୍କୁ ପାଇପାରିବେ, ଏହା ହିନ୍ଦୁ ବିଶ୍ୱାସ କରେ ।

ନବକୃଷ୍ଣ ଚୌଧୁରୀଙ୍କ ଗାନ୍ଧିବୋଧ

ଅସହଯୋଗ ଆନ୍ଦୋଳନରେ ୧୯୨୧ ମସିହାରେ ହରେକୃଷ୍ଣ ମହତାବଙ୍କ ସହିତ କଲେଜ ପଢ଼ା ଛାଡ଼ିଥିଲେ ବି ୧୯୩୦ ମସିହା ପର୍ଯ୍ୟନ୍ତ ନବକୃଷ୍ଣ ଚୌଧୁରୀ ଜେଲ୍ ଯାଇ ନ ଥିଲେ । ଅବଶ୍ୟ ଲୁଗାବୁଣାରେ ତାଲିମ ପାଇବା ପାଇଁ ସେ ୧୯୨୨ ମସିହାରେ ସାବରମତୀରେ ଦଶମାସ କଟାଇଥିଲେ । ୧୯୨୧ରେ ଗାନ୍ଧିଜୀ 'ବର୍ଷକ ମଧ୍ୟରେ ସ୍ୱରାଜ' ଆହ୍ୱାନ ଦେଇଥିଲେ ବି ସେହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ନ ଥିଲେ । କଂଗ୍ରେସ ଆନ୍ଦୋଳନ କାଳରେ କଂଗ୍ରେସ ଲୋକେ ଦେଶୀୟ ରାଜା ମହାରାଜାଙ୍କ ବିରୋଧରେ ଆନ୍ଦୋଳନ ନ କରିବାକୁ ଗାନ୍ଧିଜୀଙ୍କର ନିର୍ଦ୍ଦେଶ ଥିଲେ ବି ନବକୃଷ୍ଣ ଚୌଧୁରୀ ଗଡ଼ଜାତ ରାଜାଙ୍କ ବିରୋଧୀ ଆନ୍ଦୋଳନ ଦିଗରେ ଆଗଭର ହୋଇଥିଲେ । ଲବଣ ସତ୍ୟାଗ୍ରହରେ ଅଂଶ ଗ୍ରହଣ ନ କରି

Digitized by PPRACHIN, SOA

ଚୌକିଦାର ଟିକସ ବନ୍ଦ ବିରୋଧ ଆନ୍ଦୋଳନ କରି ସେ ଜେଲ୍ ଯାଇଥିଲେ। ଗାନ୍ଧିଜୀ କଂଗ୍ରେସ ସଭାପତି ଭାବରେ ପଟ୍ଟାଭି ସୀତାରାମାୟାଙ୍କୁ ସମର୍ଥନ କରିଥିଲେ ବି ନବକୃଷ୍ଣ ଚୌଧୁରୀ ସୁଭାଷ ବୋଷଙ୍କୁ ସମର୍ଥନ କରିଥିଲେ। ସେ ଗାନ୍ଧିଙ୍କଠାରୁ ଜୀବନର ରାଜନୀତିକ ଯାତ୍ରା ଆରମ୍ଭ କରି ମାର୍କ୍ସ, ଲେନିନ୍ ଓ ମାଓ ଏବଂ ହୋଚିମିନ୍‌ଙ୍କ ଦେଇ ଶେଷକୁ ପୁଣି ଗାନ୍ଧିଙ୍କ ପାଖରେ ପହଞ୍ଚିଥିଲେ ବୋଲି ନିଜେ କହିଛନ୍ତି। ସେ ଗାନ୍ଧିଙ୍କ ସବୁ କଥାକୁ ବେଦବାକ୍ୟ ଭାବରେ ଗ୍ରହଣ କରି ନ ଥିଲେ। ସେ ଗାନ୍ଧି ବିଚାରକୁ ମାର୍କ୍ସୀୟ କଷଟି ପଥରରେ ପରଖ କରି ଗ୍ରହଣ କରିଛନ୍ତି। ନବକୃଷ୍ଣ ଚୌଧୁରୀଙ୍କ ଚିନ୍ତାଧାରାକୁ ଅନୁଧ୍ୟାନ କଲେ ମନେହୁଏ ଯେ ସେ ମାର୍କ୍ସ ଓ ଗାନ୍ଧିଙ୍କ ବିଚାରକୁ ଭେଦି ଅତିକ୍ରମ କରିଯାଇଛନ୍ତି।

ସର୍ବସେବା ସଂଘ ସଭାପତିତ୍ୱ ଛାଡ଼ିବା ପରେ ତାଙ୍କର ଗାନ୍ଧିବୋଧର ଉତ୍କର୍ଷ ଲକ୍ଷ୍ୟ କରି ଜୟପ୍ରକାଶ ନାରାୟଣ ଆଦି ତାଙ୍କୁ ବନାରସସ୍ଥିତ ଗାନ୍ଧି ବିଦ୍ୟା ପ୍ରତିଷ୍ଠାନର ଅଧ୍ୟକ୍ଷ ଭାବରେ ମନୋନୟନ କରିଥିଲେ। ଏହି ସମୟରେ ଓ ତାହା ପରେ ଗାନ୍ଧିଜୀଙ୍କ ବିଚାର ସମ୍ପର୍କରେ ଅଧିକ ଜାଣିବାକୁ ଦେଶବିଦେଶରୁ ବହୁ ଲୋକ ତାଙ୍କ ପାଖକୁ ଆସୁଥିଲେ।

ଗାନ୍ଧିଜୀଙ୍କୁ ସେ କେତେକ ସ୍ଥଳରେ ସମାଲୋଚନା କରିଥିଲେ ଓ କେତେକ କ୍ଷେତ୍ରରେ ଭିନ୍ନ ମତ ପୋଷଣ କରୁଥିଲେ ବି ବେଶଭୂଷା ଏବଂ ଚାଲିଚଳନରେ ସେ ପାରମ୍ପରିକ ଗାନ୍ଧିଜୀଙ୍କ ଭଳି ନ ଥିଲେ ମଧ୍ୟ ଗାନ୍ଧି ବିଚାରର ଯେଉଁ ମୁଖ୍ୟ ନିର୍ଯ୍ୟାସ-ସତ୍ୟନିଷ୍ଠା ଅହିଂସା ଓ ସାଧନଶୁଦ୍ଧି ଦିଗରେ ସେ କେଉଁଠି ସାଲିସ କରି ନାହାନ୍ତି। ଗାନ୍ଧିଙ୍କ କହିବା ଭଳି ସମାଜର ସବୁଠାରୁ ତଳିଆ ଲୋକର ସ୍ୱାର୍ଥକୁ ସବୁବେଳେ ଆଗରେ ରଖି ସେ ସବୁ କାମ କରୁଥିଲେ ଏବଂ ତାଙ୍କ କହିବା ମୁତାବକ ସ୍ୱେଚ୍ଛାରେ ଅତି ସାଧାରଣ ଜୀବନ ଆଦରି ନେଇଥିଲେ।

ଜରୁରିକାଳୀନ ପରିସ୍ଥିତି

ମୁଖ୍ୟମନ୍ତ୍ରିତ୍ୱ ଛାଡ଼ିବା ଦିନ ନବକୃଷ୍ଣ ଚୌଧୁରୀ ଦଳଗତ ରାଜନୀତି ଛାଡ଼ିଥିଲେ; ହେଲେ ରାଜନୀତି ତାଙ୍କୁ ଶେଷ ପର୍ଯ୍ୟନ୍ତ ଛାଡ଼ି ନ ଥିଲା। ବିଶେଷକରି ଯେଉଁଠି ତ୍ୟାଗ ଓ ନିଷ୍ଠାର ସନ୍ଧାନ ପାଆନ୍ତି, ସିଏ ଯେଉଁ ଦଳ ବା ଗୋଷ୍ଠୀର ହୋଇଥାନ୍ତୁ ପଛକେ, ତାଙ୍କୁ ବା ସେମାନଙ୍କୁ ଆଦର କରିବାରେ ସେ ସଙ୍କୁଚିତ ହୁଅନ୍ତି ନାହିଁ। ଓଡ଼ିଶା ତଥା ଭାରତବର୍ଷରେ ଯେତେବେଳେ ଯେଉଁଠି ଅନ୍ୟାୟ ଓ ଅବିଚାର

Digitized by PPRACHIN, SOA

ଦେଖାଦେଇଛି, ତାହାର ପ୍ରତିବାଦ ଓ ପ୍ରତିରୋଧ କରିବା ପାଇଁ ସେ ଜୀବନର ଶେଷ ପର୍ଯ୍ୟନ୍ତ ଆଗଭର ହୋଇଛନ୍ତି ।

ଇନ୍ଦିରା ଗାନ୍ଧିଙ୍କ ଏକଚ୍ଛତ୍ରବାଦୀ କାର୍ଯ୍ୟକଳାପରେ ସାରା ଭାରତରେ ଜୟପ୍ରକାଶଙ୍କ ନେତୃତ୍ୱରେ ଯେଉଁ ଆନ୍ଦୋଳନ ଆରମ୍ଭ ହୋଇଥିଲା ନବବାବୁ ସେଥିରେ ନେତୃତ୍ୱ ନେଇ ଓଡ଼ିଶା ସାରା ଚାରିଆଡ଼େ ବୁଲି ସଭାସମିତି କରିଥିଲେ । ଜରୁରିକାଳୀନ ପରିସ୍ଥିତି ଘୋଷିତ ହେବା ପରେ ତାଙ୍କୁ ବନ୍ଦୀ କରି ବାରିପଦା ଜେଲ୍‌ରେ ରଖାଗଲା । ସେହି ଜେଲ୍‌ରେ ଥିବା ସମୟରେ ସେ ପକ୍ଷାଘାତ ରୋଗରେ ପୀଡ଼ିତ ହୋଇ ଜୀବନର ଅବଶିଷ୍ଟ କାଳ ଅଚଳ ପ୍ରାୟ ହୋଇଯାଇଥିଲେ । ଏହି ସମୟରେ କୃଷ୍ଣାଙ୍କ ବଡ଼ପୁଅର ମୃତ୍ୟୁ ଓ ମନମୋହନ ଚୌଧୁରୀଙ୍କ ପୁଅଙ୍କର ମୃତ୍ୟୁ ତାଙ୍କୁ ଆହୁରି ଆଘାତ ଦେଇଥିଲା ।

ବ୍ୟକ୍ତିଗତ ଜୀବନର ଏସବୁ ଦୁଃଖ ତାଙ୍କୁ ଯେତେ ଭାଙ୍ଗି ପକାଇ ନ ଥିଲା ତହିଁରୁ ତାଙ୍କ ପାଇଁ ଅଧିକ ଦୁଃଖ ଦେଇଥିଲା ଜନସାଧାରଣଙ୍କର ଓ ଦେଶର ସାଂଘାତିକ ନୈତିକ ଅଧୋଗତି । ନବଜୀବନ ମଣ୍ଡଳ, ବାଜିରାଉତ ଛାତ୍ରାବାସ ଓ ଚମ୍ପତିମୁଣ୍ଡାର 'ଜୀବନ ବିଦ୍ୟାଳୟ' ବି ତାଙ୍କ ଜୀବନର ଶେଷ ଆଡ଼କୁ ନିଷ୍ପ୍ରାଣ ହୋଇଯାଇଥିଲା । ଯେଉଁ ଲୋକର ପ୍ରାଣଖୋଲା ହସ ବହୁ ଲୋକଙ୍କୁ ମୁଗ୍ଧ କରିଦେଉଥିଲା, ମୃତ୍ୟୁର କିଛି ବର୍ଷ ପୂର୍ବରୁ ସେ ହସ ଶୁଖିଯାଇଥିଲା । ଯିଏ ଅଧିକାଂଶ ସମୟ ସ୍ଥିତପ୍ରଜ୍ଞ ଭଳି ଜଣାଯାଉଥିଲେ, ଶେଷ ଆଡ଼କୁ ସେ ଅତ୍ୟନ୍ତ ଅସହିଷ୍ଣୁ ଓ ଚିଡ଼ିଚିଡ଼ା ହୋଇପଡ଼ିଥିଲେ । ତାଙ୍କ ମୁହଁରୁ ଯେଉଁ ଭାଷା କେହି ଶୁଣି ନ ଥିଲେ, ସେହି ମୁହଁରୁ ଅଶାଳୀନ କଥା ବି ଶୁଣାଗଲା । ଶେଷ ଆଡ଼କୁ ତାଙ୍କ ଚେହେରା ବି ଅନେକ ପରିମାଣରେ ବଦଳି ଯାଇଥିଲା । ତାଙ୍କ ଶେଷ ବେଳର ଫଟୋରୁ ତାଙ୍କୁ ମୋଟେ ଚିହ୍ନି ହୁଏ ନାହିଁ । ଯିଏ ସବୁ ଦୁଃଖ, ଅବସାଦକୁ ପଛରେ ପକାଇ ପକାଇ ଆସିଥିଲେ, ଅନ୍ତିମ କାଳକୁ ସେସବୁ ଯେମିତି ତାଙ୍କୁ ଘୋଟି ଆସିଥିଲା । ଶେଷ ଜୀବନକୁ ଖାଲି ଲୁହ ବୁହାଇବା, ସତେ ଯେଭଳି ତାଙ୍କ ପାଇଁ ରହିଯାଇଥିଲା ।

Digitized by PPRACHIN, SOA

ଅନ୍ତିମ ଯାତ୍ରା

ମହାପ୍ରୟାଣ

୧୯୮୪ ଜୁନ୍ ମାସରେ ତାଙ୍କ ଦେହର ଅବସ୍ଥା ଖୁବ୍ ଖରାପ ଆଡ଼କୁ ଯାଉଥାଏ । ଏହି ସମୟକୁ ତାଙ୍କ ସାନ ନାତୁଣୀର ବିବାହ ସମ୍ପନ୍ନ ହୋଇଗଲା । ସେହି ଉପଲକ୍ଷେ ତାଙ୍କର ସବୁ ବନ୍ଧୁବାନ୍ଧବ ଅନୁଗୋଳରେ ପହଞ୍ଚିଥିଲେ ଏବଂ ନବବାବୁଙ୍କ ଅବସ୍ଥା ଦେଖି ବର କନ୍ୟାଙ୍କୁ ବିଦା କରି ସମସ୍ତେ ସେଠାରେ ରହିଲେ । ଜୁନ୍ ୨୩ ତାରିଖରେ ତାଙ୍କର ଅବସ୍ଥା ଶୋଚନୀୟ ହୋଇପଡ଼ିବାରୁ ସେ କାଳର ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଓ ଅନ୍ୟାନ୍ୟ ଅନ୍ତରଙ୍ଗ ବ୍ୟକ୍ତି ଅନୁଗୋଳ ଯାଇ ତାଙ୍କୁ ଦର୍ଶନ କରିଥିଲେ । ସେହିଦିନ ମଧ୍ୟରାତ୍ରି ପରେ ସେ ଇହଧାମ ତ୍ୟାଗ କରିଥିଲେ । ପରଦିନ ବାଜିରାଉତ ଛାତ୍ରାବାସ ଲୋକାରଣ୍ୟ ହୋଇଯାଇଥିଲା । ଅନୁଗୋଳର ଦଶ, କୋଡ଼ିଏ କିଲୋମିଟରରୁ ତ ଲୋକ ଛୁଟିଲେ; ଢେଙ୍କାନାଳ, ତାଳଚେର, କଟକ, ଭୁବନେଶ୍ୱର ଆଦି ସ୍ଥାନରୁ ବହୁ ବ୍ୟକ୍ତି ଆସି ତାଙ୍କୁ ଶେଷ ଦର୍ଶନ କରିଥିଲେ । ଅନୁଗୋଳରେ ସେ ବହୁକାଳ ରହିଥିବାରୁ ସେ ରହୁଥିବା ସୋମନାଥପୁର ଗ୍ରାମରେ ହିଁ ତାଙ୍କର ଶେଷକୃତ୍ୟ ହୋଇଥିଲା । ସେ ଦିନର ଶବାଧାର ଶୋଭାଯାତ୍ରା ଅନୁଗୋଳ ଲାଗି ଅବିସ୍ମରଣୀୟ ହୋଇ ରହିଛି ।

ପୁରୁଷୋତ୍ତମ

ନବକୃଷ୍ଣ ଚୌଧୁରୀ ଥିଲେ ଏକ ଅଦ୍‌ଭୁତ ଲୋକ । ପୂର୍ବତନ ମୁଖ୍ୟମନ୍ତ୍ରୀ ବୋଲି କେହି କହିଲେ ସେ ସେଥିରେ ବିରକ୍ତି ପ୍ରକାଶ କରୁଥିଲେ । ସେ କହୁଥିଲେ, "ମୋର କ'ଣ ଏହାଠାରୁ ଆଉ କିଛି ପରିଚୟ ନାହିଁ ?" ବାସ୍ତବରେ ଓଡ଼ିଶାରେ ଘଟଣାଚକ୍ରରେ ବହୁ ବ୍ୟକ୍ତି ମୁଖ୍ୟମନ୍ତ୍ରୀ ହୋଇଛନ୍ତି, ଯେଉଁମାନେ ଖୁବ୍ ବେଶିରେ ବିଧାୟକଟିଏ ହୋଇଥାନ୍ତେ । ଏଣୁ ନବକୃଷ୍ଣ ଚୌଧୁରୀଙ୍କୁ ସେହି ପରିଚୟରେ ଚିହ୍ନାଇବାକୁ ଗଲେ, ସେ କ'ଣ ଥିଲେ, ତାହା ମୋଟେ ଜାଣିହେବ ନାହିଁ ବୋଲି ତାଙ୍କରି ଜଣେ ବଡ଼ ସମାଲୋଚକ ହରେକୃଷ୍ଣ ମହତାବଙ୍କ ମନ୍ତବ୍ୟ ।

Digitized by PPRACHIN, SOA

ଅନେକ ଲୋକ ଦୁନିଆ ଲାଗି ମହାନ୍ ହୋଇଥିଲେ ବି ନିଜର ପରିବାର ବା ଜ୍ଞାତି କୁଟୁମ୍ବଙ୍କ ନିକଟରେ ମହାନ୍ ନ ଥାନ୍ତି । ଇଏ କିନ୍ତୁ ଏଭଳି ଜଣେ ଲୋକ ଥିଲେ ଯେ ଯାହାଙ୍କୁ ଖାଲି ନିଜ ପରିବାର ଏବଂ ଜ୍ଞାତିକୁଟୁମ୍ବ ତ ନୁହନ୍ତି, ବୃହତ୍ତର 'ବାପି' ପରିବାରର ସମସ୍ତେ କହନ୍ତି ଯେ, ସେ ତାଙ୍କୁ ସବୁଠୁଁ ଭଲ ପାଆନ୍ତି । ତାଙ୍କ ଭଲ ପାଇବାର ଦିଗ୍‌ବଳୟ ଦେଶ, ମହାଦେଶ, ଜାତି, ଧର୍ମ, ବର୍ଣ୍ଣ, ସୀମା ଟପି ଯାଇଥିଲା । ସମଗ୍ର ଜଗତର ମଙ୍ଗଳ ଥିଲା ତାଙ୍କର ଧ୍ୟେୟ । ବିଶ୍ୱର କେଉଁ କୋଣରେ ଅତ୍ୟାଚାରର କାହାଣୀ ଶୁଣିଲେ ସେ ବିଚଳିତ ହୋଇପଡୁଥିଲେ, ପୁଣି କେଉଁଠି ଅତ୍ୟାଚାରୀର ପରାଜୟ ଖବର ପାଇଲେ ଆନନ୍ଦରେ ସମସ୍ତଙ୍କୁ ସେକଥା କହିଦେଉଥିଲେ ।

ସାଧାରଣ ଲୋକଙ୍କ ସହିତ ମିଶିବାକୁ ସୁଗମ ହେବା ଲାଗି ସେ ସାଧାରଣ ଲୋକର ଜୀବନ ବାଛି ନେଇଥିଲେ । ତାହା ତାଙ୍କ ବିଦ୍ୟା ଓ ଜ୍ଞାନର ବିକାଶ ପାଇଁ କିଛି ଅସୁବିଧାଜନକ ସୃଷ୍ଟି କରି ନ ଥିଲା । ସେ ଓଡ଼ିଶାର ମାଳଅଞ୍ଚଳର ଅନୁନ୍ନତ ଆଦିବାସୀଙ୍କ ସମସ୍ୟା ଅନୁଧ୍ୟାନ କରିବା ସଙ୍ଗେ ସଙ୍ଗେ ସେସବୁର ସମାଧାନ ପାଇଁ ନିଜକୁ ଯଥାସମ୍ଭବ ନିୟୋଜିତ କରିଥିଲେ । ସମୟ ପଡ଼ିଲେ ସେ ବାଜିରାଉତ ଛାତ୍ରାବାସର ଗାଈଙ୍କୁ ଚରାଇବାକୁ ନେଉଥିଲେ ଓ ଅନ୍ୟ ସମୟରେ ବିଭିନ୍ନ ପ୍ରକାର ଜ୍ଞାନ ଚର୍ଚ୍ଚା ଲାଗି ସମୟ ବାହାର କରିପାରୁଥିଲେ । ଏସବୁ ବିଚାରରୁ ଓଡ଼ିଶାରେ ଏହି ପର୍ଯ୍ୟାୟର ବ୍ୟକ୍ତିତ୍ୱ ଏ ପର୍ଯ୍ୟନ୍ତ ଦେଖିବାକୁ ମିଳି ନାହାନ୍ତି । ଅତ୍ୟାଚାରିତ ଲୋକର ପିଠି ଆଉଁଶି, ତାକୁ ଯତ୍‌କିଞ୍ଚିତ୍ ସାହାଯ୍ୟ ଦେବା ଭିତରେ ସେ ଅମୃତର ସ୍ୱାଦ ପାଇପାରିଥିଲେ । ବ୍ୟକ୍ତିଗତ ଜୀବନ ଓ ସାଧାରଣ ଜୀବନର ନାନା ଧକ୍କା ସତ୍ତ୍ୱେ ସେ ଏଭଳି ପ୍ରାଣଖୋଲା ହସି ପାରୁଥିଲେ ଯେ, ତାହା ଯିଏ ଦେଖୁଥିଲା, ସେ ଜାଣିପାରୁଥିଲା ଯେ ଏହି ମଣିଷଟିର ଭିତର କେତେ ସ୍ୱଚ୍ଛ, କେତେ ସରଳ ।

ସେ କାହିଁକି ସାମ୍ୟବାଦୀ ବା ସମାଜବାଦୀଙ୍କ ଦଳରେ ରହିଲେ ନାହିଁ ବୋଲି ସେ ଦଳମାନଙ୍କର ଲୋକଙ୍କର ଭାରି ଅଭିଯୋଗ ଓ ଅଭିମାନ । ଭାରତବର୍ଷରେ ସାମ୍ୟବାଦୀ ଓ ସମାଜବାଦୀ ଦଳଗୁଡ଼ିକର ପରବର୍ତ୍ତୀ ପରିସ୍ଥିତିକୁ ଲକ୍ଷ୍ୟ କଲେ ନବବାବୁଙ୍କର ସେମାନଙ୍କ ଦଳଭୁକ୍ତ ନ ହେବା ନିଷ୍ପତ୍ତିକୁ କ'ଣ ଭୁଲ୍ କହିହେବ ? ତାଙ୍କ ଭଳି ସ୍ୱଚ୍ଛ ରାଜନୀତି କଲା ଲୋକ 'ମାଡ଼ ଖାଇବା ଓ ମାଡ଼ ମାରିବା'

Digitized by PPRACHIN, SOA

ଗୋଷ୍ଠୀ ସହିତ ବା 'ଅଣ୍ଟିରେ ଥାଇ ତଣ୍ଟି କଟା' ଲୋକଙ୍କ ସହିତ କିଭଳି ବା ରହିପାରିଥାନ୍ତେ ? ତାଙ୍କ ସମ୍ପର୍କରେ ପୁଣି ଅଭିଯୋଗ ହୁଏ ଯେ, ସିଏ ସଂଗ୍ରାମକୁ ଏଡ଼ି ଏଡ଼ି ଗଲେ ବୋଲି । ଏକଥା କହିଲା ବେଳେ ସେ ସମୟର ଆମ ଦେଶର ପଛୁଆ ଲୋକଙ୍କର ଚେତନାର ସ୍ତରକୁ ବିଚାରକୁ ନେବା କଥା । ଏଭଳି ଅଭିଯୋଗ କରିଥିଲେ ଥରେ ତାଙ୍କ ଆଦରର 'ଜଗା' (ଶିଳ୍ପୀ ଜଗନ୍ନାଥ ଦାସ) । ନବବାବୁ ତାଙ୍କୁ କହିଥିଲେ, ''ଆରେ ତୁ ଆମ ସାଧାରଣ ଲୋକଙ୍କୁ ଚିହ୍ନି ନାହୁଁ । ଖୁବ୍ ମତାମତି କଲେ ହୁଏତ ସେମାନେ ମାତିଯିବେ । ଦମନ ହେଲେ କିନ୍ତୁ ଏକବାର ଭାଙ୍ଗିପଡ଼ିବେ ଯେ ତାଙ୍କୁ ଯେତେ ବୁଝାଇଲେ ବି ସେମାନେ ଆଉ ବୁଝିବେ ନାହିଁ ।'' ବେଶଭୂଷା ଓ ଖାଇବା ତ ଥିଲା ତାଙ୍କର ସାଧାରଣ ସ୍ତରର, ଭାଷା ବି ଥିଲା ତାଙ୍କର ପୂରାପୂରି ଲୋକଭାଷା । ମୁଖ୍ୟମନ୍ତ୍ରୀ ଭାବରେ ଜାତୀୟ କବି ବୀରକିଶୋର ଦାସଙ୍କ ଭାଷାରେ ସେ ଥିଲେ ଖାଣ୍ଟି ସୁନା; ଆଉ ତାଙ୍କୁ ଭଲ ଭାବରେ ଜାଣିଥିବା ଲୋକେ କହନ୍ତି, ମଣିଷ ହିସାବରେ ସେ ଥିଲେ ହୀରାଟିଏ । ତାଙ୍କ ଜୀବନକୁ ବ୍ୟର୍ଥତାର ଏକ ଅଧ୍ୟାୟ ବୋଲି କିଛି ଲୋକ କହନ୍ତି । ସେଭଳି ବିଚାର କରିବାକୁ ଗଲେ ବୁଦ୍ଧ, ଯିଶୁ, ଗାନ୍ଧି କାହାର ବା ସ୍ୱପ୍ନ ସାକାର ହୋଇଛି ? ତଥାପି ସେହି ମହାନ୍ ଯୁଗପୁରୁଷମାନଙ୍କର ବ୍ୟର୍ଥତା ମଧ୍ୟରେ ଯୁଗାନ୍ତକାରୀ ସନ୍ଦେଶ ରହିଛି ବୋଲି ସାଧାରଣ ଭାବରେ ସ୍ୱୀକୃତ । ସେହି ବିଚାରରୁ ଅନ୍ଧାରି ମୁଲକରେ ଲୋକଙ୍କୁ ପ୍ରତିବାଦ ଓ ପ୍ରତିରୋଧ ଶିଖାଇବା ଏବଂ କ୍ଷମତା ନିଆଁ ଭିତରୁ ନିଷ୍କଳଙ୍କ ହୋଇ ବାହାରିଥିବା ନବକୃଷ୍ଣ ଚୌଧୁରୀ ପରି ପିଢ଼ି ଲାଗି ତ୍ୟାଗ ଓ ନିଷ୍ଠାର ଯେଉଁ ଗୌରବମୟ ଅଧ୍ୟାୟ ରଖିଯାଇଛନ୍ତି, ତାହା ଭବିଷ୍ୟତ୍ ବଂଶଧରମାନଙ୍କ ପାଇଁ ଏକ ସମ୍ପଦ ହୋଇ ରହିବ । ସବୁ ଧର୍ମ, ମତବାଦ ଓ ସଭ୍ୟତାର ଚୂଡ଼ାନ୍ତ ସାଫଲ୍ୟ ଜାଣିହୁଏ, ତାହା କିଭଳି ମଣିଷ ସୃଷ୍ଟି କରିଛି । ସେହି ବିଚାରରୁ ନବକୃଷ୍ଣ ଚୌଧୁରୀଙ୍କ ଭଳି 'ପୁରୁଷୋତ୍ତମ'ଙ୍କ ପାଇଁ ଯେକୌଣସି ଜାତି, ଧର୍ମ ଓ ମତବାଦର ଲୋକ ଗର୍ବ ଅନୁଭବ କରିବ । କବି ବିନୋଦଚନ୍ଦ୍ର ରାଉତରାୟ ସାଧାରଣ ଲୋକଙ୍କ ବୁଝିବା ଭଳି ଭାଷାରେ ତାଙ୍କ ଉଦ୍ଦେଶ୍ୟରେ ଯେଉଁ ସଂକ୍ଷିପ୍ତ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ତାହା ଏହିପରି -

Digitized by PPRACHIN, SOA

"କିପରି ହେବାକୁ ହୁଏ ସଂଗ୍ରାମରେ ମରଣନିର୍ଭୟ,
କେଉଁପରି କରାଯାଏ ଦୃଢ଼ ହୋଇ ହୃଦୟକୁ ଜୟ ।
ରାଜେନ୍ଦ୍ର ଆସନେ ବସି କେଉଁପରି କରାଯାଏ ଯୋଗ,
ତ୍ୟାଗପୂତ ଆସନକୁ କେଉଁପରି କରାଯାଏ ଭୋଗ ।
ତାହାହିଁ ପ୍ରମାଣ କଲ ଗୋଟି ଗୋଟି, ଯୁଗସ୍ରଷ୍ଟା ପରି,
ଜାତି ଓ ଜନତା ଆଗେ ହେ ମହାନ୍ ନବ ଚୌଧୁରୀ !"

ନବକୃଷ୍ଣ ଚୌଧୁରୀଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ବହୁ ସମ୍ବାଦପତ୍ର ଶ୍ରଦ୍ଧାଞ୍ଜଳିମାନ ଦେଇଥିଲେ । ସେଗୁଡ଼ିକରୁ ଦୁଇଟି ବିଶେଷ ଉଲ୍ଲେଖଯୋଗ୍ୟ ।

୧୯୮୪ ମସିହା ଜୁନ୍ ୨୪ ତାରିଖ ରାତିରେ ଆକାଶବାଣୀର କଟକ କେନ୍ଦ୍ରରୁ ନବବାବୁଙ୍କ ଘନିଷ୍ଠ ସହଯୋଗୀ ବିନୋଦ କାନୁନ୍‌ଗୋ ଶ୍ରଦ୍ଧାଞ୍ଜଳି ଦେଇ କହିଥିଲେ - ନବକୃଷ୍ଣ ଚୌଧୁରୀ ଆଉ ନାହାନ୍ତି - ଏ ଖବର ପ୍ରଚାରିତ ହୋଇଗଲାମାତ୍ରେ ଓଡ଼ିଶାରେ ହାହାକାର ପଡ଼ିଗଲା । ଯାହା ମୁହଁରୁ ଶୁଣିବ 'କେଡ଼େ ବଡ଼ ଲୋକଟାଏ ଚାଲିଗଲା' ।

"କୋଡ଼ିଏ ବର୍ଷ ବୟସ୍କ ଯୁବକ, କଲେଜ ଛାତ୍ର ନବକୃଷ୍ଣଙ୍କ କାନରେ ମହାତ୍ମା ଗାନ୍ଧିଙ୍କ ଡାକରା ବାଜିଲା । ସେ କଲେଜ ଛାଡ଼ିଦେଇ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଲେ । ସେହିଦିନରୁ ଦୀର୍ଘ ତେଷଠି ବର୍ଷ କାଳ ସେ ଗୋଟିଏ ମାତ୍ର କାମ କରି ଆସିଛନ୍ତି - ତାହା ହେଉଛି ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ସଂଗ୍ରାମ । ସେ ବରାବର କହୁଥିଲେ "ଗାନ୍ଧିଠାରୁ ମୁଁ ଗୋଟିଏ କଥା ଶିଖିଛି । ଯେଉଁଠାରେ ଲୁହ, ସେହିଠାରେ ଯାଇ ପହଞ୍ଚିଯାଅ । ଆଉ କିଛି କରିପାର ବା ନ କର ତା' ଲୁହ ପୋଛିଦେଇ ପିଠିଟାକୁ ଟିକିଏ ଆଉଁଶି ଦିଅ ।" ନବକୃଷ୍ଣ ଚୌଧୁରୀଙ୍କ ଜୀବନକୁ ଅଧ୍ୟୟନ କଲେ ଆମେ ଦେଖିବା, ସେ ବରାବର ଜଳିଛନ୍ତି - କେବେହେଲେ ନିଜ ଅକ୍ତିଆରରେ ଥିବା ପର୍ଯ୍ୟନ୍ତ କୁହୁଳି ନାହାନ୍ତି ।

ଶେଷ ଜୀବନରେ ବୃଦ୍ଧବୟସରେ ବନ୍ଦୀ ଭାବରେ ଥିଲାବେଳେ ତାଙ୍କ ମସ୍ତିଷ୍କରେ ଯେଉଁ ଆଘାତ ହେଲା, ସେଥିରେ ତାଙ୍କ ଶରୀର ଓ ମନ ଉପରେ ଆଞ୍ଚ ଆସିଲା । ତାହା ପରେ ସେ ଟିକିଏ ଦୁର୍ବଳ ହୋଇପଡ଼ିଥିଲେ ମଧ୍ୟ ବିପ୍ଳବୀର ମନ ନେଇ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ରହିଥିଲେ ।

Digitized by PPRACHIN, SOA

ମହାତ୍ମା ଗାନ୍ଧିଙ୍କ ଉପଦେଶର ଅସଲ ମର୍ମ ସେ ବୁଝିଥିଲେ । ଗାନ୍ଧି କହୁଥିଲେ - ଯିଏ ସାଧାରଣ ଜୀବନ କଟାଇବ, ସେ ଦାରିଦ୍ର୍ୟକୁ ବରଣ କରିନେବ । ତାହାହେଲେ ଯାଇ ସେ ତା ଭିତରର ସୌନ୍ଦର୍ଯ୍ୟ ଦେଖିବ । ଦାରିଦ୍ର୍ୟ ଭିତରେ ବାଧ୍ୟ ହୋଇ ରହିବା ଲୋକର ମନ ଦବିଯାଏ । ଯିଏ ଦାରିଦ୍ର୍ୟକୁ ବରଣ କରିଥାଏ, ସେ ସେଥିରୁ ପ୍ରେରଣା ପାଏ । ନବବାବୁ ଏହି କଥାର ମହତ୍ତ୍ୱ ବୁଝିଥିଲେ । ସେଥିପାଇଁ ଦୀର୍ଘ ଛଅବର୍ଷ କାଳ ମୁଖ୍ୟମନ୍ତ୍ରୀ ଥିଲେ ମଧ୍ୟ ବ୍ୟକ୍ତିଗତ ଭାବରେ ତାଙ୍କ ବିରୋଧରେ କୌଣସି ଆର୍ଥିକ ବ୍ୟଭିଚାରର ଅଭିଯୋଗ ତାଙ୍କର ବିରୋଧୀମାନେ ମଧ୍ୟ କରି ନାହାନ୍ତି । ଗାନ୍ଧିଙ୍କଠାରୁ ସେ ସାହସ ଶିଖିଥିଲେ । ତେଣୁ କେବେହେଲେ କାହାରିକୁ ଡରିଯାଇ ନାହାନ୍ତି । ମୁଣ୍ଡ ଟେକି କଥା କହିଛନ୍ତି । ନିର୍ଭୀକତା, ସଚ୍ଚୋଟପଣିଆ, ଚରିତ୍ରବତ୍ତା ଏବଂ ଦକ୍ଷତାର ସେ ଥିଲେ ଗୋଟିଏ ଅପୂର୍ବ ମିଶ୍ରଣ । ଯେକୌଣସି ଦିଗରୁ ସେ ଥିଲେ ଜଣେ ପଣ୍ଡିତ ଓ ବିଦ୍ୱାନ୍ ।

‘‘ଇତିହାସ ସମ୍ପୂର୍ଣ୍ଣ ନିରପେକ୍ଷ । ସେ କାହା ମୁହଁକୁ ଚାହେଁ ନାହିଁ । ତେଣୁ ଦିନେ ବଡ଼ ବୋଲି ଜଣାପଡୁଥିବା ବହୁ ଲୋକଙ୍କ ନାମକୁ ଇତିହାସ ପୋଛିଦେଇଛି, ଲିଭାଇ ଦେଇଛି, କିନ୍ତୁ କୋଟିକରେ ଏଭଳି ଗୋଟିଏ ଲେଖା ବାହାରିଛନ୍ତି, ଯାହା ନାମକୁ ଇତିହାସ ନିଜ ବକ୍ଷରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଦିଏ । ଶହ ଶହ ବର୍ଷ ବିତିଗଲେ ମଧ୍ୟ ଲୋକେ ତାଙ୍କ କଥା ମନେପକାନ୍ତି । ଆଉ କିଛି ନ ହେଲେ ଏତକ ନିଶ୍ଚୟ ଲେଖାଯିବ ଯେ ନିଜେ ଯେଉଁଥିରେ ବିଶ୍ୱାସ କରୁଥିଲେ, ଯାହାକୁ ସତ୍ୟ ବୋଲି ବିଚାରୁଥିଲେ, ସେଥିରେ ଦୃଢ଼ ରହିବା ପାଇଁ ଯେତେ ତ୍ୟାଗ କରିବାକୁ ପଡୁ ପଛକେ ସେ ପଛାଇଯାଉ ନ ଥିଲେ । ମଣିଷର ମଣିଷ ପରି ବଞ୍ଚିରହିବାର ଅଧିକାର ଅଛି ବୋଲି ସେ ଦୃଢ଼ ଭାବରେ ବିଶ୍ୱାସ କରୁଥିଲେ । ସମସ୍ତଙ୍କ ମନରେ ଦୁଃଖ ଯେ ଗାନ୍ଧି ଯୁଗର ଜଣେ ଶ୍ରେଷ୍ଠ ରଥୀ ଚାଲିଗଲେ । କିନ୍ତୁ ଏତିକି ସାନ୍ତ୍ୱନାର କଥା ଯେ, ସାଧାରଣ ଜୀବନରେ ପବିତ୍ରତା ରକ୍ଷା କରିବାର ଯେଉଁ ଉଜ୍ଜ୍ୱଳ ଉଦାହରଣ ସେ ରଖିଦେଇଗଲେ, ତାହା ଆମର ବଂଶଧରଙ୍କୁ ପ୍ରେରଣା ଦେବ । ସେହି ଦୃଷ୍ଟିରୁ ନବବାବୁଙ୍କର ମରଶରୀର ଆଜି ୪ଟା ବେଳେ ଭସ୍ମୀଭୂତ ହୋଇଗଲେ ସୁଦ୍ଧା ତାଙ୍କ ପ୍ରେରଣା ଅଧିକ ଜୀବନ୍ତ ହୋଇଯାଉଛି.... ।’’

ଛାତ୍ର ଜୀବନରେ ନବକୃଷ୍ଣ ଚୌଧୁରୀଙ୍କୁ ଖଳନାୟକ ବୋଲି କହୁଥିବା ପଣ୍ଡିଚେରୀ ଆଶ୍ରମରେ ବିଶ୍ୱମ୍ଭର ସାମନ୍ତ ତାଙ୍କ ସମ୍ପର୍କରେ ଏବେ କହନ୍ତି, ‘‘ତାଙ୍କ

Digitized by PPRACHIN, SOA

ବିୟୋଗରେ ଏଭଳି ଏକ ବ୍ୟକ୍ତିତ୍ୱର ଦେହାବସାନ ଘଟିଲା, ଯେଉଁମାନଙ୍କର ଆବିର୍ଭାବ କ୍ୱଚିତ୍ ଘଟିଥାଏ । ଆମ ଦେଶ କାହିଁକି ସାରା ପୃଥିବୀରେ ଏଭଳି ବ୍ୟକ୍ତିତ୍ୱ ବିରଳ ଯେ କି ନିଜ ଭିତରେ ମସ୍ତିଷ୍କର ପ୍ରଖର ଚିନ୍ତାଶକ୍ତି ସାଙ୍ଗକୁ ହୃଦୟରେ ପ୍ରେମର ଏପରି ପ୍ଲାବନ, ଏପରି ସତ୍ୟନିଷ୍ଠା, ଏଭଳି ତ୍ୟାଗ, ଦେଶପ୍ରେମ, ମୌଳିକ ଚିନ୍ତା, ବିପ୍ଳବାତ୍ମକ ଆଦର୍ଶ ଓ ସମସ୍ତଙ୍କ ପାଇଁ ଗଭୀର ସଦିଚ୍ଛା ନେଇ ସହଜ ଓ ସ୍ୱତଃସ୍ଫୂର୍ତ୍ତ ଭାବରେ ସମସ୍ତଙ୍କ ହୃଦୟ ଜୟ କରିପାରନ୍ତି ।''

ନବକୃଷ୍ଣ ଚୌଧୁରୀ ଗୌତମ ବୁଦ୍ଧଙ୍କ ଭଳି ନିର୍ବାଣ ଚାହିଁ ନ ଥିଲେ କି ଶଙ୍କରାଚାର୍ଯ୍ୟଙ୍କ ଭଳି ବ୍ରହ୍ମତ୍ୱ କାମନା କରି ନ ଥିଲେ । ସେ ଚାହିଁଥିଲେ ଏଇ ଧୂଳିମାଟିର ଲୋକଙ୍କ ଦୁଃଖସୁଖରେ ନିଜକୁ ମିଶେଇଦେବା ଲାଗି । ନିରାଶା ଓ ହତାଶାର ଧକ୍କା ଖାଇ ବି ମଣିଷର ଭବିଷ୍ୟତ୍ ଉପରେ ତାଙ୍କର ଭରସା ଥିଲା । ସିଏ ନିର୍ବାଣ ପଥରେ ଚାଲିଲେ ଏହି ଭୟଙ୍କର ହତାଶାର ଅନ୍ଧକାରରୁ ବାଟ କଢ଼ାଇବା ଲାଗି ସାରଥିର ଅଭାବ ପଡ଼ିଯିବ ଯେ ! ଏଣୁ ଅଧିକାଂଶ ଲୋକଙ୍କ ଶୋଷଣ, କଷଣ ଓ ଦୁର୍ଭାଗ୍ୟ ଥିବା ପର୍ଯ୍ୟନ୍ତ ସିଏ ଜନ୍ମ ଲାଭ କରୁଥିବେ । ସେହିମାନଙ୍କ ପିଠି ଆଉଁଶି ଦେଉଥିବେ । ସେହି ହତଭାଗ୍ୟଙ୍କ ମୁହଁରେ ହସ ଦେଖିବାଯାଏ ନବକୃଷ୍ଣ ଚୌଧୁରୀ ବାରମ୍ବାର ଏହି ପୃଥିବୀରେ ଆବିର୍ଭୂତ ହେଉଥିବେ; ସେ ପର୍ଯ୍ୟନ୍ତ ତାଙ୍କର ନିର୍ବାଣ ନାହିଁ ।

Digitized by PPRACHIN, SOA

ISBN 81-7411-599-4
9788174115997

ବିଦ୍ୟାପୁରୀ
ବାଲୁବଜାର, କଟକ ୭୫୩୦୦୨

Digitized by PPRACHIN, SOA